# ଧରିତ୍ରୀ
DHARITRI

ମଙ୍ଗଳବାର, ଏପ୍ରିଲ ୨୮/୨୦୨୦ (୧୮ ପୃଷ୍ଠା) | Tuesday, April 28/2020

୪୬ଶ ଭାଗ ୧୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**୭୫ହଜାର ଅସହାୟଙ୍କୁ ଖାଦ୍ୟ ଦେଲେ ପ୍ରଣୀତା**

ଅଭିନେତ୍ରୀ ପ୍ରଣୀତା ସୁଭାଷ ଗତ ୨୧ଦିନ ହେଲା ଅସହାୟଙ୍କୁ ଖାଦ୍ୟ ଯୋଗାଇ ଆସୁଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ୭୫ହଜାର ଲୋକଙ୍କୁ ଖାଦ୍ୟ ଯୋଗାଇଛନ୍ତି।

୧୦

୧୮

**ବୋଲିଂ ଆକ୍ସନ ମୋ ପାଇଁ ସମସ୍ୟା ଥିଲା**

ମୋର ବୋଲିଂ ଆକ୍ସନ ଯୋଗୁ ଭାରତ ପକ୍ଷରୁ ଖେଳି ପାରିବି ନା ନାହିଁ ସେନେଇ ଅନେକଙ୍କ ମନରେ ସନ୍ଦେହ ଥିଲା ବୋଲି କହିଛନ୍ତି ପେସ୍ ବୋଲର ଯଶପ୍ରୀତ ବୁମ୍ରା।



# ଭୟ କାହାକୁ

ବିଭିନ୍ନ ଜାତୀୟ ଗଣମାଧ୍ୟମ ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ୯ ଜଣ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍ସ ଜରିଆରେ ସୋମବାର, ୨୭ ଏପ୍ରିଲ୍‌ରେ ଆଲୋଚନା ହୋଇଥିଲା। ଏଥିରୁ ଶୁଣିବାକୁ ମିଳିଛି ଯେ କେତେଜଣ ମୁଖ୍ୟମନ୍ତ୍ରୀ ଲକ୍‌ଡାଉନ୍ ଅବଧିକୁ ମେ’ ୩ରୁ ଆହୁରି ଏକ ମାସ ବୃଦ୍ଧି ଲାଗି ପ୍ରସ୍ତାବ ଦେଇଛନ୍ତି। ପ୍ରଶ୍ନ ଉଠୁଛି, ଦେଶବ୍ୟାପୀ ତାଲାବନ୍ଦ କରି ରଖିଲେ କରୋନା ଭାଇରସର କୋପ ବାସ୍ତବରେ ହ୍ରାସ ହେଉଛି କି ନାହିଁ। ନିଃସନ୍ଦେହରେ କହିହେବ ଯେ କରୋନା ଏକ ଭୟାବହ ରୋଗ। କିନ୍ତୁ ଏହି ଭୂତାଣୁ ସଂକ୍ରମଣ ହେଲେ ମୃତ୍ୟୁ ପ୍ରତିଶତ ସେଭଳି ଭୟାବହ ହେଉଥିବାର ଭାରତରେ ମନେ ହେଉନାହିଁ। ପାଶ୍ଚାତ୍ୟ ଦେଶ ଯଥା- ଇଟାଲୀ, ସ୍ପେନ୍ ଏବଂ ଆମେରିକାରେ ଯେଉଁଭଳି ଭାବେ ଏହାର ଦୌରାତ୍ମ୍ୟ ପରିଲକ୍ଷିତ ହୋଇଛି, ସେଭଳି ସ୍ଥିତି ଭାରତରେ ଦେଖିବାକୁ ମିଳିନାହିଁ। ଯଦି ମେ’ ୩ ପରେ ପୁନର୍ବାର ଏକ ମାସ ପାଇଁ ଲକ୍‌ଡାଉନ୍ ସମେତ ରେଳ ଚଳାଚଳ ବନ୍ଦ କରାଯାଏ, ତେବେ ସନ୍ଦେହ କରାଯାଇପାରେ ଯେ କ୍ଷମତାସୀନ ବ୍ୟକ୍ତିମାନେ ଏକ ଭିନ୍ନ ଟୁର୍ନାମେଣ୍ଟରେ ଖେଳୁଛନ୍ତି। ସମ୍ଭବତଃ ସାଧାରଣ ନାଗରିକ ସେହି ଖେଳ ସମ୍ପର୍କରେ କୌଣସି ତଥ୍ୟ ପାଇପାରୁ ନାହିଁ।

ଜାତୀୟ ସ୍ତରରେ ପ୍ରଶାସନର ଗତିବିଧିକୁ ଦେଖିଲେ ମନେହେଉଛି ଯେପରି ସମସ୍ତେ ମଣିଷଖିଆ ବାଘ ପାଲଟି ଗଲେଣି। ଜଙ୍ଗଲରେ ରହୁଥିବା ବାଘକୁ ଅନେକ ଦୌଡ଼, ଛକାପଞ୍ଝା ଓ କଷ୍ଟ କରି ଖାଦ୍ୟ ଶିକାର କରିବାକୁ ପଡ଼ିଥାଏ। ଥରେ ମଣିଷ ରକ୍ତ ଚାଖିବା ପରେ ବିନା ଦୌଡ଼, ବିନା କଷ୍ଟରେ ଯେଉଁପରି ବାଘ ତା’ର ଭୋକ ମେଣ୍ଟାଇ ପାରିଥାଏ, ସେହିଭଳି ଆଜି ଭାରତର ପରିସ୍ଥିତି ହୋଇଥିବାର ମନେହେଉଛି। କୋଭିଡ୍-୧୯ ପ୍ରତି ସତର୍କତା ରଖିବା ଅତ୍ୟନ୍ତ ଆବଶ୍ୟକ ବୋଲି କେହି ଦ୍ୱିମତ ହୋଇପାରିବେ ନାହିଁ। ନିଜେ ପରିଷ୍କାର ପରିଚ୍ଛନ୍ନ ରହିବା ସହିତ ସାମାଜିକ ଦୂରତା ବଜାୟ ରଖିବା ଏକ ଭାରତୀୟ ଚରିତ୍ର ବିରୋଧୀ ଲକ୍ଷଣ। ଆମେ ସମସ୍ତେ ଯୁଆଡ଼େ ପାରୁ ସିଆଡ଼େ ଛେପ ଖଙ୍କାର ପକାଇବା ସହିତ ଭିଡ଼ରେ ପଶିବାକୁ ପସନ୍ଦ କରିଥାଉ। ସେହି ଚରିତ୍ରର ଦ୍ୱାହି ଦେଇ ଏବେ ଆମେ ସାଧାରଣ ନାଗରିକ ହିଁ ଶିକାର ହୋଇଯାଇଛୁ। ଉଦାହରଣ ସ୍ୱରୂପ, ଏବେ ଉତ୍ତରପ୍ରଦେଶର ଆଗ୍ରା ଅଞ୍ଚଳରେ ଥିବା କେତେକ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ସାଧାରଣ ନିୟମାବଳୀ ଅନୁସରଣ କରାଯାଉ ନ ଥିବାର ଭିଡିଓ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି। କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ଅନ୍ତେବାସୀମାନେ ଖାଇବା ଓ ପିଇବା ପାଇଁ ଜାଲି ବାହାରେ ରଖାଯାଇଥିବା ପୁଡ଼ିଆ ଓ ପାଣି ବୋତଲକୁ ଭିଡ଼ାଭିଡ଼ି ହୋଇ ନେଉଥିବା ଲକ୍ଷ୍ୟ କରାଯାଉଛି। ଉକ୍ତ କେନ୍ଦ୍ର ବାହାରେ ବିସ୍କୁଟ ଓ ପାଣି ଦେଉଥିବା ବ୍ୟକ୍ତି ସେମାନଙ୍କ ନିକଟକୁ ଏସବୁ ଫିଙ୍ଗିବା ଅତି ଅମାନବୀୟ ଢଙ୍ଗରେ ହେଉଥିବା ଦେଖିବାକୁ ମିଳିଛି। ଅନ୍ତେବାସୀମାନେ ସାମାଜିକ ଦୂରତା ନିୟମକୁ ଉପେକ୍ଷା କରି ଯେଭଳି ଧସ୍ତାଧସ୍ତି ହୋଇ ଜିନିଷ ନେବାକୁ ଚେଷ୍ଟା କରୁଛନ୍ତି, ସେଥିରୁ ସେମାନଙ୍କର ଭୋକ ଶୋଷର ପରିମାଣ କେତେ ତୀବ୍ର ତାହା ଜାଣି ହେଉଛି। ଏଠାରେ ସାମାଜିକ ଦୂରତା ବଜାୟ ରଖିବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ। ସେହିଭଳି ପ୍ରତ୍ୟେକ ରାଜ୍ୟର ପ୍ରବେଶ ପଥରେ ଅଟକି ରହିଥିବା ଅନେକ ଲକ୍ଷ ଲୋକ ସମଦଶା ଭୋଗୁଛନ୍ତି। ଭୟ ସୃଷ୍ଟି କରାଯାଉଛି ଯେ, ଏହି ସ୍ଥାନାନ୍ତରିତ ଶ୍ରମିକମାନେ ଯଦି ନିଜ ଗାଁକୁ ଫେରି ଯାଆନ୍ତି, ତେବେ କରୋନା ଭୂତାଣୁ ତୃତୀୟ ତଥା ଗୋଷ୍ଠୀ ସଂକ୍ରମଣ ସ୍ତରକୁ ତତ୍‌କ୍ଷଣାତ୍ ଚାଲିଯିବ। ପ୍ରଥମେ ଚେଷ୍ଟା କରାଯାଇଥିଲା ନିଜାମୁଦ୍ଦିନ ମରକଜ ବିଷୟରେ ଡିଣ୍ଡିମ ପିଟି ମୁସଲମାନ ସମ୍ପ୍ରଦାୟ ବିରୋଧରେ ମନୋଭାବ ସୃଷ୍ଟି କରିବାର। କିନ୍ତୁ ସେହି ଦିଲ୍ଲୀ ନିଜାମୁଦ୍ଦିନ ସଭାରେ ମାତ୍ର କେଇଟା ହଜାର ଲୋକ ଥିବାରୁ ସେହି ମୁସଲମାନଙ୍କ ଦ୍ୱାରା ସମଗ୍ର ଦେଶରେ କରୋନା ବ୍ୟାପିଛି ବୋଲି ବିଶ୍ୱାସଯୋଗ୍ୟ ହୋଇପାରିଲା ନାହିଁ। ସେହି ସାମ୍ପ୍ରଦାୟିକ ଚିନ୍ତାଧାରା ସୃଷ୍ଟି କରିବାରେ ବିଫଳତା ପରେ ଏବେ ଗରିବ ଖଟିଖିଆଙ୍କ ବିରୋଧରେ ଟାଣିଓଟାରି ଦୋଷାରୋପ କରାଯାଉଛି। ଗଣମାଧ୍ୟମରୁ ଜଣାପଡ଼ିଛି ଯେ ଏକ ନିର୍ଦ୍ଦିଷ୍ଟ ଦଳର କେତେକ ସାଂସଦ ସରକାରଙ୍କୁ ଅର୍ଥନୀତି ସୁଦୃଢ଼ କରିବା ଲାଗି ଏକ ପ୍ରସ୍ତାବ ଦେଇଥିଲେ। ଉକ୍ତ ସାଂସଦଙ୍କ ଦ୍ୱାରା କରାଯାଇଥିବା ସୁପାରିସ ଭୟଙ୍କର ଥିବା ଶୁଣିବାକୁ ମିଳୁଛି। ସେଥିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, କର୍ମକ୍ଷେତ୍ର ଛାଡ଼ି ସହରରୁ ଗ୍ରାମାଭିମୁଖୀ ହୋଇଥିବା ଶ୍ରମିକମାନଙ୍କୁ ସେମାନଙ୍କ ଘରେ ପହଞ୍ଚିବାକୁ ଦିଆ ନ ଯାଉ। କୁହାଯାଇଛି ଯେ ସେମାନେ ଥରେ ନିଜ ଗାଁରେ ପହଞ୍ଚିଗଲେ ଏବଂ ଯେଉଁଭଳି ହଇରାଣ ହରକତ ଲକ୍‌ଡାଉନ୍ ସମୟରେ ହୋଇଛନ୍ତି, ତାହାକୁ ମନେରଖି ପୁନର୍ବାର ନିକଟ ଭବିଷ୍ୟତରେ କର୍ମସ୍ଥଳୀକୁ ଫେରିବା ଅସମ୍ଭବ। ଏଭଳି ମାନସିକତାରୁ ସ୍ପଷ୍ଟ ବୁଝାପଡୁଛି ଯେ ଆଜିର ଭାରତୀୟ ଶାସନ ବ୍ୟବସ୍ଥାରେ ସାଧାରଣ ନାଗରିକର କୌଣସି ସ୍ଥାନ ନାହିଁ। ଦେଶ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଚାଲୁଛି ବୋଲି କୁହାଯାଉଥିଲେ ମଧ୍ୟ ଧନୀ ଲୋକଙ୍କ ସ୍ୱାର୍ଥ ପାଇଁ ସବୁକିଛି କରାଯାଉଛି। ସମ୍ଭବତଃ ସେଥିସକାଶେ ଦେଶରେ ରେଳ ଚଳାଚଳକୁ ଆହୁରି ଦୀର୍ଘଦିନ ବନ୍ଦ ରଖିବା ପାଇଁ ଏହି ସାଂସଦମାନେ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏଥିରେ ଦର୍ଶାଯାଇଛି ଯେ ଅର୍ଥନୀତିକୁ ପୁନର୍ଜୀବିତ କରିବା ଲାଗି ଏହି ଶ୍ରମିକମାନେ ପୂର୍ବ କର୍ମକ୍ଷେତ୍ରକୁ ଫେରିବାର ନିତାନ୍ତ ଆବଶ୍ୟକତା ରହିଛି। ଶ୍ରମିକମାନେ ଗାଁକୁ ପଳାଇଗଲେ ଗୁରୁଗ୍ରାମ, ପୁଣେ, ବେଙ୍ଗାଲୁରୁ, ତିରୁପୁରୁ ଓ ସୁରଟ ଭଳି ସ୍ଥାନରେ ଥିବା କାରଖାନା ଓ ଶିଳ୍ପସଂସ୍ଥା ଅଚଳ ହୋଇଯିବ। ସେଥିପାଇଁ ଅମାନୁଷିକ ଚିନ୍ତାଧାରା ପୋଷଣ କରାଯାଇ କେନ୍ଦ୍ର ସରକାର ରେଳ ଚଳାଚଳ ରୋକିବା ସହ ବିଭିନ୍ନ ରାଜ୍ୟ ସରକାର ଶ୍ରମିକମାନଙ୍କୁ ନିଜ ଘରକୁ ଫେରିବାକୁ ଦେଉନାହାନ୍ତି। ଅନ୍ୟପଟେ ଏଭଳି କଠୋର ପଦକ୍ଷେପକୁ ଯଥାର୍ଥ ବୋଲି ଦର୍ଶାଇବାକୁ ଯାଇ କୁହାଯାଉଛି ଯେ, ଏହି ଲୋକମାନେ ନିଜ ଗ୍ରାମକୁ ଚାଲିଗଲେ ସେଠାରେ କୌଣସି କାମ ପାଇବେ ନାହିଁ ଏବଂ ଦାରିଦ୍ର୍ୟ ବୃଦ୍ଧି ପାଇବ। ଏଥିରୁ ବୁଝିବାକୁ ହେବ ଯେ ସେମାନଙ୍କ ଆବେଗିକ ଦିଗକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଉଛି।

ଏବେ ଅବଧି ବଢ଼ିଲେ ଭୟ କେବଳ କରୋନା ଭାଇରସରେ ସୀମିତ ରହିବ ନାହିଁ, ସରକାରଙ୍କ ଅବିଚାର ଅଧିକ ମାରାତ୍ମକ ହୋଇଯିବାର ଆଶଙ୍କା ରହିଛି।

**ତଥାଗତ ସତପଥୀ**

# ଲକ୍‌ଡାଉନ ସହ ଅର୍ଥନୀତିକୁ ଗୁରୁତ୍ୱ

## ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

**ତାଲାବନ୍ଦ ବଢ଼ାଇବା ସପକ୍ଷରେ ଅଧିକାଂଶ ରାଜ୍ୟ**





**ନୂଆଦିଲ୍ଲୀ,୨୭।୪(ପି.ଟି.)**

ଭାରତରେ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ସମୟସୀମା ଶେଷ ହେବାକୁ ଆଉ ୬ ଦିନ ବାକି ଥିବାବେଳେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସି ଜରିଆରେ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। କରୋନା ମହାମାରୀ ବିରୋଧରେ ଲଢ଼େଇ ଜାରି ରଖିବା ସହ ଅର୍ଥନୀତିକୁ ଗୁରୁତ୍ୱ ଦେବାକୁ ହେବ ବୋଲି ସେ କହିଛନ୍ତି। ତେଣୁ କରୋନା ଦ୍ୱାରା ଗୁରୁତର ପ୍ରଭାବିତ ହୋଇଥିବା ହଟ୍‌ସ୍ପଟ୍ ବା ରେଡ୍‌ଜୋନ୍‌ଗୁଡ଼ିକରେ ମେ’୩ ପରେ ଲକ୍‌ଡାଉନ ବଳବତ୍ତର ରହିବ ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି। ତାଲାବନ୍ଦରୁ ବାହାରିବା ଲାଗି କୋଭିଡ୍-୧୯ ସ୍ଥିତିକୁ ଲକ୍ଷ୍ୟ କରି ଜିଲାଗୁଡ଼ିକୁ ରେଡ୍, ଅରେଞ୍ଜ ଓ ଗ୍ରୀନ୍ ଜୋନ୍‌ରେ ବିଭକ୍ତ କରିବା ଲାଗି ମୁଖ୍ୟମନ୍ତ୍ରୀମାନଙ୍କୁ ମୋଦି ପରାମର୍ଶ ଦେଇଛନ୍ତି। ହଟ୍‌ସ୍ପଟ୍ ଜୋନ୍‌ଗୁଡ଼ିକରେ ଲକ୍‌ଡାଉନ ନିୟମାବଳୀ କଡ଼ାକଡ଼ି ପାଳନ କରିବା ରାଜ୍ୟ ଲାଗି ଗୁରୁତ୍ୱପୂର୍ଣ୍ଣ। ଦେଢ଼ ମାସ ଧରି ଦେଶ ଲକ୍‌ଡାଉନରେ ରହିବା ଫଳରେ ଅନେକ ସୁଫଳ ମିଳିଛି ଓ ହଜାର ହଜାର ଲୋକଙ୍କ ଜୀବନ ବଞ୍ଚିପାରିଛି। ଏବେ ଆଗକୁ ଅର୍ଥନୀତି ଉପରେ ଚିନ୍ତା କରିବାର ସମୟ ଆସିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ କରୋନା ଭୂତାଣୁର ପ୍ରଭାବ ଆଗାମୀ କିଛିମାସ ପର୍ଯ୍ୟନ୍ତ ଜାରି ରହିବ। ସେଥିପାଇଁ ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା ଓ ମୁହଁ ଘୋଡାଇବା ଲୋକମାନଙ୍କ ଜୀବନଶୈଳୀର ଏକ ଅଂଶ ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଭିଡିଓ କନ୍‌ଫରେନ୍ସରେ ଭାଗ ନେଇଥିବା ଅଧିକାଂଶ ମୁଖ୍ୟମନ୍ତ୍ରୀ ମେ’ ୩ ପରେ ଲକ୍‌ଡାଉନ ବଢ଼ାଇବା ସପକ୍ଷରେ ମତ ରଖିଥିଲେ। ସାବଧାନତାର ସହିତ ଲକ୍‌ଡାଉନ ଉଠାଇବା ନେଇ ସବୁ ମୁଖ୍ୟମନ୍ତ୍ରୀ ସହମତ ହୋଇଥିଲେ। ତେଣୁ ଲକ୍‌ଡାଉନ ଜାରି ରଖିବା ସହ ଧୀରେ ଧୀରେ ଅର୍ଥନୈତିକ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ହେବ ବୋଲି ଆଲୋଚନା ପରେ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ ଗଣମାଧ୍ୟମକୁ କହିଛନ୍ତି। ☞ପୃଷ୍ଠା-୪

## ଓଡ଼ିଶାର ପଦକ୍ଷେପକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

- ଅନ୍ୟ ରାଜ୍ୟରେ ଥିବା ଲୋକଙ୍କ ପାଇଁ ଏସ୍‌ଓପି, କୋଭିଡ୍-୧୯ ଟେଷ୍ଟିଂ ସେଣ୍ଟର ବଢ଼ାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ
- ରେଡ୍ ଜୋନରେ ଗାଇଡଲାଇନ କଡ଼ାକଡ଼ି ପାଳନ କରିବାକୁ ମୋଦିଙ୍କ ପରାମର୍ଶ

**ଭୁବନେଶ୍ୱର,୨୭।୪(ବ୍ୟୁରୋ)**

ବିଭିନ୍ନ ରାଜ୍ୟରେ ଫସି ରହିଥିବା ଅସହାୟ ଶ୍ରମିକଙ୍କ ଯତ୍ନ ନିଆଯାଉ। କର୍ମଜୀବୀ, ଛାତ୍ରୀଛାତ୍ର, ତୀର୍ଥ ଯାତ୍ରୀ, ଶ୍ରମିକ ଓ ରୋଗୀମାନେ କିପରି ଓଡ଼ିଶାକୁ ସୁରକ୍ଷିତ ଭାବେ ଫେରିବେ ସେନେଇ ଜାତୀୟସ୍ତରରେ ଏସଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଅର) ପ୍ରସ୍ତୁତ କରାଯାଉ। ଆଗକୁ ଦକ୍ଷିଣ-ପଶ୍ଚିମ ମୌସୁମୀର ଆଗମନ ହେବାକୁ ଥିବାରୁ ଲୋକମାନଙ୍କୁ ଅଧିକ ଥଣ୍ଡାଜ୍ୱର, କାଶ ହେବାର ସମ୍ଭାବନା ରହିଛି। ତେଣୁ ଅଧିକ ସଂଖ୍ୟାରେ କରୋନା ପରୀକ୍ଷା ଆବଶ୍ୟକ ହେବ। ଅଧିକ କୋଭିଡ-୧୯ ପରୀକ୍ଷା କେନ୍ଦ୍ର ବା ଟେଷ୍ଟିଂ ସେଣ୍ଟର ଖୋଲିବାକୁ ଭାରତୀୟ ଚିକିତ୍ସା ଗବେଷଣା ପରିଷଦ(ଆଇସିଏମ୍‌ଆର୍)କୁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭିଡିଓ କନଫରେନ୍ସିଂରେ ଆଲୋଚନା ବେଳେ ପ୍ରସ୍ତାବ ରଖିଛନ୍ତି।

କରୋନା(କୋଭିଡ-୧୯) ସଂକ୍ରମଣ ଆଶଙ୍କାରେ କେନ୍ଦ୍ର ସରକାର ସମଗ୍ର ଦେଶକୁ ଦୁଇଟି ପର୍ଯ୍ୟାୟରେ ୪୦ଦିନ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରିଛନ୍ତି। କଳକାରଖାନାଠାରୁ ଆରମ୍ଭ କରି ଦୋକାନ ବଜାର, ସ୍କୁଲ କଲେଜ, ଅଫିସ ସବୁ କିଛି ବନ୍ଦ ରହିଛି। ଆସନ୍ତା ମେ’ ୩ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ଅବଧି ଶେଷ ହେବ। ଏହି ମହାମାରୀ କିଛି ମାତ୍ରାରେ ☞ପୃଷ୍ଠା-୪

# ଦକ୍ଷିଣ ଓଡ଼ିଶାକୁ ଡେଇଁଲା ସଂକ୍ରମଣ

## ଗୋଟିଏ ଦିନରେ ୮ କରୋନା ପଜିଟିଭ୍

- ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୧ରେ ପହଞ୍ଚିଲା
- କୋରାପୁଟର ପ୍ରଥମ ପଜିଟିଭ୍ ଚିହ୍ନଟ ଜଣକ ଷ୍ଟାଫ୍ ନର୍ସ
- ବାଲେଶ୍ୱରର ଆଉ ୬, ଯାଜପୁରର ଜଣେ

**ଭୁବନେଶ୍ୱର, ୨୭।୪(ବ୍ୟୁରୋ)**

ରାଜ୍ୟରେ ଧୀରେ ଧୀରେ କାୟା ମେଲି ଚାଲିଛି କରୋନା। ଗୋଟିକ ପରେ ଗୋଟିଏ ଜିଲା କରୋନା କବଳକୁ ଚାଲି ଆସୁଥିବାବେଳେ ପୂର୍ବ, ଉତ୍ତର, ପଶ୍ଚିମ ଓଡ଼ିଶା ପରେ ଏବେ ଦକ୍ଷିଣକୁ ଡେଇଁଛି କୋଭିଡ୍-୧୯। ସୋମବାର ଆଉ ୮ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଏମାନଙ୍କ ମଧ୍ୟରେ ଦକ୍ଷିଣ ଓଡ଼ିଶାର ପ୍ରଥମ ଆକ୍ରାନ୍ତ ରହିଛନ୍ତି। ତାଙ୍କ ଘର କୋରାପୁଟ ଜିଲାରେ। ସେହିଭଳି ବାଲେଶ୍ୱରର ୬ଜଣ ଓ ଯାଜପୁର ଜିଲାର ଜଣଙ୍କର ରିପୋର୍ଟ ପଜିଟିଭ୍ ଆସିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ୧୦ ଜିଲାରୁ କରୋନା ରୋଗୀ ରହିଛନ୍ତି। ଏବେ ଏହି ତାଲିକାରେ ଆଉ ଗୋଟିଏ ଜିଲା ଯୋଡ଼ି ହୋଇଯାଇଛି। ନୂଆ ରୋଗୀଙ୍କୁ ମିଶାଇଲେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୧ରେ ପହଞ୍ଚିଛି। ବାଲେଶ୍ୱରରୁ ଚିହ୍ନଟ ହୋଇଥିବା ୬ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ୩୨ ବର୍ଷୀୟ ପୁରୁଷ କୋଲକାତା ଫେରନ୍ତା ରହିଛନ୍ତି। ଆଉ ୫ଜଣ ବାଲେଶ୍ୱର କଣ୍ଟେନମେଣ୍ଟ ଜୋନ୍‌ର ବୋଲି ଜଣାପଡ଼ିଛି। ଏହି ଆକ୍ରାନ୍ତଙ୍କ ମଧ୍ୟରେ ୪ ଜଣ ମହିଳା ଓ ଜଣେ ପୁରୁଷ ରହିଛନ୍ତି। ୪ଜଣ ମହିଳାଙ୍କ ☞ପୃଷ୍ଠା-୪





### ସୁସ୍ଥ ହେଲେ ଭୁବନେଶ୍ୱରର ଆଉ ୨ଆକ୍ରାନ୍ତ

ଅନ୍ୟପଟେ ରାଜ୍ୟରେ ଆଉ ୨ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନେ ଭୁବନେଶ୍ୱରର ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଫଳରେ ରାଜ୍ୟରେ ବର୍ତ୍ତମାନ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୩୭ରେ ପହଞ୍ଚିଛି। ସକ୍ରିୟ ଥିବା ୭୩ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି। ୧୬୪ଜଣ ସନ୍ଦିଗ୍ଧ ହସ୍ପିଟାଲ ଆଇସୋଲେଶନରେ ରହିଛନ୍ତି।

# ଶପଥ ନେଲେ ହାଇକୋର୍ଟ ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍



ଲୋକସେବା ଭବନ କନ୍‌ଭେନ୍‌ଶନ୍ ହଲ୍‌ରେ ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍‌ଙ୍କୁ ଶପଥ ପାଠ କରାଉଛନ୍ତି।

**କଟକ ଅଫିସ୍,୨୭।୪**

ଓଡ଼ିଶା ହାଇକୋର୍ଟରେ ୩୧ତମ ମୁଖ୍ୟ ବିଚାରପତି ଭାବେ ସୋମବାର ଜଷ୍ଟିସ୍ ମହମ୍ମଦ ରଫିକ୍ ଶପଥ ଗ୍ରହଣ କରିଛନ୍ତି। ଲୋକସେବା ଭବନ କନ୍‌ଭେନ୍‌ଶନ୍ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ନୂତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ରଫିକ୍‌ଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହା ପୂର୍ବରୁ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ ଓ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ☞ପୃଷ୍ଠା-୪

## ଭାରତରେ ସରିଆସୁଛି କରୋନା ଆୟୁଷ

# ମେ’ ୨୧ ସୁଦ୍ଧା ୯୭% ବିଲୋପ

### ସିଙ୍ଗାପୁର ଗବେଷକଙ୍କ ପୂର୍ବାନୁମାନ

- ଜୁଲାଇ ୨୫ରେ ସମ୍ପୂର୍ଣ୍ଣ ଶେଷ ହେବ ମହାମାରୀର ପ୍ରକୋପ

**ନୂଆଦିଲ୍ଲୀ,୨୭।୪**

ମହାମାରୀ କରୋନା(କୋଭିଡ୍-୧୯)କୁ ପ୍ରତିହତ କରିବା ପାଇଁ ଭାରତ ସମେତ ବିଶ୍ୱର ଅନେକ ଦେଶରେ ଲାଗୁ ହୋଇଛି ଲକ୍‌ଡାଉନ। ଫଳରେ କୋଟି କୋଟି ଲୋକ ନିଜ ଘରେ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଆବଦ୍ଧ ହୋଇ ରହିଛନ୍ତି। ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଯେ, କେବେ ସମାପ୍ତ ହେବ କରୋନା ଭାଇରସ୍‌ର ପ୍ରକୋପ। ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି ସିଙ୍ଗାପୁରର ଗବେଷକମାନେ। ସେମାନଙ୍କ ପୂର୍ବାନୁମାନ ଅନୁଯାୟୀ ଭାରତରେ ଏହି ମହାମାରୀର ପ୍ରକୋପ ଆସନ୍ତା ମେ ୨୧ରେ ୯୭ ପ୍ରତିଶତ ଲୋପ ପାଇଯିବ। ସେହିପରି ମେ ୩୧ରେ ୯୯% ଏବଂ ଜୁଲାଇ ୨୫ରେ ୧୦୦% ଅର୍ଥାତ୍ ସମ୍ପୂର୍ଣ୍ଣ ଭାବେ ଏହା ସମାପ୍ତ ହେବ। ଭାରତରେ ଏପ୍ରିଲ ୨୦କୁ ଗବେଷକମାନେ ଟର୍ନିଂ ଡେଟ୍ ବା ପରିବର୍ତ୍ତନର ତାରିଖ ଭାବେ ବିବେଚନା କରିଛନ୍ତି।



ଚାଇନାରୁ ସାରା ବିଶ୍ୱକୁ କୋଭିଡ୍-୧୯ ବ୍ୟାପିବା ଏବଂ ଧୀରେ ଧୀରେ ହ୍ରାସ ପାଇବାର ଧାରାକୁ ଆଧାର କରି ସିଙ୍ଗାପୁର ୟୁନିଭର୍ସିଟି ଅଫ୍ ଟକ୍ନୋଲୋଜି ଆଣ୍ଡ ଡିଜାଇନ(ଏସ୍‌ୟୁଟିଡି)ର ଡାଟା-ଡ୍ରିଭେନ ଇନୋଭେଶନ ଲାବ୍‌ର ଗବେଷକମାନେ କରୋନା ଭୂତାଣୁର ବିଲୋପ ସମ୍ପର୍କରେ ଅଧ୍ୟୟନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ଅଧ୍ୟୟନ ହେଉଛି ଏକ ଗାଣିତିକ ମଡେଲ ‘ଏସ୍‌ଆଇଆର’ (ସସ୍‌ସେପ୍ଟିବଲ-ଇନ୍‌ଫେକ୍ଟେଡ୍-ରିକଭର୍ଡ) ଉପରେ ଆଧାରିତ। ତଦନୁଯାୟୀ ସେମାନେ ଭାରତ ସମେତ ୧୩୧ ଦେଶରେ କେଉଁ ତାରିଖରେ ଏହି ମାହାମାରୀ ଶେଷ ହେବ ତାହା ଭବିଷ୍ୟବାଣୀ କରିଛନ୍ତି। ବିଭିନ୍ନ ଦେଶରେ ମହାମାରୀର ଜୀବନଚକ୍ର ତଥା ସଂକ୍ରମଣ ବଢ଼ିବା ଏବଂ ହ୍ରାସ ହେବା ଆଧାରରେ ଏହି ପୂର୍ବାନୁମାନ କରାଯାଇଛି। ସମୟ ସହିତ ଏହି ଆକଳନରେ ମଧ୍ୟ ପରିବର୍ତ୍ତନ ହୋଇପାରେ।

ଭାରତର ବଡ଼ ସହର ଯଥା ମହାରାଷ୍ଟ୍ରର ମୁମ୍ବାଇ, ପୁଣେ, ଗୁଜରାଟର ଅହମ୍ମଦାବାଦ, ଦିଲ୍ଲୀ, ରାଜସ୍ଥାନର ଜୟପୁର, ☞ପୃଷ୍ଠା-୪

**କୋଭିଡ୍-୧୯ କଟ୍ ଅଫ୍ ଡେଟ୍ (ଏସ୍‌ୟୁଟିଡି ଗବେଷକଙ୍କ ଆକଳନ)**

| ଦେଶ | ୯୭% | ୯୯% | ୧୦୦% |
|---|---|---|---|
| ଭାରତ | ମେ ୨୧ | ମେ ୩୧ | ଜୁଲାଇ ୨୫ |
| ଆମେରିକା | ମେ ୧୧ | ମେ ୨୩ | ଅଗଷ୍ଟ ୨୬ |
| ଇଟାଲୀ | ମେ ୭ | ମେ ୨୦ | ଅଗଷ୍ଟ ୨୪ |
| ବ୍ରିଟେନ | ମେ ୧୫ | ମେ ୨୬ | ଅଗଷ୍ଟ ୧୩ |
| ସ୍ପେନ | ମେ ୩ | ମେ ୧୫ | ଅଗଷ୍ଟ ୬ |
| ଫ୍ରାନ୍ସ | ମେ ୫ | ମେ ୧୭ | ଅଗଷ୍ଟ ୪ |
| ଜର୍ମାନୀ | ମେ ୨ | ମେ ୧୪ | ଜୁଲାଇ ୩୧ |
| ତୁର୍କୀ | ମେ ୧୬ | ମେ ୨୮ | ଅଗଷ୍ଟ ୧୧ |
| ରୁଷିଆ | ମେ ୧୯ | ମେ ୨୭ | ଜୁଲାଇ ୧୯ |
| ଜାପାନ | ମେ ୧୮ | ଜୁନ୍ ୪ | ସେପ୍ଟେମ୍ବର ୨୫ |
| ସିଙ୍ଗାପୁର | ଜୁନ୍ ୩ | ଜୁନ୍ ୧୨ | ଅଗଷ୍ଟ ୭ |
| ପାକିସ୍ତାନ | ଜୁନ୍ ୮ | ଜୁନ୍ ୨୨ | ଅଗଷ୍ଟ ୩୧ |
| ବିଶ୍ୱ | ମେ ୨୯ | ଜୁନ୍ ୧୬ | ଡିସେମ୍ବର ୮ |

## ଆଜିର ମନ୍ତବ୍ୟ

“ଲକ୍‌ଡାଉନକୁ ନେଇ କେନ୍ଦ୍ର ଦ୍ୱନ୍ଦ୍ୱାତ୍ମକ ମନ୍ତବ୍ୟ ଦେଉଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଦୋକାନ ଖୋଲିବା ନିର୍ଦ୍ଦେଶନାମା ସ୍ପଷ୍ଟ ହେବା ଆବଶ୍ୟକ।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**


ଖିଲାପକାରୀଙ୍କ ୬୮ ହଜାର କୋଟିର ଋଣ ରାଇଟ୍‌ଅଫ୍ ........୨........

କରୋନାରେ ଜୀବନ ଗଲେ ଖବରଦାତାଙ୍କ ପରିବାର ପାଇବେ ୧୫ ଲକ୍ଷ ........୩........



କରୋନା ସଂକ୍ରମଣରୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍ସନ ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଦେଶରୁ କଟକଣା କୋହଳ ନ କରିବାକୁ ସେ ସତର୍କ କରାଇଦେଇଛନ୍ତି। ବ୍ରିଟେନରେ କରୋନା ସ୍ଥିତିରେ ଉନ୍ନତି ଘଟିବା ଆରମ୍ଭ ହୋଇଛି। ତେଣୁ ଦେଶବାସୀଙ୍କୁ ଆଉ କିଛିଦିନ ଧୈର୍ଯ୍ୟ ଧରିବାକୁ ପଡ଼ିବ ବୋଲି ୧୦ ଡାଉନିଂ ଷ୍ଟ୍ରିଟ୍‌ରେ ଉଦ୍‌ବୋଧନ ଦେଇ ଜନ୍‌ସନ କହିଛନ୍ତି।



ଲକ୍‌ଡାଉନ୍ ଯୋଗୁ ଚେନ୍ନାଇର କୋୟାମବେଡୁ ଫଳ ବଜାରରେ ବିକ୍ରି ହୋଇ ନ ପାରି ଶଢ଼ିଯାଇଥିବା କମଳାକୁ ବ୍ୟବସାୟୀ ଫିଙ୍ଗିଦେଉଛନ୍ତି।

# ପ୍ରବାସୀ ଶ୍ରମିକଙ୍କୁ ନିଜ ସହରକୁ ଛଡ଼ାଯିବନି

- ଭୟଙ୍କର ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେବ
- ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର



**ନୂଆଦିଲ୍ଲୀ,୨୭।୪:** କରୋନା ମହାମାରୀ ଯୋଗୁ ଲୋକମାନେ ଆତଙ୍କରେ ଅଛନ୍ତି। ଲକ୍‌ଡାଉନ୍ ଲାଗୁହେବା ପରେ ଅନେକ ଲୋକ କାମଧନ୍ଦା ହରାଇବା ସହ ପେଟକୁ ଦାନା ଯୋଗାଡ଼କରିବା ଓ ପରିବାର ପୋଷିବା କଷ୍ଟକର ହୋଇପଡ଼ିଛି। ପରିସ୍ଥିତିକୁ ଦେଖି ଅନେକ ପ୍ରବାସୀ ନିଜ ସହରକୁ ଫେରିଆସିବା ଲାଗି ଉଦ୍ୟମ କରୁଛନ୍ତି। ଏଥିଲାଗି ମହାରାଷ୍ଟ୍ର ଭଳି କେତେକ ରାଜ୍ୟ ପ୍ରୟାସ ମଧ୍ୟ ଆରମ୍ଭ କରିଛନ୍ତି। ତେବେ କରୋନା ସ୍ଥିତି ଯୋଗୁ ଏବେ କୌଣସି ପ୍ରବାସୀଙ୍କୁ ନିଜ ରାଜ୍ୟ ବା ସହରକୁ ଯିବାକୁ ଦିଆଯିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହାଦ୍ୱାରା ଭୟଙ୍କର ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେବାର ଆଶଙ୍କା ରହିଥିବା ସୁପ୍ରିମକୋର୍ଟଙ୍କୁ କେନ୍ଦ୍ର ସରକାର ଉତ୍ତରରେ କହିଛନ୍ତି। ଭାରତରେ ଏବେ ୧.୩୬ ନିୟୁତ କର୍ମଜୀବୀ ଥିବାବେଳେ ଏହାର ଅଧା ଅଣକୃଷି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ସମସ୍ତ ପ୍ରବାସୀ ଯେଉଁଠାରେ ଅଛନ୍ତି, ସେହିଠାରେ ହିଁ ରହିବେ। ସେମାନଙ୍କ ରହିବା, ଖାଇବା ଆଦି ସମସ୍ତ କାର୍ଯ୍ୟ ସ୍ଥାନୀୟ ସରକାର ବୁଝିବେ। ସେମାନଙ୍କୁ ନିଜ ସହର କିମ୍ବା ଗ୍ରାମକୁ ଯିବା ଲାଗି ଅନୁମତି ଦେବାର ଅର୍ଥ ଭୂତାଣୁ ସଂକ୍ରମଣକୁ ପ୍ରୋତ୍ସାହନ କରିବା ଭଳି। ବହୁ ଲୋକଙ୍କ ଜୀବନ ଏଥିରେ ଯିବା ଆଶଙ୍କା ରହିଛି ବୋଲି ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା କେନ୍ଦ୍ର ରିପୋର୍ଟରେ ଦର୍ଶାଯାଇଛି।

ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୩୭,୯୭୮ ରିଲିଫ କ୍ୟାମ୍ପ ନିର୍ମାଣ କରାଯାଇଛି ଓ ଏଥିରେ ପ୍ରାୟ ୧୪.୩ ଲକ୍ଷ ଲୋକ ରହୁଛନ୍ତି। ଏଥିସହ ୨୬,୨୨୫ଟି ଫୁଡ୍ କ୍ୟାମ୍ପ ଖୋଲାଯାଇଛି। ପ୍ରାୟ ୧.୩୪ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଯାଉଛି। ତେଣୁ ପ୍ରବାସୀମାନେ ନିଜ ସହରକୁ ଯିବାର କୌଣସି ଆବଶ୍ୟକତା ନାହିଁ ବୋଲି କେନ୍ଦ୍ର କହିଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ସହ ସୋମବାର ଭିଡିଓ କନ୍‌ଫରେନ୍ସିଂରେ ଏକାଧିକ ମୁଖ୍ୟମନ୍ତ୍ରୀ ପ୍ରବାସୀଙ୍କୁ ସ୍ୱତନ୍ତ୍ର ଭାବେ ସେମାନଙ୍କ ସହରକୁ ଯିବା ଲାଗି ସହାୟତା ସହ ଅନୁମତି ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ପୂର୍ବରୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏନେଇ କେନ୍ଦ୍ର ସହ ଆଲୋଚନା କରାଯାଇ ପ୍ରବାସୀଙ୍କୁ ସେମାନଙ୍କ ରାଜ୍ୟକୁ ଫେରିଯିବା ଲାଗି ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ସୋମବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନେଇ ସ୍ପଷ୍ଟ କରାଯାଇଥିବା ବେଳେ ପ୍ରବାସୀମାନେ ନିଜ ସହରକୁ ଫେରିବା ବାଟ ବନ୍ଦ ହୋଇଯାଇଛି। ତେବେ ପ୍ରବାସୀ ଶ୍ରମିକଙ୍କ ଲାଗି କି ବ୍ୟବସ୍ଥା କରାଯାଇଛି, ସେ ସମ୍ପର୍କରେ ଏକ ସପ୍ତାହ ମଧ୍ୟରେ ରିପୋର୍ଟ ଦେବା ଲାଗି କେନ୍ଦ୍ରକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଭାରତରେ କରୋନା ସ୍ଥିତି

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୮,୫୯୦ | ୬,୯୩୯ | ୧,୨୮୨ | ୩୬୯ |
| ତାମିଲନାଡୁ | ୧,୯୩୭ | ୮୧୨ | ୧,୧୦୧ | ୨୪ |
| ଦିଲ୍ଲୀ | ୨,୯୧୮ | ୧,୯୮୭ | ୮୭୭ | ୫୪ |
| ତେଲଙ୍ଗାନା | ୧,୦୦୩ | ୬୪୬ | ୩୩୨ | ୨୫ |
| କେରଳ | ୪୮୨ | ୧୨୩ | ୩୫୫ | ୪ |
| ଉତ୍ତରପ୍ରଦେଶ | ୧,୯୮୬ | ୧,୫୫୭ | ୩୯୯ | ୩୦ |
| ଆନ୍ଧ୍ରପ୍ରଦେଶ | ୧,୧୭୭ | ୯୧୧ | ୨୩୫ | ୩୧ |
| ରାଜସ୍ଥାନ | ୨,୨୩୪ | ୧,୫୧୯ | ୬୬୯ | ୪୬ |
| ମଧ୍ୟପ୍ରଦେଶ | ୨,୧୬୫ | ୧,୭୪୧ | ୩୧୮ | ୧୦୬ |
| କର୍ଣ୍ଣାଟକ | ୫୧୨ | ୩୦୦ | ୧୯୩ | ୧୯ |
| ଗୁଜରାଟ | ୩,୫୪୮ | ୨,୯୯୨ | ୩୯୪ | ୧୬୨ |
| ହରିୟାଣା | ୩୦୧ | ୮୫ | ୨୧୩ | ୩ |
| ଜମ୍ମୁ-କଶ୍ମୀର | ୫୪୬ | ୩୭୫ | ୧୬୪ | ୭ |
| ପଶ୍ଚିମବଙ୍ଗ | ୬୪୯ | ୫୨୪ | ୧୦୫ | ୨୦ |
| ପଞ୍ଜାବ | ୩୨୨ | ୨୧୯ | ୮୪ | ୧୯ |
| ଓଡ଼ିଶା | ୧୧୧ | ୭୫ | ୩୫ | ୧ |
| ବିହାର | ୩୪୫ | ୨୮୭ | ୫୬ | ୨ |
| ଉତ୍ତରାଖଣ୍ଡ | ୫୧ | ୧୮ | ୩୩ | - |
| ଆସାମ | ୩୬ | ୮ | ୨୭ | ୧ |
| ଚଣ୍ଡିଗଡ଼ | ୪୫ | ୨୮ | ୧୭ | - |
| ଲଦାଖ | ୨୦ | ୪ | ୧୬ | - |
| ହିମାଚଳ ପ୍ରଦେଶ | ୪୦ | ୧୬ | ୨୨ | ୨ |
| ଆଣ୍ଡାମାନ ଓ ନିକୋବର | ୩୩ | ୨୨ | ୧୧ | - |
| ଛତିଶଗଡ଼ | ୩୭ | ୫ | ୩୨ | - |
| ଗୋଆ | ୭ | | ୭ | - |
| ପୁଡୁଚେରୀ | ୮ | ୪ | ୪ | - |
| ଝାଡ଼ଖଣ୍ଡ | ୯୮ | ୮୨ | ୧୩ | ୩ |
| ମଣିପୁର | ୨ | | ୨ | - |
| ଅରୁଣାଚଳ ପ୍ରଦେଶ | ୧ | | ୧ | - |
| ନାଗାଲାଣ୍ଡ | ୧ | | ୧ | - |
| ମିଜୋରାମ | ୧ | ୧ | - | - |
| ତ୍ରିପୁରା | ୨ | | ୨ | - |
| ମୋଟ | ୨୯,୨୧୯ | ୨୧,୨୯୧ | ୬,୯୯୯ | ୯୨୯ |

https://www.covid19india.org ତଥ୍ୟ ଅନୁଯାୟୀ(ସୋମବାର ରାତି ୯ଟା ୩୦ ସୁଦ୍ଧା)

## ଆନ୍ଧ୍ର ରାଜଭବନର ୪ କର୍ମଚାରୀଙ୍କୁ କରୋନା

### ଏମ୍‌ପିଙ୍କ ପରିବାରରୁ ୬ ଆକ୍ରାନ୍ତ

**ଅମରାବତୀ,୨୭।୪**

ଆନ୍ଧ୍ରପ୍ରଦେଶ ରାଜଭବନର ୪ ଜଣ କର୍ମଚାରୀଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ସେହିପରି ଶାସକଦଳର ଜଣେ ଏମ୍‌ପିଙ୍କ ପରିବାରରୁ ୬ ଜଣ ଏହି ରୋଗରେ ଆକ୍ରାନ୍ତ ଥିବା ଜଣାପଡିଛି। ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୧୭୭ରେ ପହଞ୍ଚିଛି ଓ ୩୧ ଜଣଙ୍କର କୋଭିଡ୍-୧୯ରେ ମୃତ୍ୟୁ ହେଲାଣି। ୯୧୧ଜଣ ଚିକିତ୍ସାଧୀନ ଥିବାବେଳେ ୨୩୫ଜଣ ଆରୋଗ୍ୟ ହେଲେଣି।

କୁର୍ନୁଲ ଏମ୍‌ପି ଡ. ସଞ୍ଜୀବ କୁମାରଙ୍କ ବାପା, ଭାଇଙ୍କ ସମେତ ତାଙ୍କ ପରିବାରର ଅନ୍ୟ ୪ ସଦସ୍ୟଙ୍କଠାରେ କରୋନା ପଜିଟିଭ୍ ଥିବା ରବିବାର ପରୀକ୍ଷାରୁ ଜଣାପଡିଛି। ସେମାନଙ୍କୁ କୁର୍ନୁଲ ସରକାରୀ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏମ୍‌ପି ସଞ୍ଜୀବ କୁମାର ଓ ତାଙ୍କ ସ୍ତ୍ରୀ ଉଭୟ ଡାକ୍ତର। ସେହିପରି ଆନ୍ଧ୍ର ରାଜଭବନର ୪ କର୍ମଚାରୀଙ୍କଠାରେ କରୋନା ଭୂତାଣୁ ଥିବା ରବିବାର ସ୍ପଷ୍ଟ ହୋଇଛି। ଆକ୍ରାନ୍ତଙ୍କ ମଧ୍ୟରେ ରାଜଭବନର ମୁଖ୍ୟ ସୁରକ୍ଷା ଅଧିକାରୀ ଓ ଜଣେ ନର୍ସିଂ ଷ୍ଟାଫ୍ ଅନ୍ତର୍ଭୁକ୍ତ। ଶନିବାର ରାଜଭବନକୁ ସୋଡିୟମ ହାଇପୋକ୍ଲୋରାଇଟ୍ ଦ୍ୱାରା ବିଶୋଧନ କରାଯାଇଛି।

## ୩୦ ଲକ୍ଷ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

**ୱାଶିଂଟନ/ରୋମ୍/ଲଣ୍ଡନ,୨୭।୪**



- ୨.୦୮ ଲକ୍ଷ ଜୀବନ ନେଲାଣି କରୋନା
- ୬ ଦେଶରେ ସଙ୍ଗିନ ସ୍ଥିତି

ପ୍ରାଣଘାତୀ କରୋନାରେ ୨୧୦ ଦେଶରେ ମୋଟ ୨.୦୮ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ସଂକ୍ରମିତଙ୍କ ସଂଖ୍ୟା ୩୦ ଲକ୍ଷ ଟପିଥିବା ବେଳେ ଆମେରିକା, ସ୍ପେନ୍, ଇଟାଲୀ, ଫ୍ରାନ୍ସ, ଜର୍ମାନୀ ଓ ବ୍ରିଟେନ ସ୍ଥିତି ସଙ୍ଗିନ ହୋଇପଡ଼ିଛି। ଯଦିଓ ସୋମବାର ସୁଦ୍ଧା ବିଶ୍ୱରେ ପ୍ରାୟ ୮ ଲକ୍ଷ ୯୦ ହଜାର ଲୋକ ସୁସ୍ଥ ହୋଇ ଘରକୁ ଫେରିଛନ୍ତି, ତଥାପି କ୍ରମବର୍ଦ୍ଧିଷ୍ଣୁ ନୂଆ ରୋଗୀଙ୍କ ସଂଖ୍ୟା ହୋସ୍ ଉଡ଼ାଇ ଦେଉଛି। ଆମେରିକା ସଂକ୍ରମଣ ଦ୍ୱାରା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ୯.୯୦ ଲକ୍ଷରୁ ଅଧିକ ଥିବାବେଳେ ମୃତ୍ୟୁସଂଖ୍ୟା ୫୫,୫୦୦ ଟପିଲାଣି। ଗତ ୨୪ ଘଣ୍ଟା ମଧ୍ୟରେ ଏଠାରେ ପ୍ରାୟ ୩ ହଜାର ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ପୋକମାଛି ଭଳି ଏହି ବିତ୍ତଶାଳୀ ଦେଶରେ ଲୋକଙ୍କ ଜୀବନ ଯାଉଛି। ଖାଲି ସେତିକି ନୁହେଁ, ଏହି ରୋଗର ଚିକିତ୍ସା ଲାଗି ସେଭଳି ଫଳପ୍ରଦ ଔଷଧ ଏପର୍ଯ୍ୟନ୍ତ ବାହାରି ନ ଥିବାରୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସ୍ପେନ୍‌ରେ ଏବେ ୨.୨୯ ଲକ୍ଷରୁ ଅଧିକ ଲୋକ ସଂକ୍ରମିତ ଥିବାବେଳେ ମୃତ୍ୟୁମୁଖରେ ପଡ଼ିଲେଣି ୨୩,୫୨୧ ବ୍ୟକ୍ତି। ଇଟାଲୀରେ ୨୬,୬୫୦ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୧.୯୭ ଲକ୍ଷ ଟପିଛି। ଫ୍ରାନ୍ସରେ ୧.୬୨ ଲକ୍ଷରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଥିବାବେଳେ ୨୨,୮୫୬ ଜଣଙ୍କ ଜୀବନ ଗଲାଣି। ଜର୍ମାନୀରେ ସୋମବାର ସୁଦ୍ଧା ୧.୫୮ ଲକ୍ଷରୁ ଅଧିକ କରୋନା ଆକ୍ରାନ୍ତ ଥିବାବେଳେ ପ୍ରାୟ ୬ ହଜାର ଲୋକ ପ୍ରାଣ ହରାଇଥିବା ଜଣାପଡ଼ିଛି। ବ୍ରିଟେନରେ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ୨୦,୭୩୨ରେ ପହଞ୍ଚିଛି। ଅନ୍ୟ ପ୍ରମୁଖ ଦେଶ ମଧ୍ୟରେ ଇରାନରେ ୫,୮୦୬, ଚାଇନାରେ ୪,୬୩୩, ତୁର୍କୀରେ ୨,୮୦୫, ବ୍ରାଜିଲରେ ୪,୨୯୮, ବେଲଜିୟମରେ ୭,୨୦୭, ନେଦରଲାଣ୍ଡ୍‌ସରେ ୪, ୫୧୮, ସ୍ୱିଡେନରେ ୨, ୨୭୪, ମେକ୍ସିକୋରେ ୧,୩୫୧, କାନାଡାରେ ୨,୬୧୭ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ମହାମାରୀ ଭୂତାଣୁଠାରୁ ବର୍ତ୍ତିବା ଲାଗି ସାମାଜିକ ଦୂରତା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଉଛି।

## ଖିଲାପକାରୀଙ୍କ ୬୮ ହଜାର କୋଟିର ଋଣ ରାଇଟଅଫ୍

**ନୂଆଦିଲ୍ଲୀ,୨୭।୪**

ମେହୁଲ ଚୋକ୍‌ସୀଙ୍କ ସମେତ ୫୦ ପ୍ରମୁଖ ଇଚ୍ଛାକୃତ ଖିଲାପକାରୀଙ୍କ ୬୮ ହଜାର କୋଟି ଟଙ୍କାର ଋଣ ରାଇଟଅଫ୍ କରାଯାଇଛି। ଏହି ଖିଲାପକାରୀଙ୍କ ଉପରେ ରହିଥିବା ୬୮,୬୦୭ କୋଟି ଟଙ୍କା ବ୍ୟାଙ୍କଗୁଡିକ ସେମାନଙ୍କ ଋଣ ଖାତାରୁ ବହିର୍ଭୂତ କରିଥିବା ରିଜର୍ଭ ବ୍ୟାଙ୍କ ମାନିଛି। ସୂଚନା ଅଧିକାର ଆଇନରେ ମଗାଯାଇଥିବା ତଥ୍ୟରୁ ଏଭଳି ପ୍ରସଙ୍ଗ ସାମ୍ନାକୁ ଆସିଛି। ବ୍ୟାଙ୍କଗୁଡିକ ଚଳିତ ବର୍ଷ ଫେବୃୟାରୀ ସୁଦ୍ଧା ଏହି ଅର୍ଥ ରାଇଟ ଅଫ୍ କରିଛନ୍ତି। ବ୍ୟାଙ୍କ ପ୍ରଦାନ କରିଥିବା ଋଣ ମଧ୍ୟରୁ ଯାହାର ଫେରିବା ଆଶା କମ୍ ତାକୁ ସାଧାରଣତଃ ବ୍ୟାଙ୍କର ହିସାବ ଖାତାରୁ ବାଦ୍ ଦିଆଯାଇଥାଏ। ଏହି ଋଣ ମଧ୍ୟରେ ମେହୁଲ ଚୋକ୍‌ସୀଙ୍କ ଗୀତାଞ୍ଜଳି ଜେମସ୍ ଲିମିଟେଡ ଉପରେ ୫୪୯୨ କୋଟି ଟଙ୍କାର ଋଣ ରହିଛି। ସେହିଭଳି ଗିନି ଇଣ୍ଡିଆ ଲିମିଟେଡ ଏବଂ ନକ୍ଷତ୍ର ବ୍ରାଣ୍ଡ୍ ଯଥାକ୍ରମେ ୧୪୪୭ କୋଟି ଏବଂ ୧୧୦୯ କୋଟି ଟଙ୍କା ଖିଲାପ କରିଛନ୍ତି।



ଲକ୍‌ଡାଉନ୍ ଯୋଗୁ ଗାଡ଼ି ଚଳାଚଳ ବନ୍ଦଥିବାରୁ ହିମାଚଳ ପ୍ରଦେଶର କୁଲୁ ସହରରେ ଜଣେ ମହିଳା ଏଲ୍‌ପିଜି ସିଲିଣ୍ଡର ପିଠିରେ ବୋହି ନେଉଛନ୍ତି।

## ତ୍ରୁଟିପୂର୍ଣ୍ଣ କିଟ୍ ପାଇଁ ରାପିଡ୍ ଟେଷ୍ଟ ବନ୍ଦ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୭।୪(ପିଟି):** କରୋନା ସଂକ୍ରମିତଙ୍କୁ ଚିହ୍ନଟ କରିବା ଉଦ୍ଦେଶ୍ୟରେ ଚାଇନାର ୨ଟି କମ୍ପାନୀରୁ ଭାରତକୁ ଆସିଥିବା କୋଭିଡ-୧୯ ରାପିଡ ଆଣ୍ଟିବଡି ଟେଷ୍ଟ କିଟ୍‌କୁ ବ୍ୟବହାର ନ କରିବାକୁ ସମସ୍ତ ରାଜ୍ୟକୁ ଇଣ୍ଡିଆନ କାଉନ୍‌ସିଲ ଅଫ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର) ସୋମବାର ମନା କରିଛି। ଏହିସବୁ କିଟ୍ ତ୍ରୁଟିପୂର୍ଣ୍ଣ ହୋଇଥିବାରୁ ଏହାକୁ ବ୍ୟବହାର ନ କରି ଯୋଗାଣକାରୀ ସଂସ୍ଥାକୁ ଫେରାଇ ଦେବାକୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଆଇସିଏମ୍‌ଆର ପକ୍ଷରୁ କୁହାଯାଇଛି। ଚାଇନାର ଗୁଆଙ୍ଗ୍‌ଝୋ



ୱଣ୍ଡଫୋ ବାୟୋଟେକ୍ ଏବଂ ଝୁଆଇ ଲିଭ୍‌ସନ୍ ଡାଇଗ୍ନୋଷ୍ଟିକ୍ସ ଇନ୍ ଫିଲ୍ଡ କଣ୍ଡିଶନ ସଂସ୍ଥାରୁ ଆସିଥିବା କିଟ୍‌ଗୁଡ଼ିକର ଗୁଣବତ୍ତା ଜାଣିବା ପାଇଁ ଆଇସିଏମ୍‌ଆର୍ ପକ୍ଷରୁ ପରୀକ୍ଷା କରାଯାଇଥିଲା। ହେଲେ ଏଥିରେ ଭିନ୍ନ ଭିନ୍ନ ରିପୋର୍ଟ ଆସିବାରୁ ଏହା ତ୍ରୁଟିପୂର୍ଣ୍ଣ ବୋଲି ଜଣାପଡ଼ିଛି। ତେଣୁ ଏହି କିଟ୍‌ଗୁଡ଼ିକୁ ବ୍ୟବହାର ନ

### ଚାଇନାର ୨ କମ୍ପାନୀକୁ ଫେରାଯିବ କିଟ୍: ଆଇସିଏମ୍‌ଆର

କରି ସମ୍ପୃକ୍ତ ଯୋଗାଣକାରୀ ସଂସ୍ଥାକୁ ଫେରାଇଦେବାକୁ ସମସ୍ତ ରାଜ୍ୟକୁ କୁହାଯାଇଛି। କିଟ୍ ଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ବୈଜ୍ଞାନିକ ମୂଲ୍ୟାୟନ କରାଯାଇ ସମ୍ପୃକ୍ତ ସଂସ୍ଥାକୁ ପ୍ରଥମେ ବରାଦ କରାଯାଇଥିଲା, ହେଲେ ତ୍ରୁଟିପୂର୍ଣ୍ଣ ଜଣାପଡ଼ିବା ପରେ ସମସ୍ତ ବରାଦକୁ ରଦ୍ଦ କରାଯାଇଛି। ଶତପ୍ରତିଶତ ବରାଦ କିଟ୍ ଯୋଗାଣକାରୀ ସଂସ୍ଥା ପଠାଇ ନ ଥିବାରୁ ତାଙ୍କୁ କିଛି ବି ଟଙ୍କା ଦିଆଯାଇ ନାହିଁ। ତେଣୁ କ୍ଷତିର ପ୍ରଶ୍ନ ଉଠୁ ନାହିଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## କୋଭିଡ୍-୧୯ ତାଲିକାରେ ସାମିଲ ହେଲା ୬ ନୂଆ ଲକ୍ଷଣ

**ୱାଶିଂଟନ,୨୭।୪:** କରୋନା ସଂକ୍ରମିତଙ୍କ ମଧ୍ୟରୁ ଅଧିକାଂଶଙ୍କଠାରେ କୌଣସି ଲକ୍ଷଣ ଦେଖାଯାଉନାହିଁ। ଅଧିକରୁ ଅଧିକ ମାମଲା ସାମ୍ନାକୁ ଆସିବା ସହିତ କେତେକ ନୂଆ ଲକ୍ଷଣ ମଧ୍ୟ ଦେଖାଦେଇଛି। ଏହି ତାଲିକାରେ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ୍ ପ୍ରିଭେନ୍‌ଶନ ୬ଟି ନୂଆ ଲକ୍ଷଣ ସାମିଲ କରିଛି। ଫଳରେ ମୋଟ ଲକ୍ଷଣ ସଂଖ୍ୟା ୯ରେ ପହଞ୍ଚିଛି।

ନୂଆ ଲକ୍ଷଣ ମଧ୍ୟରେ ରହିଛି ଆଘ୍ରାଣ ଓ ସ୍ୱାଦ ବାରିବା ଶକ୍ତି ହରାଇବା। କରୋନା ସଂକ୍ରମିତ ସାଧାରଣ ଭାବେ ଗନ୍ଧ ବାରିବା ଓ ସ୍ୱାଦ ଅନୁଭବ କରିବାରେ ସକ୍ଷମ ହୋଇ ନ ଥାନ୍ତି। ବ୍ରିଟେନର କରୋନା ରୋଗୀଙ୍କଠାରେ ଏଭଳି ଲକ୍ଷଣ ବହୁଳମାତ୍ରାରେ ଦେଖାଦେଇଥିଲା। ସେହିପରି ଅତ୍ୟଧିକ ଥଣ୍ଡା ଅନୁଭବ କରିବା ଅନ୍ୟ ଏକ ଲକ୍ଷଣ। କୌଣସି କାରଣ ନ ଥାଇ ଶୀତରେ ଥରିବା କୋଭିଡ୍-୧୯ ରୋଗୀଙ୍କ କ୍ଷେତ୍ରରେ ଦେଖାଦେଇଥାଏ। ମାଂସପେଶୀ ଓ ଗଣ୍ଠି ଯନ୍ତ୍ରଣା ଅନ୍ୟତମ ନୂଆ ଲକ୍ଷଣ। ଆମେରିକାର ୧୪.୮ ପ୍ରତିଶତ କରୋନା ଆକ୍ରାନ୍ତଙ୍କଠାରେ ଏଭଳି ଲକ୍ଷଣ ଦେଖାଦେଇଛି। ଅନ୍ୟ ନୂଆ ଲକ୍ଷଣ ମଧ୍ୟରେ ରହିଛି ମୁଣ୍ଡବିନ୍ଧା, ଆଖି ହଳଦିଆ ହେବା ଏବଂ ଗଳା ଦରଜ। କରୋନା ଯୋଗୁ ଶ୍ୱାସନଳୀ ସଂକ୍ରମଣ ହୋଇଥାଏ। ଏଥିସହିତ ଦୁର୍ବଳ ଲାଗିବା ଓ ମୁଣ୍ଡବିନ୍ଧା ନୂଆ ଲକ୍ଷଣ ଭାବେ ଦେଖାଦେଇଛି। ଭୂତାଣୁ ନାକ ଓ ଆଖିକୁ ମଧ୍ୟ ସଂକ୍ରମିତ କରିଥାଏ। ଫଳରେ ରୋଗୀର ଆଖି ହଳଦିଆ ଦେଖାଯାଇଥାଏ ବୋଲି ଜେଏଏମ୍‌ଏ ଅପଥାଲମୋଲୋଜିରେ ପ୍ରକାଶିତ ଅଧ୍ୟୟନରେ କୁହାଯାଇଛି। କରୋନା ସଂକ୍ରମଣ ଯୋଗୁ କାଶ ହେଉଥିବାରୁ ଗଳା ଦରଜ ମଧ୍ୟ ହୋଇଥାଏ।

## କରୋନା ଆକ୍ରାନ୍ତଙ୍କ ଆତ୍ମହତ୍ୟା

**ବେଙ୍ଗାଲୁରୁ,୨୭।୪(ପି.ଟି.):** କରୋନା ଆକ୍ରାନ୍ତ ଜଣେ ୫୦ ବର୍ଷୀୟ ବ୍ୟକ୍ତି ସୋମବାର ହସ୍ପିଟାଲ ବିଲ୍ଡିଂର ପଞ୍ଚମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ଭିକ୍ଟୋରିଆ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ଶ୍ୱାସକ୍ରିୟାରେ ଗୁରୁତର ସମସ୍ୟା ଦେଖାଦେବାରୁ ଶୁକ୍ରବାର ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର କିଡ୍‌ନୀ ସମସ୍ୟା ମଧ୍ୟ ଥିଲା ବୋଲି ହସ୍ପିଟାଲ ସୂତ୍ରରୁ ଜଣାପଡିଛି। କ'ଣ ପାଇଁ ସେ ହସ୍ପଟାଲ ବିଲ୍ଡିଂରୁ ଡେଇଁ ଆତ୍ମହତ୍ୟା କଲେ ତାହାର ତଦନ୍ତ ଜାରି ରହିଛି।

## ବାୟୁରେ କରୋନାର ଆନୁବଂଶିକ ଉପାଦାନ

**ବେଜିଂ,୨୭।୪(ପି.ଟି.)**



କରୋନା ଭୂତାଣୁର ଆନୁବଂଶିକ ଉପାଦାନ ବାୟୁରେ ଥିବା ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି। ଏହି ଭୂତାଣୁ ଉପାଦାନରୁ ସଂକ୍ରମଣ ହେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଚାଇନାର ଉହାନ ସହରରେ ଥିବା ଦୁଇଟି ହସ୍ପିଟାଲ ଏବଂ କେତେକ ସର୍ବସାଧାରଣ ସ୍ଥାନରେ ପରିବେଶର ଅନୁଧ୍ୟାନ କରାଯାଇଥିଲା। ହଟ୍‌ସ୍ପଟ୍ ଅଞ୍ଚଳର ବାୟୁରେ ଭୂତାଣୁର ଆର୍‌ଏନ୍‌ଏ ଥିବା ଉହାନ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ସମେତ ଅନ୍ୟମାନେ ଅନୁଧ୍ୟାନରୁ ଜାଣିବାକୁ ପାଇଛନ୍ତି। ତେବେ ଉକ୍ତ ଉପାଦାନର ସଂକ୍ରମଣ କ୍ଷମତା ରହିଛି କି ନାହିଁ ସେ ନେଇ ନେଚର ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନରେ କିଛି କୁହାଯାଇନାହିଁ। ୩୧ଟି ସ୍ଥାନରୁ ୪୦ଟି ନମୁନା ସଂଗ୍ରହ କରାଯାଇ ଏହି ପରୀକ୍ଷା କରାଯାଇଥିଲା। ବାୟୁବାହିତ ଏହି ଉପାଦାନରୁ ସଂକ୍ରମଣ ଆଶଙ୍କା ଥିବାରୁ ଉକ୍ତ ଅଞ୍ଚଳକୁ ଉପଯୁକ୍ତ ଭାବେ ବିଶୋଧନ କରିବା, ଉତ୍ତମ ବାୟୁ ଚଳାଚଳ ଏବଂ ଦୂରତ୍ୱ ବଜାୟ ରଖିବା ଲାଗି ପରାମର୍ଶ ଦିଆଯାଇଛି।

କରୋନା ଆକ୍ରାନ୍ତଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ, ସଂକ୍ରମିତ ପୃଷ୍ଠକୁ ଛୁଇଁଲେ କିମ୍ବା ଆକ୍ରାନ୍ତ ଛିଙ୍କିଲେ କିମ୍ବା କାଶିଲେ ବାହାରୁଥିବା ଜଳକଣିକା ଶ୍ୱାସକ୍ରିୟାରେ ଅନ୍ୟ ଶରୀରକୁ ଗଲେ ତାହା ଉକ୍ତ ବ୍ୟକ୍ତିଙ୍କୁ ସଂକ୍ରମିତ କରିଥାଏ। ତେବେ ବାୟୁରେ ଭାସୁଥିବା ଭୂତାଣୁର ଆନୁବଂଶିକ ଉପାଦାନରେ ଏଭଳି ସାମର୍ଥ୍ୟ ରହିଛି କି ନାହିଁ ତାହାର ଅନୁଧ୍ୟାନ କରାଯାଉଥିବା ବୈଜ୍ଞାନିକମାନେ କହିଛନ୍ତି। କେ ଲାନ୍ ଓ ତାଙ୍କ ଟିମ୍ ଦୁଇଟି ସରକାରୀ ହସ୍ପିଟାଲରେ ଏରୋସୋଲ୍ ଟ୍ରାପ୍ ଲଗାଇଥିଲେ। ଗୁରୁତର ଅସୁସ୍ଥ ଏବଂ ସାମାନ୍ୟ ଲକ୍ଷଣ ଥିବା ରୋଗୀଙ୍କୁ ଏହି ଦୁଇ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ଭେଣ୍ଟିଲେଟର ଥିବା ୱାର୍ଡରେ ଭୂତାଣୁ ଆର୍‌ଏନ୍‌ଏ କମ୍ ଥିବାବେଳେ ଭେଣ୍ଟିଲେଶନ ନ ଥିବା ରୋଗୀଙ୍କ ପାଇଖାନାରେ ଆର୍‌ଏନ୍‌ଏର ସାନ୍ଦ୍ରତା ଅଧିକ ଥିବା ଜଣାପଡିଥିଲା। ସେହିପରି ସର୍ବସାଧାରଣ ସ୍ଥାନରେ ଭୂତାଣୁ ଆର୍‌ଏନ୍‌ଏ କମ୍ ରହିଥିଲା।

## ରୁଷିଆ ସେନାରେ ୮୭୪ କରୋନା ଆକ୍ରାନ୍ତ

**ମସ୍କୋ,୨୭।୪**

ରୁଷିଆ ସୈନ୍ୟବାହିନୀରେ ଏପର୍ଯ୍ୟନ୍ତ ୮୭୪ ଜଣ କରୋନାରେ ସଂକ୍ରମିତ ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରୁ ୩୭୯ ଜଣ ଘରେ ଆଇସୋଲେଶନରେ ରହିଥିବାବେଳେ ଅନ୍ୟମାନେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ରୁଷିଆରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୦,୯୪୯ରେ ପହଞ୍ଚିଥିବାବେଳେ ୭୪୭ ଜଣଙ୍କ ଜୀବନ ଗଲାଣି। ମାର୍ଚ୍ଚ ଶେଷ ଭାଗରୁ ଦେଶର ବିସ୍ତୀର୍ଣ୍ଣ ଅଞ୍ଚଳ ଲକ୍‌ଡାଉନରେ ରହିଛି। ମେ' ୯ରେ ହେବାକୁ ଥିବା ପାରମ୍ପରିକ ସାମରିକ ପରେଡ୍‌କୁ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛନ୍ତି। ସେନାରେ ସାମାଜିକ ଦୂରତ୍ୱକୁ ଅଧିକ ଗୁରୁତ୍ୱ ଦିଆଯାଉଛି।



ନୂଆଦିଲ୍ଲୀର ବାଂଲା ସାହିବ୍ ଗୁରୁଦ୍ୱାର ଗୋଷ୍ଠୀ ରୋଷଶାଳାରେ ଭକ୍ତମାନେ ଗରିବଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି।

## ସଂକ୍ଷେପରେ

### ଅନିଶ୍ଚିତତାରେ ରଥଯାତ୍ରା ଗଜପତି ମହାରାଜାଙ୍କୁ ଚିଠି ଲେଖିଲେ ବଳଭଦ୍ରଙ୍କ ବାଡ଼ଗ୍ରାହୀ

**ପୁରୀ ଅଫିସ,୨୭।୪:** ମହାମାରୀ କରୋନା ମଣିଷଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିଥିବାବେଳେ ଭକ୍ତ-ଭଗବାନଙ୍କ ମଧ୍ୟରେ ପାଚେରି ସୃଷ୍ଟି କରିଛି। କରୋନା କଟକଣା ଯୋଗୁ ଶ୍ରୀମନ୍ଦିରକୁ ଭକ୍ତଙ୍କୁ ଛଡ଼ାଯାଉନି। କେବଳ ସେବାୟତମାନେ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପାଦନ କରୁଛନ୍ତି। ଏସବୁ ଭିତରେ ଏବେ ମହାପ୍ରଭୁଙ୍କ ରଥଯାତ୍ରାକୁ ନେଇ ଅନିଶ୍ଚିତତା ଲାଗିରହିଛି। ଏଭଳି ସ୍ଥିତିରେ ସୋମବାର ଗଜପତି ମହାରାଜାଙ୍କୁ ଚିଠି ଲେଖିଛନ୍ତି ବଡଠାକୁର ବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର ଦାସମହାପାତ୍ର। ସେ ଦର୍ଶାଇଛନ୍ତି ଯେ, ଆସନ୍ତା ଜୁନ୍ ୨୩ ତାରିଖରେ ରଥଯାତ୍ରା। ଏହା ପୂର୍ବରୁ ଜୁନ୍ ୫ରେ ସ୍ନାନ ପୂର୍ଣ୍ଣିମା। ତେଣୁ ଏହିସବୁ କାର୍ଯ୍ୟ କିପରି ସୁଚାରୁ ରୂପେ ସମ୍ପାଦନ କରାଯିବ ଏଥିଲାଗି ତାଙ୍କ ସମେତ ଆଉ କେତେଜଣ ବରିଷ୍ଠ ଦଇତାପତି ସେବକ ବ୍ୟକ୍ତିଗତ ଭାବେ ଆଲୋଚନା କରିବାକୁ ଚାହୁଁଛନ୍ତି। ତେଣୁ ଗଜପତି ମହାରାଜାଙ୍କଠାରୁ ସେମାନେ ସମୟ ମାଗିଥିବା ଦାସମହାପାତ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

### ଅର୍ଥ ଅଭାବରୁ ହୋଇପାରିଲାନି ଚିକିତ୍ସା ପୁଅର ମୃତ୍ୟୁ ପରେ ଟଳିପଡ଼ିଲେ ମା'

**ସଜନାଗଡ଼, ୨୭।୪(ଡି.ଏନ.ଏ.):** ସନ୍ତାନର ବିୟୋଗ ମା' ପାଇଁ ଯେତିକି ଅସହ୍ୟ, ସେତିକି ଯନ୍ତ୍ରଣାଦାୟକ। ପୁଅର ମୃତ୍ୟୁରେ ବ୍ୟଥିତ ମା' ନିଜେ ମୃତ୍ୟୁମୁଖକୁ ଟାଣି ହୋଇଯିବା ଓ ଏକ ସଙ୍ଗରେ ମା'ପୁଅଙ୍କ ଜୁଇ ଜଳିବା ସାରା ଗାଁକୁ କରିଛି ଶୋକାକୁଳ। ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଗରଡ଼ିହ ପଞ୍ଚାୟତ ବାଲିଚୁଆ ଗ୍ରାମରେ। ଅର୍ଥ ଅଭାବରୁ ଚିକିତ୍ସା ନ ପାଇ ପୁଅର ମୃତ୍ୟୁ ହେବାର କିଛି ସମୟ ପରେ ମା' ମଧ୍ୟ ପ୍ରାଣ ହରାଇଛନ୍ତି।

ଗ୍ରାମର ରବୀନ୍ଦ୍ର ସିଂ (୩୫) ନାମକ ଯୁବକ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ପ୍ରଥମେ ବରହମ୍ପୁର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର ରବୀନ୍ଦ୍ରଙ୍କ ମା' ବେଲମଣି ଏବଂ ସ୍ତ୍ରୀ ଜାନକୀଙ୍କ ପାଖରେ ଅର୍ଥ ନ ଥିବାରୁ ସେ ଉପାୟଶୂନ୍ୟ ହୋଇପଡିଥିଲେ। ସେମାନେ ତାଙ୍କୁ କଟକ ନେବା ପରିବର୍ତ୍ତେ ଗତ ୨୪ ତାରିଖରେ ଘରକୁ ନେଇଆସିଥିଲେ। ରବିବାର ରାତି ୮ଟା ବେଳେ ରବୀନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ପାଖରେ ଥିବା ମା' ଏହାକୁ ସହ୍ୟ କରି ନ ପାରି କିଛି ସମୟ ପରେ ଭୂଇଁ ଉପରେ ଟଳି ପଡ଼ିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ପଞ୍ଚାୟତ ତରଫରୁ ଶେଷକୃତ୍ୟ ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରାଯାଇଛି। ନୀଳଗିରି ବିଧାୟକ ସୁକାନ୍ତ ନାୟକ ପହଞ୍ଚି ଉକ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ରବୀନ୍ଦ୍ରଙ୍କ ଗୋଟିଏ ପୁଅ, ୩ ଝିଅ ଅଛନ୍ତି।

### ବାଲେଶ୍ୱରରୁ ଆସି କ୍ୱାରାଣ୍ଟାଇନରେ ୨ ଯୁବକ

**ଚୌଦ୍ୱାର,୨୭।୪(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ତରଫରୁ ଗାନ୍ଧୀଛକସ୍ଥିତ ଟାଉନହଲ କ୍ୱାରାଣ୍ଟାଇନ କେନ୍ଦ୍ରରେ ସୋମବାର ବାଲେଶ୍ୱରରୁ ଆସିଥିବା ୨ ଯୁବକଙ୍କୁ ରଖାଯାଇଛି। ପୌରପାଳିକା ୧୭ନଂ ୱାର୍ଡ ନୂଆସାହି ଅଞ୍ଚଳର ଏହି ୨ଯୁବକ ବାଲେଶ୍ୱରର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସୋମବାର ରାତି ୨ଟାରେ ନିଜ ଘରେ ପହଞ୍ଚିଥିଲେ। ହେଲେ ପରିବାର ଲୋକେ ସୋମବାର ସକାଳୁ ତାଙ୍କୁ ଘର ନିକଟ ଜନୈକ ବ୍ୟକ୍ତିଙ୍କ ଘରେ ରଖିଥିଲେ। ସନ୍ଧ୍ୟାରେ ସାହି ଲୋକେ ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖିବା ପାଇଁ ପରାମର୍ଶ ଦେଇଥିଲେ ହେଁ ପରିବାର ଲୋକେ ଏହାକୁ ଗ୍ରହଣ କରି ନ ଥିଲେ। କିଛି ସମୟ ପାଇଁ ସାହିର ମୁରବୀ ଓ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ସାହି ମୁରବୀମାନେ ଉଭୟଙ୍କୁ ସ୍ଥାନୀୟ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରୀକ୍ଷା କରାଇ କ୍ୱାରାନଣ୍ଟାଇନରେ ଭର୍ତ୍ତି କରାଇଥିଲେ। ମଙ୍ଗଳବାର ପରିବାର ସଦସ୍ୟଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯିବ ବୋଲି ଜଣାପଡ଼ିଛି। ଏହି ୨ଜଣଙ୍କୁ ମିଶାଇ କ୍ୱାରାଣ୍ଟାଇନରେ ରହୁଥିବା ସଂଖ୍ୟା ୪ରେ ପହଞ୍ଚିଛି।

# ରଥଯାତ୍ରା ବନ୍ଦ ହାନିକାରକ ନୁହେଁ: ମୁକ୍ତିମଣ୍ଡପ

## ସେବକ, ସ୍ୱଳ୍ପ ପୋଲିସଙ୍କୁ ନେଇ ଆୟୋଜନ ହୋଇପାରିବ

**ପୁରୀ ଅଫିସ, ୨୭।୪**

ମହାମାରୀ କରୋନାର ସ୍ଥିତି ଦିନକୁ ଦିନ ଅଧିକ ବିଗିଡ଼ିବାରେ ଲାଗିଛି। ରାଜ୍ୟରେ ମଧ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଟପିଲାଣି। ଏହି ମହାମାରୀରୁ ମୁକୁଳିବା ପାଇଁ ଏବେ ବି ଓଡ଼ିଶା ଲଢେଇ କରୁଛି। କିନ୍ତୁ ବେକାବୁ କରୋନା। ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ଆସନ୍ତା ୩ ତାରିଖରେ ସରୁଥିବାବେଳେ ଏହାପରେ ପୁଣି କ'ଣ ନିର୍ଦ୍ଦେଶନାମା ଆସିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ କରୋନା ଯାଇଁ ମହାପ୍ରଭୁଙ୍କ ରଥଯାତ୍ରା ବି ଆଶଙ୍କା ଭିତରକୁ ଠେଲି ହୋଇଯାଇଛି। ଏଥର ରଥଯାତ୍ରା ହେବ କି ନାହିଁ ତାକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ସୋମବାର ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛି ମୁକ୍ତିମଣ୍ଡପ। ଏକ ପ୍ରେସ୍ ରିଲିଜ ଜରିଆରେ ମୁକ୍ତିମଣ୍ଡପ ପକ୍ଷରୁ ସୁଚିନ୍ତିତ ପରାମର୍ଶ ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, କରୋନାର ଭୟାବହତାକୁ ଦେଖି ଯଦି ରଥଯାତ୍ରା ବନ୍ଦ ହୁଏ ତେବେ କୌଣସି ହାନିକାରକ ନୁହେଁ। ଅନ୍ୟପକ୍ଷରେ ସେବକ ଏବଂ ଅଳ୍ପ ସଂଖ୍ୟକ ପୋଲିସଙ୍କ ଦ୍ୱାରା ରଥଯାତ୍ରା ଆୟୋଜନ ହୋଇପାରିବ ବୋଲି ମଧ ମୁକ୍ତିମଣ୍ଡପ ମତ ରଖିଛି।

ମୁକ୍ତିମଣ୍ଡପ କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ମିଶ୍ର ଏବଂ ସମ୍ପାଦକ ଅଜିତ ମିଶ୍ର ଜଣାଇଛନ୍ତି ଯେ, ଚଳିତବର୍ଷ କରୋନା ଭୂତାଶୁର ଭୟାବହତାକୁ ଦୃଷ୍ଟିରେ ରଖି ଦୂରଦର୍ଶନ ମାଧ୍ୟମରେ ଘରେ ବସି ଶ୍ରଦ୍ଧାଳୁଗଣ ସିଧାସଳଖ ବାମନରୂପୀ ଜଗନ୍ନାଥଙ୍କୁ ଦର୍ଶନ କରି ପୁଲକିତ ହୋଇପାରିବେ। ଏହାଦ୍ୱାରା କାହାର ଭାବାବେଗ କ୍ଷୁଣ୍ଣ ହେବ ନାହିଁ। ସେହିପରି ସେବକ ବନ୍ଧୁଙ୍କ ସହଯୋଗ ଏବଂ ଅଳ୍ପସଂଖ୍ୟକ ପୋଲିସଙ୍କ ରଥଟଣା କାର୍ଯ୍ୟରେ ପୂର୍ଣ୍ଣ ସହାୟତା ଆଧାରରେ ଏଥର ରଥଯାତ୍ରା ସମ୍ପାଦନ ହୋଇପାରିବ। ଯଦି ରାଜ୍ୟ ସରକାରଙ୍କ କଠୋର କଟକଣା ଦ୍ୱାରା ପୁରୀର ପ୍ରବେଶ ପଥଗୁଡ଼ିକୁ ଅବରୋଧ କରାଯାଏ ଏବଂ ସେବକ ଓ ପୋଲିସଙ୍କ ବ୍ୟତୀତ ସାଧାରଣ ବ୍ୟକ୍ତିଙ୍କ ଆଗମନ ଉପରେ ଅଙ୍କୁଶ ଲଗାଯାଏ ତେବେ କରୋନା ଦୁର୍ଗତିର ବ୍ୟାପକତାକୁ ଏଡ଼ାଇ ଦିଆଯାଇପାରେ। ମୁକ୍ତିମଣ୍ଡପ କାର୍ଯ୍ୟକାରୀ ସଭାପତି ଓ ସମ୍ପାଦକ ଏହା ମଧ କହିଛନ୍ତି, ଅନିବାର୍ଯ୍ୟ କାରଣବଶତଃ ଯଦି ରଥଯାତ୍ରା ପରମ୍ପରା ଭଙ୍ଗ ହୁଏ ତେବେ ହାନିକାରକ ନୁହେଁ। କାରଣ ଭକ୍ତ, ସେବକ, ଶ୍ରଦ୍ଧାଳୁ ସୁସ୍ଥ ରହିଲେ ମନ୍ଦିର ଓ ଦେବତା ହସି ଉଠିବେ। ସର୍ବୋପରି ଏହି ପରିପ୍ରେକ୍ଷୀରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ସର୍ବଜନ ଗ୍ରାହ୍ୟ ବୋଲି ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ମୁକ୍ତିମଣ୍ଡପର ଏହି ପ୍ରତିକ୍ରିୟା ସମ୍ପର୍କରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ବର୍ତ୍ତମାନ କରୋନାଜନିତ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ସବୁ ପ୍ରକାର ପ୍ରଚେଷ୍ଟା ସତ୍ତ୍ୱେ ଏହା ଥମିବାର ନାଁ ଧରୁନାହିଁ। ଏହି ପରିପ୍ରେକ୍ଷୀରେ ରଥଯାତ୍ରା କରିବା ଦ୍ୱାରା ଯଦି ସଂକ୍ରମଣ ଆହୁରି ବଢେ ତେବେ ଜାତୀୟସ୍ତରରେ ରାଜ୍ୟ ସରକାର ବଦନାମ୍ ହେବେ। ଯେତେ ପ୍ରକାର କଟକଣା କରି ମହାପ୍ରଭୁଙ୍କର ଏହି ମହାନ ଯାତ୍ରାକୁ ସମ୍ପାଦନ କରିବାକୁ ଉଦ୍ୟମ ହେଲେ ମଧ ସେଥିରେ କେତେଦୂର ସଫଳତା ମିଳିବ ତାହା ଅନୁମାନ କରାଯାଇ ପାରିବ ନାହିଁ। ବର୍ତ୍ତମାନ ମନୁଷ୍ୟମାନେ ଯେଉଁଭଳି ନିଜ ଘର ଭିତରେ ଆବଦ୍ଧ ରହି କାର୍ଯ୍ୟ କରୁଛନ୍ତି ମହାପ୍ରଭୁ ମଧ ସେହିଭଳି ମାନବୀୟ ଲୀଳା (ଚନ୍ଦନ ଯାତ୍ରା) କରୁଛନ୍ତି। ଅର୍ଥାତ୍ ଶ୍ରୀମନ୍ଦିର ଭିତରେ ହିଁ ଚାଲିଛି ଚନ୍ଦନ ଯାତ୍ରା। ସେହିପରି ମେଘନାଦ ପାଚେରି ଆଭ୍ୟନ୍ତରରେ ରଥଯାତ୍ରାର ବିଧି ରକ୍ଷା କଲେ ଭଲ ହୁଅନ୍ତା ବୋଲି ଡ. ଦାଶ ମତବ୍ୟକ୍ତ କରିଛନ୍ତି।

# କରୋନା ପାଇଁ ରଥଖଳା ଶୂନ୍‌ଶାନ୍

**ପୁରୀ ଅଫିସ,୨୭।୪**

- ନାହାନ୍ତି ଭୋଇ କି ମହାରଣା ସେବକ
- କାଠ ଉପରେ ପଡୁନି ବାରିସି ଚୋଟ



ରଥ ନିର୍ମାଣ ପାଇଁ ଆସିଥିବା କାଠ ରଥଖଳାରେ ପଡ଼ିରହିଛି।

ରଥଖଳା ସମ୍ପୂର୍ଣ୍ଣ ପ୍ରସ୍ତୁତ ସରିଛି। ରଥକାଠ ବି ପଡ଼ିରହିଛି। ହେଲେ ରଥଖଳାରେ ଦେଖାନାହାନ୍ତି ମହାରଣା ସେବକ କି ଭୋଇ ସେବକ। ଶୂନ୍‌ଶାନ୍ ହୋଇପଡ଼ିଛି ରଥଖଳା। ମହାମାରୀ କରୋନା ହିଁ ରଥଖଳାରେ ଖେଳାଇଦେଇଛି ଏମିତି ନୀରବତା। ଅକ୍ଷୟ ତୃତୀୟା ପରଠାରୁ ଧୀରେ ଧୀରେ ଚଳଚଞ୍ଚଳ ହୋଇପଡ଼େ ରଥଖଳା। କିନ୍ତୁ ଏ ବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଲକ୍‌ଡାଉନ କଟକଣା ଯୋଗୁ ମେ ୩ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିଛି ଶ୍ରୀମନ୍ଦିର ପ୍ରଶାସନ। ରାଜ୍ୟ ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମା କ'ଣ ରହିବ ତାହା ଉପରେ ହିଁ ନିର୍ଭର କରୁଛି ତିନିରଥ ନିର୍ମାଣ।

ଜୁନ୍ ୨୩ ତାରିଖରେ ରଥଯାତ୍ରା। ଆଉ ମାସେ ୨୫ଦିନ ସମୟ ରହିଲା। ହେଲେ ଏ ପର୍ଯ୍ୟନ୍ତ ରଥ ନିର୍ମାଣ ହୋଇପାରିଲା ନାହିଁ। ରଥ ନିର୍ମାଣରେ ବାଧକ ସାଜିଛି କରୋନା କଟକଣା। ରଥଯାତ୍ରାର ଆଦ୍ୟ ପର୍ବ କୁହାଯାଉଥିବା ଅକ୍ଷୟ ତୃତୀୟାରେ ରଥ ନିର୍ମାଣର ଅନୁକୂଳ ହୋଇଥାଏ। ରବିବାର ଶ୍ରୀମନ୍ଦିର ପରିସରରେ ରଥ ନିର୍ମାଣର ଅନୁକୂଳ ସରିଛି। ମାତ୍ର ଲକ୍‌ଡାଉନ କଟକଣା ଥିବାରୁ ରଥଖଳାରେ ନିର୍ମାଣ ଆରମ୍ଭ ହେଉନାହିଁ। ପ୍ରତିବର୍ଷ ଅକ୍ଷୟତୃତୀୟା ପରେ ରଥଖଳାରେ ରଥ ତିଆରି ଆରମ୍ଭ ହୋଇଯାଏ। ଭୋଇ ସେବକଙ୍କ ସହଯୋଗରେ ମହାରଣା ସେବକ ପ୍ରଥମେ ତୁମ୍ବ ତିଆରି କରିଥାନ୍ତି। ଏହାପରେ ରଥ ନିର୍ମାଣ କାମ ଆଗେଇ ଥାଏ। କିନ୍ତୁ ଏଥର ଅନୁକୂଳ ପରେ ଖାଁ ଖାଁ ରଥଖଳା। ଏଥିରେ ନିୟୋଜିତ ସେବକମାନେ ବି ଉଦାସ ମନରେ ରହିଛନ୍ତି। ହେଲେ ଏଭଳି ସମୟରେ ସରକାରଙ୍କ ନିଷ୍ପତ୍ତିକୁ ନେଇ ସେମାନେ ନୀରବ ଅଛନ୍ତି। ସୂଚନାଥାଉ କି, ତିନିରଥରେ ପ୍ରାୟ ୮୦ ଜଣ ମହାରଣା ସେବକ, ସମାନ ସଂଖ୍ୟକ ଭୋଇ ସେବକ କାମ କରିଥାନ୍ତି। ସେହିପରି ରୂପକାର, ଚିତ୍ରକର ଆଦି ବିଭିନ୍ନ ସେବକ ରଥ ନିର୍ମାଣରେ ସାମିଲ ହୋଇଥାନ୍ତି।

# ମ୍ୟାନ୍‌ମାର ଆଡ଼େ ମୁହାଁଇବ ଝଡ଼, ଓଡ଼ିଶାକୁ ବିପଦ ନାହିଁ

**ଭୁବନେଶ୍ୱର,୨୭।୪(ବ୍ୟୁରୋ)**

- ଆଣ୍ଡାମାନ ଉପକୂଳରେ ୩୦ରେ ଲଘୁଚାପ ସମ୍ଭାବନା
- ୧୭ ଜିଲାରେ ଝଡ଼ ବର୍ଷା ସୂଚନା

ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଓ ଏହାର ଆଖପାଖ ଅଞ୍ଚଳରେ ଆସନ୍ତା ୩୦ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ୪୮ ଘଣ୍ଟା ପରେ ଅବପାତ ରୂପ ନେବ। ପରେ ଏହି ଝଡ ଉତ୍ତର-ଉତ୍ତର -ପଶ୍ଚିମ ଦିଗ ଦେଇ ମେ ୩ରେ ମ୍ୟାନ୍‌ମାର ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି। ଓଡିଶା ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଏହାର ପ୍ରଭାବରେ ରାଜ୍ୟରେ ତାତି ବୃଦ୍ଧି ପାଇବ। ଆସନ୍ତା ୨୯ରୁ ମେ ୫ ଯାଏ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ। ପାରଦ ୪୩ ଡିଗ୍ରୀ ସେଲସିୟସ୍ ଯାଏ ଉଠିଯିବାର ସମ୍ଭାବନା ରହିଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗୀର, ସୋନପୁର, ସମ୍ବଲପୁର, ବୌଦ୍ଧ, ଦେବଗଡ, ଅନୁଗୋଳ, ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡା, କନ୍ଧମାଳ ଏବଂ ଖୋର୍ଦ୍ଧା ଜିଲାରେ ଘଡଘଡି ସହ ବର୍ଷା ଏବଂ ଝଡତୋଫାନ ହେବାର ସମ୍ଭାବନା ରହିଛି। ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାଛଡା ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଦେବଗଡ, ଭଦ୍ରକ, ଯାଜପୁର, କଟକ ଏବଂ କନ୍ଧମାଳ ଜିଲାର ଅଳ୍ପ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ କେତେକ ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ କୋରାପୁଟରେ ସର୍ବାଧିକ ୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଝାରସୁଗଡା ୬, ରାୟଗଡା ୪, ସମ୍ବଲପୁର ୪, କେନ୍ଦ୍ରାପଡାରେ ସର୍ବାଧିକ ୩ ମି.ମି.ବର୍ଷା ରେକର୍ଡ କରାଯାଇଛି।

# ପୋଲିସ କର୍ମଚାରୀଙ୍କୁ ୫୦ ଲକ୍ଷର ସହାୟତା ଘୋଷଣା

## ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଧନ୍ୟବାଦ ଜଣାଇଲେ ଡିଜିପି

**କଟକ ଅଫିସ୍, ୨୭।୪:** କରୋନା ମୁକାବିଲାରେ ନିୟୋଜିତ ହୋଇଥିବା ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଲେ ତାଙ୍କ ପରିବାର ବର୍ଗଙ୍କୁ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ଏନେଇ ସୋମବାର ରାଜ୍ୟ ସରକାରଙ୍କ ତରଫରୁ ଘୋଷଣା କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ। ସେ ଟୁଇଟ୍ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, କରୋନା ବିରୋଧୀ ଯୁଦ୍ଧରେ ପୋଲିସ କର୍ମଚାରୀମାନେ ଆଗ ଧାଡ଼ିର ଯୋଦ୍ଧା ଦାୟିତ୍ୱ ତୁଲାଉଛନ୍ତି।

# କରୋନାରେ ଜୀବନ ଗଲେ ଖବରଦାତାଙ୍କ ପରିବାର ପାଇବେ ୧୫ଲକ୍ଷ ସହାୟତା

**ଭୁବନେଶ୍ୱର, ୨୭।୪(ବ୍ୟୁରୋ)**

କରୋନା ମହାମାରୀ ଯୋଗୁ ସାରା ଦେଶରେ ଲକ୍‌ଡାଉନ ଜାରି ରହିଛି। ଏଭଳି ଘଡ଼ିସନ୍ଧି ସମୟରେ ସ୍ୱାସ୍ଥ୍ୟକର୍ମୀ, ପୋଲିସ କର୍ମଚାରୀ ଏବଂ ଖବରଦାତାମାନେ କ୍ଷେତ୍ରସ୍ତରରେ କାର୍ଯ୍ୟ ଜାରି ରଖିଛନ୍ତି। ଖବରଦାତାମାନେ ନିଜ ଜୀବନକୁ ବିପଦରେ ପକାଇ ନିଜ ଦାୟିତ୍ୱ ତୁଲାଉଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସେମାନଙ୍କ ଲାଗି ଏକ ବଡ ଘୋଷଣା କରିଛନ୍ତି। କାର୍ଯ୍ୟରତ ଖବରଦାତାମାନେ ଯଦି କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି ତେବେ ସେହି କ୍ଷେତ୍ରରେ ସେମାନଙ୍କ ପରିବାରକୁ ୧୫ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କରୋନା ଯୋଗୁ ସାରା ବିଶ୍ୱରେ ଏକ ବିରାଟ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଛି। ଏହିପରିପ୍ରେକ୍ଷୀରେ କରୋନା ଭାଇରସ୍ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହ ଏଭଳି କଠିନ ପରିସ୍ଥିତିରେ ମଧ ଖବରଦାତାମାନେ ନିଷ୍ଠାର ସହିତ ସେମାନଙ୍କ ଦାୟିତ୍ୱ ନିର୍ବାହ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ ସ୍ୱାଗତ ଜଣାଇବା ସହିତ ଏହାଦ୍ୱାରା ଗଣମାଧ୍ୟମ ପ୍ରତିନିଧିମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ମଙ୍ଗରାଜ କହିଛନ୍ତି।

# ଗାଁ ଫେରିବାକୁ ବଢ଼ିଲା ଉତ୍କଣ୍ଠା

## ୪୮ ଘଣ୍ଟାରେ ପଞ୍ଜୀକରଣ କଲେ ୪.୮୬ ଲକ୍ଷ

**ଭୁବନେଶ୍ୱର, ୨୭।୪(ବ୍ୟୁରୋ)**

ଲକ୍‌ଡାଉନ୍ ଯୋଗୁ ଓଡ଼ିଶା ବାହାରେ ଲକ୍ଷ ଲକ୍ଷ ଓଡ଼ିଆ ଫସି ରହି ହଇରାଣ ହେଉଛନ୍ତି। ତେବେ ସେମାନଙ୍କୁ ଓଡ଼ିଶା ଫେରାଇ ଆଣିବାକୁ ରାଜ୍ୟ ସରକାର ଘୋଷଣା କରିବା ସହ ଏଥିପାଇଁ ପଞ୍ଜୀକରଣ ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ଗାଁ ଫେରିବାକୁ ପ୍ରବାସୀ ଓଡ଼ିଆଙ୍କ ଉତ୍କଣ୍ଠା ବଢ଼ିଯାଇଛି। ପଞ୍ଜୀକରଣରୁ ଯେମିତି ବଞ୍ଚିତ ନ ହେବେ ସେଥିପାଇଁ ପ୍ରବାସୀ ଓଡ଼ିଆ ଓ ସେମାନଙ୍କ ପରିବାର ବ୍ୟତିବ୍ୟସ୍ତ ହୋଇପଡୁଥିବା ଦେଖିବାକୁ ମିଳୁଛି। ପଞ୍ଚାୟତ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ସରକାରଙ୍କ ଟୋଲ୍ ଫ୍ରି ନମ୍ବରକୁ ବାରମ୍ବାର ଫୋନ୍ କରି ପଚାରି ବୁଝୁଛନ୍ତି। ଇତିମଧ୍ୟରେ ପଞ୍ଚାୟତ ସ୍ତରରେ ଓ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପୋର୍ଟାଲରେ ପଞ୍ଜୀକରଣ ଦ୍ରୁତ ଗତିରେ ଚାଲିଛି। କେହି ନିଜେ ପଞ୍ଜୀକରଣ କରୁଥିବାବେଳେ ଆଉ କେହି ସମ୍ପର୍କୀୟଙ୍କ ପାଇଁ ପଞ୍ଜୀକରଣ କରୁଛନ୍ତି। ଗତ ୨୪ ତାରିଖରୁ ଏହି ପଞ୍ଜୀକରଣ ଆରମ୍ଭ ହୋଇଛି। ୪୮ ଘଣ୍ଟା ମଧ୍ୟରେ ୪ ଲକ୍ଷ ୮୬ ହଜାର ପଞ୍ଜୀକରଣ ହୋଇଥିବା କୋଭିଡ୍-୧୯ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ କହିଛନ୍ତି।

ସୂଚନାଯୋଗ୍ୟ, ବିନା ପଞ୍ଜୀକରଣରେ କେହି ଓଡ଼ିଶା ଫେରି ପାରିବେ ନାହିଁ। ଯେଉଁମାନେ ଫେରିବେ ସେମାନଙ୍କୁ ଗ୍ରାମପଞ୍ଚାୟତ ସ୍ତରରେ ଖୋଲା ଯାଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନିଆଯିବ। ସେଠାରେ ସେମାନଙ୍କୁ ୧୪ ଦିନ ସଙ୍ଗରୋଧରେ ରଖାଯିବ। ଓଡ଼ିଶା ଫେରନ୍ତାଙ୍କ ପାଇଁ ୬୭୯୮ଟି ଗ୍ରାମପଞ୍ଚାୟତରେ ନୋଡାଲ ଅଫିସରଙ୍କୁ ତାଲିମ ଦିଆଯାଇଛି।

# ବସ୍‌ରେ ପ୍ରବାସୀ ଓଡ଼ିଆଙ୍କୁ ଫେରାଇ ଆଣିବା ଚିନ୍ତା

**ଭୁବନେଶ୍ୱର, ୨୭।୪(ବ୍ୟୁରୋ):** ରାଜ୍ୟ ବାହାରେ ଫସି ରହିଥିବା ଓଡ଼ିଆଙ୍କୁ ଓଡ଼ିଶା ଫେରାଇ ଆଣିବା ବର୍ତ୍ତମାନ ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହାଇଛି। ରାଜ୍ୟକୁ ୫ଲକ୍ଷରୁ ଅଧିକ ପ୍ରବାସୀ ଓଡ଼ିଆ ଶ୍ରମିକ ଫେରିବେ। ଏମାନଙ୍କୁ ଫେରାଇ ଆଣିବା ପାଇଁ ସରକାର ବିଭିନ୍ନ ବ୍ୟବସ୍ଥା କରୁଛନ୍ତି। ଟ୍ରେନ୍ ଓ ବିମାନ ସେବା ସ୍ୱାଭାବିକ ନ ହେଲେ ଶ୍ରମିକମାନଙ୍କୁ ବସ୍ ଯୋଗେ ଆଣିବା ପାଇଁ ଚେଷ୍ଟା କରାଯିବ। ତେବେ ଏତେ ଲୋକଙ୍କୁ କିପରି ବସ୍ ଯୋଗେ ଅଣାଯିବ ତାହା ବର୍ତ୍ତମାନ ଚିନ୍ତାର କାରଣ ପାଲଟିଗଲାଣି। କାରଣ ରାଜ୍ୟରେ ରହିଛି ୧୫ ହଜାର ବସ୍। ଏ ନେଇ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଚିନ୍ତା ପ୍ରକଟ କରିବା ସହିତ କହିଛନ୍ତି ଯେ, ସେମାନଙ୍କୁ ଫେରାଇ ଆଣିବା ପାଇଁ ଆମ ରାଜ୍ୟରେ ଥିବା ୧୫ହଜାର ବସ୍ ବ୍ୟବହାର କରାଯିବ। ଅନ୍ୟ ପାଖାପାଖି ରାଜ୍ୟଗୁଡ଼ିକରୁ ମଧ ଅଣାଯିବ। ଯଦି ଅନ୍ୟ ରାଜ୍ୟରୁ ସମ୍ଭବ ହେବ ତେବେ ସେମାନଙ୍କୁ ପରିବହନ ମୂଲ୍ୟ ଦେଇ ଅଣାଯିବାର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ବସ୍‌ରେ ଆସିବା ସମୟ ସାପେକ୍ଷ। ଯଦି କେନ୍ଦ୍ର ସରକାର ସ୍ୱତନ୍ତ୍ର ଟ୍ରେନରେ ଅଣାଯିବାର ବ୍ୟବସ୍ଥା କରନ୍ତି ତେବେ ଭଲ ହେବ ବୋଲି ମନ୍ତ୍ରୀ କହିଛନ୍ତି।

### ରାଜ୍ୟରେ ରହିଛି ମାତ୍ର ୧୫ ହଜାର ବସ୍

ଅନ୍ୟପଟେ ବସ୍‌ରେ ଲୋକଙ୍କୁ ଫେରାଇ ଆଣିବା ନିଷ୍ପତ୍ତିକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ନାପସନ୍ଦ କରିଛନ୍ତି। ସେ କହିଛନ୍ତି ଯେ, ସୁରଟରେ ଫସି ରହିଥିବା ୧ ଲକ୍ଷ ଲୋକଙ୍କୁ ବସ୍‌ରେ ଆଣିବା ସମ୍ଭବ ନୁହେଁ। ଏମାନଙ୍କୁ ଆଣିବା ପାଇଁ ଟ୍ରେନ୍‌ର ବ୍ୟବସ୍ଥା କରାଯିବା ଉଚିତ। ଏନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସହିତ ଆଲୋଚନା କରି ପଦକ୍ଷେପ ନିଅନ୍ତୁ ବୋଲି ପ୍ରଦୀପ୍ତ ନାଏକ କହିଛନ୍ତି।

# ଟ୍ରକ୍ ଡ୍ରାଇଭରଙ୍କ ପାଇଁ ୨୨୩ ଢାବା ଖୋଲିବାକୁ ଅନୁମତି

**ଭୁବନେଶ୍ୱର, ୨୭।୪(ବ୍ୟୁରୋ)**

### ୩୦ ଜିଲାରେ ଖୋଲା ରହିବ ୧୪୦ ଗ୍ୟାରେଜ

ରାଜ୍ୟରେ କରୋନା ମୁକାବିଲା ସକାଶେ ଲକ୍‌ଡାଉନ ଜାରି ଥିବା ସତ୍ତ୍ୱେ ଜରୁରିକାଳୀନ ସେବାରେ ଏବଂ ମାଲ ପରିବହନରେ ନିୟୋଜିତ ଟ୍ରକ୍‌ଗୁଡିକ ଚଳାଚଳ କରୁଛନ୍ତି। ଏହାସହ ଆମ୍ବୁଲାନ୍ସ ଏବଂ ପାସ୍ ସଂଗ୍ରହ କରି ଜରୁରୀ କାର୍ଯ୍ୟରେ ସାମିଲ ଥିବା କେତେକ ଗାଡ଼ି ମଧ ଚଳପ୍ରଚଳ କରୁଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟତଃ ଟ୍ରକ୍ ଡ୍ରାଇଭରମାନଙ୍କ ଖାଇବା, ପିଇବାର ସୁବିଧା ପାଇଁ ରାଜ୍ୟ ସରକାର ସୋମବାର ରାଜ୍ୟର ୨୨୩ଟି ଢାବା ଖୋଲିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗାଡ଼ି ମରାମତି ଲାଗି ସମ୍ପୂର୍ଣ୍ଣ ରାଜ୍ୟରେ ୧୪୦ଟି ଗ୍ୟାରେଜ ଖୋଲାଯିବା ନେଇ ନିର୍ଦ୍ଦେଶ ଦେଇଛନ୍ତି। ପୁରୀରେ ୩ଟି, ଖୋର୍ଦ୍ଧାରେ ୫, ନୟାଗଡ଼ରେ ୫, ଯାଜପୁରରେ ୨, କେନ୍ଦ୍ରାପଡ଼ାରେ ୨, ଭଦ୍ରକରେ ୧, ବାଲେଶ୍ୱରରେ ୬, ମୟୂରଭଞ୍ଜରେ ୮, ଗଞ୍ଜାମରେ , ୭,ଗଜପତି ୨, କୋରାପୁଟରେ ୧୦, ରାୟଗଡ଼ା ୪, ନବରଙ୍ଗପୁର ୩, ସୁନ୍ଦରଗଡ଼ ୧୬ ଏବଂ ସମ୍ବଲପୁରରେ ୧୬ଟି ଗ୍ୟାରେଜ ଖୋଲା ରହିବ। କଟକ, ଜଗତ୍‌ସିଂହପୁର, ଫୁଲବାଣୀରେ କୌଣସି ଗ୍ୟାରେଜ ଖୋଲା ରହିବନାହିଁ। ସେହିପରି ଝାରସୁଗୁଡ଼ା, ଫୁଲବାଣୀ, ନବରଙ୍ଗପୁର ଏବଂ ଜଗତ୍‌ସିଂହପୁରକୁ ଛାଡ଼ି ଅନ୍ୟ ଜିଲାଗୁଡ଼ିକରେ କିଛିକିଛି ମିଶାଇ ମୋଟ ୨୨୩ଟି ଢାବା ଖୋଲାଯିବ। ମାତ୍ର କେନ୍ଦୁଝର ଜିଲା ଲାଗି ଢାବା ଏବଂ ଗ୍ୟାରେଜ ଖୋଲିବାକୁ କୌଣସି ନୋଟିସ ବାହାର କରାଯାଇନାହିଁ। କେବଳ ଅନୁମତିପ୍ରାପ୍ତ ଗ୍ୟାରେଜ ଏବଂ ଢାବା ଖୋଲାଯିବ ବୋଲି ସୂଚନା ଦିଆଯାଇଛି।

# ପୁଣି ଚେନ୍ନାଇରୁ ବୋଟ୍‌ରେ ଫେରିଲେ ୩୯ ଦାଦନ

**ଚିକିଟି,୨୭।୪(ଡି.ଏନ.ଏ.)**



ବୋଟ୍‌ରେ ଫେରିଥିବା ଦାଦନ ଶ୍ରମିକ।

ଲକ୍‌ଡାଉନ କଟକଣା ପରେ ଚେନ୍ନାଇରେ ଫସିଥିବା ଗଞ୍ଜାମ ଜିଲାର ବହୁ ଦାଦନ ଶ୍ରମିକ ବିପଦପୂର୍ଣ୍ଣ ଭାବେ ଜଳପଥ ଦେଇ ଘରକୁ ଫେରୁଛନ୍ତି। ୩୮ଜଣ ଶନିବାର ଆସି ପହଞ୍ଚିଥିବାବେଳେ ସୋମବାର ପୁଣି ୩୯ ଦାଦନ ଶ୍ରମିକ ବୋଟ୍ ଯୋଗେ ଚେନ୍ନାଇରୁ ସମୁଦ୍ର ପଥ ଦେଇ ଆସି ପହଞ୍ଚିଛନ୍ତି। ଅପରାହ୍ନ ପ୍ରାୟ ୩ଟାରେ ଚିକିଟି ବ୍ଲକ ରାମେୟାପାଟଣା ମୁହାଣରେ ବୋଟ୍‌ଟି ଲାଗିଥିଲା। ସେଥିରେ ରାମେୟାପାଟଣାର ୧୨ଜଣ ଶ୍ରମିକ ଥିବାବେଳେ ପାଟିସୁନ୍ଦପୁରର ୯ ଓ ରଙ୍ଗେଇଲୁଣ୍ଡା ବ୍ଲକ୍‌ର ୪ଜଣ ଏବଂ ଆନ୍ଧ୍ରପ୍ରଦେଶର ୧୪ଜଣ ଶ୍ରମିକ ଥିବାବେଳେ ୮ଜଣ ବାଟରେ ଓହ୍ଲାଇ ପଡିଥିବା ଚିକିଟି ତହସିଲ୍‌ଦାର ହରପ୍ରସାଦ ଭୋଇ କହିଛନ୍ତି। ଏକ ବୋଟ୍ ୭୦ହଜାର ଟଙ୍କାରେ କିଣି ଗତ ୨୩ ତାରିଖରେ ଏମାନେ ଚେନ୍ନାଇରୁ ସମୁଦ୍ରପଥ ଦେଇ ବାହାରିଥିଲେ। ଆନ୍ଧ୍ର ସୀମାନ୍ତ ପଲାସା ଓ କାବେଟି ମଧ୍ୟସ୍ଥଳରେ ଡିଜେଲ ସରିଯିବା ଫଳରେ ଗ୍ରାମବାସୀଙ୍କୁ ଫୋନ କରି ଜଣାଇଥିଲେ। ପରେ ଗ୍ରାମର କେତେଜଣ ଲୋକ ଡିଜେଲ ଧରି ଅନ୍ୟଏକ ବୋଟ୍‌ରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଡିଜେଲ ଭରିବା ପରେ ଦୁଇଟି ବୋଟ୍ ସେଠାରୁ ବାହାରି ସୋମବାର ଅପରାହ୍ନରେ ରାମେୟାପାଟଣା ମୁହାଣରେ ପହଞ୍ଚିଛି। ପୂର୍ବରୁ ସୂଚନା ପାଇ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ, ଚିକିଟି ତହସିଲ୍‌ଦାର, ବିଡିଓ ଫାଲ୍‌ଗୁନୀ ମାଝି ଏବଂ ଗୋଳନ୍ଥରା ଓ ମେରାଇନ୍ ଥାନା ପୋଲିସ୍ ରାମେୟାପାଟଣା ମୁହାଣରେ ପହଞ୍ଚିଥିଲେ। ସମସ୍ତ ଦାଦନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ରାମେୟାପାଟଣା ଗ୍ରାମସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଛନ୍ତି।

ସେହିପରି ଚେନ୍ନାଇରୁ ଆଉ ଏକ ବୋଟ୍‌ରେ ଗଞ୍ଜାମ ଜିଲା ରାମେୟାପାଟଣା, ପାଟିସୁନପୁର, ମାରକଣ୍ଡି, ଗୋପାଳପୁର, ଗୋଳାବନ୍ଧ, ରେ. କତୁରୁ, ବନ୍ଦର, ଆର୍ଯ୍ୟପଲି, ଅଗସ୍ତିନୂଆଗାଁ ଅଞ୍ଚଳର ୩୫ଜଣ ଫେରୁଥିବା ସୂଚନା ମିଳିଛି। ଆର୍ଯ୍ୟପଲି ମେରାଇନ୍ ପୋଲିସ ଓ ପ୍ରଶାସନିକ ଅଧିକାରୀ ସଜାଗ ରହିଥିଲେ ମଧ ଖବର ଲେଖାହେବା ସୁଦ୍ଧା ବୋଟ୍‌ଟି ପହଞ୍ଚି ନାହିଁ।

ସୂଚନାଯୋଗ୍ୟ ଗତ ୨୨ ତାରିଖରେ ୨୭ ଜଣ ମତ୍ସ୍ୟଜୀବୀ ସମୁଦ୍ରପଥ ଦେଇ ସୁନୁପୁର ମୁହାଣରେ ପହଞ୍ଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କ୍ୱାରାଣ୍ଟାଇନରେ ରଖାଯାଇଥିବା ବେଳେ ପୁଣି ୨୫ରେ ୩୮ଜଣ ଫେରି ପାଟିସୁନୁପୁର ଗ୍ରାମସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଛନ୍ତି।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୮ ଏପ୍ରିଲ, ୨୦୨୦



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..........................



ସ୍ୱାଗତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗେ ଚାନ୍ଦ, ପଛେ ଚାନ୍ଦ**
**ତାକୁ ନେଇ ଗୋରୁ ଖୁଣ୍ଟରେ ବାନ୍ଧ।**

ସାଧାରଣତଃ ଗାଈ ବଳଦ କିଣିଲା ବେଳେ ଦେଖି ଚାହିଁ କିଣିବାକୁ ପଡ଼ିଥାଏ। ତା'ର ଶାରୀରିକ ଗଠନ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଟିକିନିଖି ଯାଞ୍ଚ କରିବାକୁ ପଡ଼ିଥାଏ। ଏପରି ସ୍ଥଳେ ଗୋରୁଙ୍କ ଶରୀରରେ ଚାନ୍ଦ ଚିହ୍ନଥିଲେ ତାହା ଉତ୍ତମ ଗୋରୁ ହୋଇଥିବା ନେଇ ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆପଣା ଆପଣା ପର ପର,**
**ଯେ ନ ଚିହ୍ନିପାରେ ବର୍ବର।**

ମୂର୍ଖ ନିଜକୁ ବା ପରକୁ ଚିହ୍ନିପାରେ ନାହିଁ। କିଏ ନିଜର କିଏ ପର ନ ଜାଣିପାରିଲେ ମଣିଷ ଠକି ହୋଇଯାଏ। ନିଜ ଓ ପର ମଧ୍ୟରେ ପ୍ରଭେଦ ଜାଣି ପାରୁ ନ ଥିବା ବ୍ୟକ୍ତି ମୂଢ଼ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୨ ନିଲମ୍ବିତ,୬ ଜଣଙ୍କ ନାଁରେ ମାମଲା

### ବ୍ଲକ ଆକାଉଣ୍ଟରୁ ଟଙ୍କା ଟ୍ରାନ୍ସଫର ଘଟଣା

ବାରିପଦା ଅଫିସ/ଠାକୁରମୁଣ୍ଡା, ୨୭।୪(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକକୁ ସାମାଜିକ ସୁରକ୍ଷା ଯୋଜନାରେ ଆସିଥିବା ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜଣେ ସାଧାରଣ ଲୋକଙ୍କ ସଞ୍ଚୟ ଖାତାରେ ଜମା ହେବା ଘଟଣାରେ ଜିଲାପାଳ ବିନୀତ ଭରଦ୍ୱାଜ ବ୍ଲକ କ୍ୟାସିୟର ପୂର୍ଣ୍ଣଚନ୍ଦ୍ର ନାୟକ ଓ ସାମାଜିକ ସୁରକ୍ଷା ଅଧିକାରୀ ଛତିଶ ମାଝିଆଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ଅନ୍ୟପକ୍ଷେ ସରକାରୀ ଅର୍ଥ ତୋଷରପାତ କରାଯିବା ଦର୍ଶାଇ ବିଡିଓଙ୍କ ଅଭିଯୋଗ କ୍ରମେ ଠାକୁରମୁଣ୍ଡା ଥାନାରେ ଅନ୍ୟ ୬ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ,୨୦୧୭-୧୮ ଓ ୨୦୧୯ ଆର୍ଥିକ ବର୍ଷରେ ଜିଲା ଟ୍ରେଜେରୀରୁ ପର୍ଯ୍ୟାୟ କ୍ରମେ ମୋଟ ୫ କୋଟି ୭୭ ଲକ୍ଷ ୯୨ ହଜାର ୪୬୫ ଟଙ୍କା ଭତ୍ତା ଅର୍ଥ ଠାକୁରମୁଣ୍ଡା ବ୍ଲକକୁ ପଠାଯାଇଥିଲା। ତେବେ ବ୍ଲକ ଅଧିକାରୀଙ୍କ ଭୁଲ ଯୋଗୁ ଏହା ବ୍ଲକ ଆକାଉଣ୍ଟ (ନଂ.୫୪୬୫୧୦୧୦୦୦୦୭୯୪୩) କୁ ନ ଯାଇ ଠାକୁରମୁଣ୍ଡା ଥାନା ବଡ଼ପୋଷି ଗ୍ରାମର ବେଣୁଧର ମହାନ୍ତଙ୍କ ଠାକୁରମୁଣ୍ଡା ଶାଖା ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ ଥିବା ସଞ୍ଚୟ ଖାତା (ନଂ.୫୪୬୫୧୦୧୧୦୦୦୭୯୪୩)ରେ ଜମା ହୋଇ ଆସୁଥିଲା। ଏ ସମ୍ପର୍କରେ ବିଭାଗ ନିକଟରେ କୌଣସି ସୂଚନା ନ ଥିଲା। ଏବେ କରୋନା ଲାଗି ୩ ମାସର ଆଗୁଆ ଭତ୍ତା ଟଙ୍କା ଦେବାକୁ ନିର୍ଦ୍ଦେଶ ଆସିବା ପରେ ଉକ୍ତ ତ୍ରୁଟି ଜଣା ପଡ଼ିଥିଲା। ଗତ ୨୩ ତାରିଖରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି କଲେକ୍ଟର ପ୍ରମିଳା ମଲ୍ଲିକ, କରଞ୍ଜିଆ ପିଏ ଆଇଟିଡିଏ ସୁନାକର ଶର୍ମା, ଟ୍ରେଜେରୀ ଅଧିକାରୀ ଶୁଭାଶିଷ ଘଡେଇ ପ୍ରମୁଖ ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ମିଳିବା ପରେ ଜିଲାପାଳ ଭରଦ୍ୱାଜ ବ୍ଲକର କ୍ୟାସିୟର ନାୟକ ଏବଂ ସାମାଜିକ ସୁରକ୍ଷା ଅଧିକାରୀ ମାଝିଆଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ୨୫ ତାରିଖରେ ବିଡ଼ିଓ ଶ୍ୟାମସୁନ୍ଦର ରୁଜୁ ସରକାରୀ ଅର୍ଥ ତୋଷରପାତ କରିବା ନେଇ ଆକାଉଣ୍ଟଧାରୀ ବଡ଼ପୋଷି ଗ୍ରାମର ବେଣୁଧର ମହାନ୍ତ, ତତ୍କାଳୀନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା ପରିଚାଳକ ବାଜିନାଥ କଣ୍ଡେଲକେଲ,ବର୍ତ୍ତମାନର ଶାଖା ପରିଚାଳକ ଇନ୍ଦ୍ରାଣିସୋହନ ସିଂ,ଠାକୁରମୁଣ୍ଡା ବ୍ଲକ ତତ୍କାଳୀନ ସାମାଜିକ ସୁରକ୍ଷା ଅଧିକାରୀ ଗୋପୀନାଥ ସଏ,ତତ୍କାଳୀନ ଏବିଡ଼ିଓ ପାର୍ସକେଲ କିରୋ, ଜିଲା ଡିଏସ୍ଏସ୍ଓ ନରେଶ ଚନ୍ଦ୍ର ବିନ୍ଧାଣି ପ୍ରମୁଖ ୬ ଜଣଙ୍କ ନାମରେ ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୪୮/୨୦୨୦) ରୁଜୁ ହୋଇ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ଆକାଉଣ୍ଟଧାରୀ ଉକ୍ତ ଟଙ୍କାରୁ ୧ ଲକ୍ଷ ୫୫ହଜାର ଟଙ୍କା ଉଠାଣ କରି ଖର୍ଚ୍ଚ କରିଦେଇଛନ୍ତି।

# ଲକ୍‌ଡାଉନ ସମୟରେ ସାମିଲ ହେଲେଣି ଲକ୍ଷେ ନୂତନ ହିତାଧିକାରୀ

### ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ ବାଣ୍ଟିବାରେ ଓଡ଼ିଶା ଆଗରେ

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟର ANNAVITARANA.NIC.IN ପୋର୍ଟାଲର ତଥ୍ୟ ଅନୁଯାୟୀ ଓଡ଼ିଶା ଏକମାତ୍ର ରାଜ୍ୟ, ଏଠାରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଏକକାଳୀନ ୩ ମାସର ଚାଉଳ ଓ ଡାଲି ବିନା ମୂଲ୍ୟରେ ଯୋଗାଉଛି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ମଧ୍ୟ ଅତିରିକ୍ତ ଚାଉଳ ବାବଦକୁ ଏକକାଳୀନ ୩ ମାସର ଚାଉଳ ଦିଆଯାଉଛି। କେନ୍ଦ୍ର ଯୋଜନା ଭଳି ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ ସାମଗ୍ରୀ ବଣ୍ଟନରେ ଆଗରେ ରହିଛନ୍ତି। ଅନ୍ୟ ରାଜ୍ୟଗୁଡିକ ଅପେକ୍ଷା ଓଡ଼ିଶା ଏବଂ ଉତ୍ତରାଖଣ୍ଡ ୩ ମାସର ରାଶନ ପ୍ରଦାନରେ ଆଗରେ ରହିଛନ୍ତି। ରାଶନ କାର୍ଡଧାରୀଙ୍କ ପିଛା ନଗଦ ରିଲିଫ ଆକାରରେ ହଜାରେ ଟଙ୍କା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ଏହି ବାବଦରେ ମୋଟ ୯୧୦କୋଟି ଟଙ୍କା ବଣ୍ଟନ କରାଯାଇଛି। ଲକ୍‌ଡାଉନ୍ ଅବଧି ମଧ୍ୟରେ ଏବେସୁଦ୍ଧା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩୬ ହଜାର ୫୧୮ଟି ପରିବାରର ୯୯ ହଜାର ୨୮୭ ଜଣ ନୂଆ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି। ମନ୍ତ୍ରୀ ସ୍ୱାଇଁ ଆହୁରି କହିଛନ୍ତି ଯେ, ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନୀ ଓ ଯୋଗାଣକୁ ସୁଗମ କରିବା ପାଇଁ ଗଠିତ ସଚିବସ୍ତରୀୟ କମିଟି ପ୍ରତ୍ୟେକ ସ୍ତରରେ ତଦାରଖ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡଧାରୀଙ୍କୁ ଆଗୁଆ ୩ ମାସର ରାଶନ ସାମଗ୍ରୀ ଏକକାଳୀନ ଯୋଗାଇ ଦିଆଯାଇଛି। ଦେଶରେ ଏକକାଳୀନ ଅଗ୍ରିମ ୩ ମାସର ରାଶନ ସାମଗ୍ରୀ ଯୋଗାଇବାରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଉଭୟ ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ଏପ୍ରିଲ, ମେ ଏବଂ ଜୁନ୍ ମାସର ରାଶନ ସାମଗ୍ରୀ ଯୋଗାଇ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ମୋଟ ୮୮ ଲକ୍ଷ ୭୧ ହଜାର ୬୧୪ଜଣ କାର୍ଡଧାରୀଙ୍କୁ ଆଗୁଆ ତିନିମାସର ରାଶନ ଯୋଗାଇ ଦିଆଯାଇଛି ଯାହା ମୋଟ ହିତାଧିକାରୀଙ୍କ ସଂଖ୍ୟାର ୯୪.୭ ପ୍ରତିଶତ। ସେହିପରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ବିନା ମୂଲ୍ୟରେ ୩ ମାସ ପାଇଁ ମୁଣ୍ଡ ପିଛା ୫ କେଜି ଚାଉଳ ଏବଂ କାର୍ଡ ପିଛା ଏକ କେଜି ହରଡ଼ ଡାଲି ତିନିମାସ ଯୋଗାଇ ଦିଆଯାଉଛି । ଏଥିଲାଗି ଏବେ ସୁଦ୍ଧା ୨ ଲକ୍ଷ ୬୬ ହଜାର ୭୯ ମେଟ୍ରିକ ଟନ ଚାଉଳ ଉଠାଣ ସରିଛି, ଯାହା ମୋଟ ପରିମାଣର ୫୪.୫ ପ୍ରତିଶତ ବୋଲି ମନ୍ତ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

# ସିଏଏ ବିରୋଧୀ ଆନ୍ଦୋଳନକାରୀ ମହିଳା ଏବେ ଜେଲରେ

ନୂଆଦିଲ୍ଲୀ,୨୭।୪(ପିଟି)

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ବିରୋଧରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିବା ଜାମିଆ ମିଲିଆ ଇସ୍‌ଲାମିଆ(ଜେଏମ୍‌ଆଇ) ବିଶ୍ୱବିଦ୍ୟାଳୟର ଜନୈକା ଗବେଷଣାରତ ଛାତ୍ରୀ ସଫୁରା ଜର୍‌ଗାର ଏବେ ତିହାର ଜେଲ୍‌ରେ ବନ୍ଦୀ ଜୀବନ କାଟୁଛନ୍ତି। ଫେବୃୟାରୀ ମାସରେ ଉତ୍ତର ଦିଲ୍ଲୀରେ ହୋଇଥିବା ଦଙ୍ଗାର ମୁଖ୍ୟ ଷଡ଼ଯନ୍ତ୍ରକାରୀଭାବେ ଦର୍ଶାଇ ପୋଲିସ ସଫୁରାଙ୍କ ବିରୋଧରେ ଆତଙ୍କବାଦୀ ନିରୋଧ ଆଇନରେ ଏକ ମାମଲା ରୁଜୁ କରି ଗତ ୧୦ତାରିଖରେ ଗିରଫ କରିଥିଲା। ସେବେଠାରୁ ସେ ତିହାର ଜେଲ୍‌ରେ ଅଛନ୍ତି। ସବୁଠାରୁ ମୁଖ୍ୟ କଥା ହେଲା ଯେ, ସଫୁରା ଏବେ ଗର୍ଭବତୀ ଅଛନ୍ତି। କୋଭିଡ୍-୧୯ ଯୋଗୁ ସାରା ଦେଶ ଲକ୍‌ଡାଉନରେ ଥିବାବେଳେ ତିହାର ଜେଲ୍‌ରେ ବନ୍ଦୀଙ୍କ ସଂଖ୍ୟା ମଧ୍ୟ ଆବଶ୍ୟକଠାରୁ ଅଧିକ ରହିଛି। ଏଭଳିସ୍ଥିତିରେ ଜଣେ ଗର୍ଭବତୀ ମହିଳାଙ୍କୁ ଗିରଫ କରାଯାଇ ଜେଲ୍‌ରେ ରଖାଯାଇଛି। ଏପରିକି ଲକ୍‌ଡାଉନ କଟକଣାର ଆଳ ଦେଖାଇ ତାଙ୍କୁ ପରିବାର ଲୋକଙ୍କସହ ଫୋନରେ କଥା ହେବାକୁ ସୁଯୋଗ ମଧ୍ୟ ଦିଆଯାଉ ନାହି ବୋଲି ସଫୁରାଙ୍କ ଓକିଲ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ପ୍ରଥମଥର ପାଇଁ ଗର୍ଭଧାରଣ କରିଥିବା ୨୭ବର୍ଷୀୟା ସଫୁରା ଜାମିଆ ସମନ୍ୱୟ କମିଟି(ଜେସିସି)ର ଜଣେ ସଦସ୍ୟା ଅଟନ୍ତି। ଗତବର୍ଷ ଡିସେମ୍ବର ମାସରେ ପାର୍ଲାମେଣ୍ଟରେ ପାସ୍ ହୋଇଥିବା ସିଏଏ ବିରୋଧରେ ଜେସିସି ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ନୂଆଦିଲ୍ଲୀରେ ଧାରଣା ଦିଆଯାଇଥିଲା। ସିଏଏ ଦେଶରେ ରହୁଥିବା ୧୮କୋଟି ସଂଖ୍ୟାଲଘୁ ମୁସ୍‌ଲିମ୍ ସମ୍ପ୍ରଦାୟ ବିରୋଧରେ ଭେଦଭାବ ସୃଷ୍ଟି କରିବ। ଯାହାକି ଦେଶର ଧର୍ମନିରପେକ୍ଷ ନୀତିର ବିରୋଧି ଦର୍ଶାଇ ଜେସିସି ସଦସ୍ୟମାନେ ବିକ୍ଷୋଭ କରୁଥିଲେ। ହେଲେ ସଫୁରା ଗର୍ଭବତୀ ଥିବାରୁ ଦଙ୍ଗା ସୃଷ୍ଟି ସମୟରେ ଘରେ ରହୁଥିଲେ। ତାଙ୍କୁ ପୋଲିସ ବିନା କାରଣରେ ଗିରଫ କରିଛି। ବିଶେଷକରି ଦେଶରେ ଲକ୍‌ଡାଉନ ଜାରିଥିବାବେଳେ ଜଣେ ଗର୍ଭବତୀଙ୍କୁ ଗିରଫ କରାଯାଇ ଜେଲ୍ ପଠାଯିବା ଉଚିତ୍ ନୁହେଁ। ବିଚାରବିଭାଗ ଉପରେ ଭରସା ରହିଛି, ତୁରନ୍ତ ସଫୁରା ଜେଲ୍‌ରୁ ମୁକୁଳିବେ ବୋଲି ସଫୁରାଙ୍କ ଜଣେ ଶିକ୍ଷକ ପ୍ରକାଶ କରିଛନ୍ତି।

# କେନ୍ଦୁପତ୍ର ସଂସ୍ଥାରୁ କର୍ମଚାରୀ ଛଟେଇ ରୋକିବାକୁ ଦାବି

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

କେନ୍ଦୁପତ୍ର ଶ୍ରମିକମାନେ ପ୍ରତିବର୍ଷ ରାଜ୍ୟ ସରକାରଙ୍କୁ ପାଖାପାଖି ୫୦୦ କୋଟି ଟଙ୍କାର ରାଜସ୍ୱ ଦେଉଛନ୍ତି । ଗରିବ ଓ ଆଦିବାସୀଙ୍କ ଅର୍ଥନୀତିରେ ପ୍ରମୁଖ ସ୍ଥାନ ଗ୍ରହଣ କରିଥିବା କେନ୍ଦୁପତ୍ର ତୋଳାଳି ଏବଂ ଏହାସହ ଜଡିତ କେନ୍ଦୁପତ୍ର ସଂସ୍ଥାର ଅନ୍ୟ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଗତି କରୁଛି ବୋଲି ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି।

ପୁରୋହିତ କହିଛନ୍ତି ଯେ, ୧୯୭୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଅମଳରେ କେନ୍ଦୁପତ୍ର ସଂସ୍ଥାକୁ ଜାତୀୟକରଣ କରାଯାଇଥିଲା । ବର୍ତ୍ତମାନ ଓଡ଼ିଶାରେ ୧୪ ଲକ୍ଷ ଶ୍ରମିକ କେନ୍ଦୁପତ୍ର ସଂସ୍ଥା ସହ ଜଡ଼ିତ ଅଛନ୍ତି । ଲକ୍‌ଡାଉନ୍ ଯୋଗୁ କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଶ୍ରମିକମାନଙ୍କୁ ଛଟେଇ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାସତ୍ତ୍ୱେ କେନ୍ଦ୍ରର ଗାଇଡ୍‌ଲାଇନ୍‌କୁ ଅଣଦେଖା କରି ରାଜ୍ୟ ସରକାର କେନ୍ଦୁପତ୍ର ସଂସ୍ଥାରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟରତ ୨ ହଜାର ସିଜନାଲ କର୍ମଚାରୀଙ୍କୁ ଛଟେଇ କରିବା ପାଇଁ ନିଷ୍ପତ୍ତି ନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି । ଗରିବ ଆଦିବାସୀ କେନ୍ଦୁପତ୍ର ତୋଳାଳି ଓ ଶ୍ରମିକଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପୁରୋହିତ ଦାବି ଜଣାଇଛନ୍ତି । ସର୍ବନିମ୍ନ ମଜୁରି ବୃଦ୍ଧି ହେଲେ କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ସିଜନାଲ କର୍ମଚାରୀଙ୍କ ଦରମା ବୃଦ୍ଧି ହୋଇଥାଏ । ମାତ୍ର ୨୦୧୯ ଅକ୍ଟୋବରରୁ ଏହା ଲାଗୁ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରି ନ ଥିବା ଯୋଗୁ ସଂସ୍ଥାରେ କାର୍ଯ୍ୟରତ ୧୮ ହଜାର ସିଜନାଲ କର୍ମଚାରୀ ପ୍ରଭାବିତ ହୋଇଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ଲକ୍‌ଡାଉନ ସହ ଅର୍ଥନୀତିକୁ ...

ଭିଡିଓ କନ୍‌ଫରେନ୍ସରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍‌ଶାହା, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ, ପିଏମ୍‌ଓ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇ.କେ ପାଲାନିସାମୀ, ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ ସାଙ୍ଗମା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ନାରାୟଣସ୍ୱାମୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମାର୍ଚ୍ଚ ୨୨ରୁ ପ୍ରଧାନମନ୍ତ୍ରୀଙ୍କର ମୁଖ୍ୟମନ୍ତ୍ରୀମାନଙ୍କ ସହ ଏହା ଚତୁର୍ଥ ଭିଡିଓ କନ୍‌ଫରେନ୍ସ ଥିଲା।

ଲକ୍‌ଡାଉନ ଯୋଗୁ ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ଦାଦନ ଶ୍ରମିକମାନଙ୍କୁ ସେମାନଙ୍କ ରାଜ୍ୟକୁ ପଠାଇବା ଲାଗି କେନ୍ଦ୍ର ସରକାର ସ୍ୱତନ୍ତ୍ର ନୀତି ପ୍ରସ୍ତୁତ କରିବା ଲାଗି ମୁଖ୍ୟମନ୍ତ୍ରୀମାନେ ପ୍ରସ୍ତାବ ଦେଇଥିଲେ। ଦାଦନମାନଙ୍କ ସମସ୍ୟା ସମ୍ପର୍କରେ ବିହାର ମୁଖ୍ୟମନ୍ତ୍ରୀ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଅର୍ଥନୀତିକୁ ସଜାଡ଼ିବା ଲାଗି ୨୦୦୮ରେ ଉପା ସରକାରଙ୍କ ଭଳି ବର୍ତ୍ତମାନର ସରକାର ଏକ ପ୍ରୋତ୍ସାହନ ପ୍ୟାକେଜ୍ ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀମାନେ ଦାବି କରିଥିଲେ। ତେବେ ପ୍ୟାକେଜ୍ ସମ୍ପର୍କରେ ପ୍ରଧାନମନ୍ତ୍ରୀ କୌଣସି ପ୍ରତିଶ୍ରୁତି ଦେଇ ନ ଥିବା ନାରାୟଣସ୍ୱାମୀ କହିଛନ୍ତି। ଲକ୍‌ଡାଉନ ଉଠାଇବା ନିଷ୍ପତ୍ତି କେନ୍ଦ୍ର ଉପରେ ଛାଡ଼ିଦିଆଯାଇଛି। ବିଦେଶରେ ଅଟକି ରହିଥିବା ପର୍ଯ୍ୟଟକ ଓ ଛାତ୍ରୀଛାତ୍ରଙ୍କୁ ଫେରାଇଆଣିବା ଦିଗରେ ସରକାର ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀମାନେ ପ୍ରସ୍ତାବ ରଖିଥିଲେ। କରୋନା ସଂକ୍ରମଣ କମାଇବାରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଓଡ଼ିଶା ଓ ବିହାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକୁ ମୋଦି ଉଚ୍ଚ ପ୍ରଶଂସା କରିଥିଲେ।

### ଓଡ଼ିଶାର ପଦକ୍ଷେପକୁ ...

ନିୟନ୍ତ୍ରଣ ଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କହୁଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା କିନ୍ତୁ ବଢ଼ିବାରେ ଲାଗିଛି। ଆସନ୍ତା ୩ତାରିଖ ପରେ କି ପଦକ୍ଷେପ ନିଆଯିବ ସେନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ବିଭିନ୍ନ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଭିଡିଓ କନଫରେନ୍ସିଂରେ ଆଲୋଚନା କରିଛନ୍ତି। ଏହି ଆଲୋଚନାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ କରୋନା ପରିସ୍ଥିତି ନେଇ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। କରୋନା ମହାମାରୀକୁ ରୋକିବା ଦିଗରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିଛି। ରାଜ୍ୟ ସରକାର ସବୁ ଜିଲାରେ ଆଗୁଆ କୋଭିଡ ହସ୍ପିଟାଲ ନିର୍ମାଣ କରିବାକୁ ପଦକ୍ଷେପ ନେଇଛନ୍ତି। ଅନେକ ଜିଲାରେ ଏହା କାର୍ଯ୍ୟକ୍ଷମ ହୋଇଗଲାଣି। ପଞ୍ଚାୟତସ୍ତରରେ କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲାଯାଇ ଅନ୍ୟ ରାଜ୍ୟରୁ ଆସୁଥିବା ଲୋକମାନଙ୍କୁ ରଖାଯାଇ ଖାଇବା ପିଇବା ସହିତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଥିବା ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ଏଥିସହିତ ରେଡ ଜୋନଗୁଡ଼ିକରେ କୋଭିଡ-୧୯ ସଂକ୍ରମଣ ନିରୋଧ ଗାଇଡଲାଇନ୍‌କୁ କଡ଼ାକଡ଼ି ପାଳନ କରିବା ସହ ସେଗୁଡ଼ିକୁ ଅରେଞ୍ଜ ଏବଂ ଗ୍ରୀନ୍ ଜୋନ୍‌ରେ ପରିବର୍ତ୍ତନ କରିବାକୁ ପଦକ୍ଷେପ ନେବା ନିମନ୍ତେ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଗଣମାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଅନ୍ୟ ରାଜ୍ୟରେ ରହିଥିବା ଲୋକଙ୍କୁ ଆଣିବା ପାଇଁ ଆସନ୍ତା ୩୦ତାରିଖ ପୂର୍ବରୁ କେନ୍ଦ୍ର ସରକାର ଏକ ସ୍ପଷ୍ଟ ଗାଇଡ୍‌ଲାଇନ କରିବାକୁ ମତ ରଖାଯାଇଛି। ଏଥିସହିତ ଯେଉଁମାନେ ରାଜ୍ୟକୁ ଫେରିବେ ସେମାନଙ୍କ କୋଭିଡ୍-୧୯ ପରୀକ୍ଷା କରି ଏକ କ୍ଲିୟରାନ୍ସ ସାର୍ଟିଫିକେଟ ଦେବାକୁ କୁହାଯାଇଛି। ଅନ୍ୟରାଜ୍ୟରୁ ଫେରିବାକୁ ଥିବା ଶ୍ରମିକଙ୍କ ପାଇଁ ସମସ୍ତ ଜିଲାରେ ପ୍ରସ୍ତୁତି କରାଯାଇଛି। ଏନେଇ ରାଜ୍ୟ ସରକାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲୁଏଚ୍‌ଓ) ଏବଂ ଆଇସିଏମ୍‌ଆର୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ରାଜ୍ୟ ସରକାରଙ୍କ ଆଗୁଆ ପଦକ୍ଷେପ ଯୋଗୁ ରାଜ୍ୟରେ କରୋନା ନିୟନ୍ତ୍ରଣରେ ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ଆଉ ୬ଦିନ ପରେ ଲକ୍‌ଡାଉନ ରହିବ କି ଉଠିବ ସେନେଇ ଅଶଙ୍କା ବଢ଼ି ଯାଇଛି। ଏନେଇ କେନ୍ଦ୍ର ସରକାର କି ପଦକ୍ଷେପ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ବ୍ୟବସାୟୀଙ୍କଠାରୁ ଆରମ୍ଭ କରି, ଶୋ'ରୁମ ମାଲିକ, ଗହଣା ଦୋକାନୀ, ଇ-କମର୍ସ କମ୍ପାନୀ, ସପିଙ୍ଗ୍‌ମଲ, ସିନେମା ହଲ, ଶ୍ରମିକ, ଘରୋଇ କମ୍ପାନୀ ପ୍ରମୁଖ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି। ଗତ ଦେଢ଼ମାସ ଧରି ବନ୍ଦ ପଡ଼ିଥିବା ବ୍ୟବସାୟ ପୁଣି ପୂର୍ବଭଳି ଚାଲିବ କି ନାହିଁ ସେହି ଚିନ୍ତା ସବୁ ବର୍ଗର ଲୋକଙ୍କୁ ଘାରିଛି।

### ମେ ୨୧ ସୁଦ୍ଧା ୯୭%...

ମଧ୍ୟପ୍ରଦେଶର ଇନ୍ଦୋରର ସଂକ୍ରମଣ ସ୍ଥିତିକୁ ଦେଖିଲେ ଉପରୋକ୍ତ ପୂର୍ବାନୁମାନ ମାତ୍ର ଏକ ସମ୍ଭାବନା ମନେ ହେଉଛି। କିନ୍ତୁ ଛୋଟ ରାଜ୍ୟ ଗୋଆ, ତ୍ରିପୁରା, ମଣିପୁର ଓ ଅରୁଣାଚଳପ୍ରଦେଶ କୋଭିଡ୍-୧୯ ମୁକ୍ତ ହୋଇପାରିଛି। ଗବେଷକଙ୍କ ଆକଳନ ଅନୁଯାୟୀ, ବିଶ୍ୱରେ ମହାମାରୀର ପ୍ରକୋପ ଆସନ୍ତା ମେ ୨୯ରେ ୯୭% ଲୋପ ପାଇବାକୁ ଥିବାବେଳେ ଜୁନ୍ ୧୬ରେ ୯୯% ଏବଂ ଡିସେମ୍ବର ୮ରେ ସମ୍ପୂର୍ଣ୍ଣ ଭାବେ(୧୦୦%) ସମାପ୍ତ ହେବ। ଗତ ଏପ୍ରିଲ ୧୧ ତାରିଖକୁ ଗବେଷକମାନେ ଟର୍ନିଂ ଡେଟ୍ ବୋଲି ଦର୍ଶାଇଛନ୍ତି।

ଚାଇନାରେ ଫେବୃୟାରୀ ୮କୁ ଟର୍ନିଂ ଡେଟ୍ ଭାବେ ଦର୍ଶାଯାଇଥିବାବେଳେ ମହାମାରୀର ପ୍ରକୋପ ଫେବୃୟାରୀ ୨୭ରେ ୯୭% ବିଲୋପ ହୋଇଥିବା ଗବେଷକମାନଙ୍କ ପକ୍ଷରୁ କୁହାଯାଇଛି। ବାସ୍ତବରେ ଦେଖିବାକୁ ଗଲେ, ଫେବୃୟାରୀ ୧୯ରେ ଚାଇନାରେ ଚିହ୍ନଟ ହୋଇଥିବା କରୋନା ସଂକ୍ରମିତଙ୍କ ସଂଖ୍ୟା ଏକ ମାସ ମଧ୍ୟରେ ସବୁଠୁ କମ୍ ଥିଲା। ଏଥିରୁ ଦେଶରେ ଟର୍ନିଂ ଡେଟ୍ ଅତିକ୍ରମ ହୋଇଥିବା ସୂଚନା ମିଳୁଛି। ସେହିପରି ମାର୍ଚ୍ଚ ୪ରେ ଚାଇନାରେ କରୋନାର ପ୍ରକୋପ ୯୯% ସମାପ୍ତ ହୋଇଥିବା ଏସ୍‌ଆଇଆର ମଡେଲ ଆକଳନ କରିଛି। ହେଲେ ମାର୍ଚ୍ଚ ୭ରେ ଚାଇନାରେ ୯୯ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ। କିନ୍ତୁ ଗୋଟିଏ ଦିନରେ ୧୦୦ ସଂଖ୍ୟା ତଳକୁ କରୋନା ରୋଗୀ ଚିହ୍ନଟ ହେବା ସେତେବେଳେ ପ୍ରଥମ ଘଟଣା ଥିଲା। ଗବେଷକଙ୍କ ଆକଳନ ଅନୁଯାୟୀ ଏପ୍ରିଲ ୯ରେ ଚାଇନାରେ କରୋନା ପ୍ରକୋପ ସମ୍ପୂର୍ଣ୍ଣ ସମାପ୍ତ ହେବା କଥା। କିନ୍ତୁ ଏହା ହୋଇପାରିନି। ଅଦ୍ୟାବଧି କମ୍ ସଂଖ୍ୟାରେ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି। କିନ୍ତୁ ଏପ୍ରିଲ ୮ରୁ କରୋନାର ଉତ୍ପତ୍ତିସ୍ଥଳ କୁହାଯାଉଥିବା ଚାଇନାର ଉହାନ ସହରରେ ଲୋକଙ୍କୁ ଲକ୍‌ଡାଉନରୁ ମୁକ୍ତ କରାଯାଇଥିଲା। ଏହାସହ ଦେଶରେ ଗତ କିଛି ସପ୍ତାହ ହେଲା ଚିହ୍ନଟ ହେଉଥିବା ସଂକ୍ରମିତମାନେ ବାହାର ଅଞ୍ଚଳରୁ ଆସିଥିବା ଚାଇନା ପକ୍ଷରୁ କୁହାଯାଉଛି। ଏସବୁକୁ ଦେଖିଲେ ସିଙ୍ଗାପୁର ଗବେଷକମାନଙ୍କ ପୂର୍ବାନୁମାନ ସହ ଚାଇନାର ସ୍ଥିତି ପ୍ରାୟ ମେଳ ଖାଉଛି। ତେଣୁ ଗବେଷକମାନଙ୍କ ଉପରୋକ୍ତ ଭବିଷ୍ୟବାଣୀରୁ ମନେହେଉଛି ଯେ, ଭାରତରେ ମହାମାରୀ କରୋନାର ଆୟୁଷ ସରି ସରି ଆସୁଛି।

### ଦକ୍ଷିଣ ଓଡ଼ିଶାକୁ ଡେଇଁଲା ...

ବୟସ ୫୫, ୨୨, ୨୩ ଓ ୨୯ ବର୍ଷ ହୋଇଥିବାବେଳେ ପୁରୁଷ ଜଣଙ୍କ ବୟସ ୨୭ ବର୍ଷ। ସମସ୍ତଙ୍କ ନିକଟରେ ଅଳ୍ପ କିଛି କରୋନା ଲକ୍ଷଣ ଦେଖା ଦେଇଥିଲା। ସମସ୍ତେ କ୍ୱାରାଣ୍ଟାଇନରେ ରହିଥିଲେ। ସେମାନେ କୁଆଡ଼େ ଯାଇଥିଲେ ଓ କାହା ସଂସ୍ପର୍ଶରେ ଆସିଥିଲେ ତାହା ଜାଣିବାକୁ କଣ୍ଟାକ୍ଟ ଟ୍ରେସିଂ ଚାଲିଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏମାନଙ୍କୁ ମିଶାଇ ବାଲେଶ୍ୱର ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬ ଛୁଇଁଛି। ସେହିପରି ଯାଜପୁର ବାସୁଦେବପୁର ଅଞ୍ଚଳର ଆଉଜଣେ ୩୪ ବର୍ଷୀୟ ଯୁବକଙ୍କ ନମୁନା ପଜିଟିଭ୍ ଆସିଛି। ସେ ମଧ୍ୟ କୋଲକାତା ଫେରନ୍ତା ଏବଂ ତାଙ୍କର କଣ୍ଟାକ୍ଟ ଟ୍ରେସିଂ ଜାରି ରହିଥିବା ମଧ୍ୟ ସରକାର ସୂଚନା ଦେଇଛନ୍ତି। ସେପଟେ ଦକ୍ଷିଣ ଓଡ଼ିଶାର ପ୍ରଥମ କରୋନା ଆକ୍ରାନ୍ତ ହେଉଛନ୍ତି କୋରାପୁଟ ଜିଲା ଦଶମନ୍ତପୁରର ଜଣେ ୨୨ ବର୍ଷୀୟ ଯୁବ ସ୍ୱାସ୍ଥ୍ୟକର୍ମୀ। ସେ ଷ୍ଟାଫ୍ ନର୍ସ ଭାବେ କାର୍ଯ୍ୟ କରନ୍ତି। ଗତ ୧୪ ତାରିଖରେ କୋଲକାତାରୁ ଫେରି କାର୍ଯ୍ୟରେ ଯୋଗ ଦେଇଥିଲେ। ପରେ ସେ କୌଣସି କାର୍ଯ୍ୟ ନ କରି କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ତାଙ୍କ ପାଖରେ କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। କିନ୍ତୁ ବାହାରୁ ଫେରିଥିବାରୁ ତାଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା ଓ ରିପୋର୍ଟ ପଜିଟିଭ୍ ଆସିଛି। ରାଜ୍ୟରେ ସ୍ୱାସ୍ଥ୍ୟ କର୍ମୀ କରୋନାରେ ଆକ୍ରାନ୍ତ ହେବା ମଧ୍ୟ ପ୍ରଥମ ଘଟଣା।

### ଶପଥ ନେଲେ ହାଇକୋର୍ଟ...

ଜଷ୍ଟିସ୍ ରଫିକ୍‌ଙ୍କୁ ମଞ୍ଚ ଉପରକୁ ପାଛୋଟି ନେଇଥିଲେ। ଏଥିସହ ଶପଥ ଗ୍ରହଣ ପାଇଁ ଉଦ୍ଦିଷ୍ଟ ନିର୍ଦ୍ଦେଶନାମା ମୁଖ୍ୟ ଶାସନ ସଚିବ ପାଠ କରିଥିଲେ ।

କରୋନା ସଂକ୍ରମଣ ଆଶଙ୍କାରେ କାର୍ଯ୍ୟକ୍ରମରେ ସୀମିତ ସଂଖ୍ୟକ ଅତିଥି ଯୋଗଦେଇଥିଲେ। ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ସହ ସମସ୍ତ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଥିଲା। ଶପଥ ଗ୍ରହଣ ବେଳେ ରାଜ୍ୟ ଆଇନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ହାଇକୋର୍ଟ ଏବଂ ଗୃହ ବିଭାଗ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଜଷ୍ଟିସ୍ ରଫିକ୍ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ତାଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ବଦଳି କରିବା ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ କରିଥିଲେ। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଗତ ୨୩ ତାରିଖରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରବିବାର ସେ ରାଜସ୍ଥାନ ଜୟପୁରରୁ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ତାଙ୍କୁ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ କୁମାରୀ ସଞ୍ଜୁ ପଣ୍ଡା ଓ ଅନ୍ୟମାନେ ସ୍ୱାଗତ କରିଥିଲେ ।

ସୂଚନାଯୋଗ୍ୟ, ପୂର୍ବତନ ମୁଖ୍ୟ ବିଚାରପତି କେ.ଏସ୍. ଝାବେରିଙ୍କ ଅବସର ପରଠାରୁ ଅର୍ଥାତ ଜାନୁୟାରୀ ୪ରୁ ବରିଷ୍ଠ ବିଚାରପତି ଜଷ୍ଟିସ୍ କୁମାରୀ ସଞ୍ଜୁ ପଣ୍ଡା କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଦାୟିତ୍ୱରେ ଥିଲେ। ଜଷ୍ଟିସ ରଫିକ୍‌ଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି। ଆହୁରି ୧୨ ବିଚାରପତି ପଦବୀ ଖାଲି ପଡ଼ିଛି। ଜଷ୍ଟିସ୍ ରଫିକ୍ ୨୦୦୬ ମେ'ରେ ରାଜସ୍ଥାନ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ଦୁଇଥର ସେଠାରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଦାୟିତ୍ୱରେ ମଧ୍ୟ ଥିଲେ। ୧୩ ନଭେମ୍ବର ୨୦୧୯ରେ ତାଙ୍କୁ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ରାହୁ ସହ ଚନ୍ଦ୍ରଙ୍କ ସଂଯୋଗ କାରଣରୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବା କଠିନ ହୋଇପାରେ । ନିଜ ପରିବେଶରେ ସହମତି ମାଧ୍ୟମରେ କାର୍ଯ୍ୟକଲେ ସଫଳତା ପାଇବେ । ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାର ଆଶଙ୍କା ରହିଛି ।

**ବୃଷ**



ରାଶିସ୍ଥ ଶୁକ୍ର ଯୋଗୁଁ ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ କର୍ମ କ୍ଷେତ୍ରରେ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ । ବାଣିଜ୍ୟ, ବ୍ୟବସାୟ ଭଲରେ ଚାଲିବ, କିନ୍ତୁ ଲାଭ ପାଇବାରେ ସନ୍ତୁଷ୍ଟ ହୋଇପାରିବେ ନାହିଁ । ବନ୍ଧୁମାନଙ୍କ ଜରିଆରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି ।

**ମିଥୁନ**



ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବାର ଆଶା ରହିଛି । ସାଧାରଣ କଥାକୁ କେନ୍ଦ୍ର କରି ପରିବାର ଭିତରେ ସମ୍ପର୍କ ହାନି ଯୋଗୁଁ ଚିନ୍ତା ପ୍ରକଟ କରିପାରନ୍ତି । ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା, କଳା, ସାହିତ୍ୟ, ଚଳଚ୍ଚିତ୍ର ତଥା ପ୍ରଶାସନିକ କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ ।

**କର୍କଟ**



ଦ୍ୱାଦଶସ୍ଥ ରାହୁ ଓ ଚନ୍ଦ୍ର ହେତୁ ଆଶା ଓ ନିରାଶାର ଦୋଛକିରେ ରହି ସମୟକୁ ପ୍ରତୀକ୍ଷା କରିବାକୁ ପଡିପାରେ । ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ପରିବାର ମଧ୍ୟରେ ପୂର୍ବ ସମସ୍ୟା ସମାଧାନ ହେବ । ସଭାସମିତିରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ବିବାଦ ବଢିବ ସିନା କିଛି ଲାଭ ହେବନି ।

**ସିଂହ**



ଉଚ୍ଚସ୍ଥ ମଙ୍ଗଳଜନିତ ସାମାଜିକ କ୍ଷେତ୍ରରେ ସତକଥା କହି ବିବାଦ ଘେରରେ ପଡିପାରନ୍ତି । ସାହିତ୍ୟ,କଳା, କ୍ରୀଡା,ସଙ୍ଗୀତ,ଚଳଚ୍ଚିତ୍ର ପ୍ରଭୃତି ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ । ଦୀର୍ଘଦିନରୁ ଲାଗି ରହିଥିବା ଶତ୍ରୁତା, ଅଶାନ୍ତି ଓ ଋଣଭାର କ୍ରମଶଃ ହ୍ରାସ ପାଇବ । ବିବାଦୀୟ ଘଟଣାରେ ବିଜୟଲାଭ କରିବାର ଆଶା ରହିଛି ।

**କନ୍ୟା**



ସାମୂହିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି । ପାଖ, ପଡୋଶୀଙ୍କ ସହ ପଇସା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ । ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ । ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତିତ ରହିପାରନ୍ତି ।

**ତୁଳା**



ତୃତୀୟ ଷଷ୍ଠାଧିପ ବୃହସ୍ପତି ଯୋଗୁଁ ଜଣେ ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବାର ଆଶା ରହିଛି । ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ । ଶିଳ୍ପ,ବାଣିଜ୍ୟ,ପରିବହନ, ସଭାସମିତି,ରାଜନୀତି, ସଂଗଠନ,ଗବେଷଣା ଓ ପ୍ରତିଯୋଗିତା କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ ।

**ବିଛା**



ଭାଗ୍ୟଧିପ ଅଷ୍ଟମସ୍ଥ ପାପଗ୍ରହ ଯୁକ୍ତ କାରଣରୁ ଆପଣ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିବାକୁ ଚେଷ୍ଟା କରିବା ଭଲ ହେବ । ବିଗତ ଦିନର କୌଣସି ଘଟଣା ସକାଶେ ଅପରାହ୍ନରେ ଟେନସନ୍ ବଢିପାରେ । ମାତ୍ରାଧିକ ଭ୍ରମଣ କିମ୍ବା କାମର ଚାପ ହେତୁକ କ୍ଳାନ୍ତି ଅନୁଭବ କରିବେ ।

**ଧନୁ**



ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ । ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି । ବନ୍ଧୁ ମାନଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ । ପୂର୍ବାଷାଢା ନକ୍ଷତ୍ର ଅର୍ଥ ଓ ସମ୍ମାନ ମିଳିବ,ବ୍ୟବସାୟିକ ଉନ୍ନତି କରିବେ ।

**ମକର**



ନିକଟ ସମ୍ପର୍କୀୟଙ୍କ ସହ ସୁସମ୍ପର୍କକୁ କେନ୍ଦ୍ର କରି ସମସ୍ୟା ଦେଖାଦେବ । ପାରିବାରିକ କ୍ଷେତ୍ରରେ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢିଯାଇପାରେ । କାଳେ ଦେବାକୁ ପଡିପାରେ,ଏହି କଥା ଚିନ୍ତା କରି ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ । ବନ୍ଧୁମାନଙ୍କ ସହ ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ ।

**କୁମ୍ଭ**



ରବି ଉଚ୍ଚସ୍ଥ ହେତୁ ବିବାଦୀୟ ପରିସ୍ଥିତିରେ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ । କର୍ମ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ଅନର୍ଥର କାରଣ ହୋଇପାରେ । ଶନିଙ୍କ ପ୍ରଭାବରେ ଆଇନ ସହାୟତା ଲାଭକରି ଦୂରଯାତ୍ରା ଆଶା ପୂରଣ ହେବାର ସମ୍ଭାବନା ରହିଛି ।

**ମୀନ**



ଶୁକ୍ର ପ୍ରଭାବରେ ପାଖ,ପଡୋଶୀଙ୍କ ସହାୟତାରେ ବାକି ପଡିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । କର୍ମକ୍ଷେତ୍ରରେ ବାକ୍ ସଂଯମତା ଅଭାବରୁ ସୁସମ୍ପର୍କ ବ୍ୟାହତ ହୋଇପାରେ । ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କାକୁ ଏଡି ହେବ ନାହିଁ । ବାଣିଜ୍ୟ, ବ୍ୟବସାୟରେ ଲାଭ ମିଳିବ ।

ଆଜି ବୈଶାଖ ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ ମଙ୍ଗଳବାର, ଏପ୍ରିଲ ୨୮ ତାରିଖ, ଦାର୍ଶନିକ ଦିବସ, ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ଓକିଲ ଦିବସ, ରାଶି ନକ୍ଷତ୍ର-ଆରଦ୍ରା । ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସାମବେଦୀ ବ୍ରତୋପନୟନ, ଦିବା ଘ.୦୭.୫୫ମି.ଗତେ ଘ.୧୦.୨୮ମି.ମଧ୍ୟେ, ଘ.୦୧.୦୦ମି.ଗତେ ଘ.୦୨.୪୨ମି.ମଧ୍ୟେ, ଘ.୦୩ .୩୨ମି.ଗତେ ଘ.୦୫.୧୪ମି.ମଧ୍ୟେ, ସନ୍ଧ୍ୟା ଘ.୦୬.୦୫ମି.ଗତେ ଘ.୦୬.୫୦ମି.ମଧ୍ୟେ, ରାତ୍ରି ଘ.୦୯.୦୫ମି.ଗତେ ଘ. ୧୧.୨୧ମି.ମଧ୍ୟେ ଅମୃତ ବେଳା । ଦିବା ଘ.୦୨.୫୪ମି.ଗତେ ଘ.୦୪.୩୦ମି.ମଧ୍ୟେ ରାହୁକାଳ ।

## ସଂକ୍ଷେପରେ

### ମଜୁରିଆଙ୍କ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିଲେ ଅରିନ୍ଦମ୍

**କଟକ ଅଫିସ,୨୭।୪:** ଲକ୍‌ଡାଉନ ସମୟରେ ଆର୍ଥିକ ସମସ୍ୟାରେ ଘାଣ୍ଟି ହେଉଛନ୍ତି ମଜୁରିଆ ଶ୍ରେଣୀର ଲୋକେ। ସେମାନଙ୍କର ରୋଜଗାର ନ ଥିବାରୁ ଆର୍ଥିକ ମେରୁଦଣ୍ଡ ଦୁର୍ବଳ ହୋଇଗଲାଣି। ଏମାନେ କେବଳ ସରକାରୀ କିମ୍ବା ସ୍ୱେଚ୍ଛାସେବୀଙ୍କ ସହାୟତାକୁ ଚାହିଁ ବସୁଛନ୍ତି। କଟକରେ ୫ହଜାରରୁ ଅଧିକ ଏଭଳି ପରିବାର ରହିଛନ୍ତି, ଯେଉଁମାନେ ମଜୁରି କାମ କଲେ ଦୈନିକ ପାରିଶ୍ରମିକରେ ସେମାନଙ୍କ ପରିବାର ଚଳେ। ଖଟିଖିଆ, ଦିନମଜୁରିଆଙ୍କ ସମସ୍ୟା ନେଇ ଓଲିଉଡ ଷ୍ଟାର ତଥା ବିଜେଡି ନେତା ଅରିନ୍ଦମ ରାୟ ଶୁକ୍ରବାର ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଭେଟିଛନ୍ତି। ସମ୍ପ୍ରତି ସଙ୍କଟ ସମୟରେ ଏହି ପରିବାରଗୁଡ଼ିକୁ କିପରି ସାଧାରଣ ମୌଳିକ ସୁବିଧା ସୁଯୋଗ ଠିକ ଭାବେ ଯୋଗାଇ ଦିଆଯିବ ସେ ସମ୍ପର୍କରେ ଆଲୋଚନା ହୋଇଛି ବୋଲି ଅରିନ୍ଦମ କହିଛନ୍ତି। ଅନ୍ୟପକ୍ଷରେ ସହରରେ ଏବେ ଅନେକ ପରିବାର ଏଭଳି ଦୟନୀୟ ସ୍ଥିତିରେ ଜୀବନଯାପନ କରୁଥିବା ଦେଖିବାକୁ ମିଳିଛି। ଏମାନେ ସାଧାରଣତଃ ବାହାର ଜିଲା କିମ୍ବା ଅନ୍ୟ ରାଜ୍ୟର ବାସିନ୍ଦା ବୋଲି ଜଣାପଡ଼ିଛି।

### ମାସ୍କ ନ ପିନ୍ଧି ୩ଶହ ଜଣ ଦେଲେ ଜରିମାନା
#### ୬୦ ହଜାର ଟଙ୍କା ଆଦାୟ

**କଟକ ଅଫିସ,୨୭।୪:** ଲକ୍‌ଡାଉନ ସମୟରେ ଘରୁ ବାହାରକୁ ବାହାରିଲେ ମାସ୍କ ପିନ୍ଧିବା ବାଧତାମୂଳକ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ହେଲେ କେତେଜଣ ବ୍ୟକ୍ତି ଏହି ନିୟମକୁ ମାନୁନାହାନ୍ତି। ଫଳରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସୋମବାର ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ଡେପୁଟି କମିଶନର ଡ. ଅବିନାଶ ରାଉତଙ୍କ ନେତୃତ୍ୱରେ ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ୩ଶହ ଲୋକଙ୍କଠାରୁ ପ୍ରାୟ ୬୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଯେଉଁମାନେ ଏହି ନିୟମକୁ ଭାଙ୍ଗିଥିଲେ ସିଏମ୍‌ସି ପକ୍ଷରୁ ସେମାନଙ୍କୁ ମାସ୍କ ପ୍ରଦାନ କରାଯାଇଥିଲା।

### ହାଇୱା ପଛରେ ପିଟି ହେଲା ବାଇକ୍, ଚାଳକ ମୃତ

**ପିପିଲି,୨୭।୪(ସ୍ୱ.ପ୍ର.):** ଭୁବନେଶ୍ୱର-ପିପିଲି ୩୧୬ ଜାତୀୟ ରାଜପଥ ଡିହସାହି ବାଇପାସଠାରେ ସୋମବାର ଅପରାହ୍ନରେ ଏକ ହାଇୱା ପଛପଟୁ ବାଇକ୍ ଧକ୍କା ଦେବା ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପୁରୀ ଜିଲା ସଦର ଥାନା ଚାଶ୍ରୀ ନିକଟ ବାଲିପୁଟ ଗ୍ରାମର ବିଜୟ କୁମାର ଦାଶ (୨୭)। ସେ କଟକ ଅଗ୍ନିଶମ ବିଭାଗରେ ଟ୍ରେନିଂ ନେଉଥିଲେ। ସୂଚନା ମୁତାବକ, ଅପରାହ୍ନ ୪ଟାରେ ବିଜୟ ଏକ ଆପାଚି ବାଇକ (ଓଆର ୦୨ବିଏକ୍ସ ୨୩୪୮)ରେ ପୁରୀରୁ କଟକ ଅଭିମୁଖେ ଯାଉଥିଲେ। ଡିହସାହି ବାଇପାସଠାରେ ଠିଆ ହୋଇଥିବା ହାଇୱା ଅସାବଧାନତାବଶତଃ ପଛପଟେ ପିଟି ହୋଇ ଯାଇଥିଲେ। ଏହାଦେଖି ସ୍ଥାନୀୟ ଲୋକେ ବିଜୟଙ୍କୁ ଗୁରୁତର ଅବସ୍ଥାରେ ପିପିଲି ସରକାରୀ ମେଡିକାଲକୁ ଆଣିଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପିପିଲି ଥାନା ଏସଆଇ ସନ୍ଦିପ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ବାଇକ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।






# ହସିବ ଓଡ଼ିଶା, ଫେରିବ ଖୁସି

ଭୁବନେଶ୍ୱର,୨୭।୪(ବ୍ୟୁରୋ)






- ଓଡ଼ିଶାବାସୀଙ୍କ ଧୈର୍ଯ୍ୟ ଆଗରେ ହାର୍ ମାନିବ କରୋନା
- ଟୁଇଟ୍ ଜରିଆରେ ସାହସ ଦେଲେ ମୁଖ୍ୟମନ୍ତ୍ରୀ

ବାତ୍ୟା ହେଉ କି ବନ୍ୟା। ଦୃଢତାର ସହ ମୁକାବିଲା କରିବାରେ କେବେ ପଛଘୁଞ୍ଚା ଦେଇନି ଓଡ଼ିଶା। ଯେତେ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ବି ଭାଙ୍ଗିପଡ଼ିନାହାନ୍ତି ଓଡ଼ିଶାବାସୀ। ପ୍ରତିଥର ଅଣ୍ଟାସଳଖି ଛିଡ଼ାହୋଇଛନ୍ତି। ପୂର୍ବଗୌରବ ଫେରିବା ସହ ନୂଆ ସକାଳ ଆସିଛି, ଆଉ ଫେରିଛି ରାଜ୍ୟବାସୀଙ୍କ ଖୁସି। ଏଥର ବି ପୁଣି ଫେରିବ ସେହି ଖୁସିର ଦିନ। ଆଉ ଥରେ ଆସିବ ନୂଆ ସକାଳ। ଏ ମହାମାରୀ ବି ଚାଲିଯିବ। କିଛିଦିନର ଅପେକ୍ଷା ପରେ ପୁଣି ସବୁ କିଛି ପୂର୍ବଭଳି ସ୍ୱାଭାବିକ ହୋଇଯିବ। ଓଡ଼ିଶାବାସୀଙ୍କ ଧୈର୍ଯ୍ୟ ଆଗରେ କରୋନା ହାର୍ ମାନିବ। ସୋମବାର ଟୁଇଟ୍ କରି ଓଡ଼ିଶାବାସୀଙ୍କୁ ଏଭଳି ସାହସ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ଏକ ମ୍ୟୁଜିକ୍ ଭିଡିଓକୁ ଶେୟାର କରି ମୁଖ୍ୟମନ୍ତ୍ରୀ ଧୈର୍ଯ୍ୟର ସହ କରୋନାର ସମ୍ମୁଖୀନ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

ପ୍ରଳୟଙ୍କରୀ ବାତ୍ୟା ହୁଦ୍‌ହୁଦ୍‌ରୁ ଆରମ୍ଭ କରି ଫନୀ ପର୍ଯ୍ୟନ୍ତ, କିଛି ବି ଓଡ଼ିଶାର ମନୋବଳକୁ ଦୋହଲାଇ ପାରି ଥିଲା। ଠିକ୍ ସେହିଭଳି ମହାମାରୀ କରୋନା ବି ଆମର କିଛି କ୍ଷତି କରିପାରିବ ନାହିଁ। ଜଗତର ନାଥ ଜଗନ୍ନାଥଙ୍କ ପହଡ଼ ଖୁବ୍‌ଶୀଘ୍ର ଭକ୍ତଙ୍କ ପାଇଁ ଉନ୍ମୁକ୍ତ ହେବ। ବଡ଼ଦାଣ୍ଡ ପୁଣିଥରେ 'ଜୟ ଜଗନ୍ନାଥ ସ୍ୱାମୀ' ଧ୍ୱନିରେ ପ୍ରକମ୍ପିତ ହେବ। ପୁଣିଥରେ ଦହିବରା ପାଖରେ ଭିଡ଼ ଲାଗିବ ଓ ହକିର ସ୍ୱାଭିମାନକୁ ଓଡ଼ିଶା ଫେରାଇ ଆଣିବ। ବାସ୍ ଏଥିପାଇଁ ଦିନ କେଇଟା ଆଉ ଅପେକ୍ଷା କରିବାକୁ ପଡ଼ିବ। ଏମିତି କିଛି କଥାକୁ ଗୀତ ଆକାରରେ ସଜାଇ ରାଜ୍ୟ ସରକାର ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରିଥିବାବେଳେ ଏହାର ରଚନା, ପ୍ରଯୋଜନା ସହ ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡା। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ୍ ଆନନ୍ଦ। ଏହାକୁ ସ୍ୱରରେ ସଜାଇଛନ୍ତି କଣ୍ଠଶିଳ୍ପୀ ସବିଶେଷ ଓ ଦିପ୍ତୀରେଖା। ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିବା ଏହି ଗୀତରେ ବହୁ ସେଲିବ୍ରିଟିଙ୍କୁ ଦେଖିବାକୁ ମିଳିଛି। କଳାକାରଙ୍କଠାରୁ ଆରମ୍ଭକରି କ୍ରୀଡାବିତ୍‌ଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ ଘରେ ମୋବାଇଲ୍ ମାଧ୍ୟମରେ ଭିଡ଼ିଓ କରି ଏଥିରେ ବାର୍ତ୍ତା ଦେଇଛନ୍ତି। ପଦ୍ମଶ୍ରୀ ହଳଧର ନାଗଙ୍କଠାରୁ ଆରମ୍ଭକରି ଚଳଚ୍ଚିତ୍ର ଅଭିନେତ୍ରୀ ବିଜୟଲକ୍ଷ୍ମୀ ପ୍ରହରାଜ, ଅପରାଜିତା ମହାନ୍ତି, ବର୍ଷା ପ୍ରିୟଦର୍ଶିନୀ, ଅର୍ଚ୍ଚିତା ସାହୁ, ଏଲିନା ସାମନ୍ତରାୟ, ପ୍ରକୃତି ମିଶ୍ର, ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି, ବାବୁସାନ୍, ପ୍ରଜ୍ଞାରଞ୍ଜନ ଖଟୁଆ, ନୀଳମାଧବ ପଣ୍ଡା, କ୍ରୀଡାବିତ୍ ଦିଲୀପ ତିର୍କୀ, ଦୂତୀ ଚାନ୍ଦ, ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖଙ୍କୁ ଏଥିରେ ଦେଖିବାକୁ ମିଳିଛି। ଶେଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ବାର୍ତ୍ତା ଦେଇଛନ୍ତି। ଏହି ଗୀତ କେବଳ ଓଡ଼ିଶାବାସୀଙ୍କ ମନରୁ ଭୟ ଦୂର କରିନି, ବରଂ ଏକାଠି ହୋଇ କରୋନା ମୁକାବିଲା କରିବାକୁ ସାହସ ଯୋଗାଇଛି।

# ହଜିଗଲା ମାନବିକତା

## କୁକୁରକୁ ହତ୍ୟା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଲକ୍‌ଡାଉନ୍ ସମୟରେ ଅନେକ ବୁଲାପ୍ରାଣୀ ଖାଇବାକୁ ନ ପାଇ ଓହଳ ବିକଳ ହେଉଛନ୍ତି। ଅନେକ ପଶୁପ୍ରେମୀ ଖାଇବାକୁ ଦେଇ ସେମାନଙ୍କୁ ବଞ୍ଚାଇ ରଖିଛନ୍ତି। ଏଭଳି ସମୟରେ ଜଣେ ବ୍ୟକ୍ତି ନିର୍ଦ୍ଦୟ ଭାବେ ଏକ କୁକୁରକୁ ପିଟିପିଟି ହତ୍ୟା କରିଛନ୍ତି। ଚନ୍ଦ୍ରଶେଖରପୁର ଥାନା ପଟିଆ ତନ୍ଦୁରୀୱାଲା ହୋଟେଲ ସମ୍ମୁଖରେ ଏହି ଘଟଣା ଘଟିଛି । ରବିବାର ରାତି ୯ଟାରେ ଯୁବକ ଜଣଙ୍କ ଯାଉଥିବା ବେଳେ କୁକୁର ଭୁକିବାରୁ ସେ ଏକ ଲୁହାରଡ୍‌ରେ ପିଟିପିଟି ମାରି ଦେଇଥିଲେ। ଏପରିକି ଛଟପଟ ହେଉଥିବା ବେଳେ ଦୁଇ ଗୋଡ଼କୁ ବାନ୍ଧି ଘୋଷାଡ଼ିଥିଲେ। କେତେଜଣ ଆନିମଲ୍ ହେଲ୍ପଲାଇନ୍‌ର ସଦସ୍ୟ ଏହାଦେଖି ପୋଲିସକୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ-୧୫୧/୨୦ ଦଫା ୪୨୯ ଓ ୧୧ଆନିମଲ୍ ପ୍ରୋଟେକ୍ସନ ଆକ୍ଟ ଲଗାଇ ଯୁବକଙ୍କୁ ଗିରଫ କରିଥିଲା। ସେ ହେଲେ ଟିକାବାଲିର ସୁକାନ୍ତ ଦିଗାଲ। ପରେ ପୋଲିସ ତାଙ୍କୁ ସିଆର୍‌ପିସି ୪୧ରେ ନୋଟିସ ଦେଇ ଛାଡ଼ି ଦେଇଥିଲା। ଆନିମଲ୍ ଆକ୍ଟର କୋହଳ ଦଫା ଯୋଗୁ ଅନେକ ଅଭିଯୁକ୍ତ ବୁଲାପ୍ରାଣୀଙ୍କୁ ହତ୍ୟା କରି ଖସିଯାଉଛନ୍ତି। ଏହି ଆକ୍ଟରେ ପରିବର୍ତ୍ତନ ଆବଶ୍ୟକ ବୋଲି କେତେକ ପଶୁପ୍ରେମୀ କହିଛନ୍ତି।

ପୂର୍ବରୁ ଖାରବେଳନଗର ଥାନା ଅଞ୍ଚଳରେ ଜଣେ ଯୁବକ ଏୟାର ବନ୍ଧୁକରେ ଏକ ବିଲେଇକୁ ଗୁଳି କରି ହତ୍ୟା ଅଭିଯୋଗରେ ଗିରଫ ହୋଇଥିଲେ। ଇନ୍‌ଫୋସିଟି ଥାନା ଅଞ୍ଚଳରେ ଜଣେ ଯୁବକ କାର ଚଢ଼ାଇ ୪ଟି କୁକୁର ଛୁଆଙ୍କୁ ମାରିବା ଅଭିଯୋଗରେ ମଧ୍ୟ ଗିରଫ ହୋଇଥିଲେ।

# ସ୍ୱର୍ଗଦ୍ୱାରରେ ନାଟ୍ୟକାର ବିଜୟ ମିଶ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ



ପୁରୀ ସ୍ୱର୍ଗଦ୍ୱାରଠାରେ ପୁତ୍ର ଅନୁପମ ମିଶ୍ର ମୁଖାଗ୍ନି ଦେଉଛନ୍ତି।

ପୁରୀ ଅଫିସ, ୨୭।୪

ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ, କାହାଣୀକାର, ସଂଳାପ ଲେଖକ ତଥା ନାଟ୍ୟକାର ଡ. ବିଜୟ ମିଶ୍ରଙ୍କ ଶେଷକୃତ୍ୟ ସୋମବାର ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି। ଅପରାହ୍ନରେ ତାଙ୍କ ମରଶରୀର ପୁରୀରେ ପହଞ୍ଚିବା ପରେ ପ୍ରଥମେ ଅନ୍ନପୂର୍ଣ୍ଣା ଥିଏଟର ପରିସରକୁ ନିଆଯାଇଥିଲା। ସେଠାରେ ଥିଏଟର କଳାକାରଙ୍କ ସମେତ ରଙ୍ଗଶାଳା ଓ ପୁରୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ସ୍ୱର୍ଗଦ୍ୱାରକୁ ମରଶରୀର ନିଆଯାଇଥିଲା। ସେଠାରେ ପ୍ରଶାସନିକ ଅଧିକାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସ୍ୱର୍ଗତ ମିଶ୍ରଙ୍କ ବଡ ପୁଅ ଅନୁପମ ମିଶ୍ର ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଆଡିଶନାଲ ଏସ୍‌ପି ଶାନ୍ତନୁ ଦାଶ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ରିଜର୍ଭ ଇନ୍ସପେକ୍ଟର ଚନ୍ଦ୍ରଶେଖର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି, ଭୁବନେଶ୍ୱରର ଏକ ନର୍ସିଂହୋମ୍‌ରେ ରବିବାର ଡ. ମିଶ୍ରଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ତାଙ୍କୁ ୮୩ବର୍ଷ ବୟସ ହୋଇଥିଲା।




ବାଣୀବିହାର ୧୯୯୨ ବ୍ୟାଚ୍ ପୁରାତନ ଛାତ୍ର ସଂସଦ ପକ୍ଷରୁ ଭୁବନେଶ୍ୱରରେ କରୋନା ମୁକାବିଲାରେ ସାମିଲ୍ ହୋଇଥିବା ସଫେଇ କର୍ମଚାରୀଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଉଛି।

### କରୋନା ଯୋଦ୍ଧାଙ୍କ ମୃତ୍ୟୁ

କୃଷ୍ଣପ୍ରସାଦ,୨୭।୪ (ଡି.ଏନ.ଏ.)

କୃଷ୍ଣପ୍ରସାଦ ବ୍ଲକ ସିଆଣ୍ଡି ପଞ୍ଚାୟତରେ ଜଣେ ସଫେଇ କରୁଥିବା କରୋନା ଯୋଦ୍ଧାଙ୍କ ମୃତ୍ୟୁ ହୋଇଛି। ସିଆଣ୍ଡି ସରପଞ୍ଚ ଅନିତା ନାୟକ କୁହନ୍ତି, ପଞ୍ଚାୟତରେ ୧୦ ଜଣଙ୍କୁ ବିଭିନ୍ନ ଗାଁ ସଫା କରିବାକୁ ଅସ୍ଥାୟୀ ନିଯୁକ୍ତି ଦିଆଯାଇଛି। ରବିବାର ସିଆଣ୍ଡି ଗାଁକୁ ସଫେଇ କରି ଫେରିବା ବେଳେ ରାସ୍ତାରେ ଶରତ ନାୟକ (୪୭) ହଠାତ୍ ସାଇକେଲରୁ ତଳେ ପଡି ଯାଇଥିଲେ। ତାଙ୍କୁ କୃଷ୍ଣପ୍ରସାଦ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଶରତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅଦିନିଆ ବର୍ଷାରେ ଫସଲ ପରିଚାଳନା ପାଇଁ କୃଷି ପରାମର୍ଶ

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

ଅଦିନିଆ ବର୍ଷା ଜାରି ରହିଥିବାରୁ ଫସଲ ପରିଚାଳନା ପାଇଁ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ଏବଂ ଓୟୁଏଟିର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚାଷୀଙ୍କ ନିମନ୍ତେ କୃଷି ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ବିଭିନ୍ନ ଜିଲାରେ କାଳବୈଶାଖୀ ହେଉଛି। ଏଥିସହ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଘୂର୍ଣ୍ଣିବଳୟ ଯୋଗୁ ଓଡ଼ିଶାର ଅଧିକାଂଶ ଜିଲାରେ ଆସନ୍ତା ୩ତାରିଖ ମଧ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ଘଡ଼ଘଡ଼ି ସହ ବର୍ଷା ଓ କୁଆପଥର ମାଡ଼ ହେବାର ସମ୍ଭାବନା ରହିଛି। ତେଣୁ ଅଧିକ ବର୍ଷା ହେଲେ ବିଲରେ ଥିବା ଡାଲୁଅ ଧାନ, ମୁଗ ଓ ବିରି ଭଳି ଡାଲି ଜାତୀୟ ଫସଲ, ସୂର୍ଯ୍ୟମୁଖୀ ଓ ଚିନାବାଦାମ ଭଳି ତୈଳବୀଜ ଫସଲ, ବାଇଗଣ, ଲଙ୍କା, ଭେଣ୍ଡି, କଖାରୁ ଜାତୀୟ ପନିପରିବା ଓ ବିଭିନ୍ନ ଫୁଲଚାଷ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ କୁହାଯାଇଛି। ସେହିପରି ଜମିରେ ଥିବା ଅମଳ ଉପଯୋଗୀ ଫସଲକୁ ଅମଳ କରିଦିଅନ୍ତୁ। ନଚେତ୍ ଚିନାବାଦାମ ମଞ୍ଜି ଗଛରେ ଥାଇ ଗଜା ହୋଇଯିବ। କୀଟନାଶକ ଔଷଧ ସିଞ୍ଚନ ଓ ଜଳସେଚନ ସାମୟିକ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି। କିନ୍ତୁ ଝିପିଝିପି ବର୍ଷା ଯୋଗୁ ଲଟା ଜାତୀୟ ପନିପରିବା ଫସଲରେ ଶୋଷକ କୀଟ ଲାଗି ଅଗ ଭୃଷୁଙ୍ଗା ହୋଇଯିବା ସମ୍ଭାବନା ଅଛି। ଠିକ୍ ଭାବେ ଫସଲ ନିରୀକ୍ଷଣ କରି ଏହାର ନିରାକରଣ ପାଇଁ ଏକର ପ୍ରତି ୪୦ଗ୍ରାମ୍ ଥାୟୋମେଥୋକ୍‌ଜାମ୍ କିମ୍ବା ୫୦ମିଲି ଇମିଡ଼ାକ୍ଲୋପ୍ରିଡ୍ କିମ୍ବା ୫୦ଗ୍ରାମ୍ ଏସିଟାମିପ୍ରିଡ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ କୁହାଯାଇଛି। ବର୍ଷାଜଳକୁ ଉପଯୋଗ କରି ଖରାଟିଆ ଚାଷ କରି ଜମି ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦିଆଯାଇଛି। ଖରାଟିଆ ଶାଗ ଓ ନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରିବା ସହ ଖରିଫ ଫସଲ ପାଇଁ ବିହନ, ସାର ଇତ୍ୟାଦି ସଂଗ୍ରହ କରି ରଖନ୍ତୁ। କୋଭିଡ୍-୧୯ ଯୋଗୁ ତାଲାବନ୍ଦ ଅବଧିରେ ବିଭିନ୍ନ କୃଷି କାର୍ଯ୍ୟ ଓ ବିକ୍ରିବଟା କରିବା ସମୟରେ ଅନୁମୋଦିତ ସତର୍କତା ଯଥା ମୁହଁରେ ମାସ୍କ ବ୍ୟବହାର ଏବଂ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ କୁହାଯାଇଛି। ଅଧିକ କିଛି ଜାଣିବା ପାଇଁ ନିକଟ କୃଷି ବିଜ୍ଞାନ କେନ୍ଦ୍ର, କୃଷି ସମ୍ପ୍ରସାରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି।

WESCO **WESCO UTILITY**
Headquarters Office : At/Po- Burla, Dist.-Sambalpur-768017, Odisha Ph:0663-2430417

**TENDER NOTICE**

**No- WESCO/WORKS/20-21/ 01 Date: 23.04.2020**

For and on behalf of Administrator, WESCO Utility, sealed tenders on two part bidding system are invited from eligible bidders who comply with the terms and conditions laid down in tender documents for the following works.

**"Shifting of HT & LT Lines and Conversion of Over Head Line to Underground System at various Locations of Sambalpur-Bamur Railway Line under Sambalpur East Electrical Division on Semi-Turnkey basis."**

The tender documents along with tender specifications, terms & Conditions may be downloaded from our website **www.wescoodisha.com**. The last date / time of submission of tender Documents is **14.05.2020 up to 13.00 Hour**. The techno-commercial bid shall be opened on the same day **at 16.00 Hour,** at WEST BLOCK, Headquarters Office, WESCO, Burla. Corrigendum, if any, pertaining to above tender will be up loaded in the said website. The prospective bidders are requested to visit our website regularly for latest update.

**Sd/- Gen. Manager (Works)**

# ବିନା ଅନୁମତିରେ ଦୋକାନ ଖୋଲି ଦଣ୍ଡ ଗଣିଲେ

ଭୁବନେଶ୍ୱର, ୨୭।୪(ବ୍ୟୁରୋ)




- ଚଢ଼ାଉ: ୫୦ ହଜାରରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ
- ମେ ୩ ପରେ ଆସିବ ପରିବର୍ତ୍ତିତ ନିର୍ଦ୍ଦେଶନାମା

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କରୋନା ସଂକ୍ରମଣରୁ ସହରକୁ ମୁକ୍ତ କରିବା ଲକ୍ଷ୍ୟରେ କଟକଣା ବଳବତ୍ତର ରଖିଛି। କେନ୍ଦ୍ର ସରକାର ଶନିବାର ସର୍ତ୍ତମୂଳକ ଭାବେ ଦୋକାନ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ରବିବାର ଭୁବନେଶ୍ୱରର କେତେଜଣ ଦୋକାନୀ ବିଏମ୍‌ସିର ବିନା ଅନୁମତିରେ ଦୋକାନ ଖୋଲିଥିଲେ। ଫଳରେ ସେମାନଙ୍କ ଦୋକାନ ଉପରେ ବିଏମସି ପକ୍ଷରୁ ଚଢାଉ କରାଯାଇ ଜରିମାନା ଆଦାୟ କରାଯାଇଛି। ବିଏମ୍‌ସି ପକ୍ଷରୁ ଯେ ପର୍ଯ୍ୟନ୍ତ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇନାହିଁ ସେ ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ଛାଡି କୌଣସି ଦୋକାନ ଖୋଲିବ ନାହିଁ ବୋଲି ବିଏମସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି। କେବଳ ନିର୍ମାଣ ସାମଗ୍ରୀ ଦୋକାନ ଖୋଲା ରହିବ ସହ ବିକ୍ରିକରାଯିବ। ସମ୍ପୃକ୍ତ ଦୋକାନୀମାନେ ରାତିରେ ଯାନବାହନ ଯୋଗେ ସ୍ଥାନାନ୍ତର କରିପାରିବେ ବୋଲି ଡେପୁଟି କମିଶନର ସାହୁ କହିଛନ୍ତି।

ରବିବାର ଭୁବନେଶ୍ୱରରେ ବିଭିନ୍ନ ଅଞ୍ଚଳରେ ବ୍ୟବସାୟୀ ଦୋକାନ ଖୋଲି ବ୍ୟବସାୟ କରୁଥିବା ନଜରକୁ ଆସିଥିଲା। ଦୋକାନ ବନ୍ଦ ରଖିବାକୁ ବିଏମ୍‌ସି ଦ୍ୱାରା ସ୍ୱତନ୍ତ୍ର ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ହେଲେ ବ୍ୟବସାୟୀମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶନାମାକୁ ଦେଖାଇ ଦୋକାନ ଖୋଲିଥିଲେ। ରାଜ୍ୟ ସରକାର ବିଏମ୍‌ସି କମିଶନରଙ୍କୁ ଭୁବନେଶ୍ୱରରେ କ'ଣ ଖୋଲାଯିବ ଓ ନ ଖୋଲିବ ତା'ର ବିଚାର କରିବାକୁ ଦାୟିତ୍ୱ ଦେଇଥିଲେ। ହେଲେ ବିଏମ୍‌ସି ନିର୍ଦ୍ଦେଶକୁ ୩ ଜୋନର ମିଠା, ଗ୍ୟାରେଜ ଓ ଛୋଟ ଛୋଟ ଦୋକାନୀମାନେ ଅମାନ୍ୟ କରି ଦୋକାନ ଖୋଲିଥିବାରୁ ସେମାନଙ୍କଠାରୁ ସୋମବାର ୫୦ହଜାରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ ସହ ନୂଆ ନିର୍ଦ୍ଦେଶନାମା ନ ଆସିବା ଯାଏ ଦୋକାନ ବନ୍ଦ ରଖିବାକୁ ଚେତାବନୀ ଦିଆଯାଇଛି। ମେ ୩ ପରେ ବ୍ୟବସାୟୀଙ୍କ ପାଇଁ ପରିବର୍ତ୍ତିତ ନିର୍ଦ୍ଦେଶନାମା ଜାରି ହେବ ବୋଲି ଡେପୁଟି କମିଶନର ସାହୁ କହିଛନ୍ତି।

ଓଡ଼ିଶା ସରକାର
ଜଙ୍ଗଲ ଓ ପରିବେଶ ବିଭାଗ

**ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର : ୨୦୧୯-୨୦ ଆବେଦନ ଫର୍ମ ଦାଖଲ କରିବାର ତାରିଖ ୧୫.୦୫.୨୦୨୦ ପର୍ଯ୍ୟନ୍ତ ଘୁଞ୍ଚିଲା**

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପରିବେଶ ସଂରକ୍ଷଣ ତଥା ପରିବେଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ରାଜ୍ୟର ଗ୍ରାମ/ଶିକ୍ଷାନୁଷ୍ଠାନ/ରେଜେଷ୍ଟ୍ରିଭୁକ୍ତ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କର ଅବଦାନକୁ ଉତ୍ସାହିତ କରିବା ପାଇଁ ଯଥାକ୍ରମେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଏ । ବିଶ୍ୱ ପରିବେଶ ଦିବସ ଅବକାଶରେ ପ୍ରତି ବ୍ଲକରୁ ଏକ ଗ୍ରାମ/ ଶିକ୍ଷାନୁଷ୍ଠାନ/ ରେଜେଷ୍ଟ୍ରିଭୁକ୍ତ ସଂସ୍ଥାକୁ ମାନପତ୍ର ସହ ଟ୨୦,୦୦୦/- (କୋଡିଏ ହଜାର ଟଙ୍କା) **"ପ୍ରକୃତି ମିତ୍ର"** ପୁରସ୍କାର ଏବଂ ଜଣେ ବ୍ୟକ୍ତିଙ୍କୁ ମାନପତ୍ର ସହ ଟ୧୦,୦୦୦/- (ଦଶ ହଜାର ଟଙ୍କା) **"ପ୍ରକୃତି ବନ୍ଧୁ"** ପୁରସ୍କାର ଦିଆଯାଏ । ନିର୍ଦ୍ଧାରିତ ଫର୍ମରେ ମନୋନୟନଗୁଡିକ ଆନୁସଙ୍ଗିକ ପ୍ରମାଣପତ୍ର ସହ **ତା୧୫/୦୫/୨୦୨୦ରିଖ** ସୁଦ୍ଧା ସମ୍ପୃକ୍ତ ଜିଲ୍ଲାପାଳ / ସମ୍ପାଦକ, ଜିଲ୍ଲା ପରିବେଶ ସମିତିଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଜଙ୍ଗଲ ଓ ପରିବେଶ ବିଭାଗ

ଯୀଶୁଖ୍ରୀଷ୍ଟଙ୍କର କ୍ରୁସ ଚିହ୍ନ ହେଲା– ଯୋଗ ସାଧନାରେ ପୁରୁଷ ଓ ପ୍ରକୃତିର ଦୃଢ ଓ ପୂର୍ଣ୍ଣ ମିଳନର ପ୍ରତୀକ। କିନ୍ତୁ ଅଜ୍ଞାନର ସର୍ବବିଧ ଆବର୍ଜନା ମଧ୍ୟରେ ଆମର ପତନ ହେବା ହେତୁ– ସେହି ଚିହ୍ନଟି ହେଲା ଦୁଃଖକଷ୍ଟ ଓ ଚିତ୍ତଶୁଦ୍ଧିର ପ୍ରତୀକ। –ଶ୍ରୀଅରବିନ୍ଦ

# ଗ୍ରାମ୍ୟ ଶିଳ୍ପାୟନ ମାଧ୍ୟମରେ ନିଯୁକ୍ତି ସୃଷ୍ଟି



ଅମରେନ୍ଦ୍ର ଦାସ

କରୋନାରେ ସମଗ୍ର ବିଶ୍ୱ ବ୍ୟାପକ ଭାବରେ ପ୍ରଭାବିତ ହେଉଥିବା ସମୟରେ ଏହା ଅନେକ ନୂତନ ସମ୍ଭାବନାର ଆଶା ସଞ୍ଚାର କରିଛି। ଏହି ସୁଯୋଗକୁ ଆମ ରାଜ୍ୟ ହାତଛଡା କରିବା ଉଚିତ ନୁହେଁ। କାରୋନା ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ଅନିଶ୍ଚିତତା ଆଣିବା ଦ୍ୱାରା ଅଧିକାଂଶ ଦେଶ ସ୍ୱଦେଶୀ ଦ୍ରବ୍ୟ ଉତ୍ପାଦନ ଏବଂ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ନାଗରିକମାନଙ୍କୁ ପ୍ରାଧାନ୍ୟ ଦେବା ଆରମ୍ଭ କଲେଣି। ଆମ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୨୫ରେ ଦେଶର ସରପଞ୍ଚମାନଙ୍କ ସହ ଆଲୋଚନା ସମୟରେ ଦେଶକୁ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

କରୋନା ନିୟନ୍ତ୍ରଣକୁ ନେଇ ସେହିପରି ରାଜ୍ୟମାନଙ୍କ ମଧ୍ୟରେ ଅବିଶ୍ୱାସ ଉପୁଜୁଛି। ଉଦାହରଣ ସ୍ୱରୂପ ଓଡ଼ିଶା ସରକାର କରୋନା ନିୟନ୍ତ୍ରଣ ପାଇଁ ଅନେକ ଦୃଢ ପଦକ୍ଷେପ ନେଉଥିବା ବେଳେ ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଆଶାନୁରୂପ ପଦକ୍ଷେପ ନେଉନାହିଁ। ଫଳରେ ପଶ୍ଚିମବଙ୍ଗରେ ଥିବା ଅନେକ ଓଡ଼ିଆ ନାଗରିକ ଆମ ରାଜ୍ୟକୁ କରୋନା ଆକ୍ରାନ୍ତ ହୋଇ ଫେରୁଛନ୍ତି। ଏହି ପରିସ୍ଥିତିରେ ପଡ଼ୋଶୀ ରାଜ୍ୟ ଉପରେ ଭରସା କରିହେବ ନାହିଁ। ଲକ୍ଷାଧିକ ଓଡ଼ିଆ ଶ୍ରମିକ ଗୁଜରାଟର ସୁରଟ ସହରରେ ସୂତାକଳ, ହୀରା ଗହଣା କାରଖାନାରେ କାର୍ଯ୍ୟରତ। ଗୁଜରାଟ ସରକାରଙ୍କର ଉଦାସୀନତା ହେଉ ବା ବହୁଳ ଜନସଂଖ୍ୟାଜନିତ ପରିଚାଳନାଗତ ତ୍ରୁଟି ହେଉ, ସେଠାରେ କାର୍ଯ୍ୟରତ ଅଧିକାଂଶ ଓଡ଼ିଆ ଶ୍ରମିକ ଜୀବିକା ହରାଇ ଖାଇବାକୁ ନ ପାଇ ଅସ୍ତବ୍ୟସ୍ତ ହୋଇପଡିଲେଣି ଏବଂ ଅଧିକାଂଶ ଶ୍ରମିକ ନିଜ ଭିଟାମାଟିକୁ ଫେରିବା ପାଇଁ ମନ କଲେଣି।

ଅନେକେ ମଧ୍ୟ ସାଇକେଲରେ ତଥା ଚାଲି ଚାଲି ଓଡ଼ିଶା ଅଭିମୁଖେ ବାହାରିଲେଣି। ବିଭିନ୍ନ ଗବେଷଣା ଭିତ୍ତିକ ତଥ୍ୟରୁ ଜଣାପଡିଛି ଯେ ଓଡ଼ିଶାରୁ ଅଧିକାଂଶ ଶ୍ରମିକ ଗୁଜରାଟ, ମହାରାଷ୍ଟ୍ର, କେରଳ ଓ ଆନ୍ଧ୍ର ପ୍ରଦେଶରେ କାର୍ଯ୍ୟରତ। କରୋନା ପ୍ରଭାବରେ ଏଥିରୁ ଅଧିକାଂଶ ଶ୍ରମିକ ବର୍ତ୍ତମାନ ଘରବାହୁଡ଼ା ଅପେକ୍ଷାରେ। ଅନେକ ଶ୍ରମିକ ନିଜ ଜୀବନକୁ ବେଖାତିର କରି ସମୁଦ୍ର ଦେଇ ଡଙ୍ଗା ମାଧ୍ୟମରେ ଆସୁଛନ୍ତି। କେହି କେହି ପୁଣି ସାଇକେଲରେ ଆସି ରାସ୍ତାରେ ଦୁର୍ଘଟଣାରେ ମୃତ୍ୟୁବରଣ କରିବାର ଖବର ଆମେ ପାଉଛେ।

ଏସବୁ ଦୁଃଖଦ ପରିସ୍ଥିତି ସମ୍ଭାଳିବା ପରେ ତଥା କରୋନାରେ ଦୀର୍ଘଦିନ ରହିବାର ସମ୍ଭାବନାର ଖବର ଅନେକ ଶ୍ରମିକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି। ଏଥିରୁ ଅଧିକାଂଶ ଶ୍ରମିକ ହୁଏତ ନିକଟ ଭବିଷ୍ୟତରେ ଓଡିଶା ଛାଡି ବାହାରକୁ ଯାଇ ନ ପାରନ୍ତି। ତେଣୁ କରି ଆମ ରାଜ୍ୟରେ ଅନେକ ଅଣକୁଶଳୀ, ଅର୍ଦ୍ଧ କୁଶଳୀ ଆଉ କୁଶଳୀ ଶ୍ରମିକ ଉପଲବ୍ଧ ହେବେ। ଏହି ଶ୍ରମିକମାନଙ୍କ ପାଇଁ ଯଦି ରାଜ୍ୟ ଭିତରେ ଉପଯୁକ୍ତ ନିଯୁକ୍ତି ସୃଷ୍ଟି କରି ହୁଏ ଆମ ରାଜ୍ୟର ବିକାଶ ଧାରାରେ ଏମାନେ ସାମିଲ ହୋଇ ରାଜ୍ୟର ଭାଗ୍ୟ ବଦଳାଇ ଦେଇପାରିବେ। ତା' ସହ ଏକ ସମ୍ଭାବ୍ୟ ଦୀର୍ଘ ଆର୍ଥିକ ମାନ୍ଦାବସ୍ଥାରୁ ରାଜ୍ୟ ଅର୍ଥନୀତିକୁ ଉଦ୍ଧାର କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନେକ ପୁଞ୍ଜି ନିବେଶ କରିବାକୁ ହେବ। ଏହି ପୁଞ୍ଜି ଉପଯୁକ୍ତ ଦିଗରେ ବିନିଯୋଗ କରି ପାରିଲେ ଆମ ରାଜ୍ୟ ଅର୍ଥନୀତି ସୁଦୃଢ ହୋଇପାରିବ। ପ୍ରଶ୍ନ ଉଠେ ଏତେ ସଂଖ୍ୟକ ଶ୍ରମିକମାନଙ୍କ ପାଇଁ ସରକାର କିପରି ଭାବରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବେ ? ଅନେକ ଅର୍ଥନୀତି ବିଶେଷଜ୍ଞଙ୍କ ମତରେ ଏ ସମସ୍ତ ଶ୍ରମିକଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ବା ମନରେଗାରେ ନିଯୁକ୍ତି ଦିଆଯାଉ ଓ ନିଯୁକ୍ତିର ସୀମା ୧୦୦ ଦିନକୁ ବୃଦ୍ଧି କରି ଅତିକମ୍‌ରେ ୨୦୦ ଦିନ କରାଯାଉ ଏବଂ ମଜୁରି ବୃଦ୍ଧି କରାଯାଉ। ଏହି ଉପଦେଶ କିଛି ଜିଲାର ଅନୁନ୍ନତ ଅଞ୍ଚଳ ପାଇଁ ପ୍ରଯୁଜ୍ୟ ହୋଇପାରେ। କିନ୍ତୁ ମନରେଗାର ବାସ୍ତବ ସ୍ଥିତି ହେଲା ଯେ ଅଧିକାଂଶ ଗ୍ରାମାଞ୍ଚଳରେ ଶ୍ରମିକମାନେ ମନରେଗା କାମ କରିବାକୁ ଅନିଚ୍ଛୁକ। ଏହାର କାରଣ ଅନେକ। ମଜୁରି ମିଳିବାରେ ବିଳମ୍ବ ସହିତ ମାଟି ଖୋଳା ଭଳି କଠିନ ଶାରୀରିକ ପରିଶ୍ରମ କରିବା ପାଇଁ ଅନେକ ଶ୍ରମିକ ଆଗ୍ରହୀ ନୁହନ୍ତି ଏବଂ ଏହା ମଧ୍ୟ ଯଥାର୍ଥ। ଏହା ସହିତ ଅନ୍ୟ ରାଜ୍ୟରୁ ଫେରୁଥିବା ଅଧିକାଂଶ ଶ୍ରମିକ ଅର୍ଦ୍ଧକୁଶଳୀ ବା କୁଶଳୀ ହୋଇଥିବାରୁ ସେମାନଙ୍କୁ ମାଟି ଖୋଳିବା କାମରେ ନିୟୋଜିତ କଲେ ସେମାନଙ୍କ ଦକ୍ଷତାର ବିନିଯୋଗ ହୋଇପାରିବ ନାହିଁ। ଅଧିକାଂଶ ଯୁବତୀ ଯୁବକ ଯେଉଁମାନେ କିଛି ଶିକ୍ଷାଗତ ଯୋଗ୍ୟତା ହାସଲ କରିଛନ୍ତି ସେମାନେ କେବେ ବି ଶାରୀରିକ ପରିଶ୍ରମ କରିବା ପାଇଁ ରାଜି ହେବେ ନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କୁ ଏକ ବିକଳ୍ପ ନିଯୁକ୍ତି ସୃଷ୍ଟି ପାଇଁ ଯୋଜନା କରିବାର ଆବଶ୍ୟକତା ଅଛି।

ନିଯୁକ୍ତି ସୃଷ୍ଟି ପାଇଁ ଚାଇନାର ସହରୀ ଓ ଗ୍ରାମୋଦ୍ୟୋଗ ବା ଟାଉନ୍‌ସିପ ଓ ଭିଲେଜ ଏଣ୍ଟରପ୍ରାଇଜ ଢାଞ୍ଚାରେ ଓଡ଼ିଶାରେ ପ୍ରତି ପଞ୍ଚାୟତ ଓ ସହରାଞ୍ଚଳରେ କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ହେବ। ଓଡିଶାର ସମସ୍ତ ୬୭୯୮ଟି ପଞ୍ଚାୟତ, ୬୭ ଟି ଏନ୍‌ଏସି ଓ ୩୪ଟି ମ୍ୟୁନିସିପାଲିଟିରେ ପଞ୍ଚାୟତ ବା ମ୍ୟୁନିସିପାଲିଟି ନାମରେ ଏକ ଗ୍ରାମୋଦ୍ୟୋଗ ବା ସହରୀ ଉଦ୍ୟୋଗ ପଞ୍ଜୀକୃତ କେରାଯିବ। ସ୍ଥାନୀୟ ଅଞ୍ଚଳର ପ୍ରାକୃତିକ ସମ୍ପଦ, ମାନବ ସମ୍ବଳ, ସାମାଜିକ ତଥା ଅର୍ଥନୀତିକ ପାରିପାର୍ଶ୍ୱିକ ସ୍ଥିତି ଓ ଚାହିଦା ଅନୁସାରେ ଏହି ଗ୍ରାମୋଦ୍ୟୋଗ ନିର୍ମିତ ହେବ। ୩୧୪ଟି ବ୍ଲକ୍‌ରେ ୩୧୪ଟି ଶିଳ୍ପ ପୁଞ୍ଜ ତିଆରି କରାଯିବ। କେଉଁ ବ୍ଲକ୍‌ରେ କେଉଁ ଶିଳ୍ପ ପୁଞ୍ଜ ଉପଯୁକ୍ତ ହେବ ଏହାର ଯୋଜନା ପ୍ରସ୍ତୁତି ସେହି ଜିଲାର ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ, ଆଇଟିଆଇ ସ୍କୁଲ, ପଲିଟେକ୍‌ନିକ ସ୍କୁଲ, ମ୍ୟାନେଜମେଣ୍ଟ ସ୍କୁଲ ସମୂହକୁ ନେଇ ଏକ ଖସଡ଼ା ପ୍ରସ୍ତୁତି ହେବ। ରାଜ୍ୟସ୍ତରରେ ମଧ୍ୟ ଏକ ବିଶେଷଜ୍ଞ କମିଟି ଏହାର ତଦାରଖ କରିବେ। ବିଶେଷଜ୍ଞ କମିଟି ଏକ ନମୁନା ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବେ। ଏହି ରିପୋର୍ଟ ଅନୁସାରେ ଗୋଟିଏ କଲେଜ ଗୋଟିଏ ପଞ୍ଚାୟତର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବେ। ସମସ୍ତ ପଞ୍ଚାୟତର ତଥା ୩୧୪ଟି ବ୍ଲକରେ ଶିଳ୍ପ ପୁଞ୍ଜର ଖସଡ଼ା ପ୍ରସ୍ତୁତି ସରିଲା ପରେ ପ୍ରତି ପଞ୍ଚାୟତ ପିଛା ୩୦ ଲକ୍ଷ ଟଙ୍କା ଲେଖାଏ ଅନୁମୋଦନ ହେବ। ଏହି ଗ୍ରାମୋଦ୍ୟୋଗରେ ଅଂଶୀଦାର ଭାବରେ ସେହି ପଞ୍ଚାୟତର ବାସିନ୍ଦାମାନେ କେବଳ ପୁଞ୍ଜିନିବେଶ କରିପାରିବେ। ଅଂଶୀଦାରମାନଙ୍କ ପୁଞ୍ଜି ୫୦%ରୁ ଅଧିକ ହୋଇପାରିବ ନାହିଁ ଏବଂ କୌଣସି ଜଣେ ବ୍ୟକ୍ତିଙ୍କ ପୁଞ୍ଜିନିବେଶ ୧୦%ରୁ ଅଧିକ ହୋଇପାରିବ ନାହିଁ। ଅଂଶୀଦାରମାନଙ୍କ ପୁଞ୍ଜି ନିବେଶ ଫଳରେ ସେମାନେ ଉଦ୍ୟୋଗର ସଫଳତା ଉପରେ ଗୁରୁତ୍ୱ ଦେବେ ଏବଂ କୌଣସି ଜଣେ ବ୍ୟକ୍ତିର ଏକଚାଟିଆ ନିୟନ୍ତ୍ରଣ ଉଦ୍ୟୋଗ ଉପରେ ରହିପାରିବ ନାହିଁ।

ଅଂଶୀଦାରମାନେ ବ୍ଲକ ଉନ୍ନୟନ ଅଧିକାରୀଙ୍କଠାରୁ ଏହି ଅଂଶ କ୍ରୟ କରିପାରିବେ। ଉଦ୍ୟୋଗର ପରିଚାଳନା ଭାର ସମସ୍ତ ଅଂଶୀଦାର, ସରପଞ୍ଚ, ବ୍ଲକ ଉନ୍ନୟନ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିବ। ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିଥିବା ମହାବିଦ୍ୟାଳୟର ଅଭିଜ୍ଞ ଅଧ୍ୟାପକମାନେ ଉଦ୍ୟୋଗମାନଙ୍କର ମାର୍ଗନିର୍ଦ୍ଦେଶନା କରିବେ। ପରିଚାଳନା କମିଟି ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନଙ୍କୁ ଆବଶ୍ୟକତା ଅନୁସାରେ ନିଯୁକ୍ତି ଦେବେ, ବେତନ ନିର୍ଦ୍ଧାରଣ କରିବେ। ଏହି ଉଦ୍ୟୋଗୀ ଏବଂ ଏଥିରେ ନିଯୁକ୍ତ ହେବାକୁ ଥିବା ସମସ୍ତ ଶ୍ରମିକ ଓ କର୍ମଚାରୀଙ୍କୁ ଆବଶ୍ୟକୀୟ ତାଲିମ ରାଜ୍ୟ ସରକାର ବିଭିନ୍ନ ଶିକ୍ଷାନୁଷ୍ଠାନ ମାଧ୍ୟମରେ ପ୍ରଦାନ କରିବେ।

ଉତ୍ପାଦିତ ଦ୍ରବ୍ୟର ବିକ୍ରିବଟା ପାଇଁ ଓଡ଼ିଶା ଗ୍ରାମୋଦ୍ୟୋଗ ନାମରେ ଏକ ସ୍ୱତନ୍ତ୍ର ଅନ୍‌ଲାଇନ ପୋର୍ଟାଲ ପ୍ରସ୍ତୁତ କରାଯିବ ଏବଂ ସମସ୍ତ ଉତ୍ପାଦିତ ଦ୍ରବ୍ୟର ସୂଚନା ଏଥିରେ ମିଳିପାରିବ। ଏହା ଫଳରେ ପ୍ରତ୍ୟେକ ପଞ୍ଚାୟତରେ ଉତ୍ପାଦନ ହେଉଥିବା ଦ୍ରବ୍ୟର ସୂଚନା ସମସ୍ତଙ୍କ ପାଖରେ ସହଜରେ ପହଞ୍ଚିପାରିବ ଏବଂ ସହଜରେ ଦ୍ରବ୍ୟ ବିକ୍ରି ହୋଇପାରିବ। ପ୍ରତ୍ୟେକ ବ୍ଲକ୍‌ରେ ଗୋଟିଏ ପଞ୍ଚାୟତର ଉଦ୍ୟୋଗୀମାନେ କେବଳ ଦ୍ରବ୍ୟର ପରିବହନ ଏବଂ ମାର୍କେଟିଂ ଦାୟିତ୍ୱ ନିର୍ବାହ କରିବେ। ପରିବହନ ଖର୍ଚ୍ଚ ସଂଶ୍ଳିଷ୍ଟ ଗ୍ରାମୋଦ୍ୟୋଗ କିମ୍ବା ଦ୍ରବ୍ୟର କ୍ରେତାମାନେ ବହନ କରିବେ। ଅନଲାଇନ ମାର୍କେଟିଂ ଭଳି ଏହି ପରିବହନ ସଂସ୍ଥା ଗ୍ରାମାଞ୍ଚଳରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଘର ଦୁଆରେ ଦ୍ରବ୍ୟ ବିତରଣ କରିବେ। ସହରାଞ୍ଚଳରେ ଅବସ୍ଥାପିତ ଉଦ୍ୟୋଗମାନେ ଆନ୍ତଃ ରାଜ୍ୟ ବା ବିଦେଶରେ ଏହି ସବୁ ଦ୍ରବ୍ୟର ବିକ୍ରି କାର୍ଯ୍ୟ ବହନ କରିପାରିବେ। ଏହି ଯୋଜନା ମାଧ୍ୟମରେ ରାଜ୍ୟରେ ଶିଳ୍ପାୟନ ହୋଇପାରିବ। ସବୁ ଦ୍ରବ୍ୟର ବିକ୍ରି କାର୍ଯ୍ୟ ବହନ କରିପାରିବେ। ଉଭୟ ରାଜ୍ୟ ଓ ଦେଶ ସ୍ୱାବଲମ୍ବୀ ହୋଇପାରିବ। ସ୍ଥାନୀୟ ଅଞ୍ଚଳରେ ଅନେକ ନିଯୁକ୍ତି ସୃଷ୍ଟି ହେବା ସହ ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ହୋଇପାରିବ। ରପ୍ତାନି ମାଧ୍ୟମରେ ବିଦେଶୀ ମୁଦ୍ରା ରୋଜଗାର କରିହେବ। ଯୁବତୀଯୁବକମାନଙ୍କୁ ନିଯୁକ୍ତି ଅନ୍ୱେଷଣରେ ଅନ୍ୟ ରାଜ୍ୟ ବା ଅନ୍ୟ ଦେଶକୁ ଯିବାକୁ ପଡ଼ିବ ନାହିଁ। ଶିକ୍ଷାନୁଷ୍ଠାନଗୁଡିକ କେବଳ ପୋଥିଗତ ବିଦ୍ୟା ପ୍ରଦାନ ନ କରି ସମାଜ ପାଇଁ ମୂଲ୍ୟବୋଧ ହୋଇପାରିବେ। ଗ୍ରାମ୍ୟ ଶିଳ୍ପାୟନର ଏହି ମଡେଲ ଉପରେ ସରକାର ଏକ କମିଟି ଗଠନ କରି ଏହାର କାର୍ଯ୍ୟକାରିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ପାରିବେ ଓ ଏହାର ସଫଳ ରୂପାୟନ କରିପାରିବେ।

ପ୍ରାଧାପକ, ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର
ମୋ:୯୪୩୯୯୨୩୬୨୬

# ଅମାନିଆଙ୍କୁ କଠୋର ଦଣ୍ଡ ମିଳୁ

ଡ. ମନୋରଞ୍ଜନ ପ୍ରଧାନ

ମହାମାରୀ କୋଭିଡ୍‌–୧୯ ବିଶ୍ୱରେ ତା'ର କାୟା ବିସ୍ତାର କରିବାରେ ଲାଗିଛି। ଏହା ଆଗରେ ଶକ୍ତିଶାଳୀ ଯୁକ୍ତରାଷ୍ଟ୍ର ଆମେରିକା ସମେତ ଜର୍ମାନୀ, ସ୍ପେନ୍‌, ଇଟାଲୀ, ଫ୍ରାନ୍ସ, ବ୍ରିଟେନ୍‌ ଭଳି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ବଳଶାଳୀ ଓ ବିତ୍ତଶାଳୀ ରାଷ୍ଟ୍ରମାନେ ନିଜର ଅସହାୟତା ପ୍ରକାଶ କରିସାରିଲାଣି। ଦିନକୁ ଦିନ ଅବସ୍ଥା ଅସମ୍ଭାଳ ହେବାରେ ଲାଗିଛି। ବୈଜ୍ଞାନିକମାନଙ୍କର ଆପ୍ରାଣ ପ୍ରଚେଷ୍ଟା ସତ୍ତ୍ୱେ ଏଯାଏ ପ୍ରତିଷେଧକ ବା ଭ୍ୟାକ୍‌ସିନ୍‌ ବାହାରି ପାରିନାହିଁ। ସବୁଆଡ଼େ ଭୟ ଓ ଆତଙ୍କର ବାତାବରଣ। ଭାରତର ପ୍ରଧାନମନ୍ତ୍ରୀ ଓ ଆମ ଦେଶର ମୁଖ୍ୟମନ୍ତ୍ରୀଙ୍କର ଆଗୁଆ ସତର୍କତାମୂଳକ ପଦକ୍ଷେପ ଯୋଗୁ ଆମେ ଅପେକ୍ଷାକୃତ କମ୍‌ ସଂକ୍ରମିତ ତାଲିକାରେ ଅଛନ୍ତି। ତଥାପି ମହାରାଷ୍ଟ୍ର, ଦିଲ୍ଲୀ, ତାମିଲନାଡୁ, ରାଜସ୍ଥାନ ଭଳି ରାଜ୍ୟଗୁଡ଼ିକରେ କରୋନା ସ୍ଥିତି ଅସମ୍ଭାଳ ହୋଇଗଲାଣି। ଦେଶରେ ପ୍ରାୟ କରୋନା ଭୂତାଣୁ ସଂକ୍ରମିତଙ୍କ ସଂଖ୍ୟା ଓ ମୃତ୍ୟୁସଂଖ୍ୟା ବି ବଢି ଚାଲିଛି। ଅପରପକ୍ଷେ ଆମ ରାଜ୍ୟର ସ୍ଥିତି ଅପେକ୍ଷାକୃତ ଭଲରେ ଅଛି। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ସଂକ୍ରମିତ ହାର ଦେଶ ତୁଳନାରେ ଯଥେଷ୍ଟ କମ୍‌। ତଥାପି ବିପଦ ଟଳି ନାହିଁ। ଆମକୁ ଅତ୍ୟନ୍ତ ସତର୍କ ରହିବାକୁ ହେବ।

ସବୁଠାରୁ ବଡ଼କଥା ହେଉଛି ବୈଶ୍ୱିକ ମହାମାରୀ କରୋନା କେବଳ ପ୍ରାଣହନ୍ତା ଓ ଗଣହତ୍ୟାକାରୀ ନୁହେଁ, ବିଶ୍ୱ ଅର୍ଥନୀତିର ମଧ୍ୟ ମହାକାଳ। କରୋନାର ପ୍ରତାପ ଆଗରେ ସାରା ବିଶ୍ୱର ଅର୍ଥନୀତି ମେରୁଦଣ୍ଡ ଦୋହଲି ଗଲାଣି। ଆନ୍ତର୍ଜାତିକ ମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍‌)ଙ୍କ ଆକଳନ ଅନୁସାରେ ଏସିଆର ଅଭିବୃଦ୍ଧି ହାର ଶୂନ ହେବ ବୋଲି ପୂର୍ବାନୁମାନ କରିସାରିଲେଣି। ଏହି କ୍ରମରେ ଭାରତର ଅଭିବୃଦ୍ଧି ହାର ଶୂନ ହେବ ବୋଲି ମଧ୍ୟ ସତର୍କ କରାଯାଇଛି ଯଦିଚ ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ଏହାକୁ ଖଣ୍ଡନ କରିଛନ୍ତି। କିନ୍ତୁ ଏହା ସତ୍ୟ ଯେ ଆମ ଅର୍ଥନୀତି କୋଭିଡ୍‌–୧୯ର କୁପ୍ରଭାବରେ ଅଶେଷ କ୍ଷତି ଘଟିବ।

'ଧନ ଅପେକ୍ଷା ଜନ ଓ ଜୀବନ'କୁ ସର୍ବଦା ଗୁରୁତ୍ୱ ଦେଉଥିବା କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଗଠନାତ୍ମକ ପଦକ୍ଷେପ ଗ୍ରହଣ କରିଛନ୍ତି। ଯାତ୍ରା କଟକଣା, ସାମାଜିକ ଦୂରତ୍ୱ, ଆଦି ପଦକ୍ଷେପ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ସ୍ଥିତିର ଗମ୍ଭୀରତାକୁ ଆଖିଆଗରେ ରଖି ପ୍ରଧାନମନ୍ତ୍ରୀ ମୋଦି ଲକ୍‌ଡାଉନ୍‌ ଅବଧିକୁ ମେ'ତିନି ପର୍ଯ୍ୟନ୍ତ ସଂପ୍ରସାରଣ କରିଛନ୍ତି। ଦେଶର ଗରିବ, ଖଟିଖିଆଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଓଡ଼ିଶା ସରକାର ଖାଉଟିମାନଙ୍କୁ ଆଗୁଆ ୩ ମାସର ରାଶନ ଓ ଭତ୍ତା ବଣ୍ଟନ କରୁଛନ୍ତି। ସବୁ ସୁବିଧା ସତ୍ତ୍ୱେ ଦେଶବାସୀ ସମସ୍ତ ସୁବିଧାରେ ଅଛନ୍ତି କହିବା କଷ୍ଟସାଧ୍ୟ। ଅସହ୍ୟ ଯନ୍ତ୍ରଣା ଓ ମାନସିକ ଆଘାତ ସତ୍ତ୍ୱେ ଅଧିକାଂଶ ଦେଶବାସୀ ସରକାରଙ୍କ ସମସ୍ତ ପଦକ୍ଷେପକୁ ଗ୍ରହଣ କରିବା ସହ ସକାରାତ୍ମକ ଢଙ୍ଗରେ ସହଯୋଗ ମଧ୍ୟ କରୁଛନ୍ତି। କିନ୍ତୁ କେତେକ ଅମାନିଆ(ପ୍ରାୟ ଦଶ ପ୍ରତିଶତ) ସରକାରଙ୍କ ସବୁ ତପସ୍ୟାକୁ ଧୂଳିସାତ୍‌ କରିବାକୁ ପ୍ରୟାସ କରୁଛନ୍ତି। ଗଣମାଧ୍ୟମରେ ସବୁ ପ୍ରକାର ସଚେତନତା ଓ ସତର୍କତା, ପୋଲିସ, ସୁରକ୍ଷାକର୍ମୀ ଓ ଅଧିକାରୀମାନଙ୍କର ସମସ୍ତ ଆବେଦନ ଓ ନିବେଦନ ସତ୍ତ୍ୱେ ସାମାଜିକ ଦୂରତ୍ୱ ବଜାୟ ରଖୁନାହାନ୍ତି। ମାସ୍କ ପିନ୍ଧୁ ନାହାନ୍ତି। ସରକାରୀ କଳକୁ ବେଖାତିର କରି ବେଧଡ଼କ ବୁଲୁଛନ୍ତି। ସବୁଠାରୁ ପରିତାପର ବିଷୟ କେତେ ଜଣ ମୁଷ୍ଟିମେୟ ଅମାନିଆ ସୁରକ୍ଷାବଳ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ମଧ୍ୟ କରୁଛନ୍ତି। ସରକାରଙ୍କ ନିର୍ଦ୍ଦେଶନାମା, ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ସଚେତନତା, ବିଶିଷ୍ଟ ଖେଳାଳି, ସିନେ ତାରକା, ଲେଖକ, ସମାଜସେବୀ ତଥା ଦେଶର ବିଶିଷ୍ଟ ବ୍ୟକ୍ତିମାନଙ୍କର ମର୍ମସ୍ପର୍ଶୀ ବାର୍ତ୍ତା ଓ ଅନୁରୋଧମୂଳକ ବଚନ ଏମାନଙ୍କୁ ପ୍ରଭାବିତ କରିପାରୁନାହିଁ। ଏଭଳି ଅମାନିଆମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କରୋନା ଭଳି ଭସ୍ମାସୁର ମହାମାରୀର ସହକାରୀ ନୁହନ୍ତି କି?

ଏ ଅମାନିଆ ଦଳ ଜ୍ଞାତ ଅବା ଅଜ୍ଞାତରେ ସାଧାରଣ ଜନତାଙ୍କ ଜୀବନ ସହ ଖେଳୁନାହାନ୍ତି କି? ଏମାନଙ୍କର ଅସଂଯମତା ଓ ବେପରୁଆ ଆଚରଣ ଦେଶ ଓ ବିଶ୍ୱକୁ ମହାସଙ୍କଟ ମଧ୍ୟକୁ ଠେଲି ଦେଉନି କି? ତେଣୁ ଏଭଳି ବିଶୃଙ୍ଖଳିତ ଅମାନିଆମାନଙ୍କୁ ରାଷ୍ଟ୍ରଦ୍ରୋହୀ ଘୋଷଣା କରିବା ସହ କଠୋରରୁ କଠୋର ଦଣ୍ଡ ଦେବାର ସମୟ ଉପନୀତ। ନଚେତ ଭାରତ ଭଳି ଜନବହୁଳ ଦେଶ ବୈଶ୍ୱିକ ମହାମାରୀକୁ ପ୍ରତିହତ କରିବାକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ। ଆଶାକରେ ଅମାନିଆମାନେ ଆତ୍ମସମୀକ୍ଷା ପୂର୍ବକ ଦେଶବାସୀଙ୍କୁ ସହଯୋଗ କରିବା ସହ କରୋନାକୁ ପରାସ୍ତ କରିବା ପାଇଁ ଯୋଦ୍ଧା ହୋଇ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେବେ। ନଚେତ୍‌ ନେଡ଼ି ଗୁଡ଼ କହୁଣିକୁ ବୋହିବ।

ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ
ଜୟପୁର, କୋରାପୁଟ, ମୋ–୯୪୩୭୯୧୪୮୧୮

# ଏଇ ଭାରତରେ

ସମୟଚକ୍ରରେ ଜଣେ ନିଷ୍ଠାପର ମଣିଷକୁ ତା' ଶ୍ରମର ସ୍ୱୀକୃତି ମିଳେ । ସେହି ବ୍ୟକ୍ତି ଜୀବନର ପ୍ରତୀକ୍ଷିତ ଲକ୍ଷ୍ୟ ହାସଲ କରେ। ଏମିତି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିବା ଜଣେ ବ୍ୟକ୍ତି ହେଉଛନ୍ତି କେରଳର ଅଜିତ। ଦଶମ ପାସ୍‌ ପରେ ଅଜିତ ମାଛ ବିକି, ଅଟୋ ଚଳାଇ ପରିବାର ପ୍ରତିପୋଷଣ କରିବା ସହ ପିଏଚ୍‌ଡି ଡିଗ୍ରୀ ହାସଲ କରିପାରିଛନ୍ତି। ଜଣେ ଅଟୋଚାଳକ ଭାବେ ଏଭଳି ସଫଳତା ହାସଲ କରିବାରେ ସେ ହେଉଛନ୍ତି କେରଳର ପ୍ରଥମ ବ୍ୟକ୍ତି। ଅଜିତ ଏବେ କୁଣ୍ଡାଲୁରସ୍ଥ ଶ୍ରୀଅଚ୍ୟୁତ ମେନନ୍‌ ସରକାରୀ ମହାବିଦ୍ୟାଳୟର ମାଲୟାଲମ ବିଭାଗରେ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କୁ ବର୍ତ୍ତମାନ ବୟସ ୨୮। ଅଜିତଙ୍କ ମା'ଙ୍କୁ ତାଙ୍କ ବାପା ଘରୁ ବାହାର କରିଦେଇଥିଲେ। ସେତେବେଳେ ଅଜିତ୍‌ଙ୍କୁ ତିନି ମାସ ହୋଇଥିଲା। ତାଙ୍କ ମା'ଙ୍କ ପାଖରେ ଜାଗା ନ ଥିଲା କି ରହିବା ପାଇଁ ଘର ନ ଥିଲା। ଏଣୁ ସେ ଅଜିତଙ୍କୁ ନେଇ ଚାଲିଆସିଥିଲେ ତାଙ୍କ ଗାଁକୁ ଓ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ଅଜିତଙ୍କୁ ପଢାଇଥିଲେ। ଅଜିତ ଦଶମ ପାସ କରି ଘର ଚଳାଇବା ପାଇଁ ଏକ ଦୋକାନରେ ମାଛ ବିକ୍ରି କରିଥିଲେ। ପରେ ପଢିବା ଲାଗି ଟଙ୍କା ଆବଶ୍ୟକ ହେବାରୁ ସେ ଏକ ସେକେଣ୍ଡ ହ୍ୟାଣ୍ଡ ଅଟୋ କିଣି ଚଳାଇବା ସହ ମାଲୟାଲମରେ ଡିଗ୍ରୀ ହାସଲ କରିଥିଲେ। ପରେ ବି.ଏଡ୍‌ ପାସ୍‌ କରିବା ସହ ମାଲୟାଲମରେ ସ୍ନାତକୋତ୍ତର ଓ ୨୦୧୯ରେ ଏଥିରେ ପିଏଚଡି ଡିଗ୍ରୀ ହାସଲ କରି ସେହି ବର୍ଷ ୟୁଜିସି ନେଟ୍‌ରେ ବି କୃତକାର୍ଯ୍ୟ ହୋଇଥିଲେ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 2 | 9 | | | | 0 | E | | | B | |
| A | 8 | | | | | | 5 | | | 1 | | | | |
| | 3 | B | C | | | | | 8 | | | | | | |
| 7 | 1 | | | | | | | D | 6 | 3 | | E | A | C |
| | C | | | | | | 7 | | | | A | | 0 | |
| | | | | | | | B | 6 | D | 7 | 0 | A | | |
| 5 | A | C | 0 | 1 | 8 | | 4 | | | | | B | | |
| E | | | | | C | | 9 | | | | | 2 | | |
| | | | | 9 | | | | | | 5 | 2 | 4 | | 1 |
| | | 7 | B | | A | | | 5 | | | | | | |
| 3 | | | | D | | 4 | 1 | | | | 8 | | | 2 |
| | | | 7 | | | | 6 | | | | | | | |
| 4 | 2 | 1 | | | | | | | 3 | 6 | 7 | | | |
| 6 | | | | | | | E | | | D | | 1 | | 0 |
| 8 | | 5 | 3 | E | B | | 2 | 0 | 1 | A | | | 7 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 7 | 1 | 0 | 9 | E | 4 | B | C | 8 | 5 | 2 | 6 | D | 3 |
| E | 3 | 4 | C | B | 6 | D | 9 | 7 | 1 | 0 | A | 2 | 5 | 8 |
| 6 | 8 | 9 | 7 | 2 | 5 | 0 | 1 | A | 3 | D | E | C | B | 4 |
| 2 | D | 0 | 4 | 1 | 8 | 5 | 3 | 6 | C | B | 7 | 9 | A | E |
| B | C | 5 | 3 | D | A | E | 8 | 2 | 6 | 9 | 4 | 0 | 1 | 7 |
| 7 | 4 | 2 | D | E | B | A | 6 | 1 | 0 | C | 5 | 3 | 8 | 9 |
| D | 6 | C | 5 | 8 | 1 | 9 | 7 | 0 | B | E | 3 | 4 | 2 | A |
| 9 | A | E | 6 | 3 | 0 | C | D | 4 | 2 | 8 | 1 | B | 7 | 5 |
| 1 | 5 | 8 | 2 | A | C | B | E | 3 | 4 | 7 | 9 | D | 0 | 6 |
| 3 | 0 | B | 9 | 4 | 7 | 2 | 5 | 8 | D | A | 6 | E | C | 1 |
| C | E | 3 | B | 5 | 9 | 8 | A | D | 7 | 6 | 0 | 1 | 4 | 2 |
| 8 | B | 7 | 1 | C | 3 | 6 | 2 | E | 5 | 4 | D | A | 9 | 0 |
| 0 | 2 | 6 | 8 | 7 | 4 | 3 | C | 9 | A | 1 | B | 5 | E | D |
| 4 | 1 | A | E | 6 | D | 7 | 0 | 5 | 9 | 2 | C | 8 | 3 | B |
| 5 | 9 | D | A | 0 | 2 | 1 | 4 | B | E | 3 | 8 | 7 | 6 | C |

ଗତକାଲିର ଉତ୍ତର

# ମାନବ ସଭ୍ୟତା ପାଇଁ ସତର୍କଘଣ୍ଟି

ଅକ୍ଷୟ କୁମାର ବଡ଼ସେଠ

ସମୟକ୍ରମେ ମାନବ ସଭ୍ୟତା ସଂପ୍ରତି ବିଜ୍ଞାନ ଯୁଗରେ ପଦାର୍ପଣ କରିଛି। ମନୁଷ୍ୟ ଆଜି ନୂତନ ଜ୍ଞାନ କୌଶଳର ପ୍ରୟୋଗ କରି ବହୁତ କିଛି ସଫଳତା ପାଇଛି ସତ କିନ୍ତୁ ମନୁଷ୍ୟକୃତ ଗୋଟାଏ ଗୋଟାଏ ସାଧାରଣ ଭୁଲ୍‌ ଏ ମାନବ ସମାଜ ପାଇଁ ବିପର୍ଯ୍ୟୟର କାରଣ ସାଜିଛି, ଯାହାକୁ ନିୟନ୍ତ୍ରଣ କରିବା ମନୁଷ୍ୟ ପକ୍ଷେ ସମ୍ଭବ ନୁହେଁ।

ମାନବ ସଭ୍ୟତାର ବିପର୍ଯ୍ୟୟର କେତେକ କାରଣ ରହିଛି। ପ୍ରଥମତଃ ଜନସଂଖ୍ୟା ବୃଦ୍ଧି। ଜନସଂଖ୍ୟା ବୃଦ୍ଧି ଦ୍ୱାରା ମନୁଷ୍ୟ ନିଜର ସମ୍ବଳର ଆବଶ୍ୟକତା ପୂରଣ ପାଇଁ ଅନବରତ ଜଙ୍ଗଲକୁ ଧ୍ୱଂସ କରିବାରେ ବ୍ୟସ୍ତ। ଖାଦ୍ୟାଭାବ ସଂକଟ ଦୂର କରିବାକୁ ଯାଇ ଅଧିକ ଅମଳ ନିମନ୍ତେ କୃଷି କ୍ଷେତ୍ରରେ ଜୈବିକ ପଦ୍ଧତିରୁ ରାସାୟନିକ ପଦ୍ଧତି ଅବଲମ୍ବନ କରିବାକୁ ବାଧ ହୋଇଛି। ପୁନଶ୍ଚ ବର୍ତ୍ତମାନର ସୌଖୀନ ଯୁଗରେ ମନୁଷ୍ୟର ବିଭିନ୍ନ ଚାହିଦା ପୂରଣ ପାଇଁ ଅନେକ କଳକାରଖାନା ସ୍ଥାପନର ଆବଶ୍ୟକତା ଦେଖାଦେଇଛି। ଏତଦ୍‌ ବ୍ୟତୀତ ଏଥିରୁ ନିର୍ଗତ ବିଷାକ୍ତ ଜଳ, ଧୂଆଁର କୁପ୍ରଭାବ ସିଧାସଳଖ ପରିବେଶ ଉପରେ ପଡୁଛି, ଯାହାଫଳରେ ପ୍ରଦୂଷିତ ଜଳବାୟୁ ମାନବ ସମାଜ ପାଇଁ ଆଜି ଗରଳ ସଦୃଶ୍ୟ। ଦ୍ୱିତୀୟତଃ ବିଜ୍ଞାନର ଅଗ୍ରଗତି ଦ୍ୱାରା ସୌରଜଗତର ସୃଷ୍ଟି ସମ୍ବନ୍ଧରେ ଜାଣିବାର ଜିଜ୍ଞାସା ଏବଂ ଅତ୍ୟାଧୁନିକ ଯୁଦ୍ଧ ଅସ୍ତ୍ରଶସ୍ତ୍ରର ପରୀକ୍ଷା ନିରୀକ୍ଷା କରିବା ଏଥିପାଇଁ ଉପଗ୍ରହ ପ୍ରେରଣ କରାଯାଉଛି। ତା'ସହିତ ଆଧୁନିକ ଯୁଦ୍ଧ ଅସ୍ତ୍ରଶସ୍ତ୍ରମାନ ତିଆରି କରି ତାହାର ପରୀକ୍ଷଣ କରାଯାଉଛି। ଏଥିରୁ ନିର୍ଗତ ବିଷାକ୍ତ ଧୂଆଁର କୁପ୍ରଭାବ ସିଧାସଳଖ ବାୟୁମଣ୍ଡଳ ଉପରେ ପଡ଼ିଥାଏ। ଯାହାଫଳରେ ପୃଥିବୀର ରକ୍ଷାକବଚ ଓଜୋନସ୍ତର କ୍ଷତି ହେବାରେ ଲାଗିଛି।

ଆମେ ନିଶ୍ଚିତ ହେବା ଯେ କୃଷି ତଥା ଅନ୍ୟାନ୍ୟ କ୍ଷେତ୍ରରେ ରାସାୟନିକ ପଦ୍ଧତିର ବହୁଳ ବ୍ୟବହାର ଏବଂ ପ୍ରଦୂଷଣଯୁକ୍ତ ଜଳବାୟୁ ତଥା ଓଜନ ସ୍ତରର କ୍ଷତି ଯୋଗୁ ଆଗାମୀ ଦିନମାନଙ୍କରେ ମାନବ ସଭ୍ୟତା ବିଭିନ୍ନ ପ୍ରକାର ଅଜଣା ରୋଗର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ପୁନଶ୍ଚ ପୃଥିବୀର ବିଭିନ୍ନ ଦେଶ ବିଭିନ୍ନ ପ୍ରକାର ପ୍ରାଣୀ, କୀଟ ପତଙ୍ଗ ତଥା ସରୀସୃପ ମାଂସ ଖାଇଥାନ୍ତି। କିନ୍ତୁ ଚାଇନାବାସୀ ସମସ୍ତଙ୍କଠାରୁ ଟିକିଏ ଅଲଗା। ଯେଉଁ ଦେଶରେ କି ପ୍ରାୟ ସବୁ ପ୍ରକାର ଜୀବଜନ୍ତୁ ମାଂସ ଖାଇଥାନ୍ତି। ଯେଉଁ କାରଣ ପାଇଁ ବର୍ତ୍ତମାନ ସାରା ବିଶ୍ୱକୁ କବଳିତ କରିଥିବା କରୋନା ଭୂତାଣଜନିତ ରୋଗର ମୁଖ୍ୟ କାରଣ ରୂପେ ସାରା ବିଶ୍ୱ ନିକଟରେ ଚାଇନା ଆଜି ନିନ୍ଦିତ। ଏହା ପୁଣି ଅନ୍ୟ କେଉଁ କାରଣ ହୋଇପାରେ, ତାହା ସମୟ କହିବ। ଦୈନନ୍ଦିନ ଏହା ଆତି ମାରାତ୍ମକ ରୂପ ଧାରଣ କରି ସାରା ବିଶ୍ୱକୁ କବଳିତ କରିଚାଲିଛି। ବର୍ତ୍ତମାନ ସ୍ଥିତି ଯାହା ମନୁଷ୍ୟ ସମାଜକୁ ଏ ପ୍ରକାର ସଂକଟ ସମୟରେ ମରଣ ମୁଖରୁ ମୁକୁଳାଇବା ପାଇଁ ଚିକିତ୍ସା ବିଜ୍ଞାନ ମଧ୍ୟ ବିଫଳ ସାବ୍ୟସ୍ତ ହେଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଆଜି ସ୍ତବ୍ଧ, ସ୍ଥାଣୁ ପାଲଟି ଯାଇଛି ମାନବ ସଭ୍ୟତା। ମନୁଷ୍ୟର ଜୀବନଯାପନ ଶୈଳୀରେ ସଂପୂର୍ଣ୍ଣ ପରିବର୍ତ୍ତନ ଘଟିଛି। ସମଗ୍ର ମାନବ ସମାଜ ଆତଙ୍କିତ । ଏସବୁ ଦୃଷ୍ଟିରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ମହାମାରୀ ରୂପେ ଘୋଷଣା କରିବାକୁ ବାଧ ହୋଇଛି। ଏହାର ପ୍ରଭାବ ଏତେ ଗମ୍ଭୀର ଯେ, ଉତ୍ପାଦନ, ରପ୍ତାନି, ଗମନାଗମନ, କ୍ରୀଡ଼ା ଜଗତ, ସିନେ ଜଗତ ତଥା ଶିକ୍ଷା ଆଦି ପ୍ରମୁଖ କ୍ଷେତ୍ର ସଂପୂର୍ଣ୍ଣ ରୂପେ ପ୍ରଭାବିତ ହୋଇଛି। ଫଳରେ ଭାରତ ଏବଂ ବିଶ୍ୱ ଅର୍ଥନୈତିକ କ୍ଷେତ୍ରରେ ଘୋର ସଙ୍କଟ ପରିସ୍ଥିତି ସୃଷ୍ଟି କରିଛି।ଅପରପକ୍ଷରେ କଳିଯୁଗର ଧର୍ମ ଅଧର୍ମ ନିକଟରେ ବନ୍ଧାପଡ଼ିଛି। ଧର୍ମ ଆଗରେ ଅଧର୍ମର ଅନ୍ୟାୟ ଅତ୍ୟାଚାର ପାପ ବିଚାର ବଢ଼ିଚାଲିଛି। ଧର୍ମନିର୍ଦ୍ଦେଶିତି କୁହାଯାଉଥିବା ନ୍ୟାୟାଳୟ ଆଜି ଦିଗହରା। ଫଳତଃ ନ୍ୟାୟାଳୟ ପ୍ରତି ଲୋକଙ୍କର ଆସ୍ଥା ତୁଟି ଯାଉଛି। ମନୁଷ୍ୟ ଆଜି ଅର୍ଥ ଲୋଭରେ ଚୋରି, ଡକାୟତି, ମର୍ଡର, ଦୁର୍ନୀତିଗ୍ରସ୍ତ ତଥା ବିଶ୍ୱାସରେ ବିଷ ଦେବା ଭଳି ପାପକର୍ମରେ ଲିପ୍ତ ରହୁଛି। ଏସବୁ ଅସାମାଜିକ କାର୍ଯ୍ୟକଳାପ ତଥା ଅଧର୍ମୀୟ ବିଚାରଧାରା କ'ଣ ମାନବ ସମାଜ ପାଇଁ ବିପଦ ନୁହେଁ କି। ତେଣୁ ଏହା ମାନବ ସଭ୍ୟତା ପାଇଁ କଳଙ୍କିତ ଅଧ୍ୟାୟ ରୂପେ ସାବ୍ୟସ୍ତ ହୋଇଛି।

ଆଧ୍ୟାତ୍ମିକ ବିଚାରଧାରାନୁସାରେ ମହାମାରୀ କରୋନା ଭଳି ବିଭିନ୍ନ ପ୍ରକାର ଭୂତାଣୁଜନିତ ରୋଗ ଏବଂ ଅସମୟରେ ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟ ପ୍ରଭୃତିକୁ ଭଗବାନଙ୍କ ଲୀଳା ବୋଲି ବିବେଚନା କରୁଥାଏ। ତେବେ ମନୁଷ୍ୟ ଏହାକୁ ସତର୍କତାର ସମୟ ରୂପେ ଗ୍ରହଣ କରିବା ଉଚିତ। ମନୁଷ୍ୟ ଧନ ସମ୍ପତ୍ତି ଲୋଭରେ ଅନ୍ୟାୟ, ଅତ୍ୟାଚାର ଭଳି ଅସାମାଜିକ କାର୍ଯ୍ୟରୁ ନିଜକୁ ନିବୃତ୍ତ କରିବା ଉଚିତ। ପୁନଶ୍ଚ ଏହାକୁ ବିଜ୍ଞାନ ସମ୍ମତ ଦୃଷ୍ଟିରୁ ଯଦି ବିଚାର କରାଯାଏ, ସେଥିପାଇଁ ଜନସଂଖ୍ୟା ନିୟନ୍ତ୍ରଣ କରି ଜଙ୍ଗଲ ଓ ପରିବେଶ ସୁରକ୍ଷା, ପ୍ରାକୃତିକ ସମ୍ପଦର ସଦ୍‌ବିନିଯୋଗ ଏବଂ କୃଷିକ୍ଷେତ୍ରରେ ରାସାୟନିକ ପଦ୍ଧତି ଅପେକ୍ଷା ଜୈବିକ ପଦ୍ଧତି ଅବଲମ୍ବନ କରିବା ଆଦି କେତେକ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ମନୁଷ୍ୟ ପାଇଁ ଅପରିହାର୍ଯ୍ୟ। ଆହୁରି ମଧ୍ୟ ସୌଖୀନ ବୈଦ୍ୟୁତିକ ସାମଗ୍ରୀ ଓ ଯାନବାହନର ଆବଶ୍ୟକତା ଅନୁଯାୟୀ କ୍ରୟ କରିବା, ଯାହାକି ଅଧିକ କମ୍ପାନୀ ସ୍ଥାପନର ଆବଶ୍ୟକତାକୁ ରୋକିପାରିବ।

ଉଭୟ ଦୃଷ୍ଟିକୋଣରୁ ଏପରି ବିପର୍ଯ୍ୟୟ ମାନବ ସଭ୍ୟତା ପାଇଁ ସତର୍କ ଘଣ୍ଟି। ତେଣୁ ସୃଷ୍ଟିରେ ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ନିଜର ଧ୍ୱଂସ ପୂର୍ବରୁ ଯଥା ସମୟରେ ସଜାଗ ସଚେତନ ହେବା ଉଚିତ। ସେଥିପାଇଁ ମନୁଷ୍ୟ ମାନସିକ ଭାବେ ନିଜେ ନିଜ ପରିବାର, ଅଞ୍ଚଳ, ଦେଶ ତଥା ବିଶ୍ୱସ୍ତରରେ ସାମଗ୍ରିକ ଭାବେ ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ପାଇଁ ସୁବିଚାର, ଉତ୍ତମ ଚିନ୍ତାଧାରା ତଥା ଭିନ୍ନ ଏକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ, ଯାହା କି ମାନବ ସଭ୍ୟତାକୁ ଧ୍ୱଂସ ମୁଖରୁ ରକ୍ଷା କରବ।

ଗୁମା, ତୁମୁଡ଼ିବନ୍ଧ, କନ୍ଧମାଳ
ମୋ: ୯୪୩୯୪୫୫୬୦୨

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଏପ୍ରିଲ ୧୯୯୫

- ରାଜ୍ୟପାଳ ଚେନ୍ନା ରେଡ୍ଡୀଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୟଲଲିଥା ମାଡ୍ରାସ ହାଇକୋର୍ଟରେ ଦାଖଲ କରିଥିବା ଏକ ରିଟ୍‌ ପିଟିସନ୍‌କୁ ଅଦାଲତର ଏକ ଡିଭିଜନ୍‌ ବେଞ୍ଚ ଖାରଜ କରିଦେଇଛି।
- ଶ୍ରୀଲଙ୍କା ସରକାରୀ ସୈନ୍ୟଙ୍କ ଆକ୍ରମଣରେ ୨୦ ଗେରିଲା ମୃତ।

## ଚିରନ୍ତନୀ

ମୁକତିର ଗତି ଏକ ଅପରକୁ ଜାଣେ
ଏକ ବିନେ ଆନର ମୁକତି
ସେ ଯେ ମହା ଅସମ୍ଭବ
କ୍ଲାନ୍ତିହୀନ ମିଳନ ବିଭବ।
ଚିର ଆକାଙ୍କ୍ଷାର ଧନ
ଏକ ଯେ ଆନର ତହିଁ ମୁକତି–ସାଧନ।
(ଯୁଗଳ ପ୍ରୟାଣେ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଗଣତାନ୍ତ୍ରିକ ରାଷ୍ଟ୍ର ପ୍ରଦୂଷିତ

ମହାଶୟ,

ଭୋଟରମାନେ ଯେଉଁ ଜନ ପ୍ରତିନିଧିମାନଙ୍କୁ ବିଧାନସଭା ଓ ଲୋକ ସଭାକୁ ପ୍ରତି ପାଞ୍ଚବର୍ଷରେ ଥରେ ନିର୍ବାଚିତ କରିଥାଆନ୍ତି ସେହିମାନେ ହିଁ ଭାରତ ପରି ଏକ ବୃହତ୍‌ ଗଣତାନ୍ତ୍ରିକ ରାଷ୍ଟ୍ରକୁ ଉଚିତ ମାର୍ଗରେ ପରିଚାଳିତ କରିବାକୁ ଶପଥ ନେଇଥାନ୍ତି। ବର୍ତ୍ତମାନ ଦେଶରେ ମୁଖ୍ୟତଃ ଦୁଇଟି ଜାତୀୟ ସ୍ତରର ରାଜନୈତିକ ଦଳ ଓ ରାଜ୍ୟ ସ୍ତରରେ ବହୁ ଆଞ୍ଚଳିକ ଦଳ ନିଜ ପ୍ରତିନିଧିମାନଙ୍କୁ ଚୟନ କରି ଶାସନଭାର ଗ୍ରହଣ କରିବାକୁ ପ୍ରୟାସ ରଖିଥାଆନ୍ତି। ବିଗତ କେତେ ଦଶନ୍ଧିର ନିର୍ବାଚନର ଅଭିଜ୍ଞତାରୁ ଦେଖାଯାଏ ଯେ ଆପରାଧିକ ପୃଷ୍ଠଭୂମି ଥିବା କେତେକ ଅବାଞ୍ଛିତ ବ୍ୟକ୍ତିମାନଙ୍କୁ ରାଜନୈତିକ ଦଳ ପକ୍ଷରୁ ଟିକେଟ ଦିଆଯାଇ ନିର୍ବାଚନ ଜିତିବା ନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥାନ୍ତି। ଏପରି ବଳାତ୍କାର, ହତ୍ୟା, ଲୁଣ୍ଠନ ଆଦି ଜଘନ୍ୟ ଅପରାଧରେ ଜଡିତ ଥିବା ବହୁ ବ୍ୟକ୍ତି ନିର୍ବାଚିତ ହେବା ପରେ ଦଳର ଛତ୍ରଛାୟା ତଳେ ରହି ନିଜକୁ ସୁରକ୍ଷିତ ମଣିଥାଆନ୍ତି। ଆଇନର ଲମ୍ବା ହାତ ସେମାନଙ୍କୁ ସହଜରେ ସ୍ପର୍ଶ କରିପାରେ ନାହିଁ। ତେବେ ରାଜନୈତିକ ଦଳ ନିଜ ସ୍ୱାର୍ଥ ରକ୍ଷା ଦୃଷ୍ଟିରୁ ଏମାନଙ୍କୁ ଦଳରୁ ବହିଷ୍କାର କରିବାକୁ ସାହସ ଜୁଟାଇ ପାରନ୍ତି ନାହିଁ। ନିର୍ବାଚନ ପୂର୍ବରୁ ଦାଗୀ ରାଜନେତାମାନଙ୍କୁ ଟିକେଟ ନ ଦେବା ପାଇଁ ଦେଶସାରା ବିଭିନ୍ନ ସ୍ତରରେ ବିଚାର ଆଲୋଚନା କରାଯାଏ କିନ୍ତୁ ତା'ର କୌଣସି ପ୍ରଭାବ ଦଳମାନଙ୍କ ଉପରେ ପଡେ ନାହିଁ। ଫଳରେ ପାର୍ଲାମେଣ୍ଟରେ ଏବେ ୪୬% ସଦସ୍ୟଙ୍କ ନାମରେ ଆପରାଧିକ ମାମଲା ରହିଛି। ନିର୍ବାଚନରେ ସ୍ୱଚ୍ଛତା ଆଣିବା ପାଇଁ ଓ ଅପରାଧୀମୁକ୍ତ ରଖିବା ପାଇଁ ପାର୍ଲାମେଣ୍ଟରେ ଯଥାବିଧି ଆଇନ ପ୍ରଣୟନ କରାଯାଉ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

## ତନ୍ତ୍ର–ମନ୍ତ୍ର–ଗୁଣି ବର୍ଜନୀୟ

ଦେଶ ତଥା ରାଜ୍ୟରେ ଦେଖାଦେଇଥିବା 'କରୋନା' ଭାଇରସ୍‌କୁ ଦୂର କରିବା ପାଇଁ କୌଣସି ଭଣ୍ଡବାବା, ତାନ୍ତ୍ରିକ ତଥା ଗୁଣିଆଙ୍କ ପ୍ରଲୋଭନରେ ନ ପଡ଼ି ନିଜକୁ ସୁରକ୍ଷିତ ପ୍ରତି ଧ୍ୟାନ ଦିଅନ୍ତୁ। ଅର୍ଥ ଠକିବାର ଆଶଙ୍କା ରହିଛି। କେବଳ ସରକାରଙ୍କ ସଚେତନତା ବାର୍ତ୍ତା ପାଳନ କରଣୀୟ। ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହେବାପାଇଁ ଜନସାଧାରଣଙ୍କ ସତର୍କତା ଅବଲମ୍ବନ ଜରୁରୀ। ଅନ୍ୟଠାରୁ ଯଥାସମ୍ଭବ ବ୍ୟବଧାନ ରକ୍ଷା କରିପାରିଲେ ଭୟ ଦୂର ହୋଇଯିବ। ଆବଶ୍ୟକ ହେଲେ ପରୀକ୍ଷା କରନ୍ତୁ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସୁସ୍ଥ ହୋଇ ଫେରିଲେ କରୋନା ଆକ୍ରାନ୍ତ

**ଢେଙ୍କାନାଳ ଅଫିସ, ୨୭।୪:** କୋଭିଡ୍-୧୯ ସଂକ୍ରମଣର ଶିକାର ହୋଇଥିବା ଢେଙ୍କାନାଳ ଜିଲାର ଏକମାତ୍ର ମହିଳା ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। କରୋନା ଲକ୍ଷଣ ଜଣାପଡ଼ିବା ପରେ ସେ କଟକସ୍ଥିତ ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସା ପରେ ତାଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା। ସେଠାରୁ ତାଙ୍କୁ ଅଣାଯାଇ ଢେଙ୍କାନାଳ କୋଭିଡ୍ ହେଲ୍‌ଥ ସେଣ୍ଟରରେ ୭ଦିନ ପାଇଁ ଅବଜରଭେଶନରେ ରଖାଯାଇଥିଲା। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ସୋମବାର ତାଙ୍କୁ ଘରକୁ ପଠାଇ ଦିଆଯାଇଛି। କରୋନା ଲଢ଼େଇରେ ବିଜୟୀ ହୋଇଥିବା ଖୁସିରେ ତାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କୁ ଆଉ ୭ଦିନ ଘରେ ସଙ୍ଗରୋଧରେ ରହିବାକୁ ଜିଲାପାଳ ଭୂମେଶଚନ୍ଦ୍ର ବେହେରା ପରାମର୍ଶ ଦେଇଛନ୍ତି।

# ମେ ୧୦ରୁ ରବିଧାନ କିଣା

**ବଲାଙ୍ଗୀର ଅଫିସ, ୨୭।୪**

ବଲାଙ୍ଗୀର ଜିଲାରେ ରବି ଧାନକ୍ରୟ ପ୍ରକ୍ରିୟା ଆସନ୍ତା ୧୦ ତାରିଖଠାରୁ ଆରମ୍ଭ ହେବ। ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ବଲାଙ୍ଗୀର ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ, ପାଟଣାଗଡ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଜିଲା ଯୋଗାଣ ଅଧିକାରୀ ଅଭିରାମ ପ୍ରଧାନ, ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର କୁମାର ପରିଚ୍ଛା, ଯତୀ ପଧାନ,


ବୈଠକରେ ମଞ୍ଚାସୀନ ଜନପ୍ରତିନିଧି, ସରକାରୀ ଅଧିକାରୀ ଓ ଚାଷୀ ପ୍ରତିନିଧି।

ଜିଲା ମୁଖ୍ୟ କୃଷି ଅଧିକାରୀ ବାଳକୃଷ୍ଣ ଗୌଡ, ଜିଲା ଉଦ୍ୟାନ କୃଷି ନିର୍ଦ୍ଦେଶକ, ଏଆରସିଏସ୍‌ଙ୍କ ସହ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାର ଚାଷୀମାନଙ୍କଠାରୁ କିଭଳି ସୁଚାରୁରୂପେ ରବି ଧାନକ୍ରୟ କରାଯାଇପାରିବ ଏନେଇ ସୁବ୍ୟବସ୍ଥା କରାଯିବାକୁ ଆଲୋଚନା ହୋଇଥିଲା। ଧାନକିଣା ସମୟରେ କୋଭିଡ-୧୯ ମାର୍ଗଦର୍ଶିକା ଅନୁପାଳନ, ମାସ୍କ, ସାନିଟାଇଜର ବ୍ୟବହାର, ସାମାଜିକ ଦୂରତ୍ୱ ପାଳନ କରାଯିବା ଉପରେ ଜିଲାପାଳ ଡାକୁଆ ସୂଚନା ଦେଇଥିଲେ। ଜିଲାରେ ୮୬ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଓ ୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଧାନକିଣା ଆରମ୍ଭ ହେବ। ଦୈନିକ ୩୦ଜଣ ଚାଷୀ ୩ଟି ପର୍ଯ୍ୟାୟରେ ସେମାନଙ୍କ ଧାନ ବିକ୍ରୟ କରିପାରିବେ। ସକାଳ ୭ଟାରୁ ୧୨ ମଧ୍ୟରେ ଦୈନିକ ୧ ହଜାର କୁଇଣ୍ଟାଲ ଧାନ କିଣା ହେବ। ଧାନକିଣା ସମୟରେ ପ୍ୟାକ୍ସ ଓ ଏସ୍‌ଏଚ୍‌ଜି ସେଣ୍ଟରରେ ହାତ ଧୋଇବା ପାଇଁ ସାବୁନ୍, ପାଣି, ସାନିଟାଇଜର, ମାସ୍କ ରହିବା ସହ ସମସ୍ତେ ଯେପରି ସାମାଜିକ ଦୂରତ୍ୱ ଅବଲମ୍ବନ କରିବେ ଏହା ସୁନିଶ୍ଚିତ କରାଯିବ। ଚଳିତ ରବିଧାନ ନିମନ୍ତେ

**ବଲାଙ୍ଗୀର ଜିଲା**

ସାଧାରଣ ଏଫ୍‌ଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୮୧୫ ଟଙ୍କା ଓ ଏଫ୍‌ଏକ୍ୟୁ ଗ୍ରେଡ୍ ଏ ଧାନର ମୂଲ୍ୟ ୧୮୩୫ ଟଙ୍କା ଧାର୍ଯ୍ୟ କରାଯାଇଛି। ଜିଲାର ୫୯୩୧ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି। ତେବେ କରୋନା ଲକ୍‌ଡାଉନ୍ ସକାଶେ କିଛି ଚାଷୀ ନିର୍ଦ୍ଧାରିତ ସମୟରେ ପଞ୍ଜୀକରଣ କରିପାରି ନ ଥିବା ଆଲୋଚନା ହୋଇ ପଞ୍ଜୀକରଣ ଅବଧିକୁ ବୃଦ୍ଧି ସକାଶେ ପ୍ରସ୍ତାବ ରଖିଥିଲେ। ଚାଷୀଙ୍କୁ ଯେଭଳି ଉଚିତ୍ ମୂଲ୍ୟ ମିଳିବ ଓ ସେମାନେ କୌଣସି ଲୋକଙ୍କ ଶୋଷଣର ଶିକାର ହେବେନାହିଁ ତାହା ସୁନିଶ୍ଚିତ କରିବାକୁ ଆଲୋଚନା ହୋଇଥିଲା।

# ପାସ୍‌ଧାରୀ ୪ ଯୁବକଙ୍କୁ ହୋମଗାର୍ଡଙ୍କ ମାଡ଼

**କୋରୁକୋଣ୍ଡା, ୨୭।୪(ଡି.ଏନ୍.ଏ.)**

ସାରା ଦେଶରେ ବର୍ତ୍ତମାନ ଲକ୍‌ଡାଉନ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ପୋଲିସ ପ୍ରଶାସନକୁ କ୍ଷମତା ମିଳିଛି। ଜନସାଧାରଣ ଘରେ ରହିବାକୁ ସରକାର ପରାମର୍ଶ ଦେଇଥିବା ବେଳେ ପୋଲିସ ପ୍ରଶାସନ ବାହାରେ ବୁଲି କରୋନା ବିରୋଧରେ ଲଢ଼େଇ କରୁଛି। ତେବେ ପୋଲିସ କେତେକ କ୍ଷେତ୍ରରେ ନିରୀହ ଜନସାଧାରଣଙ୍କ ଉପରେ ଜୁଲୁମ କରୁଥିବା ଅଭିଯୋଗ ହୋଇଛି। ଏପରି ଏକ ଘଟଣା ସୋମବାର ମାଲକାନଗିରି ଜିଲା ଗୋବିନ୍ଦପାଲି ଫାଣ୍ଡି ଅଧୀନରେ ଦେଖିବାକୁ ମିଳିଛି। ଖବରରୁ ଜଣାପଡିଛି କୋରୁକୋଣ୍ଡା ବ୍ଲକ ଚିତାପାରି-୩ ପଞ୍ଚାୟତ ପୁରୁଣା ବାଲିମେଳାର ୪ ଜଣ ଯୁବକ ସମୀର ଭଦ୍ରା, ପ୍ରହରାଜ ଭଦ୍ରା, ସନ୍ତୋଷ ପାଙ୍ଗି ଏବଂ ରାଜକୁମାର କିର୍‌ସାନି କୋରାପୁଟରେ ରହୁଥିବା ସେମାନଙ୍କ ଜଣେ ସମ୍ପର୍କୀୟଙ୍କ


ସମୀର ଭଦ୍ରା

■ମୃତ ସମ୍ପର୍କୀୟଙ୍କୁ ଦେଖିବାକୁ ଯାଇଥିଲେ

ମୃତ୍ୟୁ ହୋଇଥିବାରୁ ତାଙ୍କୁ ଦେଖିବାକୁ ପାସ୍ କରାଇ ଯାଇଥିଲେ। ଏମାନେ କୋରାପୁଟରୁ ଫେରିବା ସମୟରେ ଗୋବିନ୍ଦପାଲି ଚେକ୍ ପୋଷ୍ଟଠାରେ ନିୟୋଜିତ ୨ଜଣ ହୋମଗାର୍ଡ ସେମାନଙ୍କୁ ପଚରାଉଚରା କରି ମାଡ଼ ମାରିଛନ୍ତି। ଏଥିରେ ସମୀରଙ୍କ ମୁଣ୍ଡ ଫାଟିଯାଇଛି। ପରେ ତାଙ୍କୁ ଗୋବିନ୍ଦପାଲି ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ‘ରାକେଶ’ ପିଠିରେ ଘା’

**ଢେଙ୍କାନାଳ ଅଫିସ, ୨୭।୪**

■ଦନ୍ତାକୁ ନେଇ ଚିନ୍ତାରେ ବନ ବିଭାଗ

■ସନ୍‌ବର୍ନ କାରଣରୁ ସଂକ୍ରମଣ: ଡିଏଫ୍‌ଓ

ଢେଙ୍କାନାଳ ଜିଲା କପିଳାସ ଚିଡ଼ିଆଖାନା ପରିସରରେ ବନ୍ଦୀଜୀବନ କାଟୁଥିବା ନରହନ୍ତା ଦନ୍ତା ‘ରାକେଶ’ର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ହାତୀର ପିଛା ଛାଡୁନି ଘା’। କେତେବେଳେ ଶିକୁଳିରେ ଘଷି ହୋଇ ଗୋଡ଼ରେ କ୍ଷତ ସୃଷ୍ଟି ହେଉଛି ତ ଆଉ କେବେ ସନବର୍ନ ଯନ୍ତ୍ରଣା ବଢ଼ାଉଛି। ଗୋଡ଼ରେ ହୋଇଥିବା ଘା’ ଶୁଖି ଯାଇଥିବାବେଳେ ଏବେ ପିଠିରେ କ୍ଷତ ହାତୀ ପାଇଁ ନୂଆ ସମସ୍ୟା ସୃଷ୍ଟି କରିଛି।

ଚିଡ଼ିଆଖାନାର ହାତୀ ରେସ୍‌କ୍ୟୁ ସେଣ୍ଟର ପରିସରରେ ଥିବା ଏକ ମଣ୍ଡପ ଚତୁଃପାର୍ଶ୍ୱରେ ଟ୍ରେଞ୍ଚ୍ ଖୋଳାଯାଇ ‘ରାକେଶ’କୁ ରଖାଯାଇଛି। ଖୋଲା ଛାଡ଼ିଲେ ବିପଦ ଆଶଙ୍କା ଥିବାରୁ ତାକୁ ଶିକୁଳିରେ ବନ୍ଧାଯାଇଛି। ଇତିମଧ୍ୟରେ ହାତୀ ପିଠିରେ ଘା’ ହୋଇଛି। ଘା’ଗୁଡ଼ିକ ସଂକ୍ରମିତ ହେଉଥିବାରୁ ସେ ଯନ୍ତ୍ରଣାରେ ଛଟପଟ ହୋଇ ଗର୍ଜନ ଛାଡୁଛି। ଏହା ଜଣାପଡ଼ିବା ପରେ ରବିବାର ଭୁବନେଶ୍ୱରରୁ ଏକ ପ୍ରାଣୀ ଚିକିତ୍ସକ ଦଳ ଆସି ହାତୀଟିର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ଚିକିତ୍ସା କରିଛନ୍ତି। ଏ ନେଇ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତି, ଦନ୍ତା ହାତୀର ପିଠିରେ ଥିବା ହାଡର ଦୁଇ ପାର୍ଶ୍ୱରେ ଘା’ ହୋଇଛି। ଭୁବନେଶ୍ୱରରୁ ଚିକିତ୍ସକ ମାନେ ଆସି ଚିକିତ୍ସା କରିଛନ୍ତି। ଏହା ସନ୍‌ବର୍ନଜନିତ କ୍ଷତ ବୋଲି ଚିକିତ୍ସକମାନେ କହୁଥିବା ଡିଏଫ୍‌ଓ କହିଛନ୍ତି। ଅନ୍ୟପଟେ ପୂର୍ବରୁ ହାତୀର ଗୋଡ଼ରେ ହୋଇଥିବା ଘା’ ଭଲ ହୋଇଗଲାଣି। ‘ରାକେଶ’କୁ କାଠବାଡ଼ରେ ଆବଦ୍ଧ କରି ରଖିବା ପାଇଁ କ୍ରାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ତାଳଚେର ରେଞ୍ଜ୍‌ରେ ଉପଦ୍ରବ ସୃଷ୍ଟି କରି ବ୍ୟାପକ ଧନଜୀବନ ହାନି କରିଥିବାରୁ ଉକ୍ତ ଦନ୍ତାକୁ ଗତ ଜାନୁୟାରୀ ୨୨ରେ ଟ୍ରାଙ୍କୁଲାଇଜ୍ କରି କପିଳାସ ଚିଡ଼ିଆଖାନାକୁ ଅଣାଯାଇଥିଲା। ଏହାପରେ ହାତୀର ସୁରକ୍ଷା ଏବଂ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି।


ଦନ୍ତାହାତୀ ରାକେଶ।

### କପିଳାସ ଜୁ’କୁ ଆସିବ ହାତୀଛୁଆ

ରାଜ୍ୟର ପ୍ରସିଦ୍ଧ ପ୍ରାଣୀ ଉଦ୍ୟାନ ନନ୍ଦନକାନନରୁ ଏକ ମାଈହାତୀ ଛୁଆକୁ ଢେଙ୍କାନାଳ କପିଳାସ ଜୁ’ର ଏଲିଫ୍ୟାଣ୍ଟ ରେସକ୍ୟୁ ସେଣ୍ଟରକୁ ଅଣାଯିବ। ନନ୍ଦନକାନନରେ ହାତୀଙ୍କ ସ୍ୱାସ୍ଥ୍ୟକୁ ନଜରରେ ରଖି ଏହି ପଦକ୍ଷେପ ନିଆଯାଇଛି। ଏ ନେଇ ବିଚାର ବିମର୍ଶ ଚାଲିଥିବା ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। କପିଳାସ ଚିଡ଼ିଆଖାନାର ୪.୫ ହେକ୍ଟର ପରିଧି ମଧ୍ୟରେ ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟର କାର୍ଯ୍ୟ କରୁଛି। ନନ୍ଦନକାନନରୁ ହାତୀ ଶାବକ ଅଣାଯିବା ପରେ ଜୁ’ରେ ହାତୀସଂଖ୍ୟା ୬ରେ ପହଞ୍ଚିବ। ଏବେ କାର୍ତ୍ତିକ, ଉମା, ଚନ୍ଦୁ, ହିରୋ ଏବଂ ରାକେଶ ଚିଡ଼ିଆଖାନାରେ ଅଛନ୍ତି।

# ରାସ୍ତା ଖୋଳି ସୀମା ଅବରୋଧ

**ଗୁଣପୁର, ୨୭।୪(ଡି.ଏନ୍.ଏ.)**

ଗଜପତିଜିଲା ସୀମାନ୍ତ ଆନ୍ଧ୍ରରେ କରୋନା ରୋଗୀ ଚିହ୍ନଟ ହେବା ପରେ ରାୟଗଡ଼ା ଜିଲା ପୋଲିସ ଓ ପ୍ରଶାସନ ପାଇଁ ଏହା ଏବେ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଗୁଣପୁର ସୀମାକୁ ଲାଗି ରହିଥିବା ୪ଟି ରାଜ୍ୟର ସୀମାନ୍ତ ରାସ୍ତା ଏବଂ ୨ଟି ଜିଲା ଏପରି ୬ଟି ଅଞ୍ଚଳ ରାସ୍ତା ଉପରେ ଏବେ କଟକଣା କଡ଼ାକଡ଼ି କରାଯାଇଛି। ଜଗନ୍ନାଥପୁର, ଗୋଠଲପଦର, ସୁଲୁଡ଼ି, କାଟିକି, କତାଗୁଡ଼ା, ବାଡିଗାଁ ଭାୟା ଗାଦିଆଖଲା ଗୁଣପୁରର ୪ଟି ରାଜ୍ୟ ସୀମାନ୍ତରେ ପୋଲିସ ପକ୍ଷରୁ ଚେକ ପୋଷ୍ଟ କରାଯିବ ସହ ଯାତାୟତ ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ସେହିପରି ରାୟଗଡ଼ା-ଗଜପତି ଜିଲା ସୀମାନ୍ତ କତାଗୁଡ଼ାଠାରେ ମଧ୍ୟ ପୋଲିସ ଚେକ ପୋଷ୍ଟ କରାଯାଇ ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖାଯାଇଛି। ଗଜପତି-ରାୟଗଡ଼ା ସୀମାନ୍ତ ବାଡିଗାଁ ଭାୟା ଗୁଣପୁର ରାସ୍ତାକୁ ଖୋଳି ଦିଆଯାଇ ଅବରୋଧ କରାଯାଇଛି।


ସୀମାନ୍ତ ବାଡିଗାଁ ଭାୟା ଗୁଣପୁର ରାସ୍ତାକୁ ଖୋଳି ଅବରୋଧ କରାଯାଇଛି।

# ନୂଆପଡ଼ାରେ କୋଭିଡ୍ ହସ୍ପିଟାଲ ଉଦ୍‌ଘାଟିତ

## ୩୦ହଜାର ଶ୍ରମିକଙ୍କ ପାଇଁ କ୍ୱାରାଣ୍ଟାଇନ ବ୍ୟବସ୍ଥା

**ନୂଆପଡା ଅଫିସ, ୨୭।୪**

ନୂଆପଡା ସିଲଦା ଅନ୍ୱେଷା ହସ୍ପିଟାଲରେ ସୋମବାର ୨ଶହ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ଉଦ୍‌ଘାଟିତ ହୋଇଛି। ଜିଲାପାଳ ମଧୁସ୍ମିତା ସାହୁ ଏହି ହସ୍ପିଟାଲକୁ ଉଦ୍‌ଘାଟନ କରିଛନ୍ତି। ଆଗାମୀ ଦିନରେ ଜିଲା ତଥା ରାଜ୍ୟ ବାହାରରେ ଅଟକି ରହିଥିବା ୩୦ହଜାରରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ଫେରାଇ ଆଣିବାର ବ୍ୟବସ୍ଥା କରାଯାଉଛି। ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖିବାର ବ୍ୟବସ୍ଥା ପ୍ରଶାସନ ପାଖରେ ଅଛି। ଆଗାମୀ ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ କୋଭିଡ୍ ହସ୍ପିଟାଲର ବ୍ୟବସ୍ଥା କରାଯାଇଛି ଜିଲାପାଳ ସାହୁ କହିଛନ୍ତି। ଏହି ହସ୍ପିଟାଲରେ ୧୭୪ ସାଧାରଣ ଓ ୨୬ଟି ସ୍ୱତନ୍ତ୍ର ଶର୍ଯ୍ୟାର ବ୍ୟବସ୍ଥା କରାଯାଉଛି। ଉକ୍ତ ହସ୍ପିଟାଲ ପାଇଁ ୭୫ଜଣ ଷ୍ଟାଫ୍‌ନର୍ସ, ୨୫ ଏଏନଏମ, ୧୫ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ୪ ଫାର୍ମାସିଷ୍ଟ, ଜଣେ ଲେଖାଏଁ ଏଲଟି, ମାଇକ୍ରୋ ବାଇଲୋଜିଷ୍ଟ ନିଯୁକ୍ତ କରାଯାଇଛି। ଏଥିସହିତ ୫ଟି ଭେଣ୍ଟିଲେଟର ରଖାଯାଇଥିବା ଜିଲାପାଳ କହିଛନ୍ତି। ଯେ କୌଣସି ବ୍ୟକ୍ତିଙ୍କ କରୋନା ଲକ୍ଷଣ ଦେଖାଦେଲେ ତାଙ୍କୁ ଉକ୍ତ ହସ୍ପିଟାଲରେ ଭର୍ତ୍ତି କରାଯିବା ସହ ସ୍ୱାବ୍ ଟେଷ୍ଟ ପାଇଁ ପଠାଯିବ। ରୋଗ ଚିହ୍ନଟ ହେଲେ ସେମାନଙ୍କୁ ଏଠାରେ ରଖି ସମସ୍ତ ପ୍ରକାର ଚିକିତ୍ସା କରାଯିବ। ଆଗାମୀ ଦିନରେ ଜିଲାକୁ ଆସୁଥିବା ୩୦ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ଶ୍ରମିକଙ୍କୁ ସୁରକ୍ଷିତ ଥଇଥାନ କରିବା ଏକ ବଡ ଚ୍ୟାଲେଞ୍ଜ। ସେମାନଙ୍କ ପାଇଁ କ୍ୱାରାଣ୍ଟାଇନର ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ କହିଛନ୍ତି। ଉକ୍ତ ହସ୍ପିଟାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଡା.କାଳୀପ୍ରସାଦ ବେହେରା, ଏଡିଏମ୍‌ଓ ରାଧାରମଣ ବିର୍ତ୍ତିଆ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟମାଧବ ପାଣିଗ୍ରାହୀ, ଦୁର୍ଗାମାଧବ ମହାରଣା ପ୍ରମୁଖ ଯୋଗ ଦେଇଥିଲେ।


OFFICE OF THE
**EXECUTIVE ENGINEER, PUBLIC HEALTH DIVISION, ANGUL**
Ph# 06764-230431, E-mail: eephangul@yahoo.in

**QUOTATION CALL NOTICE**

No.: 2604 of 2020-21 Dt. 27.04.2020

The Executive Engineer, P.H. Division, Angul on behalf of Governor of Odisha, invites sealed quotations from the Water Tanker Owners/Contractors duly registered under State/Central Govt. for deployment of Mini Truck Mounted/Tractor Mounted/Tata ACE Mounted Water Tanker of capacity 4KL for distribution of drinking water to public during Summer-2020 in the under mentioned ULBs as per detailed terms and condition indicated below.

| Sl. No. | Description | Name of ULBs | No. of Vehilce | Tentative Period of Engagement | Unit | Rate/Day/Vehicle Word | Figure |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Supplying and engaging Mini Truck mounted Water Tanker/Tractor towed water tanker/ TATA ACE mounted water tanker of 4 KL capacity each having suitable pump & motor arrangement for filling drinking water in the PVC/RCC storage tank placed at different havitation/wards/distribution of drinking water at different locations within the respective ULBs during heat wave period taking water from specified loading points of PHED daily minimum 4 trips/day (two trips in the morning & two trips in the afternoon) including supply of all materials, labour, T&P, fuel & lubricant, wages of driver having appropriate licence to drive such vehicle with helper all complete as per direction of the Engineer-in-Charge. | Angul | 2 | 60 Days | Per Day/ Per Vehicle | | |
| | | Talcher | 1 | 60 Days | - do - | | |
| | | Athamallik | 1 | 60 Days | - do - | | |
| | | Dhenkanal | 8 | 60 Days | - do - | | |
| | | Kamakhyanagar | 2 | 60 Days | - do - | | |
| | | Bhuban | 2 | 60 Days | - do - | | |
| | | Hindol | 3 | 60 Days | - do - | | |

**Terms & Condition:**

1. Separate quotation should be submitted in the letter pad for each work and submitted in separate sealed cover. The quotationer are not required to write their name on the outer cover containing the quotation documents. They are only required to write the name of the work and the authority who had invited the tender.
2. The quotation must be accompanied with earnest money deposit @ 2% of the quoted value in shape of NSC, POTD, Post Office Saving Bank Account, Deposit receipt of any Scheduled Bank and duly pleged in favour of Executive Engineer, P.H. Division. Quotation received without EMD shall be rejeted outright.
3. The quotation will be received in the Office of the Executive Engineer, P.H. Division, Angul/Dy. Executive Engineer, P.H. Sub-Division, Angul/Asst. Executive Engineer, P.H. Sub-Division, Dhenkanal directly in the tender box on or before **5.00 P.M. of Dtd.04.05.2020.** The quotation can also be received through Speed Post/Regd. Post latest upto 5.00 P.M. on Dt.04.05.2020. Quotation received after due date and time shall not be entertained and the authority shall not be held responsible for dely or missing of the quotation during postal transit.
4. The vehicle engaged should have valid upto date registration, Insurance, permit fitness as per rule. The driver of the vehicle should have appropriate valid driving licence to drive such vehicle. Copy of documents should be enclosed along with the quotation.
5. Quotation shall be opened by the Executive Engineer, P.H. Division, Angul in presence of the quotationers or their authorized representatives on **Dt.05.05.2020 at 12.30 P.M**.
6. If the above days are declared later as a Govt. holiday then the quotations will be received or opened on the next working day as per the schedule time.
7. Quotationer should enclose attested copy of valid GST, PAN Card & Registration Certificate incase of contractor etc. along with quotation.
8. The rate should be quoted per day per vehicle basis against each work and inclusive of all taxes as applicable, hire charges of Vehicle, Fuel & Lubricants and other consumables alongwith salay of driver & helper etc. as described in the table GST as applicable shall be paid extra on the invoice of the bill.
9. The no. of vehicle to be engaged, place of engagement & no. of days can be changed as per actual requirement depending upon situation.
10. In case of break-down of any vehicle replacement of the same with another water tanker is to be made to avoid supply of Drinking Water to general public.
11. The water tanker may be required to be fitted with GPS tracker by the Deptt. for smooth water supply distribution to the specified location.
12. The authority reserves the right to reject any or all the quotations without assigning any reason thereof.

**Sd./- Er. Mrutyunjaya Pany**
**Executive Engineer, P.H. Division, Angul**



Odisha Coal and Power Limited
OCPL
**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

**NOTICE INVITING TENDER**

NIT No: OCPL/SUP-113/2020 Date: 28/04/2020

Sealed bids in prescribed format are invited from Original Equipment Manufacturers (OEMS)/dealers/firms/Companies for the following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale/Download of Tender Document | Last date of Submission/ Opening of bid |
|---|---|---|---|---|---|---|
| 01 | Supply, Installation & Maintenance of multi purpose Firetender for Manoharpur coalmine, Sundargarh, Odisha. | Rs.11,800/- (Rupees Eleven Thousand and Eight Hundred Only) inclusive of GST @ 18% | Rs.50,000/- (Rupees FiftyThousand Only) | 28.04.2020 | 15.05.2020 | 3:00 PM on 29.05.2020<br>3:30 PM on 29.05.2020 |

For further details, bidders may visit our website, i.e **www.ocpl.org.in**. Any clarification may please be addressed to the undersigned at the above address or by email to: **a.kanungo@ocpl.org.in**.

**Sd./- Addl. General Manager (Commercial & Contracts)**



**GOVERNMENT OF ODISHA**
**PANCHAYATI RAJ DEPARTMENT**
**OFFICE OF THE PANCHAYAT SAMITI, BIRIDI, DIST.- JAGATSINGHPUR**

**INVITATIONS FOR BIDS**

**Detailed Tender Call Notice No.: 01/BIRIDI/2020-21**

The Block Development Officer, Biridi on behalf of Governor of Odisha invites percentage rate bids in single sealed cover in conformity with Detailed Tender Call Notice No.-01/BIRIDI/2020-21 to be eventually drawn up in State P.W.D. Form F-2 contract for the execution of works detailed in Government contractor of equivalent Grade/Class registered with Central Government/ MES/Railways for execution of Civil Works, on production of definite proof from the appropriate authority. The bidders may submit bids for the following work.

| Sl. No. | Name of the Work | Approx. Value of Works (Rs.) | EMD (Rs.) | Cost of Tender Document (Rs.) | Period of Completion | Class of Contractor | Last date of sale, receipt & opening |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Repair of Multuprupose Flood shelter, Gadasahi Primary School near Barunei Temple of Basandara GP. | 6,64,400.00 | 7000.00 | 4720.00 | Two Calendar Months | D & C | Sale: 28.04.20 to 07.05.20 upto 13.00 Hrs. Receipt: 28.04.20 to 07.05.20 Upto 13.00 Hrs. Opening: 08.05.20 at 11.00 Hrs. |
| 2 | Repair of Multipurpose Flood shelter near Biluakhal (Batabihari Club) of Bagalpur GP | 6,15,940.00 | 7000.00 | 4720.00 | Two Calendar Months | D & C | Sale: 28.04.20 to 07.05.20 upto 13.00 Hrs. Receipt: 28.04.20 to 07.05.20 Upto 13.00 Hrs. Opening: 08.05.20 at 11.00 Hrs. |
| 3 | Repair of Multipurpose Flood shelter adjecent to Bagalpur GP | 6,15,940.00 | 7000.00 | 4720.00 | Two Calendar Months | D & C | Sale: 28.04.20 to 07.05.20 upto 13.00 Hrs. Receipt: 28.04.20 to 07.05.20 Upto 13.00 Hrs. Opening: 08.05.20 at 11.00 Hrs. |

The tender paper can be obtained and receipt at the Office of the Block Development Officer, Biridi, Dist.- Jagatsinghpur as per the date and time mentioned above during office hour. Tender must accompany valid Registration Certificate, PAN Card, valid GST Certificate and EMD as mentioned above in shape of Postal Deposit/KVP/FD/TDR/NSC duly pledged in favour of the Block Development Officer, Biridi without which the tender will not be considered. The tender paper must be submitted in single sealed cover only on or before 13.00 Hrs. Dt.07.05.20. The Block Development Officer, Biridi reserves the right to reject any or all the tender without assigning any reason thereof.

**Sd./- Block Development Officer, Biridi**

## ସଂକ୍ଷେପରେ

### ଏକାମ୍ରରେ ରିଲିଫ ବଣ୍ଟନକୁ ନେଇ ଅସନ୍ତୋଷ

**ପୁରୁଣା ଭୁବନେଶ୍ୱର,୨୭।୪(ଡି.ଏନ୍.ଏ.):** ମହାମାରୀ କରୋନା(କୋଭିଡ-୧୯)ର ପ୍ରଭାବ ଯୋଗୁ ଜାରି କରାଯାଇଥିବା ଲଗଡାଉନ ପାଇଁ ଦିନ ମଜୁରିଆ, ନିରାଶ୍ରୟ ଓ ଗରିବ ଲୋକେ ସର୍ବାଧିକ ପ୍ରଭାବିତ ହେଉଛନ୍ତି। ଏଭଳି ସମୟରେ ଏହି ଲୋକମାନଙ୍କୁ ସାହାଯ୍ୟ କରିବାକୁ କେତେକ ଧନାଢ୍ୟ ବ୍ୟକ୍ତି କିଛି ସଂସ୍ଥା ଜରିଆରେ ସହଯୋଗର ହାତ ବଢ଼ାଇଛନ୍ତି। ମାତ୍ର ଏହାର ସୁଯୋଗରେ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ସାମନ୍ତରାପୁର, ଶ୍ରୀରାମନଗର ଓ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ନିଜ ପତିଆରା ଦେଖାଇ ରିଲିଫ ବଣ୍ଟନ ପାଇଁ ଚାପ ପ୍ରୟୋଗ କରୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ଉକ୍ତ ବ୍ୟକ୍ତିମାନଙ୍କ ନାମରେ ପୂର୍ବରୁ ଜମି ଜବରଦଖଲ, ସାଧାରଣ ଲୋକଙ୍କୁ ଆକ୍ରମଣ ଭଳି ସଙ୍ଗିନ ମାମଲା ରହିଛି। ସେମାନେ ଜବରଦସ୍ତ ରିଲିଫ ବଣ୍ଟନ ସମୟରେ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ପୁରୁଣା ଭୁବନେଶ୍ୱର ୫୯ନଂ ୱାର୍ଡରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଅନ୍ୟପଟେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମା’ ଜାଗେଶ୍ୱରୀ ପ୍ରଭାତ ଶାଖା ତରଫରୁ ଏକ ମାସ ଧରି ପୁରୁଣା ଭୁବନେଶ୍ୱର, ନୂଆଗାଁ, ସାମନ୍ତରାପୁର ଆଦି ଅଞ୍ଚଳକୁ ରିଲିଫ ଦିଆଯାଉଥିବାରୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

### ମୁଖ୍ୟମନ୍ତ୍ରୀ ପାଣ୍ଠିକୁ ୧.୨୪ଲକ୍ଷ ଟଙ୍କା ଦାନ

**ନିମାପଡ଼ା,୨୭।୪(ଡି.ଏନ୍.ଏ.):** ନିମାପଡ଼ା ବ୍ଲକର ବ୍ଲକସ୍ତରୀୟ ମିଶନ ଶକ୍ତି ମହାସଂଘ ପକ୍ଷରୁ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧ଲକ୍ଷ ୨୪ହଜାର ୫ଶହ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ସୋମବାର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ମହାସଂଘର ସଭାନେତ୍ରୀ ସୌଦାମିନୀ ବେହେରା, ସମ୍ପାଦିକା ମମତାରାଣୀ ପାଇକରାୟ, ବିଡିଓ ମନୋଜ କୁମାର ବେହେରା, ସିଡିପିଓ କୁମୁଦିନୀ ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ଖଟୋଇଙ୍କ ଉପସ୍ଥିତିରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଏହି ସହାୟତା ରାଶିର ଚେକ୍ ପ୍ରଦାନ କରିଛନ୍ତି। ଏହି ରାଶି ୧୦ଟି ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କଠାରୁ ଆଦାୟ କରି ପ୍ରଦାନ କରାଯାଇଥିବା ସଭାନେତ୍ରୀ ବେହେରା ଓ ସମ୍ପାଦିକା ପାଇକରାୟ କହିଛନ୍ତି।

### କୁମ୍ଭି ଅର୍ଥ ଦାନ କଲେ ଦିବ୍ୟଶ୍ରୀ

**ଅସ୍ତରଙ୍ଗ,୨୭।୪(ଡି.ଏନ୍.ଏ.):** କରୋନା ମୁକାବିଲା ପାଇଁ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ବ୍ଲକ ଅଧୀନ କୁଣ୍ଡେଶର ଗ୍ରାମର ସତ୍ୟପ୍ରିୟ ଦାସଙ୍କ କୁନି ଝିଅ ଦିବ୍ୟଶ୍ରୀ ନିଜ ସଞ୍ଚିତ ଅର୍ଥ ୧୫୦୦ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ଦିବ୍ୟଶ୍ରୀ ନିଜ ବାପା ଓ ବନ୍ଧୁବାନ୍ଧବଙ୍କଠାରୁ ମିଳିଥିବା ଅର୍ଥକୁ କୁମ୍ଭିରେ ସାଇତି ରଖିଥିଲେ। କରୋନା ବିପତ୍ତି ସମୟରେ ବହୁ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରୁଥିବା ଟିଭିରୁ ଦେଖି ସେ ମଧ ସରକାରଙ୍କୁ ସାହାଯ୍ୟ କରିବାକୁ ମନ ବଳାଇଥିଲେ। ଏ ନେଇ ସେ ବାପାଙ୍କୁ କହିବାରୁ ସତ୍ୟପ୍ରିୟ ଝିଅକୁ ନେଇ ତହସିଲଦାର୍ ରାଜଲକ୍ଷ୍ମୀ ନାୟକଙ୍କୁ ଭେଟି ଅର୍ଥ ଦାନ କରିଥିଲେ। କୁନି ଝିଅଟିର ଏଭଳି କାର୍ଯ୍ୟ ପାଇଁ ତହସିଲଦାର ସମେତ ବିଭିନ୍ନ ମହଲରୁ ପ୍ରଂଶସାର ସୁଅ ଛୁଟିଛି। ସେହିପରି ସରିପୁର ପଞ୍ଚାୟତର ଛଡିଆନା ଗ୍ରାମର ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ରବୀନ୍ଦ୍ରନାଥ ସ୍ୱାଇଁ ମଧ ରାଜ୍ୟ ରିଲିଫ ପାଣ୍ଠିକୁ ଦାନ କରିବା ପାଇଁ ଅସ୍ତରଙ୍ଗ ତହସିଲଦାର୍ ରାଜଲକ୍ଷ୍ମୀ ନାୟକଙ୍କୁ ଭେଟି ୪୯୯୯ ଟଙ୍କାର ଏକ ଚେକ ପ୍ରଦାନ କରିଛନ୍ତି।

# କର୍ତ୍ତବ୍ୟ ଆଗରେ ହାର ମାନିଲା ଝିଅର ମୃତ୍ୟୁ

**ପିପିଲି,୨୭।୪(ଡି.ଏନ୍.ଏ.)**

**ମହିଳା ହୋମ୍‌ଗାର୍ଡଙ୍କୁ ସାଲ୍ୟୁଟ୍**





ନିଜ ଦୁଃଖ ଓ ସମସ୍ୟାକୁ ପଛରେ ପକାଇ ମହାମାରୀ କରୋନା ମୁକାବିଲାରେ ଦେଶ ପାଇଁ ସେବା ପ୍ରଦାନ କରି ଅନେକ ପୋଲିସ କର୍ମଚାରୀ ବେଶ ପ୍ରଶଂସିତ ହୋଇଛନ୍ତି। ଏହି କ୍ରମରେ ପୁରୀ ଜିଲା ପିପିଲି ଥାନାର ମହିଳା ହୋମଗାର୍ଡ ଗୌରୀ ବେହେରା ମଧ୍ୟ ନିଜ ଝିଅକୁ ହରାଇବା ସତ୍ତ୍ୱେ କର୍ତ୍ତବ୍ୟ ଆଗରେ ହାର ମାନି ନାହାନ୍ତି। ଗୌରୀଙ୍କ ୧୩ବର୍ଷୀୟା ଝିଅ ଲୋପାମୁଦ୍ରାଙ୍କର ସୋମବାର ପୂର୍ବାହ୍ନରେ ଅକାଳ ବିୟୋଗ ଘଟିଛି। ସେ କର୍କଟ ରୋଗରେ ପୀଡ଼ିତ ହୋଇ କିଛିଦିନ ହେଲା ଶଯ୍ୟାଶାୟୀ ଥିଲେ। ଏଭଳି ସ୍ଥିତିରେ ଗୌରୀ ତାଙ୍କୁ ଘରେ ଛାଡି ଲୋକଙ୍କୁ ସେବା ଯୋଗାଇ ଦେଉଥିଲେ। ତେବେ ସୋମବାର ଝିଅର ମୃତ୍ୟୁ ଖବର ଶୁଣି ସେ ଭାଙ୍ଗିପଡ଼ିଥିଲେ ବି କର୍ତ୍ତବ୍ୟରୁ ଓହରି ନ ଥିଲେ। କରୋନା ଭଳି ପରସ୍ଥିତିରେ କର୍ତ୍ତବ୍ୟ ତାଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଚିତ୍ ମନେ କରି ନିଜ କାର୍ଯ୍ୟ ଜାରି ରଖିଛନ୍ତି। ଏଥିପାଇଁ ତାଙ୍କୁ ଥାନା ଅଧିକାରୀଙ୍କ ସମେତ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ମାତିଲେ ନକଲି ପୋଲିସ

**ଭୁବନେଶ୍ୱର,୨୭।୪(ବ୍ୟୁରୋ)**

**ବର୍ଦ୍ଦି ପିନ୍ଧି ଲୁଟିଲେ ସ୍କୁଟି**

ରାଜଧାନୀରେ ମାତିଛନ୍ତି ନକଲି ପୋଲିସ। ଆପଣେଇଛନ୍ତି ନୂଆ ଫର୍ମୁଲା। ଆଇପିଏସ୍ ଅଫିସର ଏବଂ ଇନ୍ସପେକ୍ଟର ପରିଚୟ ଦେଇ ଗିରଫ ହୋଇଥିବା ଘଟଣାଭଳି ଅନୁରୂପ ଘଟଣା ଶହୀଦନଗର ଥାନା ଅଞ୍ଚଳରେ ଘଟିଛି। ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରିଥିବାରୁ ଜବତ ଆଳରେ ସ୍କୁଟି ଲୁଟ୍ କରିନେଇଛନ୍ତି। ଜଣେ ପୋଲିସ ବର୍ଦ୍ଦି ପିନ୍ଧିଥିବାରୁ ଲୋକଙ୍କ ସନ୍ଦେହ ହୋଇନଥିଲା। ଯାହାର ଫାଇଦା ନେଇ ୨ ଲୁଟେରା ସ୍କୁଟି ନେଇ ଫେରାର ହୋଇଯାଇଛନ୍ତି। ଲୁଟର ଶିକାର ହୋଇଥିବା ବିଶ୍ୱନାଥ ଦାଶ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ.୧୯୪/୨୦ ଦଫା ୩୭୯ରେ ମାମଲା ରୁଜୁ କରି ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ,ରବିବାର ପୂର୍ବାହ୍ନ ୧୧ଟାରେ ବିଶ୍ୱନାଥ ଏବଂ ତାଙ୍କ ବାପା ପୋଷ୍ଟାଲ କଲୋନୀରେ ଥିବା ଏକ ଓମ୍‌ଫେଡ୍ ଦୋକାନକୁ ଯାଇଥିଲେ। କେତେକ ସାମଗ୍ରୀ କିଣିବା ସମୟରେ ୨ ଜଣ ବାଇକରେ ଆସି ପହଞ୍ଚିଥିଲେ। ଜଣେ ବାଇକରୁ ଓହ୍ଲାଇ ସ୍କୁଟିର ତାଲା ଭାଙ୍ଗିଗଡ଼ାଇ ଗଡ଼ାଇ ନେଉଥିଲେ। ସ୍କୁଟି କଣ ପାଇଁ ନେଉଛ ବୋଲି ପଚାରିବାରୁ ସେମାନେ କହିଥିଲେ, ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ପାଇଁ ଜବତ କରୁଛୁ, ଫାଇନ୍ ଦେଇ ଥାନାରୁ ନେଇଆସିବ। ଏହାପରେ ସ୍କୁଟି ନେଇ ଚମ୍ପଟ ମାରିଥିଲେ। ବିଶ୍ୱନାଥ ଥାନାକୁ ଆସି ବୁଝିବାରୁ ଜାଣିଥିଲେ ତାଙ୍କ ସ୍କୁଟିକୁ ଅଭିନବ ଉପାୟରେ ଲୁଟ୍ କରାଯାଇଛି। ସେହିଭଳି ଖଣ୍ଡଗିରୀ ଥାନା ଅଧୀନ ବରମୁଣ୍ଡା ଏଚ୍‌ବି କଲୋନୀର ବିଷ୍ଣୁପ୍ରସାଦ ତ୍ରିପାଠୀଙ୍କ ବାଇକ୍‌କୁ ମଧ୍ୟ ଲୁଟେରା ରବିବାର ସନ୍ଧ୍ୟାରେ ଲୁଟି ନେଇଛନ୍ତି। ତେବେ କିଏ ଅସଲି କିଏ ନକଲି ତାକୁ ନେଇ ଜନସାଧାରଣ ଚିନ୍ତାରେ ପଡ଼ିଛନ୍ତି।

# ଦୁଗ୍ଧ କମ୍ପାନୀରେ ଆମୋନିଆ ଗ୍ୟାସ୍ ଲିକ୍

**ଗୋପ,୨୭।୪(ଡି.ଏନ୍.ଏ.)**



ଗ୍ୟାସ୍ ଲିକ୍ ପରେ କମ୍ପାନୀ ନିକଟରେ ଗହଳି।



ତଦନ୍ତ କରିବାକୁ ଆସିଥିବା ପୋଲିସ।

ଗୋପ-କୋଣାର୍କ ରାସ୍ତାର ଶାରଦ଼ା ଛକ ନିକଟରେ ଥିବା ଏକ ଘରୋଇ ଦୁଗ୍ଧ କମ୍ପାନୀରେ ସୋମବାର କୌଣସି କାରଣରୁ ପ୍ଲାଣ୍ଟ ଭିତରେ ଆମୋନିଆ ଗ୍ୟାସ ଲିକ ହୋଇଥିଲା। ଫଳରେ ପ୍ଲାଣ୍ଟ ଭିତରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀମାନେ ଭୟଭୀତ ହେବା ସହ କେତେକ ଦୌଡ଼ି ପଳାଇ ଥିବା ସ୍ଥାନୀୟ ଅଞ୍ଚଳ ଲୋକେ କହିଛନ୍ତି। ଖବରପାଇ ଗୋପ, କୋଣାର୍କରୁ ୪ଟି ଅଗ୍ନିଶମ ଗାଡ଼ି ଆସି ଏହାକୁ ରୋକି ପାରିଥିଲେ। ସୂଚନାଯୋଗ୍ୟ, ମଧ୍ୟାହ୍ନରେ ଏହି କମ୍ପାନୀରେ ରହିଥିବା ଆମୋନିଆ ଗ୍ୟାସ ସିଲିଣ୍ଡରରୁ ଜଣେ କର୍ମଚାରୀ କାର୍ଯ୍ୟ କରୁଥିବାବେଳେ ଅସାବଧାନତା ଯୋଗୁ ଗ୍ୟାସ ଲିକ ହୋଇଥିଲା। ପରେ ଏହାକୁ କମ୍ପାନୀ ପକ୍ଷରୁ ରୋକିବାକୁ ଚେଷ୍ଟା କରାଯାଇଥିଲେ ମଧ କିଛି ହୋଇ ନ ଥିଲା। ପରେ ଦମକଳ ଗାଡ଼ି ପହଞ୍ଚିବା ସହ ଖବର ପ୍ରଚାରିତ ହେବା ପରେ ନିକଟସ୍ଥ ଗାଁଗୁଡ଼ିକରେ ମଧ ଏକ ପ୍ରକାର ଆତଙ୍କ ସୃଷ୍ଟି ହୋଇଥିଲା। ଦୀର୍ଘ ଘଣ୍ଟା ଧରି ଦମ କଳ କେନ୍ଦ୍ର ର କର୍ମଚାରୀମାନଙ୍କ ଉଦ୍ୟମ ପରେ ଏକ ବଡ଼ ଧରଣର ଅଘଟଣକୁ ରୋକିବାରେ ସଫଳ ହୋଇଥିଲେ। ପରେ ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ଗୋପ ଥାନା ଅଧିକାରୀ ସୁଧିର କୁମାର ସାହୁ ମଧ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ଲାଣ୍ଟ ଭିତରକୁ ଛଡ଼ା ନ ଯିବାରୁ ଅସନ୍ତୋଷ ଦେଖାଯାଇଥିଲା। ଏଠାରେ ଏଭଳି ଘଟଣା ବାରମ୍ବାର ଘଟୁଥିବା ସହ ସବୁ ସମୟରେ ପ୍ଲାଣ୍ଟ ମଧ୍ୟରୁ ଦୁର୍ଗନ୍ଧ ବାହାରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ ଶୁଣୁ ନ ଥିବା ଶାରଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆମୋନିଆ ଗ୍ୟାସ ଲିକ ଯୋଗୁ କୌଣସି ଲୋକଙ୍କ ଜୀବନ ଯାଇ ନ ଥିବାବେଳେ କେତେକ ପାରାଙ୍କ ମୃତ୍ୟୁ ହୋଇଥିବା ତହସିଲଦାର ମଣ୍ଡଳ କହିଛନ୍ତି। ଏ ସମ୍ପର୍କରେ କମ୍ପାନୀ ଅଧିକାରୀ ମାନଙ୍କୁ ପଚରାଯିବାରୁ ସେମାନେ କୌଣସି ସୂଚନା ଦେଇ ନ ଥିଲେ।

# ସକାଳ ୭ ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଖୋଲିବ ଦୋକାନ

**କଟକ ଅଫିସ୍,୨୭।୪**

**ସିଏମ୍‌ସିର ନୂତନ ନିର୍ଦ୍ଦେଶନାମା**

କଟକ ସହରରେ କେଉଁ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବ ଏବଂ କିଏ ଖୋଲିବ ନାହିଁ, ସେନେଇ କଟକ ମହାନଗର ନିଗମ (ସିଏମ୍‌ସି) ତରଫରୁ ସୋମବାର ନୂତନ ନିର୍ଦ୍ଦେଶନାମା ଜାରି ହୋଇଛି। ସେହିଭଳି ହୋଲ୍‌ସେଲ୍ ଏବଂ ରିଟେଲ୍ ଦୋକାନଗୁଡ଼ିକ ଏଣିକି ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି କୁହାଯାଇଛି।

ଏଥିରେ କୁହାଯାଇଛି, ଏକକ ବ୍ରାଣ୍ଡ ଏବଂ ବହୁ ବ୍ରାଣ୍ଡ ବିକ୍ରି କରୁଥିବା ଦୋକାନ ଏବଂ ମଲ୍‌ଗୁଡ଼ିକ ବନ୍ଦ ରହିବ। ବୈଦ୍ୟୁତିକ ଉପକରଣ ଏବଂ ଗୃହ ଉପକରଣ ବିକ୍ରି ଦୋକାନ, ପୋଷାକ ଏବଂ ଅଣ-ଅତ୍ୟାବଶ୍ୟକ ବିକ୍ରି ହେଉଥିବା ସମସ୍ତ ପ୍ରତିଷ୍ଠାନ ବନ୍ଦ ରହିବ। ସାହି ଗଳିରେ ଥିବା ଦୋକାନ ଏବଂ ଏକକ ଦୋକାନଗୁଡ଼ିକ ଖୋଲା ରହିବ, କିନ୍ତୁ ସେଠାରୁ କେବଳ ପାର୍ସଲ୍ ନିଆଯାଇ ପାରିବ। ପ୍ରତ୍ୟେକ ଦୋକାନରେ ସାମାଜିକ ଦୂରତା ରକ୍ଷା କରାଯିବ। ଗ୍ରାହକଙ୍କ ମଧ୍ୟରେ ୩ ଫୁଟ ଦୂରତା ବାଧ୍ୟତାମୂଳକ କରାଯାଇଛି। ଏଥିରେ ଉଲ୍ଲଂଘନ ହେଲେ ଆଇନନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ଚେତାବନୀ ଦିଆଯାଇଛି। ଲକ୍‌ଡାଉନ୍ ଚାଲିଥିବା ଯୋଗୁ ଅନ୍ୟାନ୍ୟ ସମସ୍ତ କଟକଣା ଜାରି ରହିବ ବୋଲି ସୂଚନା ଦିଆଯାଇଛି।

# ଭୁବନେଶ୍ୱର ଫେରିବାକୁ ୩ ଦିନରେ ୧୧ଶହ ପଞ୍ଜୀକରଣ

**ଭୁବନେଶ୍ୱର, ୨୭।୪(ବ୍ୟୁରୋ)**

**ହଷ୍ଟେଲ, ହୋଟେଲ, ହୋମ୍ କ୍ୱାରାଣ୍ଟାଇନରେ ରହିବେ ଫେରନ୍ତା**

କରୋନା ସଂକ୍ରମଣକୁ ରୋକିବା ଲାଗି ଓଡ଼ିଶା ଫେରିବାକୁ ଚାହୁଁଥିବା ପ୍ରବାସୀଙ୍କ ପାଇଁ ରାଜ୍ୟ ସରକାର ନାମ ପଞ୍ଜୀକରଣକୁ ଗୁରୁତ୍ୱ ଦେଇଛନ୍ତି। ଶନିବାରଠାରୁ ସୋମବାର ସନ୍ଧ୍ୟା ସୁଦ୍ଧା ବିଏମ୍‌ସି ନିକଟରେ ଭୁବନେଶ୍ୱରକୁ ଫେରିବାକୁ ପାଖାପାଖି ୧୧ଶହ ଲୋକ ନିଜ ନାମ ପଞ୍ଜୀକୃତ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା covid19.odisha.gov.in, ବିଏମ୍‌ସି ଦ୍ୱାରା ଜାରି କରାଯାଇଥିବା ଟୋଲ ଫ୍ରି ନମ୍ବର ୧୯୨୯, ସବୁ ୱାର୍ଡରେ ଥିବା ୱାର୍ଡ ଅଫିସ୍ ଓ ବିଏମ୍‌ସି ଦ୍ୱାରା ଆରମ୍ଭ କରାଯାଇଥିବା ଘରକୁ ଘର ବୁଲି ସର୍ଭେ କରାଯାଇ ପଞ୍ଜୀକରଣ କରାଯାଉଛି। ଯଦି କୌଣସି ସମସ୍ୟା ଉପୁଜୁଛି ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କୀୟ ବିଏମ୍‌ସିକୁ ଏ ସଂକ୍ରାନ୍ତରେ ଅବଗତ କରାଇବାକୁ କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ମେ ୩ରେ ଲକ୍‌ଡାଉନ୍ ଖୋଲିବା ପରେ ଭୁବନେଶ୍ୱର ଫେରନ୍ତାଙ୍କ ପାଇଁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖିବାର ବ୍ୟବସ୍ଥା ଆପଣାଇବ ବିଏମ୍‌ସି। ଘରେ ରହିଲେ ସେମାନଙ୍କ ପରିବାର ଲୋକ ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯିବ। ଯଦି ହୋମ କ୍ୱାରାଣ୍ଟାଇନରେ ରହୁଥିବା ବ୍ୟକ୍ତି ବାହାରେ ବୁଲୁଥିବା ଦେଖିବାକୁ ମିଳେ ତାହା ହେଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ବ୍ୟତୀତ ଭୁବନେଶ୍ୱରରେ ବିଏମ୍‌ସି ଦ୍ୱାରା ବିଭିନ୍ନ ଯାତ୍ରୀ ନିବାସ, ଓୟୁଏଟି ଗେଷ୍ଟ ହାଉସ୍ ଓ ହଷ୍ଟେଲ, ଟ୍ରାଇଡେଣ୍ଟ ଇଞ୍ଜିନିୟରିଂ କଲେଜ ହଷ୍ଟେଲ, କୃପାଜଳ ଇଞ୍ଜିନିୟରିଂ କଲେଜ ହଷ୍ଟେଲ, କିଟ୍ ହଷ୍ଟେଲରେ କ୍ୱାରାଣ୍ଟାଇନ୍ ସେଣ୍ଟର କରାଯାଇଛି। ବାହାରୁ ଫେରୁଥିବା ଲୋକେ ଚାହିଁଲେ ସେଠାରେ ରହିପାରିବେ। ଏଥିସହ ଭୁବନେଶ୍ୱର ୧୯ଟି ହୋଟେଲରେ ମଧ ବିଏମ୍‌ସି କ୍ୱାରାଣ୍ଟାଇନରେ ରହିବା ବ୍ୟବସ୍ଥା କରିଛି। ଯାହାର ମୂଲ୍ୟ ୩୦୦ରୁ ଆରମ୍ଭ କରି ୨୫ ଶହ ଯାଏ ରହିଛି। ନିଜ ନିଜ ସକ୍ଷମତା ଅନୁସାରେ ବାହାରୁ ଆସୁଥିବା ବ୍ୟକ୍ତି କ୍ୱାରାଣ୍ଟାଇନ୍‌ର ଏହାର ବ୍ୟବହାର କରିପାରିବେ ବୋଲି ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି।

**ବ୍ୟାଙ୍କ ଆକାଉଣ୍ଟ, ପାନ୍ ତଥ୍ୟ ମାଗିବେନି ସର୍ଭେୟର**

ଘରକୁ ଘର ବୁଲି ବିଏମସିର ସ୍ୱତନ୍ତ୍ର ଟିମ୍ ସର୍ଭେ କରୁଛି। ସର୍ଭେୟରମାନେ ଫେରନ୍ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ପାନ୍ ତଥ୍ୟ ମାଗିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଫେରିବାକୁ ଥିବା ବ୍ୟକ୍ତିଙ୍କ ନାମ, ଠିକଣା, ଆଧାର ନମ୍ବର, ମୋବାଇଲ ଫୋନ୍ ନମ୍ବର ଦେବା ସହ ସେ କିପରି କ୍ୱାରାଣ୍ଟାଇନ୍‌ରେ ରହିବାକୁ ଚାହୁଁଛନ୍ତି ସେ ନେଇ ସୂଚନା ଦେବାକୁ ପରିବାର ଲୋକଙ୍କୁ ବିଏମ୍‌ସି ଅନୁରୋଧ କରିଛି।

## ମାସ୍କ ନ ପିନ୍ଧି ବୁଲୁଥିବା ଅମାନିଆଙ୍କୁ ପୋଲିସର ଲାଠି ମାଡ଼

**ଖୁଣ୍ଟୁଣୀ,୨୭।୪(ଡି.ଏନ.ଏ)**

ମାହାମାରୀ କରୋନାକୁ ରୋକିବାକୁ ହେଲେ ମାସ୍କ ପିନ୍ଧିବା ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ହେଲେ ଏହାକୁ ସୋମବାର ସନ୍ଧ୍ୟାରେ ଖୁଣ୍ଟୁଣୀ, ଗୁରୁଡିଝାଟିଆ ଥାନା ଅଞ୍ଚଳରେ ଅମାନ୍ୟ କରି ବୁଲୁଥିବା ଯୁବକମାନଙ୍କୁ ପୋଲିସ ଗୋଡାଇ ଗୋଡାଇ ଲାଠିରେ ପିଟିଛି। ଖୁଣ୍ଟୁଣୀ ବଜାର, ଗୋଲେଇ ଛକ, ରାଧାକିଶୋରପୁର, କଣ୍ଡରେଇ, ଗୁରୁଡିଝାଟିଆ ବଜାର, ମେଡିକାଲ ଛକ, କାଳି ବଜାର ଆଦି ଅଞ୍ଚଳରେ ଅପରାହ୍ନ ୪ଟାରୁ ରାତି ୮ଟା ଯାଏ ନିର୍ଭୟରେ ବିନା ମାସ୍କରେ ଯୁବକମାନେ ବୁଲୁବା ସହ ଖଟି କରୁଥିଲେ। ସେମାନଙ୍କୁ ଖୁଣ୍ଟୁଣୀ ଥାନା ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ ଓ ଗୁରୁଡିଝାଟିଆ ଥାନା ଅଧିକାରୀ ବିଜୟ କୁମାର ବିସି ପାଟ୍ରୋଲିଂ କରି ବାଡେଇବା ସହ ଘାଉଡାଇ ଦେଇଛନ୍ତି।

# ସାମାଜିକ ଦୂରତ୍ୱ ଉଲ୍ଲଂଘନ, ଗ୍ୟାସ୍ ବିତରକ ଗିରଫ

**କୋଣାର୍କ,୨୭।୪(ଡି.ଏନ.ଏ.)**

କୋଣାର୍କ ଥାନା ଅଧୀନ ମାଧିପୁର ଛକଠାରେ ଥିବା ପୂଜା ଇଣ୍ଡେନ ଗ୍ୟାସ ଗ୍ରାହକ କେନ୍ଦ୍ରଠାରେ ଗ୍ୟାସ ବିତରଣ ସମୟରେ ସାମାଜିକ ଦୂରତ୍ୱ ଉଲ୍ଲଂଘନ ଅଭିଯୋଗରେ ପୋଲିସ ଗ୍ୟାସ ବିତରକ କେନ୍ଦ୍ରର ମାଲିକଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ନିୟମର ଖୋଲା ଉଲ୍ଲଂଘନ କରି ପୂଜା ଇଣ୍ଡେନ ଗ୍ୟାସ ଗ୍ରାହକ ବିତରଣ କେନ୍ଦ୍ରଠାରେ ଉଜ୍ଜ୍ୱଳା ଯୋଜନାରେ ସାମାଜିକ ଦୂରତା ରକ୍ଷା ନ କରି ଗ୍ରାହକଙ୍କ ପ୍ରବଳ ଭିଡ଼ ସମାଗମ କରି ଗ୍ୟାସ ବିତରଣ କରୁଥିଲେ। ସ୍ଥାନୀୟ ପ୍ରଶାସନର ତାଗିଦ୍ ସତ୍ତ୍ୱେ ସମ୍ପୃକ୍ତ ସଂସ୍ଥାର ମାଲିକ୍ ଯୋଗୀ ସାହୁ ଏହାକୁ ବେଖାତିର କରି ଗ୍ୟାସ ବିତରଣ କାର୍ଯ୍ୟ ଜାରି ରଖିଥିଲେ। ଏ ନେଇ କୋଣାର୍କ ଏନଏଏସି ନିର୍ବାହୀ ଅଧିକାରୀ ଏମ. ଶ୍ରୀନିବାସ ଓ କୋଣାର୍କ ଥାନା ଅଧିକାରୀ ରଂଜନ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି କୋଭିଡ-୧୯ ନିୟମ ଉଲ୍ଲଘଂନ ଅଭିଯୋଗରେ ନଂ.୫୧/୨୦ରେ ଏକ ମାମଲା ରୁଜୁ କରି ଗ୍ୟାସ ମାଲିକଙ୍କୁ ଗିରଫ କରିଥିଲେ। ପରେ ଥାନାରୁ ଗ୍ୟାସ ମାଲିକ ସାହୁଙ୍କୁ ସର୍ତ୍ତମୂଳକ ଜାମିନରେ ଛଡାଯାଇଛି।

## ଜୋନାଲ ଅଫିସ ଗଲା ପାଠ୍ୟପୁସ୍ତକ

**କଟକ ଅଫିସ,୨୭।୪:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ନବମ ଓ ଦଶମ ଶ୍ରେଣୀର ପାଠ୍ୟପୁସ୍ତକ ଜୋନାଲ ସେଣ୍ଟରଗୁଡ଼ିକୁ ପଠାଯାଇଛି। ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର ଓ ଭୁବନେଶ୍ୱରର କାର୍ଯ୍ୟାଳୟକୁ ପାଠ୍ୟପୁସ୍ତକ ସୋମବାର ପଠାଯାଇଛି। ଲକଡାଉନ ପ୍ରତ୍ୟାହୃତ ପରେ ଏହା ବିକ୍ରୟ ହେବ ବୋଲି ବୋର୍ଡ ସମ୍ପାଦକ ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ଏହାଛଡା କଟକସ୍ଥିତ ବୋର୍ଡର ମୁଖ୍ୟାଳୟରେ ମଧ ଏହି ପାଠ୍ୟପୁସ୍ତକ ରଖାଯାଇଛି। ଚଳିତବର୍ଷ ୮ଟି ପାଠ୍ୟପୁସ୍ତକ ବଦଳିଛି।




ଭୁବନେଶ୍ୱର ଦେଇ ଯାଇଥିବା ଜାତୀୟ ରାଜପଥର ଖଣ୍ଡଗିରି ଛକରେ କାର୍ଯ୍ୟରତ ଜଣେ ଟ୍ରାଫିକ କର୍ମଚାରୀ ଗାଡିମୋଟରଗୁଡିକୁ ନିୟନ୍ତ୍ରଣ କରୁଛନ୍ତି।

# ବେଆଇନ ବ୍ଲାଷ୍ଟିଂ: ଥରିଲା ଗାଁ, ଫାଟିଲା କାନ୍ଥ

**ଖୋର୍ଦ୍ଧା ଅଫିସ,୨୭।୪**



ବେଆଇନ ପଥର ଖନନକୁ ବନ୍ଦ କରୁଛନ୍ତି ଗ୍ରାମର ମହିଳା ଓ ପୁରୁଷ।

**ଲକ୍‌ଡାଉନରେ ବେଧଡ଼କ ଚାଲିଛି ପଥର ଖନନ**

- ଧୂଳିରେ ଅଣନିଃଶ୍ୱାସୀ ଗ୍ରାମବାସୀ ବନ୍ଦ କଲେ ଖନନ
- ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ : ତହସିଲଦାର

ଲକ୍‌ଡାଉନ କଟକଣାକୁ ଫୁ କରି ବେଆଇନ ଭାବେ ପାହାଡରେ ପଥର ବ୍ଲାଷ୍ଟିଂ ସାଙ୍ଗକୁ କ୍ରଶର ୟୁନିଟ ଚାଲିଛି। ଅନ୍ୟପକ୍ଷେ ପଥର ମାଫିଆମାନେ ପାହାଡରୁ ଦିନରାତି ବ୍ଲାଷ୍ଟିଂ କରି ଚାଲିଛନ୍ତି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତରେ ଥିବା ପାହାଡରେ ପଥର ବ୍ଲାଷ୍ଟିଂ ଯୋଗୁ ଗାଁ ଥରି ଉଠିଥିଲା। କେତେଜଣ ଲୋକଙ୍କ ଘରର କାନ୍ଥ ଫାଟିଯାଇଛି। ରବିବାର ରାତିରେ ଉତ୍ତେଜିତ ଗ୍ରାମବାସୀ ପାହାଡ ପାଖରେ ପହଞ୍ଚି ବ୍ଲାଷ୍ଟିଂକୁ ବନ୍ଦ କରିଥିଲେ। ସୋମବାର ପୁଣି ଅପରାହ୍ନରେ ପଥର ବ୍ଲାଷ୍ଟିଂକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମବାସୀ ଏହାକୁ ପୁଣି ବନ୍ଦ କରିଛନ୍ତି। ଏ ନେଇ ତହସିଲଦାର ବିବେକାନନ୍ଦ ପରିଡାଙ୍କୁ ପଚାରିବାରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବା ଠିକାଦାରଙ୍କୁ ୩ ମାସ ପାଇଁ ପଥର ଖନନ ଲାଗି ଅନୁମତି ଦିଆଯାଇଥିଲା। ଏଥିମଧ୍ୟରେ ୨ ମାସ ବିତିଯାଇଛି। ଏବେ ଲକ୍‌ଡାଉନ ଯୋଗୁ ଏହା ଉପରେ ରୋକ ଲଗାଯାଇଛି। ଯଦି ପାହାଡ ବ୍ଲାଷ୍ଟିଂ ନେଇ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଆସେ ତେବେ ତାଙ୍କ ଲିଜ୍‌କୁ ରଦ୍ଦ ଲାଗି ଜିଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ସରପଞ୍ଚ ନିରୁପମା ସାମଲଙ୍କ ଅଗୋଚରରେ ପଥର ବ୍ଲାଷ୍ଟିଂକୁ କିପରି ଅନୁମତି ଦିଆଯାଇଛି ଏ ନେଇ ସେ ପ୍ରଶ୍ନ କରିଛନ୍ତି। ଦେଉଳି ପଞ୍ଚାୟତରେ ଏହି ପାହାଡ ରହିଛି। ଏ ନେଇ ସେ ତହସିଲଦାରଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ପାହାଡ ଖନନ ପାଇଁ କେଉଁ ଆଧାରରେ ଲିଜ୍ ଦିଆଯାଇଛି। କେତେ ପରିମାଣର ପଥର ଖନନ କରାଯିବ ତାହାର ସୂଚନା ମଧ ସରପଞ୍ଚ ଜଣାଯାଇନାହିଁ। ସେନେଇ ସ୍ଥାନୀୟ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏଥିରେ ମୋଟା ଅଙ୍କର ଟଙ୍କା କାରବାର ହୋଇଥିବା କେତେଜଣ ଗ୍ରାମବାସୀ ଅଭିଯୋଗ ବାଢିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଓ ବେଗୁନିଆ ବ୍ଲକରେ ଲକ୍‌ଡାଉନ ବେଳେ ବେଆଇନ ଭାବେ କ୍ରଶର ୟୁନିଟ୍ ଏବଂ ପାହାଡ ଖନନ ଚାଲିଛି। ପରିଛଳ, କୁରାଢମଲ୍ଲ ପ୍ରଭୃତି ଅଞ୍ଚଳରେ ବେଆଇନ ଭାବେ ଏହି କାରବାର ଚାଲିଛି। ରାସ୍ତା କଡରେ ଶତାଧିକ କ୍ରଶର ୟୁନିଟ୍ ଚାଲିଛି। ଏଥିରୁ ଧୂଳି ଉଡି ପରିବେଶ ପ୍ରଦୂଷିତ ହେଉଛି। ଧୂଳି ଯୋଗୁ ଗ୍ରାମବାସୀ ଅଣନିଃଶ୍ୱାସୀ ହୋଇ ପଡିଲେଣି। ଧୂଳି ନ ଉଡିବା ଲାଗି ପାଣି ପକାଇବାକୁ ସରକାରୀ ନିର୍ଦ୍ଦେଶ ଥିଲେ ହେଁ ଏହାକୁ କେହି ପାଳନ କରୁନାହାନ୍ତି। ପଥର ମାଫିଆମାନେ ରାଜନୈତିକ ଛତ୍ରଛାୟା ଓ କେତେଜଣ ପ୍ରଶାସନିକ ଅଧିକାରୀଙ୍କୁ ହାତ କରି ପାହାଡକୁ ଲଣ୍ଡା କରି ସାରିଲେଣି। ଏ ନେଇ ଉପଜିଲାପାଳ ଶାନ୍ତନୁ ମହାନ୍ତିଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସମ୍ଭବ ହୋଇପାରିନାହିଁ।

## ସଂକ୍ଷେପରେ

### କର୍ତ୍ତବ୍ୟରତ ଜିଆର୍ଏସ୍‌ଙ୍କୁ ପୋଲିସର ଲାଠିମାଡ଼

**ଯାଜପୁର ଅଫିସ/ବରୀ(ସ୍ୱ.ପ୍ର.),୨୭।୪:** ଯାଜପୁର ଜିଲା ବରୀ ବ୍ଲକ କଳାମାଟିଆ ବ୍ୟାଙ୍କ ଛକ ନିକଟରେ ସୋମବାର ବରୀ ଥାନାର ଜଣେ କନଷ୍ଟେବଳ ବରୀ ବ୍ଲକ କାର୍ଯ୍ୟାଳୟର ଜଣେ କାର୍ଯ୍ୟରତ ଜିଆରଏସଙ୍କୁ ଲାଠି ମାଡ଼ କରିଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ଜିଆରଏସ ବରୀ ଥାନାରେ ପ୍ରସନ୍ନଜିତ ବରାଳ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ଜିଆରଏସ ସୋମବାର ପୂର୍ବାହ୍ନରେ କଳାମାଟିଆ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିବାବେଳେ ଡ୍ୟୁଟିରେ ଥିବା କନଷ୍ଟେବଳ କୁଆଡେ ଯାଉଛ ବୋଲି ପଚାରିଥିଲେ। ଜିଆରଏସ ବରାଳ ନିଜର ପରିଚୟ ପତ୍ର ଦେଖାଇ କାର୍ଯ୍ୟାଳୟକୁ ଯାଉଛି ବୋଲି ଉତ୍ତର ଦେଇଥିଲେ। ହେଲେ ଅଭିଯୁକ୍ତ କନଷ୍ଟେବଳ କିଛି ଖାତିର ନ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ବାଡ଼େଇ ଚାଲିଥିଲେ। ଏନେଇ ଜିଆରଏସ ବରାଳ ପ୍ରଥମେ ବରୀ ବିଡିଓଙ୍କ ନିକଟରେ ଅଭିଯୋଗ କରିବା ପରେ ଥାନରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ଶାଶ୍ୱତ କୁମାର ଜେନାଙ୍କୁ ପଚାରିବାରେ, ଜିଆରଏସ୍‌ଙ୍କୁ ପୋଲିସ ଆକ୍ରମଣ କରିଛି। ଏନେଇ ଥାନାରେ ଅଭିଯୋଗ କରାଯାଇଛି ବୋଲି କହିଛନ୍ତି। ବରୀ ଥାନାଧିକାରୀ ମାର୍କଣ୍ଡ ମିଶ୍ର ଅଭିଯୋଗ ଆଧାରରେ ତଦନ୍ତ ଜାରି ରହିଥିବା କହିଛନ୍ତି।

### ହସ୍ପିଟାଲ ବାରଣ୍ଡାରେ କୋଲକାତା ଫେରନ୍ତା

**ଜଳେଶ୍ୱର,୨୭।୪(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଞ୍ଚଳର ଜଣେ ଯୁବକ କୋଲକତାରୁ ଘରୋଇ ଆମ୍ବୁଲାନ୍ସରେ ଫେରୁଥିବା ବେଳେ ଲକ୍ଷ୍ମଣନାଥ ସୀମା ସିଲ ହୋଇଥିବାରୁ ଓଡିଶାକୁ ପ୍ରବେଶ କରିପାରି ନ ଥିଲେ। ପରେ ସେ ଲକ୍ଷ୍ମଣନାଥରୁ ରେଳଧାରଣାରେ ଚାଲି ଚାଲି ଆସି ଜଳେଶ୍ୱର ନୂଆବଜାର ଜେକେଭଟ୍ଟର ହସ୍‌ପିଟାଲରେ ପହଞ୍ଚିଥିଲେ। ତାଙ୍କୁ ପ୍ରବଳ ଜ୍ୱର ହୋଇଥିବାରୁ ସେ ଭୟଭୀତ ହୋଇ ହସ୍‌ପିଟାଲ ବାରଣ୍ଡାରେ ବସି ରହିଥିଲେ। ସେ ନିଜଆଡୁ ଜଳେଶ୍ୱର ପୋଲିସ ଓ କେତେକ ପ୍ରଶାସନିକ ଅଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ଜଳେଶ୍ୱର ବିଡିଓ ଏହା ଜାଣିବା ପରେ ଜିଲାପାଳଙ୍କ ସହ ଆଲୋଚନା କରି ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ବାଲେଶ୍ୱର ପଠାଇଛନ୍ତି।

### ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣା: ୯ ଗିରଫ

**ରାଇରଙ୍ଗପୁର,୨୭।୪(ଡି.ଏନ୍.ଏ.):** ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ରବିବାର ବିଶୋଇ ଥାନା ପୋଲିସ ୯ ଜଣ କାଠ ଚୋରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଲପାଣି ଗ୍ରାମର ଗୋବିନ୍ଦ ଦାସ, ଲକ୍ଷ୍ମଣ ଦେହୁରୀ, ପୁରୁଷୋତ୍ତମ ଦେହୁରୀ, ପୀତବାସ ଦାସ, ଅନାଦି ଦେହୁରୀ, ପ୍ରଦୀପ କୁମାର ପାତ୍ର, ଯୋଗେଶ୍ୱର ଦେହୁରୀ, ସୁଦର୍ଶନ ଦେହୁରୀ ଓ ଦୁର୍ଯ୍ୟାଧନ ଦେହୁରୀ। ସେମାନେ ତାଳବନ୍ଧ ରେଞ୍ଜ ଅଞ୍ଚଳରୁ କାଠ କାଟୁଥିଲେ। ଚଢାଉ ବେଳେ ବନ କର୍ମଚାରୀଙ୍କୁ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ରେଞ୍ଜ ଅଧିକାରୀ ମଧୁସ୍ମିତା ଦାସଙ୍କ ଅଭିଯୋଗ କ୍ରମେ ବିଶୋଇ ଥାନାରେ ମାମଲା ରୁଜୁ ହୋଇଥିଲା।

# ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ନିଆରା ବିବାହ

**ନୟାଗଡ଼ ଅଫିସ,୨୭।୪**

ନୟାଗଡ଼ ଅତିରିକ୍ତ ଜିଲାପାଳ (ଏଡିଏମ୍)ଙ୍କ କାର୍ଯ୍ୟାଳୟରେ ସୋମବାର ଏକ ନିଆରା ବିବାହ ଅନୁଷ୍ଠିତ ହୋଇଥିଲା। ନ ଥିଲା ବାଜା, ବାଣ କି ରୋଶଣି। ଭୋଜି ଭାତର ଆସର ନ ଥିଲା କି ପୁରୋହିତଙ୍କ ମନ୍ତ୍ରୋଚାରଣ ଶୁଭି ନ ଥିଲା। କୌଣସି

**ଅପାସୋରା ସ୍ମୃତି ହୋଇ ରହିବ**

ବରଯାତ୍ରୀ ବି ନ ଥିଲେ। ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ବର ଓ କନ୍ୟା ପରସ୍ପର ବେକରେ ପକାଇଥିଲେ ଫୁଲମାଳ। ସିନ୍ଦୂର ପିନ୍ଧାଇ କନ୍ୟା ସହ ସାତଜନମ ପାଇଁ ସାଥୀହୋଇ ରହିବେ ବୋଲି ବର କରିଥିଲେ ଶପଥ। ବିବାହ ସମୟରେ ସାମାଜିକ ଦୂରତ୍ୱକୁ ଦିଆଯାଇଥିଲା ଗୁରୁତ୍ୱ। ଆଉ ମୁହଁରେ ଥିଲା ମାସ୍କ। ୩ପଟେ ଘେରି ରହିଥିଲେ ଗଣମାଧ୍ୟମ ପ୍ରତିନିଧି। ବିବାହ ପରେ ବର ନିଜର


ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ବରକନ୍ୟା।

୨ମାସର ଦରମା ୧୨ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ପ୍ରଦାନ କରିଥିଲେ। ଉପଜିଲାପାଳ ଲଗ୍ନଜିତ୍ ରାଉତ କନ୍ୟାଦାନ କରିଥିବାବେଳେ ବରପିତା ଭାବେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଦାୟିତ୍ୱ ତୁଲାଇଥିଲେ। ନୂଆଗାଁ ବ୍ଲକ ମହୀପୁର ପାଟୁଳିସାହିର ଟୁଟୁ ସାହୁ ଚାହାଳି ପଞ୍ଚାୟତ ରାଇପୁର ଗାଁର ଦୀପାଞ୍ଜଳି ସାହୁଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କଠାରୁ ଆଶୀର୍ବାଦ ନେଇ ନବଦମ୍ପତି ଘରକୁ ଫେରିଥିଲେ।

ପ୍ରାପ୍ତ ସୂଚନା ଅନୁସାରେ ପାଟୁଳିସାହିର ରାଧା ଚରଣ ସାହୁଙ୍କ ପୁତ୍ର ଟୁଟୁ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ଟୁଟୁଙ୍କର ବିବାହ ରାଇପୁର ଗାଁର କବିରାଜ ସାହୁଙ୍କ ଏକମାତ୍ର ଝିଅ ଦୀପାଞ୍ଜଳିଙ୍କ ସହ ସ୍ଥିର ହୋଇଥିଲା। ତେବେ ପୂର୍ବରୁ ଅନ୍ୟାନ୍ୟ କାରଣ ଓ କରୋନା ଯୋଗୁ ଟୁଟୁଙ୍କର ୩ଥର ବାହାଘର ତାରିଖ ପରିବର୍ତ୍ତନ ହୋଇସାରିଛି। ଏପରିସ୍ଥଳେ ଏପ୍ରିଲ ୨୭ର ବିବାହ ତାରିଖକୁ ଆଉ ବାତିଲ କରିବାକୁ ଚାହୁଁ ନ ଥିଲେ ଟୁଟୁ। ଅନ୍ୟମାନଙ୍କ ପରି ବରଯାତ୍ରୀ, ବାଜା, ବାଣ, ଶୋଭାଯାତ୍ରାରେ ଆସି ବିବାହ କରିବାକୁ ମନ ଥିଲେ ବି କରୋନା କଟକଣାକୁ ସମ୍ମାନ ଜଣାଇ ଆଗେଇ ଆସିଥିଲେ ଟୁଟୁ। ଆଉ ତାଙ୍କର ଏହି ଆଦର୍ଶ କାର୍ଯ୍ୟକୁ ସହମତି ଦେଇଥିଲେ କନ୍ୟା ଘର ପରିବାରର ସଦସ୍ୟମାନେ। ଏପରି କି କନ୍ୟା ମଧ୍ୟ ରାଜି ହୋଇଥିଲେ। ଏ ନେଇ ଟୁଟୁଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, କରୋନା କଟକଣା ମାନିବା ନିହାତି ଦରକାର। ତେବେ ଘରେ ପହଞ୍ଚିଲେ ବିନା ଗହଳିରେ ବୈଦିକ ରୀତିରେ ବିବାହ ସମ୍ପନ୍ନ କରାଯିବ। କରୋନା ସମୟରେ ବିବାହ ମୋ ଜୀବନରେ ସ୍ମୃତି ହୋଇ ରହିଯିବ। ଦୀପାଞ୍ଜଳି ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ଏଭଳି ନିରାଡମ୍ବର ବିବାହ ସ୍ମୃତି ହୋଇ ରହିବ। ଏଥିରେ ସେ ବହୁତ ଖୁସି ବୋଲି କହିଥିଲେ।

# ଯାଜପୁର ଜିଲାରେ ୧୯ ଛୁଇଁଲା ସଂକ୍ରମିତ ସଂଖ୍ୟା

**ଯାଜପୁର ଅଫିସ,୨୭।୪**

- ବାସୁଦେବପୁରରେ ଜଣେ ସଂକ୍ରମିତ ଚିହ୍ନଟ
- ମାର୍ଚ୍ଚ ୨୩ରେ କୋଲକାତାରୁ ଫେରିଥିଲେ
- କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଯୋଡ଼ିହେଲା ଗୋବିନ୍ଦପୁର

ଯାଜପୁର ଜିଲାର ଯାଜପୁର ବ୍ଲକ ବାସୁଦେବପୁର ପଞ୍ଚାୟତର ବାସୁଦେବପୁର ଗ୍ରାମରୁ ସୋମବାର ଆଉଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ଜଣେ ୩୪ ବର୍ଷ ବୟସ୍କ ପୁରୁଷ ବୋଲି ଜଣାପଡିଛି। ଫଳରେ ଜିଲାରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୧୯ରେ ପହଞ୍ଚିଛି। କେବଳ ବାସୁଦେବପୁର ଗ୍ରାମରେ ଏହା ୪ର୍ଥ ସଂକ୍ରମିତ ବୋଲି ଜଣାପଡ଼ିଛି। ସେ ଗତ ମାର୍ଚ୍ଚ ୨୩ରେ କୋଲକାତାରୁ ଫେରି ଘରେ ରହୁଥିଲେ। ସେ କିଛିଦିନ ହେଲା ପଞ୍ଚାୟତ କ୍ୱାରାଣ୍ଟାଇନରେ ରହୁଥିଲେ ବୋଲି ସୂଚନା ମିଳିଛି। ଗତ ୨୫ ତାରିଖରେ ତାଙ୍କର ସ୍ୱାବ ନମୁନା ସଂଗ୍ରହ କରାଯାଇଥିଲା ଓ ସୋମବାର କରୋନା ପଜିଟିଭ ବାହାରିଥିଲା। ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ କରାଯାଉଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ବାସୁଦେବପୁର ଗ୍ରାମକୁ ପୂର୍ବରୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହା ସହିତ ଏହି କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ବାସୁଦେବପୁର ପଞ୍ଚାୟତର ଗୋବିନ୍ଦପୁର ଗ୍ରାମକୁ ଯୋଡ଼ାଯାଇଛି। ମେ ୧୮ ଯାଏ କଣ୍ଟେନ୍‌ମେଣ୍ଟ ଜୋନ୍ କଟକଣା ବୃଦ୍ଧି କରାଯାଇଛି। ତେବେ ଆଶ୍ଚର୍ଯ୍ୟ ଯେ, ସଂକ୍ରମିତ ବ୍ୟକ୍ତିଙ୍କଠାରେ କୌଣସି କରୋନା ଲକ୍ଷଣ ଦେଖାଯାଇ ନ ଥିଲା। ସେ କୋଲକାତା ଫେରନ୍ତା ହୋଇଥିବାରୁ ନମୁନା ପରୀକ୍ଷଣ ହୋଇଥିଲା। ୨୮, ୨୯ ଓ ୩୦ ମାର୍ଚ୍ଚରେ କୋଲକାତାରୁ ଶତାଧିକ ଶ୍ରମିକ ଫେରିଥିବା ପୂର୍ବରୁ ସୂଚନା ମିଳିଥିଲାବେଳେ ଏହି ସଂକ୍ରମିତ ଜଣକ ମାର୍ଚ୍ଚ ୨୩ରୁ ଫେରିବା ଆହୁରି ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ସେ କେମିତି ଆସିଲେ ଓ ତାଙ୍କ ସହ ଆଉ କେତେଜଣ ଥିଲେ ସେସବୁ ତଥ୍ୟ ବାହାର କରିବାକୁ ଜିଲା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେଣୁ ପୂର୍ବରୁ ଯେଉଁମାନେ କୋଲକାତା କିମ୍ବା ବାହାରୁ ଆସିଛନ୍ତି ସେମାନେ ନିଜ ଅଞ୍ଚଳରେ ପଞ୍ଜୀକରଣ କରନ୍ତୁ ବୋଲି ଜିଲାପାଳ ଆହ୍ୱାନ ଦେଇଛନ୍ତି। ଇତି ମଧ୍ୟରେ ୭୦୦ ପାଖାପାଖି କୋଲକାତା ଫେରନ୍ତା ପଞ୍ଜୀକରଣ କରିଛନ୍ତି। ତେବେ ଅଧିକ ମାତ୍ରାରେ ସ୍ୱାବ ନମୁନା ସଂଗ୍ରହ କରି ପରୀକ୍ଷା କରିବାର ଏବେ ଆବଶ୍ୟକତା ରହିଛି ବୋଲି ଦାବି ହୋଇଛି।

# ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ବିଫଳ: ୯ ବର୍ଷ ପରେ ସନ୍ତାନ ପ୍ରସବ

**କାଳିଆପାଣି,୨୭।୪(ଡିଏନଏ)**

- ଆମ୍ବୁଲାନ୍ସ ନ ଆସିବାରୁ ଘରେ ପ୍ରସବ
- ଭଲ ନାହିଁ ପିଲାର ସ୍ୱାସ୍ଥ୍ୟବସ୍ଥା

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଚିଙ୍ଗୁଡ଼ିପାଳ ପଞ୍ଚାୟତ ରୁଗୁଡ଼ିସାହିର କୃଷ୍ଣ ବିରୁଆଙ୍କ ସ୍ତ୍ରୀ ନମାନି (୪୦) ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରିବାର ୯ବର୍ଷ ପରେ ରବିବାର ଏକ କନ୍ୟା ସନ୍ତାନ ଜନ୍ମ କରିଥିବା ଜଣାପଡ଼ିଛି। ଏହି ଘଟଣା ଏବେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାରର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ସନ୍ତାନ ପ୍ରସବ ସମୟରେ ୧୦୮ ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲେ ମଧ୍ୟ ଗାଡ଼ି ନ ଆସିବାରୁ ମହିଳା ଘରେ ପ୍ରସବ କରିଥିଲେ। ଫଳରେ ପିଲାର ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, କୃଷ୍ଣଙ୍କର ୨ଟି ସନ୍ତାନ ଥିବାରୁ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ଶିବିରକୁ ଯାଇ ସ୍ତ୍ରୀ ନମାନିଙ୍କର ଅସ୍ତ୍ରୋପଚାର କରାଇଥିଲେ। ଏହାର ୯ବର୍ଷ ପରେ ନମାନି ଗର୍ଭବତୀ ହୋଇଥିଲେ। ୨୬ ତାରିଖ ନମାନିଙ୍କୁ ପ୍ରସବ ଯନ୍ତ୍ରଣା ହେବାରୁ କୃଷ୍ଣ ୧୦୮ ଆମ୍ବୁଲାନ୍ସକୁ ଡାକିବା ପାଇଁ ଆଶାକର୍ମୀଙ୍କୁ କହିଥିଲେ। ମାତ୍ର ଆମ୍ବୁଲାନ୍ସ ଆସିବ ନାହିଁ ବୋଲି ଆଶାକର୍ମୀ କହିଥିଲେ। ଅତ୍ୟଧିକ ଯନ୍ତ୍ରଣା ହେବାରୁ କୃଷ୍ଣ ଗ୍ରାମର କିଛି ମହିଳାଙ୍କୁ ଡାକି ଘରେ ସ୍ତ୍ରୀଙ୍କର ପ୍ରସବ କରାଇଥିଲେ। ତେବେ ନମାନି ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଇବା ସତ୍ତ୍ୱେ ପୁଣି ଥରେ ମା' ହେବା ଏହି ଅସ୍ତ୍ରୋପଚାରର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଦିବାସୀମାନେ ଧିରେଧିରେ ସଚେତନ ହୋଇ ଛୋଟ ପରିବାର ଗଠନ ପାଇଁ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଉଥିବାବେଳେ ଏହାର ଅସଫଳତାକୁ ନେଇ ଅସନ୍ତୋଷ ଦେଖାଦେଇଛି। ତେଣୁ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି କ୍ଷତିପୂରଣ ଦେବା ସହ ପିଲା ଓ ମା'ର ଯତ୍ନ ନେବାକୁ କୃଷ୍ଣ ଦାବି କରିଛନ୍ତି। ଏ ସମ୍ପର୍କରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଜୟଦେବ ନନ୍ଦଙ୍କୁ ଯୋଗାଯୋଗ କରିବାରୁ, କିଛି ମାମଲାରେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ସଫଳ ହେଉ ନ ଥିବା ଦେଖାଯାଉଛି। ଏଭଳି କ୍ଷେତ୍ରରେ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ନମାନିଙ୍କୁ ମଧ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଆମ୍ବୁଲାନ୍ସ ଆସିବାକୁ ମନା କରିବା ସମ୍ପର୍କରେ ଡା. ନନ୍ଦଙ୍କୁ ପଚାରିବାରୁ, ବୋଧହୁଏ ଡାକ୍ତରଖାନାରେ ସେ ସମୟରେ ଆମ୍ବୁଲାନ୍ସ ନ ଥିବ, ତେଣୁ ଯାଇପାରି ନାହିଁ ବୋଲି କହିବା ସହିତ ତୁରନ୍ତ ଉଭୟ ମା' ଓ ପିଲାଙ୍କୁ ଚିକିତ୍ସା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## କେନାଲରେ ବୁଡ଼ିଯାଉଥିବା ୨ ବ୍ୟକ୍ତି ଉଦ୍ଧାର

**ଉଦ୍ଧାର କଲେ ଭୁବନପୁର ଗ୍ରାମର ୪ ଯୁବକ**

**ନରାଜ,୨୭।୪(ଡି.ଏନ.ଏ.)**

କଟକ ଜିଲା ବାରଙ୍ଗ ଥାନା ଅଧୀନ ଭୁବନପୁର ନିକଟ ପୁରୀ ମେନ୍‌କେନାଲରେ ୨ଜଣ ବ୍ୟକ୍ତି ବୁଡ଼ିଯାଉଥିବାବେଳେ ସେମାନଙ୍କୁ ସ୍ଥାନୀୟ ୪ ଯୁବକ ଉଦ୍ଧାର କରିଛନ୍ତି। ସୋମବାର ସକାଳ ପ୍ରାୟ ୮ଟା ସମୟରେ ଏହି ଘଟଣା ଘଟିଛି। ସୂଚନା ଅନୁସାରେ, ଭୁବନପୁର ନିକଟ କେନାଲ ରାସ୍ତାରେ ଏକ କାର ଓ ଆକ୍ଟିଭା ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଆକ୍ଟିଭାରେ ଥିବା ଦୁଇଜଣ ବ୍ୟକ୍ତି ଗାଡି ସହିତ କେନାଲ ଭିତରକୁ ଚାଲି ଯାଇଥିଲେ। ଏହା ଦେଖି ନିକଟରେ ଗାଧୋଉ ଥିବା କେତେଜଣ ସ୍ତ୍ରୀଲୋକ ପାଟି କରିଥିଲେ। ପାଟି ଶୁଣି କେନାଲ ପାଖରେ ଥିବା ଭୁବନପୁର ଗ୍ରାମର ସୁମନ୍ତ ଭଞ୍ଜ, ଟୁଲୁ ବେହେରା, ରଞ୍ଜନ ଭଞ୍ଜ ଓ ତ୍ରିଲୋଚନ ଭୋଇ ପାଣିକୁ ଡେଇଁ ସମ୍ପୃକ୍ତ ଦୁଇ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ। ଏଥିସହିତ ତାଙ୍କ ଆକ୍ଟିଭାକୁ ମଧ୍ୟ ଉଦ୍ଧାର କରିଥିଲେ। ଉଦ୍ଧାର ୨ ଜଣଙ୍କ ମଧ୍ୟରୁ ଜଣଙ୍କ ମୁଣ୍ଡ ଫାଟିବା ସହ ଗୋଡ଼ ଭାଙ୍ଗି ଯାଇଛି। ଏହାଦେଖି ଗ୍ରାମର ପିଲାମାନେ ସଙ୍ଗେସଙ୍ଗେ ବାରଙ୍ଗ ଥାନାକୁ ଖବର ଦେଇଥିଲେ। ବାରଙ୍ଗ ଥାନା ପିସିଆର ପହଞ୍ଚି କାର ଓ ଆକ୍ଟିଭାକୁ ଜବତ କରିବା ସହିତ ଗୋଡଭାଙ୍ଗି ଥିବା ବ୍ୟକ୍ତିଙ୍କୁ କଟକ ବଡଡାକ୍ତରଖାନାକୁ ପଠାଇଥିଲା। ଅନ୍ୟପକ୍ଷରେ କାରରେ ଯାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜଣେ କ୍ୟାନସର ରୋଗୀ ଥିବାରୁ ଥାନା ପକ୍ଷରୁ ତାଙ୍କୁ ମେଡିକାଲ ପଠାଇ ଦିଆଯାଇଥିଲା। କାର ଚାଳକଙ୍କ ଆଖି ଲାଗିଯିବାରୁ ଏହିପରି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଭୁବନପୁର ଗ୍ରାମର ପିଲାଙ୍କ ଏପରି ସାହସିକ କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ନିଶା ପାଇଁ ନୂଆ ଉପାୟ ଆପଣାଉଛନ୍ତି ଯୁବପିଢ଼ି


ଅପମିଶ୍ରିତ ମେଡିସିନ ସହ ଗିରଫ ୩ ଅଭିଯୁକ୍ତ।

**ବଡବିଲ, ୨୭।୪(ସ୍ୱ.ପ୍ର.)**

- ୨ ଏଜେଣ୍ଟଙ୍କ ସହ ଝାଡ଼ଖଣ୍ଡ ଔଷଧ ଦୋକାନୀ ଗିରଫ
- ୪୩ ବୋତଲ ୱିନ-ସାଇରେକ୍ସ, ୨ଷ୍ଟ୍ରିପ୍ ଆଲ୍‌ପ୍ରାଜୋଲାମ ଟାବଲେଟ ଜବତ

କରୋନା ଲାଗି ଲକ୍‌ଡାଉନ୍ ଯୋଗୁ ମଦ ଦୋକାନ ବନ୍ଦ ଥିବା ବେଳେ ଯୁବପିଢି ନିଶାସେବନ ପାଇଁ ନୂଆ ଉପାୟ ଆପଣାଇଛନ୍ତି। ସେମାନେ ଅପମିଶ୍ରିତ ନିଶା ଔଷଧ(କଫ୍ ସିରପ୍)କୁ ବ୍ୟବହାର କରୁଛନ୍ତି। ମାଧ୍ୟମ ସାଜିଛନ୍ତି ଝାଡଖଣ୍ଡ ଅଞ୍ଚଳର ଔଷଧ ଦୋକାନୀ। କେନ୍ଦୁଝର ଜିଲା ବଡବିଲ ପୋଲିସ ସୋମବାର ୪୩ ବୋତଲ ୱିନ-ସାଇରେକ୍ସ, ୨ଷ୍ଟ୍ରିପ୍ ଆଲ୍‌ପ୍ରାଜୋଲାମ ଟାବଲେଟ ଓ ଗୋଟିଏ ସ୍କୁଟି ଜବତ କରିବା ପରେ ଏହି ଘଟଣା ପଦାକୁ ଆସିଛି। ଘଟଣାରେ ସମ୍ପୃକ୍ତ ୨ ଜଣ ଏଜେଣ୍ଟଙ୍କୁ ପୋଲିସ ଗିରଫ କରିବା ସହ ଯୋଗାଣ କରୁଥିବା ଝାଡଖଣ୍ଡ ରାଜ୍ୟ ବଡାଜାମଦା ଅଞ୍ଚଳର ପରିତୋଷ ବିଶ୍ୱାସ ନାମକ ଜଣେ ମେଡିସିନ ଦୋକାନୀଙ୍କୁ ଗିରଫ କରିଛି। ଗିରଫ ଏଜେଣ୍ଟଦ୍ୱୟ ହେଲେ ବଡବିଲ ଠାକୁରାଣୀ ତଳ ହଟିଂ ଅଞ୍ଚଳର ହରପାଲ ସିଂହ ଏବଂ ବଡବିଲ ନ୍ୟୁ ମାର୍କେଟ ଅଞ୍ଚଳର ଏମଡି ଗୁଲାମ୍। ବଡବିଲ ସୀମାନ୍ତ କାରାକୋହ୍ଲ ଓ ଉଲିବୁରୁ ଅଞ୍ଚଳରେ ଆଲ୍‌ପ୍ରାଜୋଲାମ ଅପମିଶ୍ରିତ ୱିନ-ସାଇରେକ୍ସ ନାମକ କଫ୍ ସିରପ୍ ନିଶା ନିମନ୍ତେ ବେଆଇନ ଭାବେ ବିକ୍ରି ହେଉଥିବା ଖବରପାଇ ପୋଲିସ ଚଢାଉ କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ. ୬୨/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି।

# ଶିକ୍ଷକଙ୍କ ପରେ ଦୁଇ ଖବରଦାତା ଗିରଫ

**ବାଲିଗୁଡ଼ା,୨୭।୪(ସ୍ୱ.ପ୍ର.):** ଭିଡିଓ ଭାଇରାଲ ମାମଲା ସମାଧାନ ପାଇଁ ଛାତ୍ରୀଙ୍କୁ ଚାପ ପକାଉଥିବା ୨ ଖବରଦାତାଙ୍କୁ ବାଲିଗୁଡ଼ା ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ବିପିନ ସେଠୀ ଓ ଦିଲୁ ମୁଦୁଲି। ଛାତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ-୯୬/୨୦) ରୁଜୁ କରିଛି।



ଗିରଫ ଦୁଇ ଖବରଦାତା।

- ଛାତ୍ରୀଙ୍କ ଭିଡିଓ ଭାଇରାଲ ଘଟଣା
- ମାମଲା ସମାଧାନ ପାଇଁ ଚାପ ପକାଉଥିଲେ

ସୂଚନା ଅନୁସାରେ, ବାଲିଗୁଡ଼ା ଥାନା ଅଞ୍ଚଳରେ ଥିବା ଏକ କମ୍ପ୍ୟୁଟର ଇନ୍‌ଷ୍ଟିଚ୍ୟୁଟର ମାଲିକ ସାଗର ମହାପାତ୍ର ଛାତ୍ରୀମାନଙ୍କ ଫଟୋ ଉଠାଇ ତାହାକୁ ଅଶ୍ଳୀଳ ଏଡିଟିଂ କରି ଅନୈତିକ ସମ୍ପର୍କ ରଖୁଥିଲେ। ଯେଉଁମାନେ ତାଙ୍କ କଥାରେ ରାଜି ହେଉ ନ ଥିଲେ ସେ ତାଙ୍କୁ ଭିଡିଓ ଭାଇରାଲ କରିଦେବାର ଧମକ ଦେଉଥିଲେ। ଏନେଇ ୨୨ ତାରିଖରେ ଜଣେ ଛାତ୍ରୀ ଥାନାରେ ଅଭିଯୋଗ କରିଥିଲେ। ତେବେ ଉକ୍ତ ଘଟଣାକୁ ରଫାଦଫା କରିବା ପାଇଁ ଏହି ଦୁଇ ଖବରଦାତା ଛାତ୍ରୀଙ୍କ ଉପରେ ଚାପ ପ୍ରୟୋଗ କରୁଥିଲେ। ଏପରି କି ୧୦ ହଜାର ଟଙ୍କା ନେଇ ଚୁପ୍ ରହିବାକୁ ବାଧ କରିଥିଲେ। ଏଥିସହିତ ନାନା ଧମକ ଦେଇଥିଲେ। ସମ୍ପୃକ୍ତ ଛାତ୍ରୀ ଏସବୁକୁ ଖାତିର କରି ନ ଥିଲେ। ପୋଲିସ ସାଗରଙ୍କୁ ୨୪ ତାରିଖରେ ଗିରଫ କରିବା ସହ ୨୫ରେ କୋର୍ଟଚାଲାଣ କରିଥିଲା। ଖବରଦାତାଙ୍କ କଥାକୁ ସମ୍ପୃକ୍ତ ଛାତ୍ରୀ ନ ମାନିବାରୁ ତାଙ୍କ ଗାଁ ନାମରେ ଏମାନେ ଖବର ପରିବେଷଣ କରିଥିଲେ। ତେଣୁ ସମ୍ପୃକ୍ତ ଖବରଦାତାଙ୍କ ବିରୋଧରେ ଛାତ୍ରୀ ୨୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଛାତ୍ରୀଙ୍କ ଅଭିଯୋଗକୁ ଦୁଇ ଖବରଦାତା ପୁଣି ଚାପ ପକାଇ ଏସଡିପିଓଙ୍କ ମାଧ୍ୟମରେ ସମାଧାନ କରିବା ପାଇଁ ରବିବାର ରାତିରେ ଥାନାରେ ପହଞ୍ଚି ଚେଷ୍ଟା କରିଥିଲେ। ଏଥିରେ ଛାତ୍ରୀ ଓ ତାଙ୍କ ପରିବାରର ସଦସ୍ୟ ରାଜି ହୋଇ ନ ଥିଲେ।

# ଆଇଟିଆଇ ପ୍ରସ୍ତୁତ କଲା କୋଭିଡ୍-୧୯ ସୁରକ୍ଷା କବଚ

**ବ୍ରହ୍ମପୁର ଅଫିସ,୨୭।୪**

କରୋନା ଭାଇରସ ସଂକ୍ରମଣକୁ ରୋକିବା ତଥା ସଂକ୍ରମିତଙ୍କ ଚିକିତ୍ସା ବେଳେ ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ଦୂରତା ରକ୍ଷା କରିବା ନେଇ ବ୍ରହ୍ମପୁର ସରକାରୀ ଆଇଟିଆଇ

**କୋଭିଡ୍ ହସ୍ପିଟାଲକୁ ଯୋଗାଯିବ ଏରୋସଲ ବକ୍ସ**

ପ୍ରସ୍ତୁତ କରିଛି ସ୍ୱତନ୍ତ୍ର ସୁରକ୍ଷା କବଚ। କରୋନା ସଂକ୍ରମିତଙ୍କ ଚିକିତ୍ସା କ୍ଷେତ୍ରରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତର ମଧ୍ୟ ଏଥିରେ ଆକ୍ରାନ୍ତ ହେଉଥିବା ଦୃଷ୍ଟିକୁ ଆସୁଛି। ଏହାକୁ ଏଡାଇବା ପାଇଁ ଆଇଟିଆଇ ପକ୍ଷରୁ ୩ ସୁରକ୍ଷା କବଚ ଏରୋସଲ ବକ୍ସ, ଫେସ୍ ସିଲ ଏବଂ ମୋବାଇଲ୍ କୋଭିଡ୍ ସାମ୍ପୁଲ କଲେକ୍ସନ କିଓସ୍କ ପ୍ରସ୍ତୁତ କରାଯାଇଛି। ଚିକିତ୍ସା ତଥା ସ୍ୱାବ୍ ନମୁନା ସଂଗ୍ରହ ବେଳେ ସଂକ୍ରମିତଙ୍କଠାରୁ ଡାକ୍ତରଙ୍କୁ ସୁରକ୍ଷା ଦେବା ପାଇଁ ୪ ଏମ୍‌ଏମ୍ ଟ୍ରାନ୍ସପରେଣ୍ଟ ଏକ୍ରିଲିକ୍ ସିଟ୍ ଦ୍ୱାରା ଏରୋସଲ ବକ୍ସ ପ୍ରସ୍ତୁତ କରାଯାଇଛି। ଡାକ୍ତରମାନେ ଏରୋସଲ ବକ୍ସ ବ୍ୟବହାର କରି ସଂକ୍ରମଣରୁ ନିଜକୁ ରକ୍ଷା କରିପାରିବେ ବୋଲି ଆଇଟିଆଇ ଅଧ୍ୟକ୍ଷ ଡ. ରଜତ ପାଣିଗ୍ରାହୀ କହିଛନ୍ତି। ସେହିପରି ସ୍ୱାସ୍ଥ୍ୟକର୍ମୀ, ପୋଲିସ, ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଭାଇରସ୍ ସଂକ୍ରମଣରୁ ସୁରକ୍ଷା ନିମିତ୍ତ ଫେସ୍ ସିଲ୍ଡ ପ୍ରସ୍ତୁତ କରାଯାଇଛି। ଯାହାର ମୂଲ୍ୟ ମାତ୍ର ୧୧ ଟଙ୍କା। ଏହାଦ୍ୱାରା ମୁହଁ ସମ୍ପୂର୍ଣ୍ଣ ଘୋଡାଇ ହୋଇରହିବ। ଏଥିରେ ଫୋମ୍ ଲାଇନିଂ ବ୍ୟବହାର କରାଯାଇଥିବାରୁ ଏହାକୁ ଅଧିକ ସମୟ ବ୍ୟବହାର କରାଯାଇପାରିବ। ସେହିପରି ମୋବାଇଲ କୋଭିଡ୍ ସାମ୍ପୁଲ କଲେକ୍ସନ କିଓସ୍କ ଦ୍ୱାରା ରୋଗୀଙ୍କୁ ସ୍ପର୍ଶ ବିନା ନମୁନା ସଂଗ୍ରହ କରାଯାଇପାରିବ। ଆଗାମୀ ଦିନରେ ରାଜ୍ୟରେ ରହିଥିବା କୋଭିଡ୍-୧୯ ହସ୍‌ପିଟାଲକୁ ଏରୋସଲ ବକ୍ସ ଯୋଗାଇ ଦିଆଯିବାକୁ ଯୋଜନା ରହିଛି। ଆସନ୍ତା ଗୁରୁବାର ଅନ୍‌ଲାଇନ୍ ଯୋଗେ ଭାରତର ସମସ୍ତ ଆଇଟିଆଇକୁ ଏରୋସଲ ବକ୍ସ ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ତାଲିମ ପ୍ରଦାନ ନିମନ୍ତେ ପ୍ରୟାସ କରାଯିବ ବୋଲି ଅଧ୍ୟକ୍ଷ ପାଣିଗ୍ରାହୀ କହିଛନ୍ତି।



ଆଇଟିଆଇ ଅଧ୍ୟକ୍ଷ ଏରୋସଲ ବକ୍ସର ବ୍ୟବହାର ସମ୍ପର୍କରେ ବୁଝାଉଛନ୍ତି।

# ସମୁଦ୍ର ପଥରେ କଡ଼ା ପାଟ୍ରୋଲିଂ

**ମହାକାଳପଡ଼ା, ୨୭।୪ (ଡି.ଏନ୍.ଏ.)**

ଓଡ଼ିଶାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଇତିମଧ୍ୟରେ ୧୧୦ରେ ପହଞ୍ଚିଛି। ଏବେ ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲା କରୋନା ହଟ୍‌ସ୍ପଟ୍

**ବଙ୍ଗଭାଷୀଙ୍କ ଉପରେ ନଜର**

ରହିଥିବା ବେଳେ ସଂକ୍ରମିତଙ୍କ ମଧ୍ୟରେ ଅଧିକାଂଶ ପଶ୍ଚିମବଙ୍ଗ ଫେରନ୍ତା ବୋଲି ଜଣାପଡ଼ିଛି। ଏହାପରେ ରାଜ୍ୟର ବିଭିନ୍ନ ସାମୁଦ୍ରିକ ପଥରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଜମ୍ବୁ ଓ ତନ୍ତିଆପାଳ ସାମୁଦ୍ରିକ ଥାନା ପକ୍ଷରୁ ସମୁଦ୍ର ପଥରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିବା ଉଭୟ ଥାନା ଅଧିକାରୀ ସୂଚନା ଦେଇଛନ୍ତି।


ଜମ୍ବୁ ମେରାଇନ୍ ଥାନାର ଏକ ଟିମ୍ ସମୁଦ୍ର ପଥରେ ପାଟ୍ରୋଲିଂ କରୁଛନ୍ତି।

ସୂଚନାଯୋଗ୍ୟ, ମହାକାଳପଡ଼ା ବ୍ଲକର ବତୀଘର, ଖରିନାସି , ରାମନଗର, ଜମ୍ବୁ, ସୁନିତି, ନାଞ୍ଜୁରା, ବଉଳକଣି, ପେଟ୍‌ଛେଲା ଆଦି ପଞ୍ଚାୟତରେ ବହୁ ବଙ୍ଗଭାଷାଭାଷୀ ବସବାସ କରୁଛନ୍ତି। ତେବେ ପଶ୍ଚିମବଙ୍ଗ ଲୋକମାନେ ମାଛଧରା ଡଙ୍ଗାରେ ଏଠାକାର ଲୋକଙ୍କ ଘରକୁ ଆସିବାର ଅଶଙ୍କା ରହିଥିବାରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିବା ସୂଚନା ମିଳିଛି। ଅପରପକ୍ଷେ କୌଣସି ସନ୍ଦିଗ୍ଧ ଲୋକଙ୍କୁ ସମୁଦ୍ର ପଥରେ ଦେଖିଲେ ତୁରନ୍ତ ସ୍ଥାନୀୟ ପୋଲିସକୁ ଜଣାଇବାକୁ ଅନୁରୋଧ କରାଯାଇଛି। ହାଇସ୍ପିଡ ବୋଟ ଯୋଗେ ଜମ୍ବୁ ମେରାଇନ ଥାନା ପକ୍ଷରୁ ସତନ୍ତ୍ର ଟିମ୍ ବଙ୍ଗୋସାଗରରେ ପେଟ୍ରୋଲିଂ କରୁଥିବା ଥାନା ଅଧିକାରୀ ରାମ କୁମାର ମୁର୍ମୁ ସୂଚନା ଦେଇଛନ୍ତି। ତନ୍ତିଆପାଳ ମେରାଇନ ଥାନାର ବୋଟ ନ ଥିବାରୁ ନିକଟସ୍ଥ ନଦୀ ଓ ସମୁଦ୍ର କୂଳରେ ବସବାସ କରୁଥିବା ଲୋକଙ୍କ ଉପରେ ନଜର ରଖାଯାଇଥିବା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଏସ୍‌ପି ନୀତି ଶେଖର କହିଛନ୍ତି, ସମୁଦ୍ର ପଥରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଜିଲାର ସମସ୍ତ ମେରାଇନ ଥାନାକୁ କୁହାଯାଇଛି ବୋଲି କହିଛନ୍ତି।



କରୋନା ସଂକ୍ରମଣ ନେଇ ପୃଥିବୀରେ ସଙ୍କଟଜନକ ସ୍ଥିତି ସୃଷ୍ଟି ହୋଇଛି। ବହୁ ଦେଶରେ ସୁରକ୍ଷା ଦୃଷ୍ଟିରୁ ଲକ୍‌ଡାଉନ୍ ଜାରି କରାଯାଇଛି। କରୋନା ମହାମାରୀର ଚିକିତ୍ସା ନେଇ ବିଭିନ୍ନ ସମୟରେ ଭିନ୍ନଭିନ୍ନ କଥା ଶୁଣିବାକୁ ମିଳୁଛି। ତେବେ ଆର୍ଥ୍ରାଇଟିସ୍ ଔଷଧ ଦ୍ୱାରା କରୋନା ଚିକିତ୍ସା ସମ୍ଭବ। ଏନେଇ ଆମେରିକାର ଜର୍ଜିଆ ଷ୍ଟେଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ଗବେଷଣା ରିପୋର୍ଟ ପ୍ରକାଶ ପାଇଛି। ଭୂତାଣୁ ବିଶେଷଜ୍ଞ (ମୂଳ ଭାରତୀୟ) ଡ. ମୁକେଶ କୁମାର ଏସମ୍ପର୍କରେ ସୂଚନା ଦେଇଛନ୍ତି।



# ବରଫ ଭିତରେ ୬ ମାସ



## ସୀମାନ୍ତ ଦୁଃଖୀ 'ଗୁରେଜ୍'

**ବାନ୍ଦୀପୋରା:** ଭୌଗୋଳିକ ଅବସ୍ଥିତିକୁ ନେଇ ସର୍ବଦା ବିବାଦୀୟ ଗୁରେଜ୍ ଘାଟି। ଭାରତ-ପାକିସ୍ତାନ ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲ୍‌ଓସି)ର ଦୁଇପାର୍ଶ୍ୱରେ ବିସ୍ତାରିତ ଏହି ବିବାଦୀୟ ଭୂଖଣ୍ଡ ଏବେ ବି ଦୁର୍ଗମ। ୮୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏହି ଅଞ୍ଚଳ ବର୍ଷତମାମ ବରଫରେ ଢାଙ୍କି ହୋଇ ରହୁଥିବାବେଳେ ପାଖାପାଖି ୬ମାସ ବନ୍ଦୀଜୀବନ ବିତାଇଥାନ୍ତି ୪୦ ହଜାର ବାସିନ୍ଦା।

ପାକିସ୍ତାନ ପଟୁ ଆକ୍ରମଣ ଭୟ। ଆତଙ୍କବାଦୀଙ୍କ ଅନୁପ୍ରବେଶ। ବରଫାବୃତ୍ତ ଅଞ୍ଚଳ। ଏପରି ପ୍ରତିକୂଳ ପରିବେଶ ସତ୍ତ୍ୱେ ଗୁରେଜ୍ ଘାଟିର ନୈସର୍ଗିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ କିମିଆ କରେ। ଖାସ୍ ଏହି କାରଣରୁ ଏହି ଘାଟି ଜାତୀୟ ପର୍ଯ୍ୟଟନର ଦିଗକୁ ପ୍ରଶସ୍ତ କରିଛି। ହେଲେ ଏହି ସ୍ଥାନରେ ପହଞ୍ଚିବା ଏତେ ସହଜ ନୁହେଁ। ଜିଲା ମୁଖ୍ୟାଳୟ ବାନ୍ଦୀପୋରାରୁ ଗୁରେଜ୍‌କୁ ସଂଯୋଗ କରୁଥିବା ୮୬ କି.ମି. ଦୀର୍ଘ ରାସ୍ତା ଅତି ବିପଜ୍ଜନକ। ସମୁଦ୍ର ପତ୍ତନରୁ ହାରାହାରି ସାଢ଼େ ୧୧ ହଜାର ଫୁଟ ଉଚ୍ଚରେ ଥିବା ଘାଟି ରାସ୍ତା ଶୀତଦିନେ ୩୫ ଫୁଟ ଯାଏ ବରଫ ଢାଙ୍କି ହୋଇ ରହିଥାଏ। ଏହି କାରଣରୁ ଗତବର୍ଷ ନଭେମ୍ବରରୁ ବାନ୍ଦୀପୋରା-ଗୁରେଜ୍ ରାସ୍ତା ବନ୍ଦ ଥିଲା। ତେବେ ବରଫ ତରଳିବା ପରେ ଗତ ଏପ୍ରିଲ ୧୭ରେ ଏହି ଘାଟି ରାସ୍ତା ଫିଟିଛି। ଭାରତ ସୀମା ଭିତରେ ଥିବା ଗୁରେଜ୍ ଘାଟିର ପାଖାପାଖି ୪୦ ହଜାର ଭାରତୀୟ ବାସକରନ୍ତି। ଦୀର୍ଘଦିନ ଧରି ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ହୋଇ ରହିବା କାରଣରୁ ମାର୍ଚ୍ଚ ବେଳକୁ ସେଠାରେ ଖାଦ୍ୟ, ଔଷଧ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେବା ଏକ ସାଧାରଣ କଥା। ତେବେ ରାସ୍ତା ଫିଟିବା ପରେ ଗତ ୨୫ ତାରିଖରୁ ଭାରତ ସରକାରଙ୍କ ପକ୍ଷରୁ ଘାଟିକୁ ଜରୁରୀ ସାମଗ୍ରୀ ଯୋଗାଣ ଆରମ୍ଭ ହୋଇଛି। ଗତ ଦୁଇଦିନ ମଧ୍ୟରେ ଏଲ୍‌ପିଜି ଗ୍ୟାସ୍, ଡିଜେଲ, ଫଳ, ପରିବା ଏବଂ ରାଶନ ସାମଗ୍ରୀ ନେଇ ୨୬ ଟ୍ରକ୍ ଗୁରେଜ୍‌ରେ ପହଞ୍ଚିଛି। କେବଳ ଲୋକଙ୍କ ପାଖରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବା ଲାଗି ଏହି ରାସ୍ତା ଖୋଲାଯାଇଛି। କରୋନା ସଂକ୍ରମଣରୁ ଅଞ୍ଚଳକୁ ସୁରକ୍ଷା ଦେବାକୁ ସମ୍ପ୍ରତି ସାଧାରଣ ଲୋକଙ୍କ ଯାତାୟାତ ଉପରେ ପ୍ରତିବନ୍ଧକ ଲଗାଯାଇଛି। ବାନ୍ଦୀପୋରା ଡେପୁଟି କମିଶନର ଅହମ୍ମଦ ମିର୍ଜା କୁହନ୍ତି, ସାମଗ୍ରୀ ନେଉଥିବା ଟ୍ରକ୍‌ଗୁଡ଼ିକୁ ଭଲଭାବେ ସାନିଟାଇଜ୍ କରାଯାଉଛି। ଡାକ୍ତରୀ ପରୀକ୍ଷା ପରେ କେବଳ ସ୍ୱାସ୍ଥ୍ୟବାନ ଏବଂ ନୀରୋଗ ଟ୍ରକ୍ ଚାଳକଙ୍କୁ ଗାଡ଼ି ନେଇ ଯିବାକୁ ଅନୁମତି ଦିଆଯାଉଛି। ଏହି ଦୁର୍ଗମ ଅଞ୍ଚଳକୁ କରୋନା ପ୍ରକୋପରୁ ରକ୍ଷା କରିବାକୁ ସମସ୍ତ ଉଦ୍ୟମ କରାଯାଉଥିବା ସେ କହିଛନ୍ତି। ବାନ୍ଦୀପୋରା-ଗୁରେଜ୍ ରାସ୍ତା ଖୋଲିବା ପୂର୍ବରୁ ବାହାରର ପର୍ଯ୍ୟଟକମାନେ ଚାଲିଚାଲି ଗୁରେଜ୍ ଘାଟିକୁ ଯିବା ଆରମ୍ଭ କରିଥିଲେ। କରୋନା ଭାଇରସ୍ ସଂକ୍ରମଣ ଆଶଙ୍କା କରି ଏପ୍ରିଲ ପ୍ରଥମ ସପ୍ତାହରେ ଏଠାକୁ ଯିବାଲାଗି କଟକଣା ଜାରି କରାଯାଇଛି। ବହିରାଗତଙ୍କ ପ୍ରବେଶ ଘାଟିରେ କରୋନା ସଂକ୍ରମଣର କାରଣ ହୋଇପାରେ। ଏଥିଲାଗି ଅଞ୍ଚଳରେ ପ୍ରବେଶକୁ ନିଷେଧ କରାଯାଇଛି। ଯାଞ୍ଚ କଡ଼ାକଡ଼ି କରିବା ଲାଗି ଡ୍ରଗ୍‌ବାଲ୍ ବିଏସ୍‌ଏଫ୍ ୟୁନିଟ୍‌କୁ ମୁତୟନ କରାଯାଇଥିବା ଡେପୁଟି କମିଶନର ମିର୍ଜା ସୂଚନା ଦେଇଛନ୍ତି।

# ଅସହାୟଙ୍କୁ ଖାଦ୍ୟ ଦେଲେ ପ୍ରଣୀତା



ପ୍ରଣୀତା ସୁଭାଷ

**ମୁମ୍ବାଇ:** କରୋନା ଭାଇରସ୍ ସଂକ୍ରମଣ ପାଇଁ ସମଗ୍ର ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ସବୁଆଡେ ବନ୍ଦ ଥିବାରୁ ଗରିବ, ଅସହାୟମାନଙ୍କ ପାଖରେ କାମ ଧନ୍ଦା ନ ଥିବାରୁ ସେମାନେ ଖାଇବା ପାଇଁ ଏବେ ବହୁତ ହଇରାଣ ହେଉଛନ୍ତି। ସେମାନଙ୍କୁ ସାହାଯ୍ୟ କରିବା ପାଇଁ ବଲିଉଡ୍‌ଠାରୁ ଆରମ୍ଭ କରି ଟଲିଉଡ୍ ପର୍ଯ୍ୟନ୍ତ ସମସ୍ତ ତାରକାମାନେ ଆଗେଇ ଆସିଛନ୍ତି। ସାଉଥ୍‌ର ଜଣେ ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ପ୍ରଣୀତା ସୁଭାଷ। ପ୍ରଣୀତା ଗତ ୨୧ଦିନ ହେଲା ଗରିବ ଅସହାୟଙ୍କୁ ଖାଦ୍ୟ ଯୋଗାଇ ଆସୁଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ୭୫ହଜାର ଅସହାୟଙ୍କୁ ଖାଦ୍ୟ ଖୁଆଇ ସାରିଛନ୍ତି। ସେ ନିଜେ ମାସ୍କ ପିନ୍ଧି ଖାଦ୍ୟ ପ୍ରସ୍ତୁତ କରି ବାଣ୍ଟୁଥିବା ଏକ ଭିଡିଓରେ ନଜର ଆସିଛନ୍ତି। ସେ ଏହାକୁ ତାଙ୍କ ଅଫିସିଆଲ ଆକାଉଣ୍ଟରେ ଶେୟାର ମଧ୍ୟ କରିଛନ୍ତି। ତେବେ ବହୁତ ଶୀଘ୍ର ସେ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ହଙ୍ଗାମା-୨ ସିକ୍ୱେଲରେ ଏହି ଦକ୍ଷିଣୀ ଅଭିନେତ୍ରୀ ପ୍ରଣୀତାଙ୍କୁ ଦେଖିବାକୁ ମିଳିବ ବୋଲି ସୂଚନା ମିଳିଛି।



# ଫେରିଲେ ଗଙ୍ଗା ଡଲ୍‌ଫିନ

**କୋଲକାତା:** କରୋନା ଭାଇରସ୍ ପାଇଁ ଏବେ ସାରା ବିଶ୍ୱରେ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଲକ୍‌ଡାଉନ୍ ଭଳି ସ୍ଥିତି ଯୋଗୁଁ ଲୋକଙ୍କର ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି। କିନ୍ତୁ ଏମିତି ଏକ ସମୟରେ ପ୍ରକୃତିରାଣୀ ହସୁଛି। ପ୍ରକୃତି ତା କ୍ଷତବିକ୍ଷତ ସ୍ଥାନକୁ ଭରଣା କରିବାରେ ଲାଗିଛି। ବିଭିନ୍ନ ନଦୀରେ ଜଳ ପ୍ରଦୂଷଣର ମାତ୍ରା ଢେର୍ କମିଯାଇଛି ଏବଂ ବିଭିନ୍ନ ପ୍ରକାର ପକ୍ଷୀଙ୍କ କିଚିରିମିଚିରି ସ୍ୱରରେ ପ୍ରକୃତି ଯେମିତି ଭିନ୍ନ ଏକ ସଙ୍ଗୀତର ଲହରୀ ଖେଳିଯାଉଛି। ପ୍ରକୃତିର ଏଭଳି ଏକ ଭିନ୍ନ ଅମୂଲ୍ୟ ଦୃଶ୍ୟ ଏବେ କୋଲକାତାର ସମୁଦ୍ର କୂଳରେ ବି ଦେଖିବାକୁ ମିଳିଛି। ପ୍ରାୟ ୩୦ ବର୍ଷ ପରେ ଏବେ ସମୁଦ୍ର କୂଳରେ ଦେଖିବାକୁ ମିଳିଛି ଗଙ୍ଗା ଡଲ୍‌ଫିନ। ଖବର ଅନୁସାରେ କୋଲକାତାର ସମୁଦ୍ର ଘାଟ ନିକଟରେ ଗଙ୍ଗା ଡଲ୍‌ଫିନ ଦେଖିବାକୁ ମିଳିଛି। ଲଗାତର ପ୍ରଦୂଷଣ ଯୋଗୁଁ ମଧୁର ଜଳରେ ରହୁଥିବା ଗଙ୍ଗା ଡଲ୍‌ଫିନମାନଙ୍କ ଅସ୍ତିତ୍ୱ ନେଇ ବିପଦ ଦେଖା ଦେଇଥିଲା। ୨୦୦୯ ମସିହାରେ ଗଙ୍ଗା ଡଲ୍‌ଫିନକୁ ରାଷ୍ଟ୍ରୀୟ ଜଳଜୀବଭାବେ ଘୋଷଣା କରାଯାଇଥିଲା। କିନ୍ତୁ ପ୍ରଦୂଷଣ ଯୋଗୁଁ ଏବେ ଏମାନଙ୍କ ସଂଖ୍ୟା ବହୁତ କମ୍ ହୋଇଯାଇଛି। ମାତ୍ର ଏବେ ଲକ୍‌ଡାଉନ୍ ଯୋଗୁଁ ଗଙ୍ଗା ନଦୀ ଭଳି କୋଲକାତାର ହୁଗୁଳି ନଦୀର ଜଳ ମଧ୍ୟ ଢେର୍ ମାତ୍ରାରେ ପ୍ରଦୂଷଣମୁକ୍ତ ହୋଇପାରିଛି। ତେଣୁ କୋଲକାତାର ବିଭିନ୍ନ ଘାଟକୁ ଏହି ଗଙ୍ଗା ଡଲ୍‌ଫିନ ପୁଣିଥରେ ଫେରିଛନ୍ତି। ତେଣୁ ପ୍ରକୃତିର ଏହି ସ୍ଥିତିରୁ ସମସ୍ତେ ଅନୁଭବ କରିବା ଉଚିତ ଯେ, ସମସ୍ତଙ୍କର ଅସ୍ତିତ୍ୱକୁ ବଞ୍ଚାଇ ରଖିବାକୁ ହେଲେ ସର୍ବପ୍ରଥମେ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ଉଚିତ।

# ନାଚରେ ଉତ୍ସାହ ବଢ଼ାଇଲେ କରୋନା ରୋଗୀ

**ନୂଆଦିଲ୍ଲୀ:** କରୋନା ରୋଗୀଙ୍କ ନାଁ ଶୁଣିବା ମାତ୍ରେ କେମିତି ଏକ ପ୍ରକାର ଭୟ ମନ ଭିତରକୁ ଆପେ ଆପେ ଆସିଯାଉଛି। କିନ୍ତୁ ସାହସର ସହ ମୁକାବିଲା କରିବା ଫଳରେ କରୋନାକୁ ବି ହରାଇ ହେବ। ଲୋକଙ୍କୁ ଏହି ବାର୍ତ୍ତା ଦେବାପାଇଁ ଏକ ଭିନ୍ନ ପ୍ରୟାସ କରିଛନ୍ତି ଦିଲ୍ଲୀର ତିଳକନଗରରେ ଥିବା କରୋନା ରୋଗୀ। ଏହି ଅଞ୍ଚଳରେ ଚୌଧୁରୀ ବ୍ରହ୍ମପ୍ରକାଶ ଆୟୁର୍ବେଦ ଚରକ ସଂସ୍ଥାର କରୋନା ହସ୍ପିଟାଲରେ ଥିବା ରୋଗୀମାନେ ଜୀବନ ପ୍ରତି ବିତସ୍ପୃହ ନ ହୋଇ ବରଂ ସାହସର ପରିଚୟ ଦେବାକୁ ଯାଇ ଡାକ୍ତରଖାନା ଭିତରେ ନାଚଗୀତ କରି ସମୟ କଟାଉଛନ୍ତି। କରୋନା ରୋଗୀଙ୍କ ଏହି ନାଚ କରୁଥିବା ସମୟର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ହସ୍ପିଟାଲର ଜଣେ କରୋନା ରୋଗୀ ପ୍ରଥମେ ନାଚ ଆରମ୍ଭ କରିବା ଫଳରେ ଅନ୍ୟ ସମସ୍ତ ରୋଗୀ ତାଙ୍କ ସହିତ ଏକାଠି ହୋଇ ନାଚିବାକୁ ଲାଗିଥିଲେ। ଏକ ହିନ୍ଦୀ ଗୀତର ତାଳେ ତାଳେ ସେମାନେ ବେଶ୍ ଖୁସିହୋଇ ଏହି ନାଚ କରୁଥିବା ଦେଖିବାକୁ ମିଳିଛି। କରୋନା ରୋଗୀମାନଙ୍କ ଏଭଳି ଉତ୍ସାହକୁ ଦେଖି ଡାକ୍ତରଖାନାର କିଛି ଷ୍ଟାଫ୍ ମଧ୍ୟ ସେମାନଙ୍କ ସହ ଯୋଗଦେଇ ସାମାଜିକ ଦୂରତା ରକ୍ଷା କରି ନାଚ କରିଥିଲେ। ଡାକ୍ତରଖାନା ପକ୍ଷରୁ ଏହି ଭିଡିଓକୁ ଶେୟାର କରି ଲୋକଙ୍କ ଉତ୍ସାହ ବଢ଼ାଇବାକୁ ପ୍ରୟାସ କରାଯାଇଛି।



# ସେଣ୍ଟ୍ରାଲ ଏସିକୁ ସାବଧାନ

**ନୂଆଦିଲ୍ଲୀ:** ଦେଶରେ କରୋନା ଯୋଗୁ ସଙ୍କଟ ସୃଷ୍ଟି ହୋଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଏବେ ଖରାଦିନ ବି ଆସିଗଲାଣି। କିନ୍ତୁ ବହୁ ଲୋକ ଗରମରେ ରହୁଥିଲେ ମଧ୍ୟ ଘରୋଇ ଏସି(ଏୟାର କଣ୍ଡିସନର) ଲଗାଇବାକୁ ଇଚ୍ଛା କରୁ ନାହାନ୍ତି। କାଳେ ଏହାଦ୍ୱାରା କରୋନା ସଂକ୍ରମଣ ବ୍ୟାପିବ ଏ ନେଇ ସେମାନଙ୍କ ମଧ୍ୟରେ ଆଶଙ୍କା ରହିଛି। ତେବେ ଘରେ ଲଗାଯାଇଥିବା ଏସି ଯୋଗୁ ସଂକ୍ରମଣ ହେବାର ଆଶଙ୍କା ନାହିଁ। ଯଦି କାହା ଘରେ କରୋନା ସଂକ୍ରମିତ ରହିଥାନ୍ତି, ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବା ଆବଶ୍ୟକ। ମାତ୍ର ଶପିଂ ମଲ୍, ଅଫିସ, ଫିଲ୍ମ ହଲ ଆଦିରେ ହୋଇଥିବା ସେଣ୍ଟ୍ରାଲ ଏସି ବ୍ୟବସ୍ଥା ପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରାଯିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି। ସେଣ୍ଟ୍ରାଲ୍ ଏସି ବ୍ୟବସ୍ଥାରେ ଏକାଧିକ ବ୍ୟକ୍ତି ଏହାକୁ ବ୍ୟବହାର କରିଥାନ୍ତି। ଫଳରେ ସଂକ୍ରମିତଙ୍କଠାରୁ ସଂକ୍ରମଣର ଆଶଙ୍କା ରହିଥାଏ ବୋଲି ଏସି ଏବଂ ଫ୍ରିଜ୍‌ର ଗୁଣବତ୍ତା ଯାଞ୍ଚ କରୁଥିବା ସଂସ୍ଥା ଆଇଶେୟାର ପକ୍ଷରୁ କୁହାଯାଇଛି। ଏସିର ତାପମାତ୍ରାକୁ ୨୪ରୁ ୩୦ ଡିଗ୍ରୀ ମଧ୍ୟରେ ରଖିବା ଉପରେ ସଂସ୍ଥା ଗୁରୁତ୍ୱାରୋପ କରିଛି। ଏହି ସମୟରେ ଏସି ଚାଲିଥିବା ବାୟୁମଣ୍ଡଳର ଆର୍ଦ୍ରତା ୪୦-୭୦% ରହିବା ଜରୁରୀ। ଏସି ଚାଲିଥିବା ସମୟରେ ରୁମ୍‌ରେ ଫ୍ୟାନ୍ ଲଗାଇବା ଜରୁରୀ। ଫଳରେ ବାୟୁ ଚଳାଚଳ ଯୋଗୁ ତାପମାତ୍ରାରେ ସାମ୍ୟତା ସୃଷ୍ଟି ହୋଇଥାଏ ବୋଲି ଆଇଶେୟାର କହିଛି। ମଝିରେ ମଝିରେ ଝରକା ଖୋଲିବା ମଧ୍ୟ ଆବଶ୍ୟକ। ଏହାଦ୍ୱାରା ବାହାରର ତାଜା ପବନ ଘରେ ପ୍ରବାହିତ ହୋଇପାରିବ। କିଛିଦିନତଳେ ଚାଇନାରେ ଏକ ରେଷ୍ଟୁରାଣ୍ଟରେ ୯ ଜଣଙ୍କୁ କରୋନା ସଂକ୍ରମଣ ହୋଇଥିଲା। ସେମାନେ ବସିଥିବା ସ୍ଥାନରେ ସେଣ୍ଟ୍ରାଲ ଏସି ବ୍ୟବସ୍ଥା ଥିଲା। ପୁଣି ସେମାନଙ୍କ ମଧ୍ୟରେ କେତେକ କରୋନା ପଜିଟିଭ୍ ରହିଥିଲେ। ତେଣୁ ଅନ୍ୟମାନଙ୍କୁ ସଂକ୍ରମଣ ହୋଇଥିଲା। ଅପରପକ୍ଷରେ ଘରେ ସୁସ୍ଥ ଲୋକ ଏସି ଲଗାଇଲେ ଏଥିରେ କୌଣସି ସମସ୍ୟା ହେବାର ଆଶଙ୍କା ନାହିଁ ବୋଲି ଆଇଶେୟାର ପକ୍ଷରୁ ସୂଚନା ଦିଆଯାଇଛି।



# କାର୍ଯ୍ୟସ୍ଥଳରେ ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ଜରୁରୀ




## କାର୍ଯ୍ୟସ୍ଥଳରେ ସୁରକ୍ଷା ଓ ସ୍ୱାସ୍ଥ୍ୟ ଦିବସ ଆଜି

**ଜେନିଭା:** ପ୍ରତିବର୍ଷ ଏପ୍ରିଲ ୨୮ରେ ବିଶ୍ୱବ୍ୟାପୀ କାର୍ଯ୍ୟସ୍ଥଳରେ ସୁରକ୍ଷା ଓ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇ ଆସୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଜାରି ଏହି ଅଭିଯାନରେ ଏହାର ଉଚିତ ଉପଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଛି। କାର୍ଯ୍ୟକ୍ଷେତ୍ରରେ ଘଟୁଥିବା ଦୁର୍ଘଟଣା କିମ୍ବା ରୋଗ ସମ୍ପର୍କରେ ଅବଗତ କରିବା ଓ ଏଥିଲାଗି ପ୍ରସ୍ତୁତି କରିବା ଲାଗି ପ୍ରତିବର୍ଷ ଏହାକୁ ପାଳନ କରାଯାଇଥାଏ। ଅନ୍ତର୍ଜାତୀୟ ଶ୍ରମିକ ସଙ୍ଗଠନ ଦ୍ୱାରା ଏହାକୁ ଘୋଷଣା କରାଯିବା ସହ ୨୦୦୩ ମସିହାରୁ ପ୍ରତିବର୍ଷ ପାଳନ କରାଯାଇଆସୁଛି। ଅଫିସ କିମ୍ବା ଅନ୍ୟାନ୍ୟ କାର୍ଯ୍ୟସ୍ଥଳୀରେ କାର୍ଯ୍ୟ କରୁଥିବା ଲୋକଙ୍କୁ ସୁରକ୍ଷା ଯୋଗାଇଦେବା ଓ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଲାଗି ଏହି ଦିବସର ମହତ୍ତ୍ୱ ରହିଛି। ଏଭଳି ଦିବସ ପାଳନ ଦ୍ୱାରା କର୍ମଚାରୀମାନେ ବିଭିନ୍ନ ଦୁର୍ଘଟଣା ଓ ରୋଗ ସମ୍ପର୍କରେ ସଚେତନ ହୋଇପାରିବେ।

# ଶାଢ଼ିପିନ୍ଧା ଫଟୋ ଶେୟାର କଲେ ଅଦା

**ମୁମ୍ବାଇ:** ଲକ୍‌ଡାଉନ୍ ପାଇଁ ବଲିଉଡ୍ ତାରକାମାନେ ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ ରହୁଛନ୍ତି। ଫ୍ୟାନ୍‌ମାନଙ୍କ ମନୋରଞ୍ଜନ ପାଇଁ ଭିନ୍ନ ଭିନ୍ନ କାର୍ଯ୍ୟ କରି ଫଟୋ ଏବଂ ଭିଡିଓ ଶେୟାର କରୁଛନ୍ତି। କିଏ କୁକିଂ ତ ଆଉ କିଏ ଡ୍ୟାନ୍ସିଂ। ଆଉ କେହି ୱାର୍କଆଉଟ୍‌ର ଭିଡିଓ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି। ନିକଟରେ ବଲିଉଡ୍‌ର ବୁଲ୍‌ବୁଲି ଅଭିନେତ୍ରୀ ଅଦା ଶର୍ମା ନିଜ ଫ୍ୟାନ୍‌ମାନଙ୍କ ମନକଥା ବୁଝିବାକୁ ଯାଇ ଟ୍ରାଡିଶନାଲ ଗେଟ୍‌ଅପ୍‌ରେ ଏକ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହି ଫଟୋରେ ଅଦା ଏକ ଅଫ୍‌ହ୍ୱାଇଟ୍ ଟ୍ରାନ୍ସପରେଣ୍ଟ ଶାଢ଼ି ପିନ୍ଧିଛନ୍ତି। ଏଥିରେ ସେ ପୂରା ହଟ୍ ଦିଶୁଛନ୍ତି। ତାଙ୍କର ଏହି ଲୁକ୍‌କୁ ଫ୍ୟାନ୍‌ମାନେ ବେଶ୍ ପସନ୍ଦ କରିଛନ୍ତି। ଏହି ଫଟୋଟି ଭାଇରାଲ ହେବାରେ ଲାଗିଛି। ପ୍ରକାଶଥାଉ କି, ଅଦାଙ୍କ ଅଭିନୀତ କମାଣ୍ଡୋ ମୁଭିକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ।



# କେଶ, ପୋଷାକରେ ସଂକ୍ରମଣ ଆଶଙ୍କା କମ୍



**ୱାଶିଂଟନ:** କରୋନା ସଂକ୍ରମଣ ଯୋଗୁ ପୃଥିବୀରେ ସଙ୍କଟ ଦେଖାଦେଇଛି। ଏହି ସଂକ୍ରମଣ ନେଇ ନାନା ଗୁଜବ ମଧ୍ୟ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି। ଭର୍ଜିନିଆ ବିଶ୍ୱବିଦ୍ୟାଳୟର ଏରୋସଲ ବୈଜ୍ଞାନିକ ଲିନ୍ସେ ମାରେ କହିଛନ୍ତି ଯେ, କେଶ, ଦାଢ଼ି ନିଶ ଏବଂ ପୋଷାକ ଦ୍ୱାରା ଏହା ସଂକ୍ରମଣ ହେବାର ଆଶଙ୍କା ଯଥେଷ୍ଟ କମ୍ ରହିଛି। ସାମାଜିକ ଦୂରତ୍ୱ ବଜାୟ ରଖିଲେ କରୋନା ସଂକ୍ରମଣରୁ ସହଜରେ ଦୂରେଇ ରହିହେବ ବୋଲି ସେ କହିଛନ୍ତି। ସେହିପରି ସଂକ୍ରମିତଙ୍କ ପୋଷାକ ଧୋଇବାରେ ଗରମ ପାଣି ବ୍ୟବହାର କଲେ ଭୂତାଣୁ ନଷ୍ଟ ହୋଇଯାଇଥାନ୍ତି। ତେଣୁ ସଂକ୍ରମିତଙ୍କ ସଫା ହୋଇଥିବା ପୋଷାକକୁ ଅନ୍ୟମାନଙ୍କ ଲୁଗାପଟା ସହିତ ମିଶାଇ ରଖିଲେ କୌଣସି ବିପଦର ଆଶଙ୍କା ନ ଥାଏ। ସେହିପରି ଜୋତା ସୋଲ୍ ଦ୍ୱାରା ସଂକ୍ରମଣ ହେବାର ଆଶଙ୍କା କମ୍ ରହିଛି। ଚାଇନାରେ କେତେକ ସ୍ୱାସ୍ଥ୍ୟକର୍ମୀଙ୍କ ଜୋତା ସୋଲ୍‌ରେ କରୋନା ଭୂତାଣୁ ରହିଥିବା ଜଣାପଡ଼ିଥିଲା। ସେମାନେ ସଂକ୍ରମିତଙ୍କ ସହିତ ରହୁଥିବାରୁ ଏଭଳି ଆଶଙ୍କା କରାଯାଇଥିଲା। ମାତ୍ର ସାଧାରଣ ଭାବେ ଜୋତା ସୋଲ୍‌ରୁ କରୋନା ସଂକ୍ରମଣ ହେବାର ଆଶଙ୍କା ଅତି କମ୍ ବୋଲି ମାରେ କହିଛନ୍ତି। ଅନୁରୂପ ଭାବେ ଭୂତାଣୁ ଖବର କାଗଜ ଅବା ଚିଠି ଦ୍ୱାରା ବ୍ୟାପେନାହିଁ। ଯଦି ଏନେଇ ମନରେ କିଛି ସନ୍ଦେହ ସୃଷ୍ଟି ହୁଏ, ତେବେ ଚିଠି ବା ଖବର କାଗଜକୁ ବାହାରେ ୪-୫ ଘଣ୍ଟା ପାଇଁ ରଖିଦେଲେ ଭଲ। ମାତ୍ର ଚିଠି କିମ୍ବା ଖବର କାଗଜ ଦ୍ୱାରା କରୋନା ସଂକ୍ରମଣର କୌଣସି ରିପୋର୍ଟ ବର୍ତ୍ତମାନ ସୁଦ୍ଧା ମିଳି ନ ଥିବା ସେ କହିଛନ୍ତି।

# ସଲ୍‌ମାନଙ୍କ ଫାର୍ମହାଉସ୍‌ରେ ଲୁଲିଆ

**ମୁମ୍ବାଇ:** ବର୍ତ୍ତମାନ ସଲ୍‌ମାନ ଖାନ୍ ତାଙ୍କ ପରିବାର ସଦସ୍ୟ ଏବଂ କିଛି ଅନ୍ତରଙ୍ଗ ବନ୍ଧୁଙ୍କ ସହ ଫାର୍ମହାଉସ୍‌ରେ ରହିଛନ୍ତି। କାରଣ ସଲ୍‌ମାନ୍ ତାଙ୍କ ଫାର୍ମହାଉସ୍‌କୁ ବୁଲିବାକୁ ଆସି ଲକ୍‌ଡାଉନ୍ ଯୋଗୁ ଫସିଯାଇଛନ୍ତି। ଏହି ସମୟରେ ସେ ଫାର୍ମହାଉସ୍‌ରେ ଯାହା କିଛି କରୁଛନ୍ତି ଫ୍ୟାନ୍‌ମାନଙ୍କୁ ସୋସିଆଲ ମିଡିଆରେ ଶେୟାର କରି ଜଣାଉଛନ୍ତି। ତାଙ୍କ ସହିତ ତାଙ୍କର ଅତି ଘନିଷ୍ଠ ବନ୍ଧୁ ତଥା କଥିତ ପ୍ରେମିକା। ଲୁଲିଆ। ବନ୍ତୁର ମଧ୍ୟ ଅଛନ୍ତି। ୟୁଲିଆ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି। ଯେଉଁଥିରେ ସେ ମାଛ ଧରୁଥିବା ଦେଖିବାକୁ ମିଳିଛି। ଭିଡିଓଟିରେ ଲୁଲିଆଙ୍କ ବ୍ୟତୀତ କିଛିଲୋକ ଜାଲ ପକାଇ ମାଛ ଧରୁଥିବା ନଜର ଆସିଛନ୍ତି। ଭିଡିଓରେ ଲୁଲିଆ କହିଛନ୍ତି, 'ଖାଇବାର ଅଛି ଯଦି ପରିଶ୍ରମ କର, ଆଜି ଏ ହେଉଛି ଆମ ଲଞ୍ଚ୍'। ଲୁଲିଆଙ୍କ ଏହି ଭିଡିଓ ଏବେ ବେଶ୍ ଚର୍ଚ୍ଚାରେ। ଏହା ପୂର୍ବରୁ ସେ ଆଉ ଏକ ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା। ଏଥିରେ ଲୁଲିଆ ଫାର୍ମହାଉସ୍‌ରେ ଚାଟ୍ ଶୋ' କରୁଥିଲେ। ପଛରୁ ସଲ୍‌ମାନ୍ ଆସି ତାଙ୍କ ଚେୟାର ଉପରେ ହାତରଖି କିଛି କହୁଥିବାର ଦେଖିବାକୁ ମିଳିଥିଲା। ଏଥିରୁ ଜଣାପଡୁଥିଲା ଲୁଲିଆ ତାଙ୍କୁ ଚାଲିଯିବାକୁ କହୁଥିଲେ। ଏହା ପରେ ସଲ୍‌ମାନ୍ ଚାଲିଯାଇଥିଲେ। ଲୁଲିଆ ଜଣେ ମଡେଲ, ହୋଷ୍ଟ, ରେଡିଓ ପ୍ରେଜେଣ୍ଟର ଏବଂ ସିଙ୍ଗର ମଧ୍ୟ। ସଲ୍‌ମାନଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ବଲିଉଡ୍‌ରେ ବେଶ୍ ଚର୍ଚ୍ଚା ହେଉଛି। ସଲମାନ୍‌ଙ୍କ ସହ ତାଙ୍କ ଫାର୍ମହାଉସ୍‌ରେ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିସ୍, ସୋହେଲଙ୍କ ପୁଅ ନିର୍ବାଣ ମଧ୍ୟ ଅଛନ୍ତି।







ସୌନ୍ଦର୍ଯ୍ୟ

# ଡ୍ରାଏ ସ୍କିନ୍‌ର ଘରୋଇ ଉପଚାର

ତ୍ୱଚାରୁ ଡ୍ରାଏନେସ୍ ଦୂର କରିବାକୁ ହେଲେ ମଶ୍ଚରାଇଜର ଏବଂ ଲୋଶନ ଅଧିକ ସମୟ ପର୍ଯ୍ୟନ୍ତ ରହି ନ ଥାଏ। ଏଥିପାଇଁ ଘରୋଇ ଉପଚାର ଆପଣାନ୍ତୁ, ଯାହା ଆପଣଙ୍କୁ ଡ୍ରାଏ ସ୍କିନ୍ ସମସ୍ୟାରୁ ମୁକ୍ତି ଦେବ...

**ଅଲିଭ୍ ଅଏଲ:** ତୁଳା ସାହାଯ୍ୟରେ ନିଜ ଡ୍ରାଏ ସ୍କିନ୍‌ରେ ଅଲିଭ୍ ଅଏଲ ଲଗାନ୍ତୁ। ପୁଣି ହାଲ୍‌କା ହାତରେ ମସାଜ୍ କରନ୍ତୁ। ପ୍ରତିଦିନ ଏପରି କଲେ ତ୍ୱଚା ନମନୀୟ ରହିଥାଏ।

**ନଡ଼ିଆ ତେଲ:** କଟନ ବଲ୍‌ବ ସାହାଯ୍ୟରେ ନଡ଼ିଆ ତେଲକୁ ନିଜ ଡ୍ରାଏ ସ୍କିନ୍‌ରେ ଲଗାନ୍ତୁ। ଏହାଦ୍ୱାରା ସ୍କିନ୍ ଉପରେ ଜମା ହୋଇଥିବା ତେଲର ବାଲାନ୍ସ ରହିବ, ଯାହା ସ୍କିନ୍‌କୁ ପ୍ରାକୃତିକ ଉପାୟରେ ହାଇଡ୍ରେଟ୍ କରିବ।

**ମହୁ ଓ କ୍ଷୀର:** ମହୁ ଓ କ୍ଷୀରକୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ପୁଣି ୧୦ ମିନିଟ୍ ପର୍ଯ୍ୟନ୍ତ ଏହି ମାସ୍କକୁ ଡ୍ରାଏ ସ୍କିନ୍‌ରେ ଲଗାଇବେ। ଏହାକୁ ଆପଣ ମୁହଁ ଏବଂ ହାତରେ ମଧ୍ୟ ଲଗାଇ ପାରିବେ। ଲଗାଇବାର ୧୦ ମିନିଟ୍ ପରେ ଏହାକୁ ଥଣ୍ଡାପାଣିରେ ଧୋଇଦିଅନ୍ତୁ। କିନ୍ତୁ ଭଲ ହେବ ଏହି ମାସ୍କକୁ ଆପଣ ଗାଧୋଇବା ପରେ ଉପଯୋଗ କରିବା।

**ଆଲୋଭେରା ଜେଲ୍:** ଫ୍ରେଶ୍ ଆଲୋଭେରା ଜେଲ ଡ୍ରାଏ ସ୍କିନ୍‌କୁ ହାଇଡ୍ରେଟ୍ କରିବାରେ ସହାୟକ ହେବ। ଏହାକୁ ପ୍ରତିଦିନ ଲଗାଇବା ଦ୍ୱାରା ଡ୍ରାଏନେସ୍ ଦୂର ହୋଇଯିବ। ଏହି ଜେଲ୍ ଆପଣଙ୍କୁ ଯେକୌଣସି କସ୍‌ମେଟିକ୍ ଶପ୍‌ରେ ମଧ୍ୟ ଖୁବ୍ ସହଜରେ ମିଳିଯିବ।



# ଆଇଭିଏଫ୍ ଓ ଯାଆଁଳା ଶିଶୁ



ଡା. ସସ୍ମିତା ନାୟକ

"ଅନେକ ମହିଳା ସ୍ୱତନ୍ତ୍ରଭାବେ ଯେଉଁମାନେ ଦୁଇଟି କିମ୍ବା ଅଧିକ ସାଇକେଲ ନେବା ପାଇଁ ଅସମର୍ଥ, ଏହା ସମ୍ଭବ ହୋଇଥାଏ ଯେବେ ଗୋଟିଏରୁ ଅଧିକ ଏମ୍ବ୍ରିଓ ଟ୍ରାନ୍ସଫର କରାଯାଇଥାଏ। ଏକାଧିକ ଏମ୍ବ୍ରିଓ ଟ୍ରାନ୍ସଫରରେ ଗର୍ଭବତୀ ହେବାର ସମ୍ଭାବନା ଗୋଟିଏ ଏମ୍ବ୍ରିଓ ଟ୍ରାନ୍ସଫର ତୁଳନାରେ ବୃଦ୍ଧି ପାଇଥାଏ, ଯେବେ କି ଏକାଧିକ ଜନ୍ମର ସମ୍ଭାବନା ବୃଦ୍ଧି ପାଇଥାଏ। ଏଥିରେ ଥିବା ଅନେକ କାରଣ ମଧ୍ୟରେ ମହିଳାଙ୍କ ବୟସ, ତାଙ୍କର ଶାରୀରିକ ସ୍ୱାସ୍ଥ୍ୟ ଏବଂ ଏମ୍ବ୍ରିଓର ଜୀବନ କ୍ଷମତା ଆଇଭିଏଫ୍ ସାଇକେଲର ସଫଳତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।"

ଅନେକ ଦମ୍ପତି ସନ୍ତାନ ସୁଖ ଉପଭୋଗ କରିବା ପାଇଁ ଆଇଭିଏଫ୍ ଚିକିତ୍ସାର ଚୟନ କରିଥାଆନ୍ତି, ଯାହା ପାଇଁ ସେମାନେ ବାରମ୍ବାର ଡାକ୍ତରଖାନାକୁ ଯାଇଥାନ୍ତି ଏବଂ ଯାଆଁଳା କିମ୍ବା ତିନୋଟି ଶିଶୁ ହେବାର ସମ୍ଭାବନା ଅଛି ବୋଲି ସେମାନଙ୍କ ପ୍ରଥମ ପ୍ରଶ୍ନ ରହିଥାଏ। ଏକାଧିକ ଜନ୍ମ ଏହି ସମୟରେ ପୂର୍ବ ଅପେକ୍ଷା ଏକ ସାଧାରଣ କଥା। ବିଶେଷଭାବରେ ଜଣେ କର୍ମଜୀବୀ ଯାଆଁଳା ଶିଶୁଙ୍କୁ ଜନ୍ମ ଦେବା ପରେ ତାହାର ଲାଳନପାଳନ ପାଇଁ ନିଜ ପରିବାର ଉପରେ ନିର୍ଭର କରିଥାଏ।

**ଆଇଭିଏଫ୍ ମାଧ୍ୟମରେ ଯାଆଁଳା ଶିଶୁର ସମ୍ଭାବନା:** ସାଧାରଣତଃ ଆଇଭିଏଫ୍ ମାଧ୍ୟମରେ ଆପଣ ଏବଂ ଆପଣଙ୍କ ଡାକ୍ତର ଠିକ କରିବେ କି ଆପଣଙ୍କ ୟୁଟ୍ରସକୁ କେତୋଟି ଏମ୍ବ୍ରିଓ ଟ୍ରାନ୍ସଫର କରାଯିବ। ଯଦି ଆପଣ ଗୋଟିଏ ଏମ୍ବ୍ରିଓ ଟ୍ରାନ୍ସଫର କରିବେ ତେବେ ଏକକାଳୀନ ଦୁଇଟି କିମ୍ବା ତିନୋଟି ଶିଶୁ ଜନ୍ମ ହେବା ଅସମ୍ଭବ। ଏହା ଆପଣଙ୍କ ଗର୍ଭାବସ୍ଥାର ସଫଳତାକୁ ପ୍ରଭାବ ପକାଇଥାଏ କାରଣ ଆପଣଙ୍କ ଏମ୍ବ୍ରିଓ ୟୁଟେରିନ ଲାଇନିଙ୍ଗରେ ସଫଳଭାବେ ଜଡ଼ିତ ହେବ ତାହାର ଗ୍ୟାରେଣ୍ଟି ନାହିଁ। ଏହାର କାରଣ ଅନେକ ମହିଳା ସ୍ୱତନ୍ତ୍ରଭାବେ ଯେଉଁମାନେ ଦୁଇଟି କିମ୍ବା ଅଧିକ ସାଇକେଲ ନେବା ପାଇଁ ଅସମର୍ଥ, ଏହା ସମ୍ଭବ ହୋଇଥାଏ ଯେବେ ଗୋଟିଏରୁ ଅଧିକ ଏମ୍ବ୍ରିଓ ଟ୍ରାନ୍ସଫର କରାଯାଇଥାଏ। ଏକାଧିକ ଏମ୍ବ୍ରିଓ ଟ୍ରାନ୍ସଫରରେ ଗର୍ଭବତୀ ହେବାର ସମ୍ଭାବନା ଗୋଟିଏ ଏମ୍ବ୍ରିଓ ଟ୍ରାନ୍ସଫର ତୁଳନାରେ ବୃଦ୍ଧି ପାଇଥାଏ, ଯେବେକି ଏକାଧିକ ଜନ୍ମର ସମ୍ଭାବନା ବୃଦ୍ଧି ପାଇଥାଏ। ଏଥିରେ ଥିବା ଅନେକ କାରଣ ମଧ୍ୟରେ, ମହିଳାଙ୍କ ବୟସ, ତାଙ୍କର ଶାରୀରିକ ସ୍ୱାସ୍ଥ୍ୟ ଏବଂ ଏମ୍ବ୍ରିଓର ଜୀବନ କ୍ଷମତା ଆଇଭିଏଫ୍ ସାଇକେଲର ସଫଳତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।

କିନ୍ତୁ ଯଦି ଆପଣ ଆପଣଙ୍କ ଆଇଭିଏଫ୍ ସାଇକେଲ ସମୟରେ ଗୋଟିଏରୁ ଅଧିକ ଏମ୍ବ୍ରିଓ ଟ୍ରାନ୍ସଫର ପାଇଁ ଚୟନ କରିଥାନ୍ତି ତେବେ ଯାଆଁଳା କିମ୍ବା ତିନୋଟି ଶିଶୁ ହେବାର ସମ୍ଭାବନା ବୃଦ୍ଧି ପାଇଥାଏ।





ଏହା ବହୁ ଦମ୍ପତିଙ୍କ ମଧ୍ୟରେ ଏକ ଟ୍ରେଣ୍ଡ ହୋଇପାରିଛି, ସ୍ୱତନ୍ତ୍ରଭାବେ ଯେଉଁମାନେ ଯାଆଁଳା ପାଇଁ ଇଚ୍ଛା କରିଥାନ୍ତି ଏବଂ ଗୋଟିଏ ଗର୍ଭାବସ୍ଥାରେ ଦୁଇଟି ଶିଶୁର ଜନ୍ମକୁ କ୍ୟୁଟ୍ ବୋଲି ଭାବିଥାନ୍ତି। ଆହୁରି ମଧ୍ୟ, ଆଇଭିଏଫ୍ ଅଧିକ ଚାହିଦାରେ ରହିଛି କାରଣ ବର୍ତ୍ତମାନ ଗୋଟିଏ ଶିଶୁ ହେଉ କିମ୍ବା ଦୁଇଟି– ଏହାର ମୂଲ୍ୟ ସମାନ ରହିଛି। ତେଣୁ, ବହୁ ଦମ୍ପତି ଆଇଭିଏଫ୍ ମାଧ୍ୟମରେ ଦୁଇଟି ଶିଶୁର ଚାହିଦା ରଖୁଛନ୍ତି, କାରଣ ଆଇଭିଏଫ୍ ବ୍ୟୟସାପେକ୍ଷ ଏବଂ ସେମାନେ ନିଜ ପରିବାରରେ ଗୋଟିଏରେ ଦୁଇଟି ଶିଶୁ ଜନ୍ମ ଚାହୁଁଛନ୍ତି। ଯେବେ କି କିଛି ଦମ୍ପତି ବାରମ୍ବାର ଆଇଭିଏଫ୍ କରିବାକୁ ପସନ୍ଦ କରନ୍ତି ନାହିଁ ତେଣୁ ସେମାନେ ଏକାଥରେ ଦୁଇଟି ଶିଶୁ ଚାହିଁଥାନ୍ତି ଏବଂ ଏହା ମଧ୍ୟ ବ୍ୟୟସାପେକ୍ଷ। ସାଧାରଣତଃ ଦମ୍ପତି ବୋକା ନ ହେଲେ ମଧ୍ୟ ସେମାନେ ଦୁଇଟି ଶିଶୁ ଜନ୍ମ କରିବାର ଇଚ୍ଛା ବ୍ୟକ୍ତ କରିଥାନ୍ତି, ସ୍ୱତନ୍ତ୍ରଭାବେ କର୍ମଜୀବୀ ମହିଳାଙ୍କ କ୍ଷେତ୍ରରେ ସେମାନେ ଥରେ ପରିବାର ସମ୍ପୂର୍ଣ୍ଣ ହେବା ପରେ ସେମାନଙ୍କ କ୍ୟାରିୟର ଉପରେ ଧ୍ୟାନ କେନ୍ଦ୍ରିତ କରିଥାନ୍ତି। ସେହିପରି ଅନେକ ଲୋକ ବଂଶାନୁକ୍ରମିକ ଟେଷ୍ଟିଙ୍ଗ ପାଇଁ ଇଚ୍ଛା ପ୍ରକାଶ କରିଥାନ୍ତି। ପିଜିଡି ସହିତ ସାମଞ୍ଜସ୍ୟ, ପିଜିଏସ୍ (ପେରିମପ୍ଲାନଟେସନ ଜେନେଟିକ ସ୍କ୍ରିନିଙ୍ଗ) ସମ୍ପୂର୍ଣ୍ଣ କ୍ରୋମୋଜୋମାଲ ନର୍ମାଲ ଅଛି କି ନାହିଁ (କ୍ରୋମୋଜୋମାଲ ସଂଖ୍ୟା)ର ସଂଖ୍ୟା ଏବଂ କିଛି ସ୍ୱତନ୍ତ୍ର ଅସୁବିଧା ଜାଣିବା ପାଇଁ ବ୍ୟବହାର ହୋଇଥାଏ। ଆନୁବଂଶିକ ଅସ୍ୱାଭାବିକତାରେ ପିଜିଡିର ଚିହ୍ନଟ ୯୮ ପ୍ରତିଶତ ଅଧିକ ଥାଏ। ଏହି ପ୍ରକାରର ପରୀକ୍ଷା ଦ୍ୱାରା ଡାକ୍ତରମାନେ ଦମ୍ପତିଙ୍କୁ କଷ୍ଟକର ଅବସ୍ଥା ତଥା ସମୟ ପୂର୍ବରୁ ଗର୍ଭାବସ୍ଥାଠାରୁ ରକ୍ଷା କରିଥାନ୍ତି, ଯାହା କି ମହିଳାଙ୍କ ଆବେଗ ଏବଂ ମାନସିକ ସ୍ତରରେ ଅତ୍ୟଧିକ ପ୍ରଭାବ ପକାଇଥାଏ। ଏହି ଏମ୍ବ୍ରିଓନିକ ପରୀକ୍ଷା କିଛି ଦମ୍ପତିଙ୍କ ମଧ୍ୟରେ କ୍ରମାଗତଭାବେ କାହିଁକି ଏବଂ କିପରି ଆଇଭିଏଫ୍ ବିଫଳ ହେଉଛି ତାହାର ବୈଜ୍ଞାନିକ କାରଣ ଦର୍ଶାଇଥାଏ।

ଏହି ପ୍ରକାରର ସ୍କ୍ରିନିଙ୍ଗ ପରୀକ୍ଷା ଯୁବ ଏବଂ ଆଶାବାଦୀ ଦମ୍ପତିଙ୍କୁ କିଛି ଧରଣର ମାନସିକ ଯନ୍ତ୍ରଣା କିମ୍ବା ଆବେଗପୂର୍ଣ୍ଣ ପରିସ୍ଥିତିରୁ ରକ୍ଷା କରିଥାଏ, ଯାହା ଗର୍ଭପାତ କିମ୍ବା ଆକସ୍ମିକ ଗର୍ଭପାତର କାରଣ ହୋଇପାରେ। ଏହି ପରୀକ୍ଷାଗୁଡ଼ିକ ସୁବିଧାଜନକ ପ୍ରମାଣ ହେଲେ ମଧ୍ୟ ଉଭୟ ଡାକ୍ତର ଏବଂ ଦମ୍ପତି ସୁସ୍ଥ ଶିଶୁ ପାଇଁ ଆଶା ରଖିଥାନ୍ତି। କିଛି ମେଡିକାଲ ବିଶେଷଜ୍ଞ ଏହି ପ୍ରକ୍ରିୟାର ଖରାପ ବ୍ୟବହାର ତଥା ବ୍ୟତିକ୍ରମ କରି ଲିଙ୍ଗ ନିରୂପଣ କରିଥାନ୍ତି, ଯାହା କରିବା ସମ୍ପୂର୍ଣ୍ଣଭାବେ ନିଷେଧ।

**ପ୍ରୟୋଗ ପରବର୍ତ୍ତୀ ଯତ୍ନ :** ଯେବେ କି ଅଧିକ ଗର୍ଭାବସ୍ଥା ସୁସ୍ଥକର ଏବଂ ଏଥିରେ ସୁସ୍ଥ ଶିଶୁ ସୃଷ୍ଟି ହୋଇଥାଏ କିନ୍ତୁ ଦୁଇଟି କିମ୍ବା ଅଧିକ ଶିଶୁ ସହିତ ଗର୍ଭାବସ୍ଥାରେ ସଚେତନ ହେବା ପାଇଁ କିଛି ବିପଦ ରହିଥାଏ। ତେଣୁ, ଡାକ୍ତରଙ୍କ ସହିତ ପରାମର୍ଶକୁ ଅଣଦେଖା କରନ୍ତି। ଏହା ମଧ୍ୟ ମନେରଖନ୍ତୁ କି, ଆଇଭିଏଫ୍ ପ୍ରକ୍ରିୟା ପରେ ଏକାଧିକ ଏମ୍ବ୍ରିଓ ଟ୍ରାନ୍ସଫର ହେବା ପରେ ଏବଂ ସ୍ୱୟଂ–ପରିଚାଳନା ପଦ୍ଧତିରେ ପ୍ରୟୋଗ ପରେ ଏକାଧିକ ଗର୍ଭାବସ୍ଥା ଡାକ୍ତରଙ୍କ ହାତରେ ନ ଥାଏ କିମ୍ବା ଏହା ବଦଳା ଯାଇପାରେ ନାହିଁ କିମ୍ବା ହସ୍ତକ୍ଷେପ କରାଯାଇପାରିବ ନାହିଁ। ତେଣୁ, ଆପଣ ଗୋଟିଏ କିମ୍ବା ଅଧିକ ଶିଶୁ ସହିତ ଗର୍ଭବତୀ (ଏକାଧିକ ଗର୍ଭାବସ୍ଥା) ଥିଲେ ତାହା ଚିନ୍ତାର ବିଷୟ ନୁହେଁ। ସୁସ୍ଥ ଜୀବନଶୈଳୀ ଏବଂ ସନ୍ତୁଳିତ ଖାଦ୍ୟପେୟ ଆପଣଙ୍କ ଗର୍ଭାବସ୍ଥା ସହିତ ଖାପ୍‌ଖୁଆଇ ଆପଣଙ୍କ ଶିଶୁର ଠିକ୍ ଆରମ୍ଭ ପାଇଁ ସହଯୋଗ କରିଥାଏ। ଯଦି ଆପଣ ଭୋକିଲା ଅନୁଭବ କରୁଛନ୍ତି ତେବେ ସୁସ୍ଥ ଜଳଖିଆ, ସତେଜ ଫଳ, ନିମ୍ନ–ଫ୍ୟାଟର ଦହି କିମ୍ବା ସାଣ୍ଡୱିଚ୍ ସହିତ ଗ୍ରେଟେଡ ଚିଜ, ଲିନ ହାମ କିମ୍ବା ମାସଡ ଟୁନା ଇତ୍ୟାଦି ଖାଇବା ଉଚିତ। ଦୁଇଟି ଶିଶୁ ହେବାକୁ ଥିଲେ ଆପଣ ଗୋଟିଏ ଗର୍ଭାବସ୍ଥା ତୁଳନାରେ ଅଧିକ ଖାଇବାର ଆବଶ୍ୟକତା ନାହିଁ। ଆପଣଙ୍କୁ ବୋଧହୁଏ ଗର୍ଭାବସ୍ଥା ସମୟରେ ଆଇରନ ଟାବଲେଟ୍ ଦିଆଯାଏ କାରଣ ଯାଆଁଳା ଗର୍ଭାବସ୍ଥା ସମୟରେ ରକ୍ତହୀନତାର ଅଧିକ ସମ୍ଭାବନା ଥାଏ।

*–ସ୍ତ୍ରୀ ରୋଗ ବିଶେଷଜ୍ଞ ଓ ଆଇଭିଏଫ୍ ବିଶେଷଜ୍ଞ, ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ, ଭୁବନେଶ୍ୱର*

# ପ୍ରଫେଶନ ଅନୁଯାୟୀ ପିନ୍ଧନ୍ତୁ ଡ୍ରେସ୍

ଅଫିସ ଯିବା ସମୟରେ କେଉଁ ଡ୍ରେସ୍ ପିନ୍ଧିଲେ ତାହା ଆପଣଙ୍କୁ ପରଫେକ୍ଟ ମ୍ୟାଚ୍ କରିବ ଜାଣନ୍ତୁ ସେ ସମ୍ପର୍କରେ...



**ବିଜ୍‌ନେସ ପ୍ରଫେଶନ**

ଏହି କ୍ଷେତ୍ରରେ ଆପଣଙ୍କ ପର୍ସନାଲିଟିର ଲୁକ୍ ରହିବା ଆବଶ୍ୟକ। ଫର୍ମାଲ ସହ ବିଜ୍‌ନେସ୍ ସୁଟ୍ ପିନ୍ଧି ପାରିବେ। ଏହା ଆପଣଙ୍କ ପାଇଁ ପରଫେକ୍ଟ ହେବ। ଏହାଦ୍ୱାରା ଆପଣ ଅଧିକ ଆଟ୍ରାକ୍ଟିଭ୍ ଲାଗିବେ। ଆପଣ ବିନା କୌଣସି ଦ୍ୱିଧାରେ କ୍ଲାସିକ୍ କଲର ଯେମିତି ଗ୍ରେ, ଷ୍ଟିଲ ବ୍ଲୁ, ଅଫ୍ ହ୍ୱାଇଟ୍‌ରେ ବ୍ଲାକ୍ ସୁଟ୍ସ ଟ୍ରାଏ କରିପାରିବେ। ଶାର୍ଟ ପାଇଁ ଷ୍ଟିଲ୍ ବ୍ଲୁ, ସ୍କାଇ ବ୍ଲୁ, ମେରୁନ୍ କମ୍ବିନେଶନ ଆପଣଙ୍କୁ ଫର୍ମାଲରେ ଆକର୍ଷକ ଲୁକ୍ ଦେବ।



**ମେଡିକାଲ୍**

ଡାକ୍ତର, ଫାର୍ମାଶିଷ୍ଟ ଫିଲ୍ଡ ସହିତ ଜଡ଼ିତ ରହୁଥିବା ବ୍ୟକ୍ତି ସଫା ସୁତୁରା ରହିବା ସହିତ ସିମ୍ପଲ୍ ରହିବାକୁ ଚେଷ୍ଟା କରନ୍ତୁ। ଆପଣ ଯେତେ ଶାନ୍ତଶିଷ୍ଟ ଦେଖାଯିବେ ତାହା ସେତେ ଭଲ। ଲାଇଟ୍ ବ୍ଲୁ, ହ୍ୱାଇଟ୍, ଅଫ୍ ହ୍ୱାଇଟ୍, ଲାଇଟ୍ ପିଙ୍କ୍ ଭଳି ହାଲୁକା ଡ୍ରେସ୍ ଚଏସ କରିପାରନ୍ତି। ଆପଣ ସେମି ଫର୍ମାଲ କିମ୍ବା ସେମି କାଜୁଆଲ ଲୁକ୍‌କୁ ଆପଣାଇଲେ ଆପଣଙ୍କ ଇଜ୍ଜତ ବଢ଼ିଯିବ ଏବଂ ଆପଣଙ୍କୁ ସମ୍ମାନ କରିବେ। ଆପଣ ସେମି ଫର୍ମାଲ କିମ୍ବା ସେମି କାଜୁଆଲ ଲୁକ୍‌କୁ ଆପଣାଇପାରିବେ।

**କ୍ରିଏଟିଭ୍ ପ୍ରଫେଶନ**

ଆପଣ କୌଣସି ଆଡ୍ କମ୍ପାନୀର ହେଉ, ସଫ୍ଟୱେର କମ୍ପାନୀ କିମ୍ବା ଫ୍ୟାଶନ୍ ଷ୍ଟୁଡିଓରେ କାମ କରୁଥିଲେ ତେବେ କାମରେ କ୍ରିଏଟିଭିଟି ପାଇଁ ଡ୍ରେସ୍ ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ। ବୋଲ୍ଡ ଏବଂ ଅଫ୍ ଶେଡ୍ କମ୍ବିନେଶନ୍, ଫ୍ୟୁଜନ୍ ଏବଂ ଏକରୁ ଅଧିକ ଶେଡ୍ ସହିତ ମିକ୍ସ ଆଣ୍ଡ ମ୍ୟାଚ୍ କରି ମଧ୍ୟ ପିନ୍ଧିପାରିବେ। ଆପଣଙ୍କ କମ୍ପାନୀରେ ଯଦି ଡ୍ରେସ୍ କୋଡ୍ ନାହିଁ ତେବେ କାଜୁଆଲ୍ କିମ୍ବା ସେମି କାଜୁଆଲ୍ ଲୁକ୍‌କୁ ବି କ୍ୟାରି କରିପାରିବେ। ସବୁବେଳେ ଧ୍ୟାନ ରଖିବେ ଯେ ଆପଣ ପିନ୍ଧୁଥିବା ଡ୍ରେସ୍ ସଫା ଏବଂ ପ୍ରେସ୍ ହୋଇଥିବା ଦରକାର।

ଖାଦ୍ୟରୁଚି

# ଟମାଟୋ ଚିକେନ୍

**ଆବଶ୍ୟକ ସାମଗ୍ରୀ:** ଚିକେନ୍ ୬୬୦ଗ୍ରାମ୍, ଲୁଣ ଏକ ଚାମଚ, ଗୋଲମରିଚ ଏକ ଚାମଚ, ତେଲ ଦୁଇ ଚାମଚ, ଅଦା ରସୁଣ ପେଷ୍ଟ ଏକ ଚାମଚ, ଡାଲଚିନି ଏକ ଇଞ୍ଚ, ତେଜପତ୍ର ଦୁଇଟି, ପିଆଜ ପ୍ୟୁରି ୧୩୫ଗ୍ରାମ୍, ହଳଦୀ ଏକ ଚାମଚ, ଟମାଟୋ ପ୍ୟୁରି ୪୨୦ଗ୍ରାମ୍, ଲବଙ୍ଗ ଚାରୋଟି, ଜାଇଫଳ ଚାରୋଟି, ଇଲାଇଚି ପାଉଡର ଅଧାଚାମଚ, ଜିରାପାଉଡର ଦୁଇ ଚାମଚ, ଲୁଣ ସ୍ୱାଦ ଅନୁସାରେ, ଧନିଆ ପତ୍ର ଗାର୍ନିଶ ପାଇଁ।



**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ଚିକେନ୍ ନିଅନ୍ତୁ, ସେଥିରେ ଏକ ଚାମଚ ଲୁଣ, ଏକ ଚାମଚ ଗୋଲମରିଚ ଗୁଣ୍ଡ ପକାଇ ତାକୁ ୩୦ମିନିଟ୍ ପର୍ଯ୍ୟନ୍ତ ମାରିନେଟ୍ କରି ଛାଡ଼ି ଦିଅନ୍ତୁ। ପ୍ୟାନ୍ ଗରମ ହେଲା ପରେ ଦୁଇଚାମଚ ତେଲ ପକାଇ ଏକ ଚାମଚ ଅଦା–ରସୁଣ ପେଷ୍ଟ ଦେଇ ଦୁଇ ତିନିମିନିଟ୍ ପର୍ଯ୍ୟନ୍ତ କଷନ୍ତୁ। ତା'ପରେ ଡାଲଚିନି, ତେଜପତ୍ର, ପିଆଜ ପ୍ୟୁରି ପକାଇ ଭଲଭାବେ କଷନ୍ତୁ। ପିଆଜ ପ୍ୟୁରି କଷି ହୋଇଗଲା ପରେ ହଳଦୀ ପକାଇ କଷନ୍ତୁ। ଚିକେନ୍‌କୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଟମାଟୋ ପ୍ୟୁରି ପକାଇ ୭ରୁ ୧୦ମିନିଟ୍ ପର୍ଯ୍ୟନ୍ତ କଷନ୍ତୁ। ଲବଙ୍ଗ, ଜାଇଫଳ, ଇଲାଇଚି ପାଉଡର, ଜିରା ପାଉଡର, ସ୍ୱାଦ ଅନୁସାରେ ଲୁଣ ପକାଇ ମିକ୍ସ କରନ୍ତୁ। ଏହାକୁ ୩୦–୩୫ମିନିଟ୍ ପର୍ଯ୍ୟନ୍ତ ଗ୍ୟାସ୍‌ରେ ବସାଇ ରଖନ୍ତୁ। ଏବେ ଆପଣଙ୍କ ଟମାଟୋ ଚିକେନ୍ ପ୍ରସ୍ତୁତ ହୋଇଗଲା।

# ଚଟାଣ ସଫା କରୁଥିଲେ...



**ସର୍ଫ ଓ ଗରମ ପାଣି :** ଏକ ବାଲ୍‌ଟି ଗରମ ପାଣି ଓ ସର୍ଫ ମିଶାଇ ଦିଅନ୍ତୁ। ପୁଣି ଏହି ପାଣିରେ ଘରକୁ ପୋଛନ୍ତୁ। ଏହାଦ୍ୱାରା ଘରର ଫର୍ଶ ଭଲଭାବେ ସଫା ହୋଇଯିବା ସହ କଳାପଣ ଦୂର ହେବ।

**ସିର୍‌କା:** ଯଦି ଘରେ ଲାଇଟ୍ କଲର ଟାଇଲ୍ସ ଲଗାଇଛନ୍ତି ତେବେ ଏକ କପ୍ ସିର୍‌କାରେ ପାଣି ମିଶାନ୍ତୁ। ଏବେ ଏହି ମିଶ୍ରଣରେ ଘର ପୋଛନ୍ତୁ। ଏହାଦ୍ୱାରା ଫ୍ଲୋର ମିରର୍ ପରି ଦେଖାଯିବ।

**ଲେମ୍ବୁ:** ଫ୍ଲୋରକୁ ସଫା କରିବାକୁ ହେଲେ ଲେମ୍ବୁ ସବୁଠାରୁ ଭଲ ଉପାୟ। ଅଳ୍ପ ପାଣିରେ ଲେମ୍ବୁ ମିଶାନ୍ତୁ। ଏହି ପାଣିରେ ଘରକୁ ପୋଛି ସଫା କରନ୍ତୁ। ଫଳରେ ଫ୍ଲୋରରେ ଲାଗିଥିବା ସବୁ ଦାଗ ସହଜରେ ଛାଡ଼ିଯିବ।

# ଉପକାରୀ ଉଷୁମ ପାଣି



- ଉଷୁମ ପାଣି ପିଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ପଦାର୍ଥ ଆପେ ଆପେ ବାହାରି ଯାଇଥାଏ। ଏଥିପାଇଁ ସକାଳୁ ଉଷୁମ ପାଣିରେ ଲେମ୍ବୁ ଓ ମହୁ ମିଶାଇ ପିଅନ୍ତୁ।
- ଉଷୁମ ପାଣି ପିଇବା ଦ୍ୱାରା ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ଶରୀରରେ ଥିବା ମେଟାବଲିଜିମକୁ କମାଇବାରେ ଏହା ସାହାଯ୍ୟ କରିଥାଏ।
- ଉଷୁମ ପାଣି ପିଇବା ଦ୍ୱାରା ଏହା ରକ୍ତ ପ୍ରବାହ ପ୍ରତିବନ୍ଧକ ସାଜୁଥିବା ତତ୍ତ୍ୱକୁ ନଷ୍ଟ କରିଦିଏ।
- ଥଣ୍ଡାରୁ ନାକ ବନ୍ଦ କିମ୍ବା ତଣ୍ଟିରେ ଦରଜ ଅନୁଭୂତ ହେଉଥିଲେ ଉଷୁମ ପାଣି ପିଇଲେ ଆରାମ ଲାଗିଥାଏ।
- ଉଷୁମ ପାଣି ପିଇଲେ ପିତ୍ତ ଦୋଷ ଦୂର ହୋଇଥାଏ।

## ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ,୨୭।୪:** କଟକ ମହାନଗର ନିଗମ (ସିଏମ୍‌ସି) ଅନ୍ତର୍ଗତ ୮ନମ୍ବର ୱାର୍ଡର ସମସ୍ତ ସଫେଇ କର୍ମଚାରୀଙ୍କୁ ପ୍ରତିଶ୍ରୁତି ଏସ୍‌ଏଚ୍‌ଜି ଗ୍ରୁପ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। କରୋନା ଭଳି ଜଟିଳ ପରିସ୍ଥିତିରେ ସେମାନେ ନିଜକୁ ସମାଜ ପାଇଁ ଉତ୍ସର୍ଗ କରି ପ୍ରତିଦିନ ୱାର୍ଡର ସମସ୍ତ ଅଞ୍ଚଳ ସଫେଇ କରୁଛନ୍ତି। ଏମାନେ କରୋନା ଲଢେଇରେ ଜଣେ ଜଣେ ପ୍ରକୃତ ଯୋଦ୍ଧା ବୋଲି ଗ୍ରୁପର ସଭାପତି ଗାୟତ୍ରୀ ପତି କହିଛନ୍ତି। ଏହି ଅବସରରେ ସମ୍ପାଦିକା ହେମଲତା ମହାପାତ୍ର, ଅରୂପା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୬ ବେଆଇନ ବାଲି ବୋଝେଇ ଟ୍ରକ୍ ଜବତ

**କଣ୍ଟାପଡ଼ା,୨୭।୪ (ଡି.ଏନ୍.ଏ.):** କଣ୍ଟାପଡ଼ା ତହସିଲ ଅଞ୍ଚଳରେ ବେଆଇନ ଭାବେ ଚୋରା ବାଲିଚାଲାଣ ବୃଦ୍ଧିପାଇଛି। ଗୋବିନ୍ଦପୁର ଓ ଓଲଟପୁର ପୋଲିସ ୬ଟି ବାଲି ବୋଝେଇ ଟ୍ରକ୍‌କୁ ଜବତକରି ୫ ଟ୍ରକ ମାଲିକଙ୍କଠାରୁ ୯୨ ହଜାର ଟଙ୍କା ଜରିମାନା ଆଦାୟ କରିଛି। ରବିବାର ରାତିରେ ଓଲଟପୁର ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଓଡି ୧୯ଇ ୩୨୮୪, ଓଡି ୧୯ ଇ ୩୫୯୮ ଓ ଓଆର ୦୯ ପି ୧୬୨୮ ହାଇୱାକୁ ଅଡ଼ଶପୁର ନିକଟରେ ଅଟକାଇଥିଲା। ଡ୍ରାଇଭର ବାଲିଚାଲାଣ ସମ୍ପର୍କିତ ଠିକ୍ କାଗଜପତ୍ର ଦେଖାଇ ପାରିନଥିଲେ। ସେହିପରି ଗୋବିନ୍ଦପୁର ପୋଲିସ ଓଡି ୦୨ ଏଇ ୦୭୩୯, ଓଆର ୧୬ସି ୨୫୨୩ ଓ ଆଉଗୋଟିଏ ଟ୍ରକକୁ କାକଟପୁର ବ୍ରାଞ୍ଚ କେନାଲ ବନ୍ଧରେ ଅଟକାଇ ଯାଞ୍ଚକରିଥିଲା। କାଗଜପତ୍ର ଠିକ୍ ନ ଥିବାରୁ ଟ୍ରକ୍ ଜବତ କରାଯାଇଥିଲା।

### ମହଙ୍ଗା ଭତ୍ତା ବାତିଲକୁ ବିରୋଧ

**କଟକ ଅଫିସ,୨୭।୪:** କରୋନା ମହାମାରୀକୁ ଦୃଷ୍ଟିରେ ରଖି ପେନସନ୍ ଭୋଗୀମାନଙ୍କୁ ମହଙ୍ଗା ଭତ୍ତା ପ୍ରଦାନ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଚଳିତବର୍ଷ ଜାନୁୟାରୀ ମାସଠାରୁ ଆସନ୍ତା ୨୦୨୧ ମସିହା ଜୁନ ମାସ ପର୍ଯ୍ୟନ୍ତ ମହଙ୍ଗାଭତ୍ତା ବନ୍ଦ କରାଯାଇଛି। ଏହାଛଡ଼ା ବକେୟା ମଧ ଦିଆଯିବ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ଏହାକୁ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବିରୋଧ କରାଯାଇଛି। ମହାସଂଘର ଅଧକ୍ଷ ପ୍ରତାପ ଚନ୍ଦ୍ର ଦାସ କହିଛନ୍ତି ଯେ, କରୋନା ଯୋଗୁ ବଜାର ଦର ବଢ଼ିବାରେ ଲାଗିଛି । ଅନୁରୂପ ଭାବେ ମୁଦ୍ରାସ୍ଫୀତି ବୃଦ୍ଧି ଘଟିବ। ଯାହାଦ୍ୱାରା ପେନସନଭୋଗୀମାନେ କ୍ଷତିଗ୍ରସ୍ତ ହେବେ। ଏଣୁ କେନ୍ଦ୍ର ସରକାର ତାଙ୍କ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସେ ଦାବି କରିଛନ୍ତି। ସଂଘର ମହାସଚିବ ଗୋକୁଳାନନ୍ଦ ବେହେରା ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି।

### ୨ ଟ୍ରାକ୍ଟର ଜବତ

**କଟକ ସଦର,୨୭।୪(ଡି.ଏନ୍.ଏ.):** ୪୨ ମୌଜା ଅଞ୍ଚଳରେ ୨ଟି ଟ୍ରାକ୍ଟର ସୋମବାର ବେଆଇନ ଭାବେ ବାଲି ଚାଲାଣ କରୁଥିବାବେଳେ କଟକସଦର ତହସିଲଦାର ସମ୍ବିତ ଗଡ଼ନାୟକ ଧରିଥିଲେ। ପରେ ଟ୍ରାକ୍ଟର ଦୁଇଟିକୁ ସ୍ଥାନୀୟ ପୋଲିସ ସହାୟତାରେ ଜବତ କରାଯାଇ ୪୨ମୌଜା ଫାଣ୍ଡିକୁ ଅଣାଯାଇଥିଲା।

### ସ୍ୱୟଂ ସହାୟକ ଗୋଷ୍ଠୀ ଗରିବଙ୍କୁ ବାଣ୍ଟିଲେ ଖାଦ୍ୟ

**କୃଷ୍ଣପ୍ରସାଦ,୨୭।୪(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକ ପାଟପୁର ଗାଁର ତ୍ରିନାଥ ଦେବ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସିଆଳ ହରିଜନ ସାହି ଏବଂ ଶ୍ରୀରାମପୁରରେ ପରିବା, ବିସ୍କୁଟ, ସାବୁନ, ସାନିଟାଇଜର, ଡାଲି ଆଦି ବଣ୍ଟନ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସେମାନଙ୍କ ମୁହଁରେ ମାସ୍କ ବାନ୍ଧିବା ସହ ସଚେତନ କରାଇଥିଲେ। ସେହିଭଳି ସିଆଣ୍ଡି ସରପଞ୍ଚ ଅନିତା ନାୟକଙ୍କ ନେତୃତ୍ୱରେ ଗୋପାଳପୁର, ରତାମାଟି ଗାଁରେ ପ୍ରତି ପରିବାର ସମସ୍ତ ବ୍ୟକ୍ତିଙ୍କ ପାଇଁ ମାସ୍କ ବାଣ୍ଟିଥିଲେ। ପଞ୍ଚାୟତର ସମସ୍ତ ପରିବାରକୁ ଏଭଳି ମାସ୍କ ବଣ୍ଟାଯିବ ବୋଲି ସ୍ୱୟଂ ସହାୟକ ଗୋଷ୍ଠୀ, ପୂର୍ବତନ ସରପଞ୍ଚ ପ୍ରବୀର ଚନ୍ଦ୍ର ନାୟକ କହିଛନ୍ତି।

### କରୋନା ଯୋଦ୍ଧା ସମ୍ବର୍ଦ୍ଧିତ

**ପୁରୀ ଅଫିସ, ୨୭।୪:** ଭାଜପା ଶରଧାବାଲି ମଣ୍ଡଳ ତରଫରୁ ଶୁକ୍ରବାର କରୋନା ଯୋଦ୍ଧାମାନଙ୍କୁ ଧନ୍ୟବାଦ ପତ୍ର ଦିଆଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। କରୋନା ଯୋଗୁ ସମଗ୍ର ଦେଶ ଲକ୍‌ଡାଉନ ଥିବାବେଳେ ପୋଲିସ, ଅଙ୍ଗନୱାଡ଼ି କର୍ମୀ ଏବଂ ସଫେଇ କର୍ମଚାରୀମାନେ ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ନିଜ କଥାକୁ ଭୁଲି ସମାଜ କଥା ଚିନ୍ତା କରୁଛନ୍ତି। ତେଣୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମଣ୍ଡଳ ସଭାପତି ସଞ୍ଜୀବ କୁମାର ମୁଖାର୍ଜୀ, ରାଜେଶ କୁମାର ନନ୍ଦ, ହିମାଂଶୁ ଶେଖର ସାହୁ, ସନ୍ତୋଷ କୁମାର ପ୍ରଧାନ, ବିଶ୍ୱନାରାୟଣ ଦାଶ, ରବି ନାରାୟଣ ପ୍ରଧାନ, ହଳି ଦାସ, କୁମାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ହସ୍ତଶିଳ୍ପ ବ୍ୟବସାୟ ବନ୍ଦ, ଉପାସରେ ବ୍ୟବସାୟୀ

## ସହାୟତା ପାଇଁ ଜିଲାପାଳଙ୍କ ନିକଟରେ ଦାବି



**କୋଣାର୍କ,୨୭।୪(ଡି.ଏନ୍.ଏ.)**

ମହାମାରୀ କରୋନା (କୋଭିଡ-୧୯) ପ୍ରଭାବରେ ସୂର୍ଯ୍ୟମନ୍ଦିର ପାର୍ଶ୍ୱରେ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଥିବା ହସ୍ତଶିଳ୍ପ ବ୍ୟବସାୟୀମାନଙ୍କ ବେଉସା ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇ ଯାଇଛି। ଫଳରେ ସେମାନଙ୍କ ପରିବାର ଭୋକ ଉପାସରେ କାଳତିପାତ କରୁଥିବା ଦେଖିବାକୁ ମିଳିଛି। ଏହି ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଗତ ମାର୍ଚ୍ଚ ୨୨ତାରିଖରୁ ତାଲା ବନ୍ଦ ଘୋଷଣା କରିବା ଯୋଗୁ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ମଧ ବନ୍ଦ କରାଯାଇଛି। ଏହି ତାଲା ବନ୍ଦ ପରିସ୍ଥିତି ଯୋଗୁ ପର୍ଯ୍ୟଟନ ଶୂନ୍ୟ ହୋଇପଡିଛି କୋଣାର୍କ ସୂର୍ଯ୍ୟମନ୍ଦିର। ପର୍ଯ୍ୟଟକ ନ ଆସିବା ଓ ବଜାର ବନ୍ଦ ହେବା ଯୋଗୁ ଏହା ଉପରେ ନିର୍ଭରଶୀଳ ୫୦୦ରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପ ବ୍ୟବସାୟୀ ସେମାନଙ୍କ ଜୀବିକା ହରାଇଲେଣି। ଗତ ୨୦୧୭ ମସିହାରେ କରାଯାଇଥିବା ସର୍ଭେ ଆଧାରରେ ହସ୍ତଶିଳ୍ପ ବ୍ୟବସାୟୀମାନଙ୍କୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହା ଅତି କମ୍ ଥିବାରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ କୋଣାର୍କ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘର ସଭାପତି ସୁବାସ ନାୟକ ରାଜ୍ୟ ସରକାରଙ୍କ ହସ୍ତତନ୍ତ୍ର ଓ ବୟନଶିଳ୍ପ ବିଭାଗ ମନ୍ତ୍ରୀ, ସଚିବ ଓ ପୁରୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ସୂର୍ଯ୍ୟମନ୍ଦିର ପରିସରରେ ଫଟୋ ଉଠାଇ ଜୀବିକା ନିର୍ବାହ କରୁଥିବା ଶତାଧିକ ଫଟୋଗ୍ରାଫରମାନେ ମଧ ଲକଡାଉନ ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଫଟୋ ମାଳି ବ୍ୟବସାୟୀ ଓ ୨୦୧୭ମସିହା ପରେ ରାସ୍ତାକଡରେ ଉଠା ଦୋକାନ କରି ଜୀବିକା ନିର୍ବାହ କରୁଥିବା ବ୍ୟବସାୟୀମାନଙ୍କୁ କୋଣାର୍କ ଏନଏଏସି ପ୍ରଶାସନ ପକ୍ଷରୁ ନୂତନ ଭାବେ ସର୍ଭେ କରାଯାଇ ନ ଥିବାରୁ ସେମାନେ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ କୋଣାର୍କରେ ୨୦୧୭ ପରେ ଉଠା ଦୋକାନ କରିଥିବା ଦୋକାନୀମାନଙ୍କୁ କୋଣାର୍କ ଏନଏଏସି ପ୍ରଶାସନ ପକ୍ଷରୁ ପୁନଃ ଚିହ୍ନଟ କରାଯାଇ କରୋନା ଯୋଗୁ ଜୀବିକା ହରାଇଥିବା ୩୫୦ରୁ ଊର୍ଦ୍ଧ୍ୱ ଉଠା ଦୋକାନୀମାନଙ୍କ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପୁରୀ ଜିଲାପାଳ ଓ କୋଣାର୍କ ଏନଏସି ନିର୍ବାହୀ ଅଧିକାରୀଙ୍କୁ ସହାୟତା ପ୍ରଦାନ ପାଇଁ ଦାବି କରିଛନ୍ତି। ଏହାସହ ସେଠାରେ ଥିବା ହୋଟେଲ ମାଲିକଙ୍କୁ ଆର୍ଥିକ ସହାୟତା ଅଥବା ଋଣ ପ୍ରଦାନ ପାଇଁ ସଭାପତି ନାଏକ ଦାବି କରିଛନ୍ତି। ଏ ଦିଗରେ ପୁରୀ ଜିଲାପାଳ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାରେ ପାତରଅନ୍ତର ନୀତି ପ୍ରତିପୋଷଣ କଲେ ହସ୍ତଶିଳ୍ପୀ ବ୍ୟବସାୟୀ, ଉଠା ଦୋକାନୀ, ହୋଟେଲ ଶିଳ୍ପ ସହ ବିଭିନ୍ନ ବ୍ୟବସାୟୀଙ୍କ ହିତ ଦୃଷ୍ଟିର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି କୋଣାର୍କ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘ ସଭାପତି ସୁବାସ ନାଏକ ପ୍ରକାଶ କରିଛନ୍ତି।



କରୋନା ପ୍ରଭାବରେ କ୍ଷତିଗ୍ରସ୍ତ ପୁରୀ ପରିବହନ କର୍ମଚାରୀମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## ଜିଲା କୋର୍ଟ ଲିଫ୍ଟ ବ୍ୟାଟେରି ଚୋରି

**ଭୁବନେଶ୍ୱର,୨୭।୪(ବ୍ୟୁରୋ)**

ଲକ୍‌ଡାଉନ୍ ଯୋଗୁ ଭୁବନେଶ୍ୱର ଜିଲା କୋର୍ଟ ବନ୍ଦ ରହିଛି। ଏହି ସୁଯୋଗରେ କୋର୍ଟର ଲିଫ୍ଟ ବ୍ୟାଟେରିକୁ ରବିବାର କେହି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଏନେଇ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶଶିକାନ୍ତ ବେହେରା ବଡ଼ଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ-୧୨୫/୨୦ ରୁଜୁ କରି ତଦନ୍ତ କରୁଛି। କୋର୍ଟ ଭିତରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାରକରି ଚୋର ଚିହ୍ନଟ ପ୍ରକ୍ରିୟା ଜାରି ରହିଛି।

## ପମ୍ପ ହାଉସ ଘେରାଉ କଲେ ଗ୍ରାମବାସୀ



ଗ୍ରାମବାସୀମାନେ ପମ୍ପହାଉସ୍ ଘେରାଉ କରିଛନ୍ତି।

### ପର୍ଯ୍ୟାପ୍ତ ପରିମାଣର ମିଳୁନି ପାନୀୟଜଳ

**ଚୌଦ୍ୱାର,୨୭।୪(ଡି.ଏନ.ଏ.)**

ଚୌଦ୍ୱାର ପୌରପାଳିକାର ମୁଣ୍ଡମାଳ ଗ୍ରାମର ଥିବା ପମ୍ପ ହାଉସରୁ ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ମିଳୁ ନ ଥିବାରୁ ଲୋକେ ବର୍ଷ ବର୍ଷ ଧରି ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ନିକଟରେ ଏହି ସମସ୍ୟାର ସମାଧାନ ଲାଗି ବହୁବାର ଅଭିଯୋଗ କରାଯାଇଥିଲେ ହେଁ କେବଳ ପ୍ରତିଶ୍ରୁତି ଦିଆଯାଉଥିଲା। ହେଲେ ସୋମବାର ସ୍ଥାନୀୟ ଅଞ୍ଚଳବାସୀ ଅତିଷ୍ଠ ହୋଇ ଜଳଯୋଗାଣ କେନ୍ଦ୍ରକୁ ଘେରାଉ କରିବା ସହ ମୁଖ୍ୟ ଫାଟକରେ ତାଲା ପକାଇ ସ୍ଥାୟୀ ସମାଧାନ ପାଇଁ ଧାରଣାରେ ବସି ରହିଛନ୍ତି।

୨୦୧୬ରେ ଉକ୍ତ ଗ୍ରାମ ସହ ଆଖପାଖ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବାକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରାୟ ୯୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ ହୋଇଥିଲା। ଓଟିଏମ୍ କଲୋନୀ, ମୁଣ୍ଡମାଳ ଆଖପାଖରେ ଥିବା ବିଭିନ୍ନ ବସ୍ତି ଅଞ୍ଚଳକୁ ଏହି ପମ୍ପ ହାଉସରୁ ପାଣି ଯୋଗାଇ ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ଧୀରେ ଧୀରେ ଏହି ପମ୍ପ ହାଉସରୁ ପାଖରେ ଥିବା ଅନ୍ୟ କେତେକ ସ୍ଥାନକୁ ପାଣି ଯୋଗାଇ ଦିଆଗଲା। ଫଳରେ ସମସ୍ତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ପାଣି ପହଞ୍ଚି ପାରିଲା ନାହିଁ। ମୁଣ୍ଡମାଳ ଅଞ୍ଚଳରେ ଥିବା ବେହେରା ସାହି, ତଳ ସାହି ଓ ବ୍ରାହ୍ମଣ ସାହି ଆଦିକୁ ପାନୀୟ ଜଳ ଯିବାରେ ବାଧା ଉପୁଜିଥିଲା। ଅନ୍ୟପକ୍ଷେ କେତେଜଣ ବ୍ୟକ୍ତି ବେଆଇନ ଭାବେ ପାଇପ କାଟି ପାଣି ନିଜ ଘରକୁ ନେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିର୍ମାଣ ହୋଇଥିବା ପାଣି ଟାଙ୍କିର ଅବସ୍ଥା ଶୋଚନୀୟ ହୋଇପଡିଛି। ଟାଙ୍କି ଚାରିକଡରେ ଫାଟ ସୃଷ୍ଟି ହୋଇ ପାଣି ପ୍ରଚୁର ପରିମାଣର ବୋହି ନଷ୍ଟ ହୋଇଛି। ଦୀର୍ଘଦିନ ହେବ ପାଣି ବୋହୁ ଥିବା ବେଳେ ଟାଙ୍କିକୁ ମରାମତି କରାଯାଉନାହିଁ। ଏଥିସହ ଟାଙ୍କି ଭିତର ମଧ ସଫା କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମସ୍ତ ସମସ୍ୟାକୁ ନେଇ ସୋମବାର ଧାରଣାରେ ଗ୍ରାମବାସୀ ବସିଥିଲେ। ଫଳରେ ଦିନତମାମ ପାନୀୟ ଜଳଯୋଗାଣକୁ ବନ୍ଦ ରଖାଯାଇଥିବା ଜଣାପଡିଛି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠଯନ୍ତ୍ରୀ ଶମ୍ଭୁନାଥ ସେଠୀଙ୍କୁ ପଚାରିବାରେ ଏସ୍‌ଡିଓ ଆସିବା ପରେ ତାଙ୍କ ସହ ଆଲୋଚନା କରି ସମସ୍ୟାଗୁଡିକର ସ୍ଥାୟୀ ସମାଧାନ କରିବାକୁ ଅପେକ୍ଷା କରିଥିବା ବେଳେ ଧାରଣା ଚାଲୁ ରହିଛି।

## ସୁରଟରୁ ୪ ବସ୍‌ରେ ଓଡ଼ିଶା ଫେରୁଛନ୍ତି ପ୍ରବାସୀ

**ଭୁବନେଶ୍ୱର, ୨୭।୪(ବ୍ୟୁରୋ)**

ରାଜ୍ୟ ବାହାରେ ଫସି ରହିଥିବା ପ୍ରବାସୀ ଓଡ଼ିଆଙ୍କୁ ଫେରାଇ ଆଣିବାକୁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଲକ୍‌ଡାଉନ୍ ହଟିବା ପରେ ରାଜ୍ୟ ସରକାର ବସ୍ ଯୋଗେ ସେମାନଙ୍କୁ ଆଣିବାର ଥିଲା। ହେଲେ ଏହା ପୂର୍ବରୁ ସୋମବାର ଗୁଜରାଟ ସୁରଟରୁ ୪ଟି ବସ୍‌ରେ ୨୨୮ଜଣ ପ୍ରବାସୀ ଓଡ଼ିଶା ଅଭିମୁଖେ ବାହାରିଛନ୍ତି। ସେମାନେ ନିଜ ଖର୍ଚ୍ଚରେ ବସ୍ ଯୋଗାଡ଼ କରି ଆସୁଥିବା ସୂଚନା ମିଳିଛି। ତେବେ ଏଥିପାଇଁ ସ୍ଥାନୀୟ ପ୍ରଶାସନ ଅନୁମତି ଦେଇଥିବା ଜଣାପଡିଛି।

## କୋଭିଡ୍-୧୯ର ସମୀକ୍ଷା କଲେ ଚୌଦ୍ୱାର-କଟକ ବିଧାୟକ

**ଚୌଦ୍ୱାର,୨୭।୪ (ଡି.ଏନ୍.ଏ.)**

ଚୌଦ୍ୱାର ସହରରେ କରୋନା ସଂକ୍ରମଣ ରୋକିବା ଦିଗରେ ପୌରପାଳିକା ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ସୋମବାର ସମୀକ୍ଷା କରିଛନ୍ତି । ପୌର ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ବେହେରାଙ୍କ ସହ ବିସ୍ତୃତ ଆଲୋଚନା କରି ହିତାଧିକାରୀଙ୍କୁ ସରକାରୀ ସହାୟତା ଠିକ୍ ଭାବେ ବଣ୍ଟନ କରାଯାଉଛି କି ନାହିଁ ପଚାରି ବୁଝିଥିଲେ। ସ୍ଥାନୀୟ ଗାନ୍ଧୀଛକ ସ୍ଥିତ ଟାଉନହଲ ଓ କଲ୍ୟାଣ ମଣ୍ଡପରେ ଖୋଲା ଯାଇଥିବା ୫୦ ଶଯ୍ୟା ବିଶିଷ୍ଟ କ୍ୱାରାଣ୍ଟାଇନ କେନ୍ଦ୍ର ପରିଦର୍ଶନ କରିଥିଲେ। ଆଗକୁ ଚୌଦ୍ୱାର ମହାବିଦ୍ୟାଳୟର ଛାତ୍ରୀ ନିବାସରେ ଖୋଲିବାକୁ ଥିବା ୧୦୦ ଶଯ୍ୟା ବିଶିଷ୍ଟ କେନ୍ଦ୍ରର ସ୍ଥିତି ପରଖିଥିଲେ । ସୂଚନାଯୋଗ୍ୟ, ରାଜ୍ୟ ବାହାରୁ ଆସିବାକୁ ଥିବା ଶ୍ରମିକଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟା ଚାଲୁ ରହିଛି। ଗତ ୩ ଦିନ ମଧ୍ୟରେ ଅଫ୍‌ଲାଇନରେ ୬୯ ଓ ଅନ୍‌ଲାଇନ୍‌ରେ ୩ ଆବେଦନ କରିଥିବା ପୌର ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଆଗକୁ ସଂଖ୍ୟା ବଢ଼ିଲେ ୧୬ନଂ ୱାର୍ଡରେ ଥିବା ନର୍ସିଂ ହଷ୍ଟେଲକୁ ହାତକୁ ନିଆଯିବାର ବ୍ୟବସ୍ଥା କରାଯିବ ବୋଲି ବିଧାୟକଙ୍କୁ ଜଣାଇଥିଲେ ପୌର ଅଧିକାରୀ।



କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଓ ଅନ୍ୟମାନେ।

## ଗ୍ୟାସ୍ ବିତରଣ କେନ୍ଦ୍ରରେ ଅନିୟମିତତା ନେଇ ଉତ୍ତେଜନା

**ଗୋପ, ୨୭।୪(ଡି.ଏନ୍.ଏ):** ଗୋପ ବ୍ଲକର ମଦରଙ୍ଗସ୍ଥିତ ଇଣ୍ଡେନ ଗ୍ୟାସ୍ ବିତରଣ କେନ୍ଦ୍ରରେ ଅନିୟମିତତା ଅଭିଯୋଗ ଆଣି ଶତାଧିକ ହିତାଧିକାରୀ ସୋମବାର ମଧ୍ୟାହ୍ନରେ ହୋହଲ୍ଲା କରିଥିଲେ। ଏ ନେଇ ସେମାନେ ସ୍ଥାନୀୟ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ବିକ୍ରମ କୁମାର ଆଚାର୍ଯ୍ୟଙ୍କୁ ଡାକିଥିଲେ। ସେ ବିତରଣ କେନ୍ଦ୍ରରେ ପହଞ୍ଚି କ'ଣ ପାଇଁ ଗ୍ୟାସ୍ ପାଇଁ ଆସି ହିତାଧିକାରୀମାନେ ଫେରୁଛନ୍ତି ବୋଲି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ବିତରଣ କେନ୍ଦ୍ରରେ ଉତ୍ତେଜନା ଖବର ପାଇ ଜିଲା ଯୋଗାଣ ବିଭାଗର ୩ଜଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ୪୮ ଜଣ ଉଜାଲା ହିତାଧିକାରୀ ଓ ୫ଜଣ ହିତାଧିକାରୀଙ୍କୁ ସିଲିଣ୍ଡର୍ ଦେଇଥିଲେ। ଉଜାଲା ହିତାଧିକାରୀଙ୍କୁ ମାଗଣାରେ ୩ ସିଲିଣ୍ଡର ମିଳିବା ଘୋଷଣା ପରେ ଗ୍ୟାସ୍ ନେବାକୁ ହିତାଧିକାରୀମାନେ ବାରମ୍ବାର ଉକ୍ତ ବିତରଣ କେନ୍ଦ୍ରକୁ ଦୌଡ଼ି ନିରାଶ ହୋଇଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଥିଲା।

## ଝାଡୁ ବିକିବାକୁ ଆସି ଫସିଛନ୍ତି ଛତିଶଗଡ଼ ଶ୍ରମିକ

**ଖୋର୍ଦ୍ଧା ଅଫିସ,୨୭।୪**

କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ସାରା ଦେଶରେ ଲକ୍‌ଡାଉନ ଜାରି ରହିଛି। ବସ ଓ ଟ୍ରେନ ଚଳାଚଳ ବନ୍ଦ ରହିଛି। ଫଳରେ ବିଭିନ୍ନ ରାଜ୍ୟରେ ବହୁ ଦାଦନ ଶ୍ରମିକ ଫସିଛନ୍ତି। ବେପାର ଆଶାରେ ଛତିଶଗଡରୁ ଚାଲି ଆସିଥିବା ଏକ ପରିବାର ମାସେ ହେଲା ଖୋର୍ଦ୍ଧାରେ ଫସି ରହିଛନ୍ତି। ଲକ୍‌ଡାଉନ ଯୋଗୁ ବେପାର ବନ୍ଦ ହୋଇଥିବା ବେଳେ ଏହା କେବେ ହଟିବ ସେମାନେ ଅପେକ୍ଷା କରି ରହିଛନ୍ତି। ସ୍ଥାନୀୟ ପ୍ରଶାସନ ଏବଂ ସାମାଜିକ ଅନୁଷ୍ଠାନର ସହଯୋଗରେ କେବଳ ଦୁଇ ଓଳି ଖାଇ ରାସ୍ତାକଡରେ ପଡି ରହିଛନ୍ତି।

୫୭ ନଂ. ଜାତୀୟ ରାଜପଥ ମୁକୁନ୍ଦପ୍ରସାଦ ରାସ୍ତାକଡରେ ଏକ ତମ୍ବୁ ଟାଣି ଛତିଶଗଡ ବିଲାସପୁରର ଅମିତ ବହିଦାର ପରିବାର ସହ ରହୁଛନ୍ତି। ବହିଦାର କୁହନ୍ତି, ପ୍ରତିବର୍ଷ ମାର୍ଚ୍ଚରୁ ମେ ମାସ ମଧ୍ୟରେ ଆମ ଗ୍ରାମର ବହୁ ଲୋକ ଓଡ଼ିଶାର ବିଭିନ୍ନ ସ୍ଥାନକୁ ବେପାର କରିବାକୁ ପରିବାର ସହ ଆସିଥାଉ। ଏଠାରେ ରହି ଖଜୁରି ଗଛର ପତ୍ରରେ ଝାଡୁ ପ୍ରସ୍ତୁତ କରି ବିକ୍ରି କରିଥାଉ। ବର୍ଷାଋତୁ ଆସିବା ପୂର୍ବରୁ ଫେରି ଯାଇଥାଉ। ସେ କୁହନ୍ତି, ଆମ ପରିବାର ୪ ଜଣ ମୁକୁନ୍ଦପ୍ରସାଦରେ ଅଛୁ। ଝାଡୁ ପ୍ରସ୍ତୁତ ହୋଇଯିବା ପରେ ଏହାକୁ ଧରି ବିଭିନ୍ନ ସ୍ଥାନରେ ବିକ୍ରି କରିଥାଉ। ଆମେ ମାର୍ଚ୍ଚ ୨୦ରେ ଏଠାକୁ ଆସିଥିଲୁ। ୨୨ ତାରିଖ ପରଠାରୁ ଲକ୍‌ଡାଉନ ଜାରି ରହିଛି। ବିକ୍ରିବଟା ଉପରେ ପ୍ରଶାସନିକ କଟକଣା ରହିଛି। ଦୋକାନ ବଜାର ବନ୍ଦ ରହିଥିବାରୁ ଆମ ବେପାର ବନ୍ଦ ରହିଛି। ମାସକ ମଧ୍ୟରେ ଶହେ ଟଙ୍କା ମଧ ବିକ୍ରି ହୋଇନାହିଁ। ଏଥିସହ ଆମ ସହ ଆସି ବିଭିନ୍ନ ସ୍ଥାନରେ ରହି ବେପାର କରୁଥିବା ଅନ୍ୟ ସମ୍ପର୍କୀୟମାନେ ମଧ ବହୁ ଅସୁବିଧାରେ ରହିଛନ୍ତି। ସ୍ଥାନୀୟ ପ୍ରଶାସନ, ସାମାଜିକ ଅନୁଷ୍ଠାନ ପକ୍ଷରୁ ମିଳୁଥିବା ସହଯୋଗରୁ ଦୁଇ ଓଳି ଖାଇବାକୁ ମିଳୁଛି। ସ୍ଥାନୀୟ ପ୍ରଶାସନ ପ୍ରଥମ ପର୍ଯ୍ୟାୟରେ ୧୫ ଦିନ ଲାଗି ଗ୍ରସେରି ଯୋଗାଇ ଦେଇଥିଲେ। କେତେଜଣ ବଦାନ୍ୟ ବ୍ୟକ୍ତି ମଧ ଆସି ଖାଦ୍ୟ ଦେଇଥିଲେ। ଏଥିରେ ଜୀବନ ଅତିବାହିତ କରୁଛି। ଲକ୍‌ଡାଉନ ଉଠିବା ପରେ ନିଜ ରାଜ୍ୟକୁ ଫେରିଯିବୁ ବୋଲି ବହିଦାର କହିଛନ୍ତି।



ଶ୍ରମିକମାନେ ଝାଡୁ ତିଆରି କରୁଛନ୍ତି।

## ୫ମତ୍ସ୍ୟଜୀବୀ କ୍ୱାରାଣ୍ଟାଇନରୁ ଘରୁକୁ ଫେରିଲେ

**କୋଣାର୍କ,୨୭।୪(ଡି.ଏନ୍.ଏ.)**

ରାଜ୍ୟ ବାହାରୁ ଆସି କ୍ୱାରାଣ୍ଟାଇନରେ ଥିବା ୫ ମତ୍ସ୍ୟଜୀବୀଙ୍କୁ ସୋମବାର ଘରକୁ ଛଡାଯାଇଛି। ଗତ ୧୬ତାରିଖଠାରୁ ଚନ୍ଦ୍ରଭାଗାସ୍ଥିତ ନୋଳିଆସାହିର ୫ ମତ୍ସ୍ୟଜୀବୀ ପ୍ରଥମ ପର୍ଯ୍ୟାୟର ଲକଡାଉନ ଶେଷ ହେବାପରେ ସରକାରଙ୍କ ନିର୍ଦ୍ଦେଶନାମାକୁ ଅବମାନନା କରି ଏକ ଡଙ୍ଗା ସାହାଯ୍ୟରେ ବିଶାଖାପାଟଣାମରୁ ସମୁଦ୍ର ପଥରେ ୩ଦିନ ଯାତ୍ରା କରି ଚନ୍ଦ୍ରଭାଗାରେ ପହଞ୍ଚିଥିଲେ। ପରେ କୋଣାର୍କ ପ୍ରଶାସନ ପକ୍ଷରୁ ସେମାନଙ୍କୁ କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା କ୍ୱାରାଣ୍ଟାଇନ କେନ୍ଦ୍ରରେ ରଖାଯିବା ସହ ସେମାନଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିଲା। ସୋମବାର ସେମାନଙ୍କ ରିପୋର୍ଟ ନେଗେଟିଭ ଆସିଥିବାରୁ କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଏମ ଶ୍ରୀନିବାସ ଓ ଆୟୁଷ ଡା. ବିଦିଭୂଷଣ ନାଏକ ପ୍ରମୁଖ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରିବା ପରେ ତାଙ୍କ ଘରକୁ ଛାଡିଦେଇଛନ୍ତି।

## ସ୍ୱଚ୍ଛ ସବାରିକୁ ଆବର୍ଜନା ଦିଅନ୍ତୁ: ଜିଲାପାଳ

**ପୁରୀ ଅଫିସ, ୨୭।୪:**

ପୁରୀ ସହରକୁ ସ୍ୱଚ୍ଛ ରଖିବା ଲାଗି ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ହେଲେ କିଛି ଲୋକ ସେମାନଙ୍କ ଘରୁ ପ୍ରତ୍ୟହ ବାହାରୁଥିବା ଆବର୍ଜନାକୁ ରାସ୍ତା ଉପରକୁ ପକାଇ ଦେଉଛନ୍ତି। ଏହାଦ୍ୱାରା ରାସ୍ତାଘାଟ ଅପରିଷ୍କାର ହେବା ସହ ପରିବେଶ ପ୍ରଦୂଷଣ ହେଉଛି। ବେଳେବେଳେ ଡ୍ରେନ୍‌ରେ ଆବର୍ଜନା ପଡ଼ିବା ଯୋଗୁ ଜଳ ନିଷ୍କାସନରେ ବାଧା ଉପୁଜୁଛି। ଏପରି କି ବର୍ଷା ହେଲେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଲାଗି ପୌରସଂସ୍ଥା ପକ୍ଷରୁ ସ୍ୱଚ୍ଛ ସବାରି (ଆବର୍ଜନାବୁହା ଗାଡ଼ି) ବିଭିନ୍ନ ୱାର୍ଡରେ ବୁଲୁଛି। ପ୍ରତ୍ୟେକ ବ୍ୟକ୍ତି ନିଜ ଘର, ଦୋକାନ ଓ କାର୍ଯ୍ୟାଳୟରୁ ବାହାରୁଥିବା ଆବର୍ଜନାକୁ ଡ୍ରେନ୍ କିମ୍ବା ଅନ୍ୟତ୍ର ନ ପକାଇ ସ୍ୱଚ୍ଛ ସବାରି ଗାଡ଼ିକୁ ଦେବା ପାଇଁ ଜିଲାପାଳ ବଲୱନ୍ତ ସିଂ ପରାମର୍ଶ ଦେଇଛନ୍ତି। ଯଦି କେହି ଏହାକୁ ଖିଲାପ କରନ୍ତି ତାଙ୍କଠାରୁ ଜରିମାନା ଆଦାୟ କରାଯିବ। ଆସନ୍ତା ମାସଠାରୁ ଏହି ନିୟମକୁ ଆହୁରି କଡ଼ାକଡ଼ି କରାଯିବ। ସର୍ବସାଧାରଣ ସ୍ଥାନରେ ଛେପ ପକାଇବାକୁ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯିବ। ଏହାକୁ ନ ମାନିଲେ ଜରିମାନା ଆଦାୟ ହେବ। ସେହିପରି ମୁହଁରେ ମାସ୍କ ପିନ୍ଧି ବାହାରକୁ ବାହାରିବାକୁ ଜିଲାବାସୀଙ୍କୁ ଅନୁରୋଧ କରାଯାଇଛି।

## ଅନ୍‌ଲାଇନ୍ କ୍ଲାସ୍‌ରେ ବାଧକ ସାଜୁଛି ବିଦ୍ୟୁତ୍‌କାଟ

**କଟକ ଅଫିସ,୨୭।୪:**

କରୋନା ମହାମାରୀ ବିପକ୍ଷ ଲଢେଇ ପାଇଁ ରାଜ୍ୟରେ ଲକ୍‌ଡାଉନ ବଳବତ୍ତର ରହିଛି। ଏଥିଯୋଗୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ବା ଭିଡିଓ କନଫରେନ୍ସିଂ ମାଧ୍ୟମରେ କ୍ଲାସ କରୁଛନ୍ତି। ହେଲେ ଏଥିରେ ବାଧକ ସାଜୁଛି ବିଦ୍ୟୁତକାଟ।

ଲକ୍‌ଡାଉନ ଯୋଗୁ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟ ସମେତ ହଷ୍ଟେଲ ଗୁଡ଼ିକ ମଧ ବନ୍ଦ ରହିଛି। ସହରରେ ରହି ପାଠ ପଢୁଥିବା ଅଧିକାଂଶ ଛାତ୍ରୀଛାତ୍ର ନିଜ ଗାଁକୁ ଚାଲିଯାଇଛନ୍ତି। ସେମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତଥା ନିର୍ଦ୍ଧାରିତ ସମୟରେ କୋର୍ସ ସାରିବା ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଅନଲାଇନରେ ପାଠପଢା ପାଇଁ ସରକାର ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ଅନ୍‌ଲାଇନରେ ପାଠପଢା ହେଉଥିଲେ ମଧ ସମ୍ପ୍ରତି ବାରମ୍ବାର ଅଘୋଷିତ ବିଦ୍ୟୁତକାଟ ଏଥିରେ ସମସ୍ୟା ବାଧା ସୃଷ୍ଟି କରୁଛି। ମୋବାଇଲ, ଲ୍ୟାପ୍‌ଟପ ଏବଂ କମ୍ପ୍ୟୁଟର ମାଧ୍ୟମରେ ହିଁ ଅନଲାଇନ କ୍ଲାସ ସମ୍ଭବ। ଏଗୁଡିକ ଚାର୍ଜ ପାଇଁ ବିଦ୍ୟୁତ ଆବଶ୍ୟକ। ଏବେ ବହୁ ଛାତ୍ରୀଛାତ୍ର ସେମାନଙ୍କ ଗାଁରେ ରହି କ୍ଲାସ କରୁଛନ୍ତି। ମାତ୍ର ଗାଁରେ ଅନେକ ସମୟରେ ବିଦ୍ୟୁତ ରହୁନାହିଁ। ଦଲକାଏ ପବନ କି ଅସରାଏ ବର୍ଷା ହେଲେ ବିଦ୍ୟୁତକାଟ କରାଯାଉଛି। ଫଳରେ ସେହି ସମୟରେ ଯଦି ଅନ୍‌ଲାଇନ କ୍ଲାସ ହେଉଥାଏ ତାହାଲେ ଗ୍ରାମରେ ଥିବା ଛାତ୍ରୀଛାତ୍ର ପଢିପାରୁନାହାନ୍ତି। ସେହିପରି କେତେଜଣ ଅଧ୍ୟାପକ ଗାଁରେ ରହୁଛନ୍ତି। ବିଦ୍ୟୁତକାଟ ସେମାନଙ୍କ ଶିକ୍ଷାଦାନକୁ ମଧ ବ୍ୟାହତ କରୁଛି। ଏ ନେଇ ଉଭୟ ଛାତ୍ରୀଛାତ୍ର ଏବଂ ଅଧ୍ୟାପକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

### ସେମାନେ କୁହନ୍ତି...



ମୋ' ଘର ଯାଜପୁର ଜିଲା ଜାରକାରେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ରହି ପଢେ। କରୋନା ପାଇଁ ହଷ୍ଟେଲ ବନ୍ଦ ହୋଇଯିବାରୁ ଗାଁକୁ ଚାଲିଆସିଲି। କିଛି ଦିନ ହେବ ଅନ୍‌ଲାଇନରେ କ୍ଲାସ ହେଉଛି । ହେଲେ ଗାଁରେ ଅନେକ ସମୟରେ ବିଦ୍ୟୁତ ରହୁନାହିଁ। ଫଳରେ ପାଠପଢାରେ ହଇରାଣ ହେବାକୁ ପଡୁଛି।

– ନିହାରିକା ସାମଲ, ଛାତ୍ରୀ



ମୁଁ କଟକରେ ପଢୁଛି। ଏକ ଘରୋଇ ହଷ୍ଟେଲରେ ରହେ। ଅନ୍‌ଲାଇନ ପାଠପଢା ବ୍ୟବସ୍ଥା ସ୍ୱାଗତଯୋଗ୍ୟ। କିନ୍ତୁ ବାରମ୍ବାର ବିଦ୍ୟୁତକାଟ ହେତୁ ତାହାର ସୁଫଳ ପାଇପାରୁନାହିଁ। ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ନଚେତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପାରେ।

– କାହ୍ନୁଚରଣ ସ୍ୱାଇଁ, ଛାତ୍ର

## ସଂକ୍ଷେପରେ

### ୨ ଡାକ୍ତରଙ୍କୁ ଆକ୍ରମଣ ଉଦ୍ୟମ ଅଭିଯୋଗ

**ବରୀ,୨୭।୪(ସ୍ୱ.ପ୍ର.):** ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ର ୨ଜଣ ଡାକ୍ତରଙ୍କୁ ସୋମବାର ପୂର୍ବାହ୍ଣରେ ଜଣେ ବ୍ୟକ୍ତି ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଆକ୍ରମଣ ଉଦ୍ୟମ କରିଥିବା ବରୀ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଡାକ୍ତର ଜ୍ୟୋତି ଚୌଧୁରୀ ଓ ଜିନ୍ନତ ଦାସ କୋଭିଡ-୧୯ ଡ୍ୟୁଟିରେ ଥିଲେ। ଏହି ସମୟରେ ସୁଧାଂଶୁ ଶେଖର ଶତପଥି(ଟୁକୁ) ନାମକ ଯୁବକ ଡାକ୍ତରଖାନାରେ ପଶି ଡାକ୍ତରଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଆକ୍ରମଣ ଉଦ୍ୟମ କରିଥିଲେ। ଏନେଇ ବରୀ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ତେବେ ବରୀ ଥାନାଧିକାରୀ ମାର୍କଣ୍ଡ ମିଶ୍ର ଅଭିଯୋଗ ଅନୁଯାୟୀ ତଦନ୍ତ ଚାଲିଛି ଏବଂ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ହେଉଛି ବୋଲି କହିଛନ୍ତି।

### ସ୍ୱାସ୍ଥ୍ୟ ଶିବିରରେ ଅବ୍ୟବସ୍ଥା: ୨ ସରପଞ୍ଚଙ୍କୁ କାରଣ ଦର୍ଶାଅ ନୋଟିସ

**ଚଣ୍ଡିଖୋଲ,୨୭।୪(ଡି.ଏନ.ଏ):** କରୋନା ମୁକାବିଲା ପାଇଁ ପଞ୍ଚାୟତରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟସେବା ଶିବିରରେ ଅବ୍ୟବସ୍ଥା ଦେଖା ଦେଇଥିବାରୁ ସୋମବାର ବଡ଼ଚଣା ବ୍ଲକର ୨ ସରପଞ୍ଚଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସୋମବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ବଡ଼ଚଣା ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ଦର୍ପଣ ତହସିଲଦାର ବର୍ଣ୍ଣେନ୍ଦୁ ମହାନ୍ତି ପ୍ରମୁଖ କେତେକ ପଞ୍ଚାୟତରେ ଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର ପରିଦର୍ଶନ କରିଥିଲେ। ଏହି ସମୟରେ ପତରାଜପୁର ଓ ପଲାଇ ପଞ୍ଚାୟତ ତରଫରୁ ନିର୍ମାଣ କରାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ସର୍ବନିମ୍ନ ଆବଶ୍ୟକ ବାଲଟି, ମଗ୍, ହାତଧୁଆ ସାବୁନ, ସାନିଟାଇଜର ଓ ପାଇଖାନାରେ ପାଣିର ସୁବିଧା ଉପଲବ୍ଧ ନ ଥିବାରୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାପରେ ଉଭୟ ସରପଞ୍ଚଙ୍କୁ ଚିଠି ନଂ.୧୮୫୬/୨୭।୪।୨୦ରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ସେ ସମ୍ପର୍କରେ ତିନିଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ନିଆରା ଢଙ୍ଗରେ ଅକ୍ଷୟ ତୃତୀୟା ପାଳନ

**ରଘୁନାଥପୁର,୨୭।୪(ଡି.ଏନ.ଏ.):** ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ଗୋରଖନାଥ କୃଷକ ମହାସଂଘ ଓ (ଲାଲ) ଲିଭ୍ ଆଣ୍ଡ୍ ଲେଟ୍ ଲିଭ୍ ପକ୍ଷରୁ ନିଆରା ଢଙ୍ଗରେ ଅକ୍ଷୟ ତୃତୀୟା ଉତ୍ସବ ପାଳନ କରାଯାଇଛି। ମହାସଂଘ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ଅଞ୍ଚଳର ବିଭିନ୍ନ ଲୋକଙ୍କ ଘର ସମ୍ମୁଖରେ ତୁଳସୀ ଚାରା ରୋପଣ କରାଯାଇଥିଲା। ଏଥିସହିତ ପ୍ରତ୍ୟେକ ଗୋ ଚାଷୀଙ୍କୁ ଅର୍ଜୁନ ଗଛର ଚାରା ବଣ୍ଟନ କରାଯାଇଥିଲା। ଲାଲ୍‌ର ସମ୍ପାଦକ କ୍ଷେତ୍ରମୋହନ ବେହେରାଙ୍କ ତତ୍ତ୍ୱାବଧାନରେ ରେଢୁଆ, ରାଢଙ୍ଗ, ଅପୁର, ସମଙ୍ଗ, ଅଢ଼େଇକୁଳ, ତଅଁରା ଓ ପୁରୁଣାବସନ୍ତ ପଞ୍ଚାୟତରେ କୃଷକ ମହାସଂଘ ସହ ଯୋଡ଼ି ହୋଇ ରହିଥିବା ସମସ୍ତ ଚାଷୀ ପରିବାରକୁ ଛତୁଆ, ସାବୁନ, ମାସ୍କ ଓ ଏକ କଳା ଚାଉଳ ପ୍ୟାକେଟ ବଣ୍ଟନ କରାଯାଇଥିଲା। ମହାସଂଘର କର୍ମକର୍ତ୍ତା ବିଭିନ୍ନ ପଞ୍ଚାୟତକୁ ଯାଇ ୫୦୦ ଚାଷୀଙ୍କୁ ଏହା ପ୍ରଦାନ କରିଥିଲେ। କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ସ୍ୱାଇଁ, ସୁଧିରଞ୍ଜନ ବାରିକ, ଅବନୀ ବେହେରା, ଅଶୋକ ବାରିକ ଓ ବିନୋଦ ନାୟକ ସହାୟତା କରିଥିଲେ।

### ଭୋକିଲା ଦିବ୍ୟାଙ୍ଗ ଶିଶୁକନ୍ୟା ନିକଟରେ ପହଞ୍ଚିଲା ପ୍ରଶାସନ

**ରସୁଲପୁର,୨୭।୪(ଡିଏନ):** ରସୁଲପୁର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଖଣ୍ଡାସ ଗ୍ରାମର ଦଳିତ ସାହିରେ ମାମୁଁ ଘରେ ରହୁଥିବା ଜଣେ ଦିବ୍ୟାଙ୍ଗ ଶିଶୁକନ୍ୟା ପୁଷ୍ଟିକର ଖାଦ୍ୟ ଅଭାବରୁ ଉକ୍ତ ଶିଶୁଟି ପୁଷ୍ଟିହୀନତାର ଶିକାର ହୋଇଛି। ଲକଡାଉନ ଯୋଗୁ ଉକ୍ତ ଦଳିତ ପରିବାରର ଆର୍ଥିକ ଅବସ୍ଥା ପ୍ରଭାବିତ ହୋଇଛି। ଏନେଇ ଦିବ୍ୟାଙ୍ଗ ସଂଘ ନେତା ମଣ୍ଟୁ ଦାସ ଯାଜପୁର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ସୋମବାର ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଶିଶୁ ମଙ୍ଗଳ କମିଟି ସଦସ୍ୟ ରୁଦ୍ର ନାରାୟଣ ପୃଷ୍ଟି, ସାମଜିକ କର୍ମୀ ଚନ୍ଦ୍ରମଣୀ ବିଶ୍ୱାଳ ପ୍ରମୁଖ ଉକ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ହାତବାନ୍ଧି ବସିଛନ୍ତି ଛେନାପୋଡ଼ କାରିଗର

- ଜଳୁନି ଭାଟି, ବିକ୍ରି ହେଉନି କ୍ଷୀର
- ଗୋରୁ ଦାନା କିଣିବାକୁ ନାହିଁ ଟଙ୍କା

**ନୟାଗଡ଼ ଅଫିସ,୨୭।୪**

କରୋନା କଟକଣା ନୟାଗଡ଼ର ପ୍ରସିଦ୍ଧ ଛେନାପୋଡ଼କୁ ଜିଲା ବାହାରକୁ ପଠାଇବା ବାଟ ବନ୍ଦ କରିଦେଇଛି। ଏପରି କି ଜିଲା ଭିତରେ ବି ଏହା ବିକ୍ରି କରାଯାଇ ପାରୁନି। ଫଳରେ କାରିଗରମାନେ ହାତବାନ୍ଧି ବସିଛନ୍ତି। ଛେନାପୋଡ଼ ବାହାରକୁ ଯାଉ ନ ଥିବାରୁ ଭାଟି ବନ୍ଦ ହୋଇଯାଇଛି। ପ୍ରସ୍ତୁତି ବନ୍ଦ କାରଣରୁ କାରିଗରମାନେ କ୍ଷୀର କିଣିବା ବନ୍ଦ କରି ଦେଇଛନ୍ତି। ଫଳରେ ଅର୍ଥାଭାବରୁ ଗୋପାଳକମାନେ ଦାନା କିଣିପାରୁ ନାହାନ୍ତି। କ୍ଷୀର ବିକ୍ରି ବନ୍ଦ ହୋଇଯିବା ପରେ ଛେନାପୋଡର ଅଭାବୀ ବିକ୍ରି ଆରମ୍ଭ ହୋଇଯାଇଛି। କିଛି ଗୋପାଳକ ବଳକା କ୍ଷୀରକୁ ଛେନାପୋଡ କରି ବାହାରେ ସ୍ୱଳ୍ପ ଦାମ୍‌ରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି।

ନୟାଗଡ଼ ବ୍ଲକର ମାଛିପଡାରେ ୧୦୦, ଓଡଗାଁ ବ୍ଲକର ସୋଲପଟାରେ ୯୦, ଦରପଦା ଗାଁରେ ୩୦, ନୟାଗଡ ସହରରେ ୧୦ରୁ ଉର୍ଦ୍ଧ୍ୱ ପରିବାର ଛେନାପୋଡ ପ୍ରସ୍ତୁତ କରିଥାନ୍ତି। ଏଥିପାଇଁ ସ୍ୱତନ୍ତ୍ର ଭାବେ ଭାଟି କରାଯାଇ କାରିଗର ଓ ସହଯୋଗୀଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରତ୍ୟହ ଛେନାପୋଡ ସୁନ୍ଦରଗଡ, ବ୍ରହ୍ମପୁର, ରାଉରକେଲା, କେନ୍ଦୁଝର, ସମ୍ବଲପୁର, କୋରାପୁଟ, ରାୟଗଡା, ବାଲିଗୁଡା, ଯୋଡା, ବଡବିଲ, ଝାରସୁଗୁଡା ଆଦି ଅଞ୍ଚଳକୁ ଯାତ୍ରୀବାହୀ ବସ୍‌ରେ ଯାଇଥାଏ। ବର୍ତ୍ତମାନ ଲକ୍‌ଡାଉନ ଯୋଗୁ ଏହା ବନ୍ଦ ହୋଇଯାଇଛି। ଏ ନେଇ ମାଛିପଡାର ଛେନାପୋଡ କାରିଗର ଅନ୍ତର୍ଯାମୀ ବେହେରା କୁହନ୍ତି, କରୋନା କଟକଣା ଯୋଗୁ ଆଉ ଛେନାପୋଡ ଭାଟି ଜଳୁନି।


ଜଳୁ ନ ଥିବା ପୋଡ଼ ତିଆରି ଭାଟି।

କାଁ ଭାଁ ଲୋକଙ୍କୁ ପୋଡ କରି ବିକ୍ରି କରୁଛୁ। ଆଗରୁ ଜିଲା ସଦର ମହକୁମାକୁ ଯାଇ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ବସ୍‌ରେ ଛେନାପୋଡ ପଠାଉଥିଲୁ। ଏବେ ତାହା ସମ୍ଭବ ହେଉନାହିଁ। ସହଯୋଗୀ କାରିଗର ରମେଶ ବେହେରା କୁହନ୍ତି, ଦିନକୁ ୧ରୁ ଦେଢ଼ କୁଇଣ୍ଟାଲ ଛେନାପୋଡ ପ୍ରସ୍ତୁତ କରାଯାଉଥିଲା। ଏବେ ୧୦ରୁ ୨୦ କିଲୋ ଛେନାପୋଡ କଲେ ବିକ୍ରି ହେଉନି। ଆମ ଘରମାନଙ୍କରେ ଆଉ ଚୁଲି ଜଳୁନି। ଏପରିସ୍ଥିତିରେ ସରକାରଙ୍କ ପକ୍ଷରୁ ମଧ୍ୟ କୌଣସି ସହାୟତା ନାହିଁ। ସୋଲପଟାର ଧନୀ ବେହେରା କୁହନ୍ତି, ଛେନାପୋଡ ବ୍ୟବସାୟ ବନ୍ଦ ହୋଇଯିବା ପରେ ଚଳିବୁ କେମିତି ସେହି ଚିନ୍ତାରେ ଅଛୁ। ଜିଲା ବାହାରକୁ ପୋଡ ନ ଯିବା ଦ୍ୱାରା ନୟାଗଡ ଜିଲାରେ ୫ହଜାରରୁ ଉର୍ଦ୍ଧ୍ୱ ପରିବାର ଚଳିବା ମୁସ୍କିଲ ହୋଇଯାଇଛି। ଦରପଦାର ବିଜୟ ବେହେରା କୁହନ୍ତି, ବୃତ୍ତି ବଞ୍ଚାଇବାକୁ ଛେନାପୋଡ ପ୍ରସ୍ତୁତି କାର୍ଯ୍ୟ ଜାରି ରଖିଛୁ। ତେବେ ଆଗଭଳି ଏହା ପ୍ରସ୍ତୁତ ହେଉ ନାହିଁ। ସମସ୍ତେ ବେକାର ହୋଇ ଘରେ ବସି ରହିଛୁ। ପରିବାର ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇପଡିଛି। ନବଘନପୁରର ଗୋପାଳକ ନୀଳକଣ୍ଠ ବେହେରା କୁହନ୍ତି, ଛେନାପୋଡ ପ୍ରସ୍ତୁତକାରୀ ଆଉ କ୍ଷୀର ନେଉ ନାହାନ୍ତି। ଗ୍ରାହକ ମଧ୍ୟ କ୍ଷୀର କମାଇ ଦେଇଛନ୍ତି। ଗାଈଙ୍କୁ ଦାନା କିଣି ଦେବାକୁ ପାଖରେ ଟଙ୍କା ନାହିଁ। ଏଣୁ ବଳକା କ୍ଷୀରରେ ଛେନାପୋଡ ପ୍ରସ୍ତୁତ କରି ବିକ୍ରି କରୁଛୁ। ହେଲେ କିଣା ଦାମରେ ବିକ୍ରି କରିବାକୁ ପଡୁଛି। ମାଛିପଡାର ଦୀନବନ୍ଧୁ ବେହେରା କୁହନ୍ତି, ଆମ ପରିବାର ଜିଲାର ବିଭିନ୍ନ ସ୍ଥାନରୁ କ୍ଷୀର ସଂଗ୍ରହ କରି ଆଣି ଛେନା ପ୍ରସ୍ତୁତ କରୁ। ଉକ୍ତ ଛେନାକୁ ଛେନାପୋଡ କାରିଗରଙ୍କୁ ବିକ୍ରି କରୁ। ଏବେ ଛେନାପୋଡ ପ୍ରସ୍ତୁତ ହେଉ ନ ଥିବାରୁ ଆମ ବ୍ୟବସାୟ ବନ୍ଦ ହୋଇଯାଇଛି।

# ପଡ଼ୋଶୀ ଜିଲା, ପ୍ରବାସୀଙ୍କୁ ନେଇ ଚିନ୍ତା

**କେନ୍ଦ୍ରାପଡ଼ା ଅଫିସ, ୨୭।୪**

## କେନ୍ଦ୍ରାପଡ଼ାରେ କରୋନା ସଂକ୍ରମିତ ବଢ଼ିବା ଆଶଙ୍କା

କେନ୍ଦ୍ରାପଡ଼ା ଜିଲାରେ ଗତ ୭ ଓ ୧୨ ତାରିଖରେ ଦୁଇ କରୋନା ପଜିଟିଭ ଚିହ୍ନଟ ପରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ନେଇ ଜିଲାବାସୀ ଆଶଙ୍କାରେ ରହିଛନ୍ତି। ଇତିମଧ୍ୟରେ ୧୦୨୭ ଜଣଙ୍କ କରୋନା ଟେଷ୍ଟିଂ ପାଇଁ ନମୁନା ପଠାଯାଇଥିବା ବେଳେ ୯୦୧ ଜଣଙ୍କର ଟେଷ୍ଟିଂ ରିପୋର୍ଟ ଜିଲା ପ୍ରଶାସନର ହସ୍ତଗତ ହୋଇଛି। ସେଥିମଧ୍ୟରୁ ଆଳି ଓ ରାଜନଗର ବ୍ଲକର ଜଣେ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ରିପୋର୍ଟ ନେଗେଟିଭ୍ ରହିଛି।

ଅନ୍ୟପଟେ କରୋନା ସଂକ୍ରମଣ ରୋକିବା ପାଇଁ ଜିଲାର ସମସ୍ତ ସୀମା ସିଲ୍ ସତ୍ତ୍ୱେ ପଡୋଶୀ ଦୁଇ ଜିଲା ସମେତ ପ୍ରବାସୀଙ୍କ ଆଗମନ ଜିଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ସେହିପରି ସମୁଦ୍ର ପଥ ଦେଇ ବଙ୍ଗଭାଷୀ ଜିଲାର ଉପାନ୍ତ ଅଞ୍ଚଳକୁ ଆସୁଥିବା ଜଣାପଡ଼ିବା ପରେ କରୋନା ସଂକ୍ରମଣକୁ ରୋକିବା ସମ୍ଭବ ହେବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ରାଜ୍ୟର ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲା ଏବେ କରୋନା ପାଇଁ ହଟ୍‌ସ୍ପଟ ପାଲଟିଛି। ଯାଜପୁର ଜିଲାର ବିଞ୍ଝାରପୁର, ବରୀ ଓ ଦଶରଥପୁର ସମେତ ୫ ବ୍ଲକକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହି ଅଞ୍ଚଳର ସୀମାପଥ କେନ୍ଦ୍ରାପଡା ଜିଲାକୁ ଲାଗିଛି। ସେହିପରି ଯାଜପୁରର ବଡଚଣା ବ୍ଲକ ସୀମାରେ କେନ୍ଦ୍ରାପଡା ଜିଲାର ଡେରାବିଶ ବ୍ଲକ ରହିଛି। ଭଦ୍ରକ ଜିଲାର ଚାନ୍ଦବାଲି ବ୍ଲକ ଓ କେନ୍ଦ୍ରାପଡା ଜିଲାର ରାଜକନିକା ବ୍ଲକ ମଧ୍ୟରେ ଗୋଟିଏ ସେତୁ ଅଛି। ଏଠାରେ ପୂର୍ବରୁ ପୋଲିସ ଚେକ୍ ପୋଷ୍ଟ ଥିବା ବେଳେ ଏବେ କେବଳ ପାଟ୍ରୋଲିଂ ହେଉଛି। ଦୁର୍ବଳ ପୋଲିସ ବ୍ୟବସ୍ଥା ଫଳରେ ଏହି ଦୁଇ ଜିଲାପଥ ଦେଇ ବହୁ ପ୍ରବାସୀ କେନ୍ଦ୍ରାପଡ଼ା ଜିଲାକୁ ଆସୁଥିବା ସୂଚନା ମିଳିଛି। ସେହିପରି ସମୁଦ୍ର ପଥ ବଙ୍ଗଭାଷୀଙ୍କ ପାଇଁ ଅଦ୍ୟାବଧି ଉନ୍ମୁକ୍ତ ଅଛି। ଅପରପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ପ୍ରବାସୀଙ୍କୁ ଜିଲା ମଧ୍ୟକୁ ଆଣିବା ପାଇଁ ଗତ ୨୪ ତାରିଖଠାରୁ ନାମ ପଞ୍ଜୀକରଣ ଆରମ୍ଭ ହୋଇଛି। ପ୍ରବାସୀଙ୍କ ସଂଖ୍ୟା ୨୯,୭୦୧ ଆକଳନ କରାଯାଇଥିବା ବେଳେ ଜିଲାରେ ମାତ୍ର ୧୪ ହଜାର ସଙ୍ଗରୋଧରେ ରହିବା ବ୍ୟବସ୍ଥା ହୋଇଛି। ସେହିପରି ଧିମା ଗତିରେ ନମୁନା ସଂଗ୍ରହ ଚାଲିଥିବା ବେଳେ ଏହାକୁ ବହୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି ଯେ, ସଙ୍ଗରୋଧ କେନ୍ଦ୍ର ଓ ଶଯ୍ୟା ସଂଖ୍ୟା ବଢ଼ାଇବା ପ୍ରସ୍ତୁତି ଚାଲିଛି। ସେହିପରି ପୋଲିସ ପ୍ରଶାସନ ପକ୍ଷରୁ ଅନୁପ୍ରବେଶକୁ ରୋକାଯିବା ପ୍ରୟାସ ଜାରି ରହିଛି।

# ହାଟରେ ରହିଲାନି ସାମାଜିକ ଦୂରତ୍ୱ: ପୋଲିସ ନାକେଦମ୍


ସାପ୍ତାହିକ ହାଟରେ ନାହିଁ ନ ଥିବା ଭିଡ଼ ଜମିଛି।

**ରତ୍ନଗିରି, (ଡି.ଏନ୍.ଏ.)/ ବରୀ, (ସ୍ୱ.ପ୍ର.) ୨୭।୪**

ଯାଜପୁର ଜିଲାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଥିବା ବେଳେ ସୋମବାର ମଧ୍ୟାହ୍ନ ୧୨ଟାଠାରୁ ଯାଜପୁର ଜିଲାର କେତେକ ବ୍ଲକ ଓ ଯାଜପୁର ପୌରାଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯିବା ସହ ଶଟ୍‌ଡାଉନ୍ ଭଳି ସ୍ଥିତି ବଳବତ୍ତର ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ହେଲେ ସୋମବାର ବରୀମାଉଣ୍ଡ ସାପ୍ତାହିକ ହାଟରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। ୨ ଦିନ ପାଇଁ ଶଟ୍‌ଡାଉନ୍ କରାଯାଉଥିବାରୁ ହାଟରେ ଶତାଧିକ ଲୋକ ଏକାଠି ହୋଇ ପରିବା କିଣୁଥିବା ଦେଖାଯାଇଥିଲା। କୃପାସିନ୍ଧୁ ବିଦ୍ୟାଭବନ ଖେଳ ପଡିଆରେ ଏହି ହାଟ ଚାଲିଥିବା ବେଳେ ଲୋକମାନେ ସାମାଜିକ ଦୂରତ୍ୱ ଭୁଲି ଯାଇ କିଣାକିଣି କରୁଥିବା ଦେଖିବାକୁ ମିଳିଥିଲା। ଏହାଛଡ଼ା ବରୀ ମାଉଣ୍ଡଠାରୁ ବ୍ଲକ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ବାଇକ ରଖାଯାଇଥିବାରୁ କିଛି ସମୟ ଧରି ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିଲା। ଭିଡ଼ କମ୍ କରିବାକୁ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡିଥିଲା। ଆଗାମୀ ଦିନରେ ସମଦୂରତ୍ୱ ରକ୍ଷା କ୍ଷେତ୍ରରେ ସାପ୍ତାହିକ ହାଟକୁ ଆସୁଥିବା ବାଇକ ଆରୋହୀଙ୍କ ଉପରେ କଡା ନଜର ରଖିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଯାଜପୁରରେ ଚିହ୍ନଟ ହୋଇଥିବା କରୋନା ସଂକ୍ରମିତଙ୍କ ମଧ୍ୟରୁ ଅଧିକାଂଶ ପଶ୍ଚିମବଙ୍ଗ ଫେରନ୍ତା। ତେବେ ସୋମବାର ବରୀମାଉଣ୍ଡ ସାପ୍ତାହିକ ହାଟରେ କେତେଜଣ ପଶ୍ଚିମବଙ୍ଗ ଫେରନ୍ତା ପରିବା କିଣୁଥିବା ଚର୍ଚ୍ଚା ହେଉଛି।

### ଦୁର୍ଦ୍ଦଶାରେ ମୋଟର କର୍ମଚାରୀ, ସହାୟତା ଦାବି

**ଖଣ୍ଡପଡ଼ା,୨୭।୪(ସ୍ୱ.ପ୍ର.):** କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ ବ୍ୟବସ୍ଥା ଲାଗୁ ହୋଇଛି। ଏପରି ସମୟରେ ସ୍ଥାନୀୟ ନୀଳମାଧବ ଘରୋଇ ମୋଟର କର୍ମଚାରୀ ସଂଘର ଶ୍ରମଜୀବୀଙ୍କ ଦୁର୍ଦ୍ଦଶା ବଢିଯାଇଛି। ଏ ସମ୍ପର୍କରେ ସଂଘର ସଭାପତି ଶରତ ଚନ୍ଦ୍ର ମହାରଣା, ସମ୍ପାଦକ ଅଜୟ କୁମାର ସାହୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନେ ଜଣାଇଛନ୍ତି ଯେ, ଦୀର୍ଘ ଦୁଇଦଶନ୍ଧି ଧରି ସଂଘର ସଭ୍ୟ ଥିବା ଡ୍ରାଇଭର, କଣ୍ଡକ୍ଟର ଓ ଷ୍ଟାଣ୍ଡରେ କାର୍ଯ୍ୟରତ କର୍ମଚାରୀମାନେ ଜୀବିକା ହରାଇ ଘରେ ମାସାଧିକ କାଳ ଅଭାବ ଅନଟନ ମଧ୍ୟରେ ରହିଛନ୍ତି। ସେମାନଙ୍କ ପରିବାର ପ୍ରତିପୋଷଣର ଅନ୍ୟ କୌଣସି ପନ୍ଥା ମଧ୍ୟ ନାହିଁ। ସାମାଜିକ ସୁରକ୍ଷା ଓ ଜୀବନବୀମା ଅଭାବରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଏହାକୁ ବିଚାର କରି ଶ୍ରମିକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

### ଶ୍ରମିକଙ୍କୁ ମିଳିଲା ଖାଦ୍ୟ

**ରତ୍ନଗିରି, (ଡି.ଏନ୍.ଏ.) ୨୭।୪:** କରୋନା ଯୋଗୁ ଲକ୍‌ଡାଉନ୍ ହେବା ଯୋଗୁ ବରୀ ବ୍ଲକ ବାଲିବିଲସ୍ଥିତ ନିର୍ମାଣାଧୀନ ସାଇ ମନ୍ଦିରଠାରେ ଶ୍ରମିକମାନେ ଅଟକି ରହିଥିବା ବେଳେ ସେମାନେ ଭୋକ ଉପାସରେ ଦିନ କାଟୁଥିବା ଅଭିଯୋଗ ହୋଇଥିଲା। ଏ ନେଇ ଦୈନିକ ଓଡ଼ିଆ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ସୋମବାର ବରୀ ବ୍ଲକ ପ୍ରଶାସନ ପକ୍ଷରୁ ସେହି ଶ୍ରମିକମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଛି। ବରୀ ଭାରପ୍ରାପ୍ତ ବିଡିଓ ଶାଶ୍ୱତ ଜେନା ଓ ସରପଞ୍ଚ ସନ୍ତୋଷ ସାମଲ ଶ୍ରମିକଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଥିଲେ।

# ୪ ସ୍ୱାବ୍ ଗ୍ରହଣ କେନ୍ଦ୍ରରେ ୨୭୨ ଜଣଙ୍କ ନମୁନା ସଂଗ୍ରହ


ଉଓଙ୍ଗରା ହାଇସ୍କୁଲରେ ସ୍ୱାବ ଗ୍ରହଣ କେନ୍ଦ୍ର କରାଯାଇଛି।

**ବିଞ୍ଝାରପୁର,୨୭।୪(ଡି.ଏନ.ଏ)**

ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବିଞ୍ଝାରପୁର ବ୍ଲକରେ କୋଲକାତା ଫେରନ୍ତାଙ୍କ ପାଇଁ ୪ଟି ସ୍ୱାବ୍ ଗ୍ରହଣ କେନ୍ଦ୍ର କରାଯାଇଛି। ବ୍ଲକର ସୟଦପୁରସ୍ଥିତ ବ୍ରଜସୁନ୍ଦର ହାଇସ୍କୁଲ, ଉଓଙ୍ଗରା ହାଇସ୍କୁଲ, ବାଛୋଳ ହାଇସ୍କୁଲ, ଆଉଁରୀ ପ୍ରାଥମିକ ବିଦ୍ୟାଳୟ ସମେତ ପ୍ରଶାସନ ତରଫରୁ ୪ଟି ସ୍ୱାବ୍ ସେଣ୍ଟର କରାଯାଇ ସୋମବାର ୨୭୨ ଜଣଙ୍କର ନମୁନା ସଂଗ୍ରହ କରାଯାଇଛି। ବ୍ରଜସୁନ୍ଦର ହାଇସ୍କୁଲରେ ୫୨ଜଣ, ଉଓଙ୍ଗରା ହାଇସ୍କୁଲ ୬୮ଜଣ, ବାଛୋଳ ହାଇସ୍କୁଲରେ ୮୬ଜଣ ଓ ଆଉଁରୀ ପ୍ରାଥମିକ ବିଦ୍ୟାଳୟରେ ୬୫ଜଣଙ୍କ ସମେତ ମୋଟ ୨୭୨ଜଣ କୋଲକାତା ଫେରନ୍ତାଙ୍କ ନମୁନା ପରୀକ୍ଷା ପାଇଁ ନିଆଯାଇଛି। ନମୁନା ଦେଇଥିବା ଲୋକଙ୍କୁ ବିଭିନ୍ନ ପଞ୍ଚାୟତର ସଂଗରୋଧ କେନ୍ଦ୍ରରେ ରଖାଯାଇଛି। ନମୁନା ପରୀକ୍ଷାର ରିପୋର୍ଟ ଆସିବା ପରେ ପ୍ରଶାସନ ତରଫରୁ ଆଗାମୀ ପଦକ୍ଷେପ ନିଆଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରକାଶ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

# କଣ୍ଟେନମେଣ୍ଟ ପୂର୍ବରୁ ବଜାରରେ ଅସମ୍ଭବ ଭିଡ଼

**ବିଞ୍ଝାରପୁର,୨୭।୪(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକରେ ୩ଦିନ ବ୍ୟାପୀ କଣ୍ଟେନମେଣ୍ଟ କଟକଣା ଲାଗିଯିବ। କେହି ଘରୁ ବାହାରି ପାରିବେନି ଜାଣିବା ପରେ ସମଗ୍ର ବିଞ୍ଝାରପୁର ବ୍ଲକର ବଜାରଗୁଡ଼ିକରେ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଛି। ସାମାଜିକ ଦୁରତା ଭୁଲି କିଏ ପରିବା ପାଇଁ ତ ଆଉକିଏ ରାଶନ ସାମଗ୍ରୀ ପାଇଁ ବିଭିନ୍ନ ଦୋକାନରେ ଅସମ୍ଭାଳ ଭିଡ଼ ଜମାଇ ଥିବା ଦେଖିବାକୁ ମିଳିଥିଲା। ପୋଲିସ ଆସିଲେ ଦୂରେଇ ଯାଆନ୍ତି ଓ ପୋଲିସ ଚାଲିଗଲେ ପୁଣି ଯାହାକୁ ସେୟା। ବିଞ୍ଝାରପୁର, ମଇନ୍ଦା, ସିଂହପୁର, ବାଳମୁକୁଳି, ଅଳକୁଣ୍ଡ, ପ୍ରୀତିପୁର ସମେତ ବ୍ଲକର ବିଭିନ୍ନ ବଜାରରେ ଏପରି ଦେଖିବାକୁ ମିଳିଥିଲା। ସକାଳୁ ସକାଳୁ ବିଭିନ୍ନ ବଜାରରେ ନାହିଁ ନ ଥିବା ଭିଡ଼ ହୋଇଥିଲାବେଳେ ପୂର୍ବାହ୍ନ ୧୧ଟାରୁ ସମସ୍ତ ବଜାର ଫାଙ୍କା ହୋଇଯାଇଥିଲା। ଦିନତମାମ ବିଞ୍ଝାରପୁର ବ୍ଲକର ବିଭିନ୍ନ ଛକ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବଜାରରେ ପହରା ଦିଆଯାଇଥିଲା।


ବଜାରରେ ଭିଡ଼।

# କାଳବୈଶାଖୀ: ଖଳାରେ ଗଜାହେଲା ମୁଗ

**ଏରସମା, ୨୭।୪ (ସ୍ୱ.ପ୍ର.)**

କାଳବୈଶାଖୀ ପ୍ରଭାବରେ ଏରସମା ବ୍ଲକରେ ବ୍ୟାପକ ମୁଗ ଫସଲ ନଷ୍ଟ ହୋଇଛି। ୩ ଦିନ ଧରି ସନ୍ଧ୍ୟାରେ ବର୍ଷା ହେଉଥିବାରୁ ମୁଗ ଫସଲ ଭିଜି ରହିଛି। ଫଳରେ ଅମଳ ପାଇଁ ଖଳାରେ ଥିବା ଶୁଖିଲା ମୁଗ ସବୁ ଗଜା ହୋଇଯାଇଛି। ଏହା ଦେଖି ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି। ବିଶେଷକରି ପଳିକଣ୍ଟା ପଞ୍ଚାୟତର ସୁମଡା, ମନ୍ଦିରା, ଭାରିଶୋଳ, ପଳିକଣ୍ଟା, କଟିଜଙ୍ଗା, ସୁନ୍ଦରକଣି ପ୍ରଭୃତି ଗ୍ରାମର ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିସହିତ ଗଡବିଶୁନିପୁର, ପଦ୍ମପୁର, ଆମ୍ବିକି, ପୋଖରିଆପଡା ପ୍ରଭୃତି ପଞ୍ଚାୟତରେ ଶୁଖିଲା ମୁଗ ଗଜା ହୋଇଥିବା ନେଇ ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପିସିସି ସଦସ୍ୟ ଧ୍ୱଜରାଜ ଖଣ୍ଡୁଆଳ ନିବେଦନ କରିଛନ୍ତି। ଚାଷୀଙ୍କ କହିବା ଅନୁସାରେ, ଅମଳ ସମୟ ହୋଇଥିବାରୁ ବିଲରୁ ମୁଗ ଖଳାକୁ ଅଣାଯାଇଥିଲା। ଖଳାରେ ମୁଗ ବାଡେଇବା ପାଇଁ ଗଦା ହୋଇଥିବା ବେଳେ କାଳବୈଶାଖୀ ବର୍ଷାରେ ଏହା ଭିଜି ଯାଇଥିଲା। ୩ଦିନ ପାଣିରେ ଭିଜିବା ପରେ ଶୁଖିଲା ମୁଗ ଏବେ ଗଜା ଧରିଗଲାଣି ବୋଲି ଚାଷୀମାନେ କହିଛନ୍ତି।

# ଜବରଦଖଲରେ ଥିବା ଦୋକାନ ବନ୍ଦ ରହିବ

- କୋହଳ ହେଲା ଲକ୍‌ଡାଉନ

**ଜଗତ୍‌ସିଂହପୁର ଅଫିସ, ୨୭।୪:** ରାଜ୍ୟ ସରକାର ଲକ୍‌ଡାଉନ୍ ନିୟମରେ କୋହଳ କରିଛନ୍ତି। ବିଶେଷକରି ଦୋକାନ, ବଜାର ଖୋଲା ରଖିବା ସଂକ୍ରାନ୍ତରେ ଘୋଷଣା କରାଯାଇଛି। ଏହି ଘୋଷଣା ପରେ ବ୍ୟବସାୟୀ ମହଲରେ ଖୁସି ଦେଖାଦେଇଛି। ସୋମବାର ଜଗତ୍‌ସିଂହପୁର ଜିଲାପାଳ କେଉଁ ଦୋକାନ ଉପରେ କଟକଣା ଓ କେଉଁଗୁଡିକ ଖୋଲା ରହିବ ସେ ସଂକ୍ରାନ୍ତରେ ସ୍ପଷ୍ଟ କରିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ମୁତାବକ ଚା’, ପାନ, ଗୁଟ୍‌ଖା, ତମାଖୁ, ଖାଦ୍ୟ ଷ୍ଟଲ, ଠେଲା ଫାଷ୍ଟ ଫୁଡ୍, ଉଠା ଦୋକାନ, ଅନୁମତି ନ ଥିବା ହୋଟେଲ ଓ ରେଷ୍ଟୁରାଣ୍ଟ, ବିଉଟି ପାର୍ଲର, ସେଲୁନ୍, ସ୍ପା, ଜିମ୍, ଗହଣା, ରଙ୍ଗ, ପ୍ଲାଏଉଡ୍, କପଡା ଓ ସମସ୍ତ ଅବକାରୀ ଦୋକାନ ବନ୍ଦ ରହିବ। ତେବେ ଯେଉଁ ଦୋକାନଗୁଡିକ ଓଡ଼ିଶା ଶପ୍ ଏବଂ କମର୍ସିଆଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ ୧୯୫୬ରେ ପଞ୍ଜୀକୃତ ହୋଇନାହିଁ ସେଗୁଡିକ ଖୋଲା ରହିବ ନାହିଁ। ସେହିପରି ସରକାରୀ ଜମି ଜବରଦଖଲରେ ଥିବା ଦୋକାନଗୁଡିକୁ ବନ୍ଦ କରାଯାଇଛି। କିନ୍ତୁ ସେଠାରେ ଥିବା ଔଷଧ ଓ ଜରୁରୀ ସାମଗ୍ରୀ ଦୋକାନଗୁଡିକ ଖୋଲିବ। ଯେଉଁ ଦୋକାନଗୁଡିକୁ ଅନୁମତି ମିଳିବ ସେଗୁଡିକ ସକାଳ ୬ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲାରହିବ। ଅନ୍ୟପକ୍ଷରେ ଓଡ଼ିଶା ଶପ୍ ଏବଂ କମର୍ସିଆଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ ୧୯୫୬ରେ ପଞ୍ଜୀକୃତ ସମସ୍ତ ରେସିଡେନ୍ସିଆଲ କମ୍ପ୍ଲେକ୍ସ ଓ ମାର୍କେଟ୍ କମ୍ପ୍ଲେକ୍ସକୁ ଅନୁମତି ମିଳିବ ନାହିଁ। ତେବେ ଯେଉଁଗୁଡିକ ଖୋଲା ରହିବ ସବୁଠି ସାମାଜିକ ଦୂରତ୍ୱ ଓ ମାସ୍କ ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। ବରିଷ୍ଠ ନାଗରିକ ଏବଂ ପିଲାଙ୍କୁ ବାହାରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

# ପ୍ରକଳ୍ପରୁ ମିଳୁନି ପାନୀୟ ଜଳ

## ପୋଖରୀ ପାଣି ଭରସା

**ଖଣ୍ଡପଡ଼ା/ଭାପୁର, ୨୭।୪(ସ୍ୱ.ପ୍ର./ଡି.ଏନ.ଏ.)**

ଭାପୁର ବ୍ଲକ ବାଇଗୁଣିଆଁ ପଞ୍ଚାୟତ କେଶରସିଂ ନୂଆସାହି ଗ୍ରାମବାସୀଙ୍କ ପାଇଁ ପାନୀୟଜଳ ମୁଖ୍ୟ ସମସ୍ୟା ହୋଇଛି। ପ୍ରକଳ୍ପ ଥିଲେ ବି ସେଥିରୁ ଜଳ ମିଳୁନି। ଫଳରେ ପୋଖରୀ ପାଣି ଲୋକଙ୍କ ଭରସା ହୋଇଛି।

ପ୍ରାୟ ୫ବର୍ଷ ପୂର୍ବେ ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ହୋଇଥିଲା। ଗ୍ରାମକୁ ପାଇପ୍‌ଲାଇନ ବିଛାଯାଇ ଗ୍ରାମ ମଧ୍ୟଭାଗରେ ଥିବା ୩ଟି ଷ୍ଟାଣ୍ଡ୍‌ପୋଷ୍ଟ ମାଧ୍ୟମରେ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା ହୋଇଛି। ମାତ୍ର ଉକ୍ତ ଷ୍ଟାଣ୍ଡ୍‌ପୋଷ୍ଟରେ ପାନୀୟ ଜଳ ଉପଲବ୍ଧ ହେଉନାହିଁ। ଫଳରେ ଗ୍ରୀଷ୍ମପ୍ରବାହ ସମୟରେ ନୂଆସାହି ବାସିନ୍ଦା ପାନୀୟ ଜଳ ମୁନ୍ଦେ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଧହୋଇ ସେମାନେ ନିକଟସ୍ଥ ଦୋସରିବନ୍ଧ ପୋଖରୀରୁ ଜଳ ଆଣି ଚଳୁଥିବା ନେଇ ଗ୍ରାମର ରମ୍ଭା ଦେଈ, ସୁବାସ ପ୍ରଧାନ, ରମେଶ ପ୍ରଧାନ, ଦେବେନ୍ଦ୍ର ସେଠୀ ପ୍ରମୁଖ ପ୍ରକାଶ କରିଛନ୍ତି। ପୋଖରୀର ଗୋଳିଆ ପାଣି ବ୍ୟବହାର କରି ବହୁ ଲୋକ ରୋଗରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଗ୍ରାମରେ ଏକ ନଳକୂପ ଥିଲେ ମଧ୍ୟ ସେଥିରୁ ଫ୍ଲୋରାଇଡଯୁକ୍ତ ପାଣି ବାହାରୁଥିବାରୁ ତାହା ବ୍ୟବହାର ଅନୁପଯୋଗୀ ହୋଇଛି। ଗ୍ରାମବାସୀ ଏ ସମ୍ପର୍କରେ ପଞ୍ଚାୟତ, ବ୍ଲକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନାହିଁ। ତୁରନ୍ତ ସାହି ବାସିନ୍ଦାଙ୍କୁ ପାଇପ୍‌ଲାଇନ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ଅମରେଶ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ପାଇପ୍‌ଲାଇନର କେତେକ ସ୍ଥାନରେ ଲିକେଜ୍ ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଆସନ୍ତା ୨/୩ ଦିନ ମଧ୍ୟରେ ଏହାକୁ ମରାମତି କରାଯାଇ ଲୋକମାନଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ବ୍ୟବସ୍ଥା କରାଯିବ।


ନୂଆସାହି ମହିଳାମାନେ ପୋଖରୀରୁ ଜଳ ସଂଗ୍ରହ କରୁଛନ୍ତି।

# ନୂଆ ସଂକ୍ରମିତଙ୍କ ପଶ୍ଚିମବଙ୍ଗ ଲିଙ୍କ୍

### ବାଲେଶ୍ୱରରେ ପୁଣି ୬ କରୋନା ପଜିଟିଭ୍

ବାଲେଶ୍ୱର ଅଫିସ/ବାହାନଗା, ୨୭।୪(ଡି.ଏନ.ଏ.)– ବାଲେଶ୍ୱର ଜିଲାରେ ସୋମବାର ପୁଣି ୬ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୬ରେ ପହଞ୍ଚିଛି। ନୂଆ ଚିହ୍ନଟ ହୋଇଥିବା ୫ଜଣଙ୍କ ୬୧ ନମ୍ବର ଆକ୍ରାନ୍ତ ନେଇଆବାଗ ଲିଙ୍କ୍ ଥିବା ବେଳେ ଅନ୍ୟ ଜଣେ ପଶ୍ଚିମବଙ୍ଗ ଫେରନ୍ତା ବୋଲି ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ଜଣାଇଛନ୍ତି। ସମସ୍ତ ଆକ୍ରାନ୍ତ ପୂର୍ବରୁ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଉକ୍ତ ୬ଜଣ ଚିହ୍ନଟ ହେବା ପରେ ସେମାନଙ୍କର ଟ୍ରାଭେଲ ହିଷ୍ଟ୍ରି ଓ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ କରାଯାଇଛି। ପଶ୍ଚିମବଙ୍ଗ ଫେରନ୍ତାଙ୍କ ଘର ବାହାନଗା ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଅଞ୍ଚଳରେ। ସଂକ୍ରମିତଜଣକ କଲିକତାରେ କାମ କରୁଥିଲେ। ଗତ ୫ଦିନ ପୂର୍ବେ ସେ ସାଇକେଲ ଯୋଗେ ଘରକୁ ଫେରିଥିଲେ। ଗ୍ରାମକୁ ଫେରିବା ପରେ ଯୁବକଙ୍କୁ ସରପଞ୍ଚ ଗଣେଶର ତ୍ରିପାଠୀ ପଞ୍ଚାୟତ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିଲା। ପରେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଉକ୍ତ ଯୁବକଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ସୋମବାର ମଧ୍ୟାହ୍ନରେ ସେ କରୋନା ପଜିଟିଭ ଥିବା ଜଣାପଡିଛି। ଏହି ଖବର ପ୍ରଚାରିତ ହେବା ପରେ ବାହାନଗା ବ୍ଲକ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଉପଜିଲାପାଳ ନିଲୁ ମହାପାତ୍ର, ବାହାନଗା ତହସିଲଦାର ରାଜେନ୍ଦ୍ର କୁମାର କର, ବାହାନଗା ବିଡିଓ ରଘୁନାଥ ପାଣିଗ୍ରାହୀ, ଗୋପାଳପୁର ଫାଣ୍ଡି ଅଧିକାରୀ ବଂଶୀଧର ପ୍ରଧାନ, ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରମୁଖ କ୍ୱାରାଣ୍ଟାଇନ ସେଣ୍ଟରରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଅଧିକାରୀମାନେ ବିଷ୍ଣୁପୁର କ୍ୱାରାଣ୍ଟାଇନ ସେଣ୍ଟରଠାରୁ ୨ କି.ମି. ବ୍ୟାସାର୍ଦ୍ଧ ଭିତରେ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି।

## ଉଦ୍ଧାର ପରେ ନବଜାତ ଶିଶୁର ଜୀବନ ଗଲା

ବାରିପଦା ଅଫିସ, ୨୭।୪

ମୟୂରଭଞ୍ଜ ଜିଲା ବାରିପଦା ପିଆର୍‌ଏମ୍ ମେଡ଼ିକାଲ ପଛପଟ ଜରାଳୀ ନଦୀ ପୋଲତଳୁ ସୋମବାର ଉଦ୍ଧାର ହୋଇଥିବା ଏକ ନବଜାତ ଶିଶୁପତ୍ରର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶିଶୁପୁତ୍ରଟି କାହାର ଓ ସେ ପୋଲତଳକୁ କିଭଳି ଆସିଲା ତାହା ସ୍ପଷ୍ଟ ହୋଇ ନାହିଁ।

ସୂଚନା ଅନୁଯାୟୀ, ଭୋର ୫ଟା ସମୟରେ ମେଡିକାଲର କେତେଜଣ ସଫେଇ କର୍ମଚାରୀ ଖବରପାଇ ଶିଶୁଟିକୁ ଉଦ୍ଧାର କରିଥିଲେ। ଶିଶୁଟିର ଗାଲକୁ ଜୀବଜନ୍ତୁ ଖାଇ ଖଣ୍ଡିଆ କରି ଦେଇଥିବାରୁ ପ୍ରବଳ ରକ୍ତସ୍ରାବ ହେଉଥିଲା। ସଫେଇ କର୍ମଚାରୀମାନେ ଶିଶୁପୁତ୍ରଟିକୁ ଚିକିତ୍ସା ପାଇଁ ମେଡ଼ିକାଲ ଏସଏନସିୟୁ ବିଭାଗରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସିତ ହେବାର କିଛି ସମୟ ପରେ ଶିଶୁଟିର ମୃତ୍ୟୁ ଘଟିଥିଲା। ରବିବାର ରାତିରେ ଶିଶୁଟିକୁ କେହି ଫିଙ୍ଗିଦେଇ ଚାଲି ଯାଇଥିବା କୁହାଯାଉଛି। ଏନେଇ ବାରିପଦା ଟାଉନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।


ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଶ୍ଚିମବଙ୍ଗ ଶ୍ରମିକଙ୍କ ପଞ୍ଜୀକରଣ କରାଯାଉଛି।

## ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗଲେ ୨୩ ଶ୍ରମିକ

### ଚାଲି ଚାଲି ଯାଉଥିଲେ ପଶ୍ଚିମବଙ୍ଗ

ରସାଳପୁର,୨୭।୪(ଡି.ଏନ.ଏ.) ବାଲେଶ୍ୱର ଜିଲା ସଦର ଥାନା ପୋଲିସ ସୋମବାର ପଶ୍ଚିମବଙ୍ଗର ୨୩ଜଣ ଶ୍ରମିକଙ୍କୁ ସ୍ଥାନୀୟ ପଞ୍ଚାୟତର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିଛି। ସେମାନଙ୍କର ଖାଇବା ପିଇବା ସହିତ ସମସ୍ତ ସୁବିଧା ପଞ୍ଚାୟତ ପକ୍ଷରୁ ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନୋଡ଼ାଲ ଅଫିସର ସୂଚନା ଦେଇଛନ୍ତି। ପରେ ପୋଲିସ କେନ୍ଦ୍ରରେ ପହଞ୍ଚି ସେମାନଙ୍କର ନାମ, ଠିକଣା ଓ ପଞ୍ଜିକରଣ କରିଛି। ପଞ୍ଜିକୃତମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟର ବୀରଭୂମ ଜିଲା ନାଲହାଟୀ ଥାନା ଭଜିରପୁର ଗ୍ରାମର ୧୦ଜଣ, ବନ୍ଦଖୋଲି ଗ୍ରାମର ୩ଜଣ, ନାଲାଡ଼ିହିଥାନା ହାଜାରପୁର ଗ୍ରାମର ୨ଜଣ, ଆନକୁଲା ଗ୍ରାମର ୨ଜଣ, ନାଗର ଗ୍ରାମର ୬ଜଣ ଓ କଣ୍ଟାଗଡ଼ିଆ ଗ୍ରାମର ୫ଜଣ। ସମସ୍ତଙ୍କ ବୟସ ୨୦ରୁ ୫୦ ବର୍ଷ ମଧ୍ୟରେ ବୋଲି ଜଣାପଡିଛି। ଉକ୍ତ ଯୁବକମାନେ କିଛିଦିନ ତଳେ ସିମୁଳିଆ ଥାନା ମାର୍କୋଣା ଅଞ୍ଚଳର ବାଟି ଗ୍ରାମରେ ଠିକା ନେଇ ପକ୍କା ଘର ତିଆରି କରୁଥିଲେ। ଲକଡାଉନ ଲାଗି ସେମାନେ ନିଜ ରାଜ୍ୟକୁ ଚାଲି ଚାଲି ଯାଉଥିବା ବେଳେ ୧୬ନଂ. ଜାତୀୟ ରାଜପଥ ସଦର ଥାନା ନିକଟରେ ଏତେସଂଖ୍ୟକ ଲୋକ ଆସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସେମାନଙ୍କୁ ଅଟକ ରଖିବା ସହିତ ରେମୁଣା ବିଡ଼ିଓ ଏବଂ ତହସିଲଦାରଙ୍କ ସହିତ ଯୋଗାଯୋଗ କରିଥିଲେ। ବିଡ଼ିଓ କୁରୁଡ଼ା ସରପଞ୍ଚଙ୍କ ସହିତ କଥାବାର୍ତ୍ତା ପରେ ତାଙ୍କୁ ପଞ୍ଚାୟତରେ ଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ୯୮୯ ନମୁନା ନେଗେଟିଭ୍

ବାରିପଦା ଅଫିସ, ୨୭।୪- କରୋନା ସନ୍ଦେହରେ ମୟୂରଭଞ୍ଜ ଜିଲାର ୧୦୭୧ ଜଣଙ୍କ ସାମ୍ପୁଲ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ସେଥିମଧ୍ୟରୁ ୯୮୯ ଜଣଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ଅବଶିଷ୍ଟ ୮୨ ଜଣଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି। ୧୦୭୧ ଜଣଙ୍କ ମଧ୍ୟରୁ ୭୯ ଜଣ ବିଦେଶ ଫେରନ୍ତା, ୩୦୪ ଜଣଙ୍କ ଟ୍ରାଭେଲ ହିଷ୍ଟ୍ରି ଓ ଜ୍ୱର ଆସିବା, ୨୪୩ ଜଣ କାଶ ହୋଇ ଅସୁସ୍ଥ ଅନୁଭବ କରିବା, ୧୨ ଜଣ ଶ୍ୱାସକ୍ରିୟାରେ ଅସୁସ୍ଥ ଅନୁଭବ କରିବା ଓ ୪୩୩ ଜଣ ବ୍ୟକ୍ତି ହଟସ୍ପଟ ଅଞ୍ଚଳରୁ ଆସିଥିବା କାରଣରୁ ସେମାନଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା।

### ପୋଲିସକୁ ଆକ୍ରମଣ

ହାଟଡିହୀ, ୨୭।୪(ଡି.ଏନ.ଏ.)- କରୋନା ମୁକାବିଲା ପାଇଁ ସରକାରୀ ଅଧିକାରୀମାନେ ଦିନ ରାତି ଏକ କରି ଦାୟିତ୍ୱ ତୁଲାଉଛନ୍ତି। କିନ୍ତୁ କେତେକ ଅମାନିଆଙ୍କ ପାଇଁ ପରିସ୍ଥିତି ଜଟିଳ ହେଉଛି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ରତକଣା ଗ୍ରାମରେ ସୋମବାର କେତେକ ଲୋକ ଏକାଠି ହୋଇ ଲୁଡୁ ଖେଳୁଥିଲେ। ପୋଲିସ କର୍ମଚାରୀ ଏହାକୁ ବାରଣ କରିବାରୁ ଯୁକ୍ତିତର୍କ ହୋଇଥିଲା। ପରେ ଉତ୍ତ୍ୟକ୍ତ ଲୋକେ ପୋଲିସକୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି।

### ଯୋଡ଼ାରେ ୨୩ ଜଣଙ୍କ ସ୍ୱାବ୍ ସଂଗ୍ରହ

ଯୋଡ଼ା, ୨୭।୪ (ଡି.ଏନ.ଏ.) କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏକ ମେଡିକାଲ ଟିମ୍ ରବିବାର ଯୋଡାରେ ପହଞ୍ଚିଥିଲେ। ପ୍ରଥମ ଦିନରେ ରାଜ୍ୟ ବାହାରୁ ଆସିଥିବା ୨୩ ଜଣଙ୍କଠାରୁ ସ୍ୱାବ୍ ସଂଗ୍ରହ କରାଯାଇଛି। ଏକ ଡାକ୍ତରୀ ରାପିଡ୍ ରେସପନ୍ସ ଟିମ୍ ଦ୍ୱାରା ରାଜ୍ୟ ବାହାରୁ ଆସି ଘରେ ଓ ବିଭିନ୍ନ ସରକାରୀ ସଙ୍ଗରୋଧରେ ୧୪ ଦିନ ରହିଥିବା ଲୋକଙ୍କଠାରେ କିଛି ଲକ୍ଷଣ ଦେଖାଗଲେ ସ୍ୱାବ ସଂଗ୍ରହ କରାଯାଉଥିବା ମେଡିକାଲ ଟିମ୍ ପକ୍ଷରୁ ସୂଚନା ମିଳିଛି।

## ଆନ୍ଧ୍ରପ୍ରଦେଶରୁ ସାଇକେଲରେ ଫେରିଲେ ଯୁବକ

ଭଣ୍ଡାରିପୋଖରୀ, ୨୭।୪(ଡି.ଏନ୍.ଏ.) ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ପଞ୍ଚାୟତ ଢିଅସାହି ଗ୍ରାମର ଜଣେ ଯୁବକ ସୁଦୂର ୭୦୦ କି.ମି. ଆନ୍ଧ୍ରପ୍ରଦେଶରୁ ସାଇକେଲରେ ଆସି ସୋମବାର କୁରିଗାଁରେ ପହଞ୍ଚିଛନ୍ତି। ସେ ୨୨ତାରିଖରେ ବିଜୟନଗରମରୁ ୧୨୦୦ ଟଙ୍କା ଦେଇ ଏକ ପୁରୁଣା ସାଇକେଲ କିଣି ଓଡିଶା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ପାଖରେ ଥିଲା ମାତ୍ର ୩୦୦ ଟଙ୍କା। ଦୀର୍ଘ ପାଞ୍ଚ ଦିନ ଯାତ୍ରା ପରେ ସେ ଗ୍ରାମରେ ପହଞ୍ଚିଥିଲେ। ସେ ନିଜ ଘରକୁ ନ ଯାଇ ପଞ୍ଚାୟତ ସ୍କୁଲରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କ୍ୱାରାଣ୍ଟାଇନରେ ରହିବାକୁ ସ୍ୱଇଚ୍ଛାରେ ଚାଲିଯାଇଥିଲେ। ସେ ସେଠାରେ ଏକ ମିଠା ଦୋକାନରେ କାମ କରନ୍ତି। ଲକ୍‌ଡାଉନ ପାଇଁ ଦୋକାନ ବନ୍ଦ ହୋଇଯିବାରୁ ମାଲିକ ଆଉ ଦରମା ନ ଦେବାରୁ ଚଳିବା କଷ୍ଟକର ହୋଇପଡିଥିଲା। ଆସିବାର ପାଞ୍ଚ ଦିନ ମଧ୍ୟରେ ଗଞ୍ଜାମରେ ଦୁଇ ରାତି, ଇଚ୍ଛାପୁର, ଭୁବନେଶ୍ୱର, କଟକରେ ଗୋଟିଏ ଲେଖା ରାତି ପର ଦୋକାନ ପିଣ୍ଡାରେ ବର୍ଷା ଖରାରେ ଜୀବନ କାଟି ଖାଇବାକୁ ନ ପାଇ ଭୋକ ଉପବାସ ରହି ଗ୍ରାମରେ ପହଞ୍ଚିଛନ୍ତି।

## ଖାଦ୍ୟ କିଟ୍ ବଣ୍ଟନ

ଖଇରା, ୨୭।୪(ଡି.ଏନ.ଏ.) ନୂଆଦିଲ୍ଲୀରେ ଆୟକର ବିଭାଗରେ ଡେପୁଟି କମିଶନର ଭାବେ କାର୍ଯ୍ୟରତ ବାଲେଶ୍ୱର ଜିଲା ଖଇରା ବ୍ଲକ ନୂଆଗାଁ ବଡ ଗ୍ରାମର ଆଶିଷ କୁମାର ପଣ୍ଡା ନିଜ ଅଞ୍ଚଳରେ ଅସହାୟମାନଙ୍କ ପାଇଁ ସହଯୋଗ ଅବ୍ୟାହତ ରଖିଛନ୍ତି। ଖଇରା ଓ ସିମୁଳିଆ ବ୍ଲକରେ ତାଙ୍କ ସମ୍ପର୍କୀୟଙ୍କ ସହାୟତାରେ ଗାଁ ଗାଁ ବୁଲି ମାସ୍କ ଓ ଶୁଖିଲା ଖାଦ୍ୟ କିଟ୍ ବଣ୍ଟନ କରିଛନ୍ତି। ସୋମବାର ଖଇରା ପଞ୍ଚାୟତର ବଣପାରିଆ ମହତୀପୁର ପଞ୍ଚାୟତର ମହତୀପୁର, ଗନ୍ଧାଳୀ, ଗୋପାଳବେଡା, ଫଗୁଣା, ବିଣାପୁର ଗ୍ରାମ ଗୋବିନ୍ଦପୁର ପଞ୍ଚାୟତର ଚନ୍ଦ୍ରାଟିକିରି ଓ ବଡଟିକିରି, ସାରଡାଙ୍ଗ ପଞ୍ଚାୟତର ଅଲିପୁର ଗ୍ରାମକୁ ଯାଇ ଲୋକମାନଙ୍କୁ ହାତ ଧୁଆ ଓ ସାମାଜିକ ଦୂରତା ରଖିବା ଭଳି ସଚେତନତା ବାର୍ତ୍ତା ଲୋକମାନଙ୍କୁ ପ୍ରଦାନ କରିବା ପରେ କିଟ୍ ହସ୍ତାନ୍ତର କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗଦିଶ ପଣ୍ଡା, ହରିହର ପଣ୍ଡା, ଭାଜପାର ଜିଲା କାର୍ଯ୍ୟକାରିଣୀ ସଭ୍ୟ ଅଜୟ ବେହେରା, ଭାଜପା ଯୁବମୋର୍ଚ୍ଚାର ପ୍ରାକ୍ତନ ସଭାପତି ଆଲୋକ ପଣ୍ଡା, ଅଦ୍ୱୈତ ପ୍ରସାଦ ଦାଶ, ମାୟାଧର ପାଣିଗ୍ରାହୀ, ସାରଡାଙ୍ଗ ଭାଜପା ପ୍ରମୁଖ ବୁଲୁ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

## ଜିଲା ସୀମା ସହ ଫେରିଘାଟ ସିଲ୍

ଆରଡି, ୨୭।୪ (ଡି.ଏନ.ଏ.) ଭଦ୍ରକ ଜିଲା ଡିପ୍ ରେଡ ଜୋନ ଘୋଷଣା ହେବା ପରେ ଜିଲା ପ୍ରଶାସନ ତତ୍ପର ହୋଇ ଉଠିଛି। ଏଥିସହିତ ଜିଲା ସୀମା ସହ ଫେରିଘାଟ ସିଲ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ସୋମବାର ଆରଡି ଫାଣ୍ଡି ପୋଲିସ ଭଦ୍ରକ–ଯାଜପୁର ସୀମାକୁ ବୋଡକ ଠାରେ, ଭଦ୍ରକ–କେନ୍ଦ୍ରାପଡା ସୀମାକୁ ମୁଆଁ ଘାଟ ନିକଟରେ ସିଲ୍ କରିଛି। ଏଥିସହିତ ତିନିତର ଓ ଧାନଖଣିଆ ଫେରିଘାଟକୁ ସିଲ୍ କରିଦେଇଛି। ଫଳରେ ବାହାର ଜିଲାକୁ ଯାଉଥିବା ଲୋକମାନଙ୍କ ଯିବା ଆସିବା ସମ୍ପୂର୍ଣ୍ଣଭାବେ ଠପ୍ ହୋଇଯାଇଛି । ଏସବୁ ସ୍ଥାନ ସିଲ ହେବା ବ୍ୟତୀତ ଅନ୍ୟସ୍ଥାନରୁ କିପରି ବାହାର ଲୋକ ପ୍ରବେଶ ନ କରିବେ ସେଥିଲାଗି ଫାଣ୍ଡି ପୋଲିସ କଡାନଜର ରଖିଥିବା ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ କହିଛନ୍ତି। ସେହିପରି ଧାମନଗର ବ୍ଲକର ବେତାଳି ଗାଁ, ସାଆଁଳପୁର ଓ କୁଳସାହି ନିକଟରେ ଯାଜପୁର ଜିଲାକୁ ଯିବାପାଇଁ ନିର୍ମିତ ବାଉଁଶ ଚାରାକୁ ଧୁଷୁରୀ ଥାନା ପୋଲିସ ଖୋଲିଦେଇଥିବା ସୂଚନା ମିଳିଛି।


କେନ୍ଦ୍ରାପଡା ସୀମାନ୍ତ ମୁଆଁଠାରେ ଫେରିଘାଟକୁ ସିଲ୍ କରାଯାଉଛି।

## ୮୧ ଜଣଙ୍କଠାରେ ଶ୍ୱାସକ୍ରିୟା ସମସ୍ୟା, ଫ୍ଲୁ ଲକ୍ଷଣ

### ୩ ଦିନରେ ଔଷଧ ଦୋକାନୀଙ୍କଠୁ ମିଳିଛି ତଥ୍ୟ

ଛତ୍ରପୁର,୨୭।୪(ଡି.ଏନ.ଏ.) ଗଞ୍ଜାମ ଜିଲ୍ଲାର ଘରୋଇ ଔଷଧ ଦୋକାନୀମାନେ ସେମାନଙ୍କ ଦୋକାନରୁ ଔଷଧ କିଣିଥିବା ଲୋକଙ୍କ ତଥ୍ୟ ଦୈନିକ ଡ୍ରଗ୍ ଇନ୍ସପେକ୍ଟରଙ୍କୁ ଦେବା ବାଧ୍ୟତାମୂଳକ କରାଯାଇଛି। ଗତ ୩ ଦିନ ମଧ୍ୟରେ ଜିଲ୍ଲାର ୪୮୮ ଦୋକାନରୁ ୭,୭୪୨ ଜଣ ଔଷଧ କିଣିଛନ୍ତି। ସେମାନଙ୍କ ମଧ୍ୟରୁ ୧୬ ଜଣ ଶ୍ୱାସକ୍ରିୟା ସମସ୍ୟା ଓ ୬୫ ଜଣ ଫ୍ଲୁ ଲକ୍ଷଣ ଥିବାରୁ ଔଷଧ ନେଇଥିବା ରିପୋର୍ଟରୁ ଜଣାଯାଇଛି। ଏହି ୮୧ ଜଣଙ୍କଠାରେ କୋଭିଡ୍ ଲକ୍ଷଣ ଥିବା ଆଶଙ୍କା କରାଯାଉଛି। ସ୍ୱାବ୍ ପରୀକ୍ଷା ପରେ କରୋନାରେ ଆକ୍ରାନ୍ତ କି ନୁହେଁ ସ୍ପଷ୍ଟ ହେବ। ଜିଲାରେ କରୋନା ସଂକ୍ରମଣକୁ ପ୍ରତିହତ କରିବା ପରିପ୍ରେକ୍ଷୀରେ ଏପରି ସର୍ଭେ ଚାଲିଛି। ରୋଗୀଙ୍କ ପାଇଁ ସମ୍ପର୍କୀୟ କିମ୍ବା ନିଜେ ଔଷଧ କିଣିଛନ୍ତି, କେଉଁ ରୋଗ ଅଛି, କିଣିଥିବା ବ୍ୟକ୍ତି ଙ୍କ ନାମ ଓ ସମ୍ପୂର୍ଣ୍ଣ ଠିକଣା ଦୋକାନୀମାନେ ତଥ୍ୟ ଦେଉଛନ୍ତି।

## ୩ ସନ୍ଦିଗ୍ଧଙ୍କୁ ପରୀକ୍ଷା ପାଇଁ ପଠାଗଲା ବ୍ରହ୍ମପୁର

ବୁଗୁଡ଼ା,୨୭।୪(ଡି.ଏନ.ଏ.) ବୁଗୁଡ଼ା ବ୍ଲକର ୩ ସନ୍ଦିଗ୍ଧଙ୍କୁ ପରୀକ୍ଷା ପାଇଁ ସୋମବାର ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିବା ବିଡିଓ ତଥା ନୋଡାଲ ଅଧିକାରୀ ତନ୍ମୟ ପାତ୍ର କହିଛନ୍ତି। ଭୁବନେଶ୍ୱର ବମିଖାଲ ଅଞ୍ଚଳରୁ ଫେରିଥିବା ମୋଟାବାଡ଼ି ପଞ୍ଚାୟତ ଅଞ୍ଚଳର ଜନୈକ ବ୍ୟକ୍ତି ସଂଗରୋଧ କେନ୍ଦ୍ରରେ ଥିବା ବେଳେ ତାଙ୍କର କରୋନାର କେତେକ ଲକ୍ଷଣ ଦେଖାଯିବା ଯୋଗୁ ତାଙ୍କୁ ବ୍ରହ୍ମପୁର ପରୀକ୍ଷା ପାଇଁ ପଠାଯାଇଥିଲା। ସେହିପରି ସୁନ୍ଦରଗଡ଼ରୁ ଫେରିଥିବା ଜଣେ ଓ ପଶ୍ଚିମବଙ୍ଗରୁ ଫେରିଥିବା ଆଉ ଜଣେ ବ୍ୟକ୍ତି ସଂଗରୋଧ କେନ୍ଦ୍ରରେ ଥିବା ବେଳେ ତାଙ୍କର ମଧ୍ୟ କେତେକ ଲକ୍ଷଣ ଦେଖାଯିବା ଯୋଗୁ ଏମାନଙ୍କୁ ମଧ୍ୟ ପରୀକ୍ଷା ପାଇଁ ବ୍ରହ୍ମପୁର ପଠାଯାଇଛି। ମଙ୍ଗଳବାର ଆଉ ୨ ଜଣଙ୍କୁ ପରୀକ୍ଷା ପାଇଁ ପଠାଯିବ ବୋଲି ବିଡିଓ କହିଛନ୍ତି।

## ଏସ୍‌ସିବିରେ ନାବାଳିକାଙ୍କ ମୃତ୍ୟୁ, ୧୨ରେ ପହଞ୍ଚିଲା ମୃତ୍ୟୁସଂଖ୍ୟା

### ଡଙ୍କଲପାଡୁ ବସ୍ ଟ୍ରାଜେଡି

ଗୋପାଳପୁର,୨୭।୪ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଡଙ୍କଲପାଡୁ ରାସ୍ତାରେ ଫେବୃଆରୀ ୯ରେ ନିର୍ବନ୍ଧ ପାଇଁ ପୁଅ ଘର ଲୋକଙ୍କୁ ନେଇ ଯାଉଥିବା ଏକ ବସ୍ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୧୧ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଗୁରୁତର ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଜଣେ ନାବାଳିକାଙ୍କର ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ଇନ୍ଦ୍ରାକ୍ଷୀ ଗ୍ରାମର ପି.ଭାରତୀ ରେଡ୍ଡୀ (୧୩)। ଭାରତୀଙ୍କୁ ମିଶାଇ ମୃତ୍ୟୁସଂଖ୍ୟା ୧୨ରେ ପହଞ୍ଚିଛି। ସୋମବାର ସନ୍ଧ୍ୟାରେ ଭାରତୀଙ୍କ ପରିବାରକୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ୨ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି।

ସୂଚନାଥାଉକି, ଗୋଳନ୍ଥରା ଥାନା ଡଙ୍କଲପଡୁ ଗ୍ରାମର ୟୁ.ଅଶୋକ ରେଡ୍ଡୀଙ୍କ ନିର୍ବନ୍ଧ ପାଇଁ ଏକ ବସ୍‌ରେ ଲୋକେ ଚିକରଡା ଯାଉଥିବା ବେଳେ ଡଙ୍କଲପାଡୁ ରାସ୍ତାରେ ଏହି ଦୁର୍ଘଟଣା ଘଟିଥିଲା।

## ବ୍ରହ୍ମପୁର

### ହୋମ୍ କ୍ୱାରାଣ୍ଟାଇନ୍‌ରେ ଶିକ୍ଷକ

ଆସିକା,୨୭।୪(ଡି.ଏନ୍.ଏ.) ଆସିକା ବ୍ଲକ ଅନ୍ତର୍ଗତ ଏକ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ସୋମବାର ନିରାକରାପୁର ଥାନା ଇଲାକାରୁ ଆସି ଏଠାରେ ପହଞ୍ଚିଥିଲେ। ତାଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ବିଡିଓ ପ୍ରଦୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ କୃତ୍ତିବାସ ବାରିକ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ନଦୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ଭଞ୍ଜନଗର,୨୭।୪(ଡି.ଏନ.ଏ)– ଭଞ୍ଜନଗର ଥାନା ଅନ୍ତର୍ଗତ ତୁରୁମୁର ଜଣେ ମହିଳା ସୋମବାର ପୂର୍ବାହ୍ନରେ ନଦୀକୁ ଗାଧୋଇ ଯାଇଥିବା ବେଳେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଶାନ୍ତି ଗୌଡ଼ (୪୦)। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ଡାକ୍ତରଖାନାକୁ ପଠାଇଛି।

### ନିହାଣରେ ତଣ୍ଟି କାଟି ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୨୭।୪ ବ୍ରହ୍ମପୁର ବଡବଜାର ପିଟିପିଟିଆ ନଗରରେ ସୋମବାର ସକାଳେ ନିହାଣରେ ବେକ କାଟି ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଛବିଳ ମହାରଣା (୫୨)। ପୋଲିସ ମୃତଦେହ ଜବତ କରି ନଂ.୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ। ବଡବଜାର ଥାନା ପିଟିପିଟିଆନଗରରେ ରହୁଥିବା ଛବିଳ ସୋମବାର ନୀଳକଣ୍ଠେଶ୍ୱର ମନ୍ଦିର ଦର୍ଶନ ପାଇଁ ଯାଇଥିଲେ। ସେ ଦର୍ଶନ ସାରି ମନ୍ଦିର ପାଚେରି କଡରେ ଥିବା ଏକ ଚେୟାରରେ ବସିଥିଲେ। ପରେ ସେ ଧରିଥିବା ଏକ ନିହାଣରେ ନିଜ ବେକ କାଟି ଦେଇଥିଲେ। ସେଠାରେ ତାଙ୍କ ଚିତ୍କାର ଶୁଣି ଲୋକମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗୁରୁତର ଛବିଳଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ସ୍ତ୍ରୀ କୁନି ଓ ପୁଅ ନାରାୟଣ ମେଡିକାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପାରିବାରିକ ଅଶାନ୍ତିରୁ ଛବିଳ ଏଭଳି କରିଥିବା ପୋଲିସ ସନ୍ଦେହ କରୁଛି।

## ଭଞ୍ଜନଗରକୁ ଫେରିବେ ୧ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ

### ଜାରି ରହିଛି ପ୍ରବାସୀଙ୍କ ପଞ୍ଜୀକରଣ

ଭଞ୍ଜନଗର,୨୭।୪(ଡି.ଏନ.ଏ.) ଅନ୍ୟ ରାଜ୍ୟରେ ଅଟକି ରହିଥିବା ପ୍ରବାସୀଙ୍କୁ ଓଡ଼ିଶା ଫେରାଇ ଆଣିବା ସରକାର ଚେଷ୍ଟା ଚଳାଇଛନ୍ତି। ପ୍ରବାସୀମାନେ ଫେରିବା ପରେ କରୋନା ସଂକ୍ରମଣ ଆଶଙ୍କା ପ୍ରତିହତ ପାଇଁ ସମସ୍ତଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ତେଣୁ ଏହାପୂର୍ବରୁ ପ୍ରବାସୀଙ୍କ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି। ଅନ୍‌ଲାଇନ ଓ ପରିବାର ଲୋକଙ୍କ ସୂଚନା ପ୍ରକାରେ ଅଫଲାଇନ୍‌ରେ ମଧ୍ୟ ଓଡ଼ିଶା ଫେରିବାକୁ ଥିବା ପ୍ରବାସୀଙ୍କ ପଞ୍ଜୀକରଣ ଚାଲିଛି। ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ଗ୍ରାମ ଓ ସହରକୁ ୧ ଲକ୍ଷ ୪ହଜାର ୩୯୧ ଜଣ ପ୍ରବାସୀ ଫେରିବାକୁ ଥିବା ସୋମବାର ପୂର୍ବାହ୍ନ ସୁଦ୍ଧା ଆକଳନ କରାଯାଇଛି। ଆଗକୁ ଏହି ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

ସୋମବାର ପୂର୍ବାହ୍ନ ସୁଦ୍ଧା ହୋଇଥିବା ପଞ୍ଜୀକରଣ ପ୍ରକାରେ ଭଞ୍ଜନଗର ଉପଖଣ୍ଡ ଅନ୍ତର୍ଗତ ଆସିକା ବ୍ଲକକୁ ୨୧,୧୦୪ ଜଣ ଓ ଏନ୍‌ଏସିକୁ ୭୫୭ ଜଣ ଫେରିବାକୁ ଥିବାବେଳେ ବେଲଗୁଣ୍ଠା ବ୍ଲକକୁ ୬,୯୬୭ ଓ ଏନ୍‌ଏସିକୁ ୪୯୨ ଫେରିବେ ବୋଲି ଆକଳନ ହୋଇଛି। ସେହିପରି ଭଞ୍ଜନଗର ବ୍ଲକକୁ ୬୭୨୮ ଓ ଏନଏସିକୁ ୮୬୮, ବୁଗୁଡ଼ା ବ୍ଲକକୁ ୧୪,୫୭୦ ଓ ଏନ୍‌ଏସିକୁ ୧୦୪୮, ଧରାକୋଟ ବ୍ଲକକୁ ୧୨,୭୨୮, ଜଗନ୍ନାଥପ୍ରସାଦ ବ୍ଲକକୁ ୭,୧୪୦ ଜଣ ଓ ଶେରଗଡ଼ ବ୍ଲକକୁ ୧୭,୭୦୪ ଜଣ, ସୋରଡ଼ା ବ୍ଲକକୁ ୧୩, ୫୩୫ ଜଣ ଓ ଏନଏସିକୁ ୭୫୦ ଜଣ ଫେରିବାକୁ ଥିବା ସୂଚନା ମିଳିଛି। ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ସୋମବାର ଭଞ୍ଜନଗର, ବେଲଗୁଣ୍ଠା ଓ ବୁଗୁଡ଼ା ବ୍ଲକର ବିଭିନ୍ନ କ୍ୱାରାଣ୍ଟାଇନ କେନ୍ଦ୍ର ବୁଲି ଦେଖିଥିଲେ। କ୍ୱାରାଣ୍ଟାଇନ କେନ୍ଦ୍ରରେ ପ୍ରବାସୀମାନେ କିଭଳି ସୁରକ୍ଷିତ ଭାବେ ରହିପାରିବେ ସେ ନେଇ ସମୀକ୍ଷା କରିଥିଲେ।


ଉପ ଜିଲାପାଳ ଏକ କ୍ୱାରାଣ୍ଟାଇନ୍ କେନ୍ଦ୍ର ବୁଲି ଦେଖୁଛନ୍ତି ।

## ଆନ୍ଧ୍ର, ଭଦ୍ରକ ଫେରାନ୍ତା ୩ ପରିବାର କ୍ୱାରାଣ୍ଟାଇନରେ

ଆର.ଉଦୟଗିରି,୨୭।୪(ଡି.ଏନ.ଏ.) ଗଜପତି ଜିଲା ଆର୍.ଉଦୟଗିରି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଭଦ୍ରକରୁ ଫେରିଥିବା ଗୋଟିଏ ପରିବାର ଓ ରାମଗିରି ସେଣ୍ଟରରେ ଆନ୍ଧ୍ରରୁ ଫେରିଥିବା ୨ ପରିବାରକୁ ରଖାଯାଇଛି। ଆନ୍ଧ୍ରକୁ କୌଣସି କାମରେ ଯାଇ ରହିଯାଇଥିବା ରାମଗିରିର ୨ ପରିବାର ୪ଦିନ ତଳେ ଗାଁକୁ ଫେରିଥିଲେ। ରବିବାର ଆନ୍ଧ୍ର ଗଜପତି ସୀମାନ୍ତରେ ୩ କରୋନା ପଜିଟିଭ ଚିହ୍ନଟ ପରେ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡିଥିଲେ। ଆର.ଉଦୟଗିରି ତହସିଲିଦାର ସ୍ମୃତି ରଞ୍ଜନ ସତପଥି, ରାମଗିରି ଥାନା ଓଆଇସି ବିକାଶ କୁମାର ସେଠୀ ସ୍ଥାନୀୟ ସରପଞ୍ଚଙ୍କ ସହ ଯାଇ ୨ ପରିବାରର ୫ଜଣଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଇଥିଲେ। ସେହିପରି ଆର.ଉଦୟଗିରି ଗ୍ରାମର ଜଣେ ମହିଳାଙ୍କୁ ଶନିବାର ଭୋରରେ ତାଙ୍କ ସ୍ୱାମୀ ଆଣି ମା'ଙ୍କ ପାଖରେ ଛାଡିଥିଲେ। ଖବର ପାଇ ତହସିଲଦାର ପୋଲିସ ଟିମ୍ ଓ ସ୍ଥାନୀୟ ସରପଞ୍ଚଙ୍କୁ ନେଇ ବୁଝାସୁଝା ପରେ ୪ ସଦସ୍ୟଙ୍କୁ ଆର୍.ଉଦୟଗିରି କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ସମସ୍ତଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଯାଇଥିବା ବିଡିଓ ପ୍ରଦିପ କୁମାର ନାୟକ କହିଛନ୍ତି।

## ୨୧ ୟୁନିଟ ରକ୍ତ ସଂଗ୍ରହ

ବ୍ରହ୍ମପୁର ଅଫିସ,୨୭।୪ ବ୍ରହ୍ମପୁର ଯୁବ ବିଜେଡି ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ସୋମବାର ଆୟୋଜିତ ହୋଇଯାଇଛି । ବ୍ରହ୍ମପୁର ମହାନଗର ନିଗମ ୧ ନଂ ୱାର୍ଡରେ ଏମ୍‌କେସିଜି ରକ୍ତ ଭଣ୍ଡାର ପକ୍ଷରୁ ନିୟୋଜିତ ରକ୍ତ ସଂଗ୍ରହ ଭ୍ୟାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୨୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟକ୍ରମକୁ ମୁକୁନ୍ଦ ଗୌଡ଼ ସଂଯୋଜନା କରିଥିଲେ। ଆର. ମୁରଲୀ ମୋହନ, ରାଜେଶ୍ୱର ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଅତିଥି ଭାବେ ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ଓ ଜିଲା ମହିଳା ସଭାନେତ୍ରୀ ସଂଘମିତ୍ରା ଦଳେଇ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜିତ୍ କୁମାର ପାଣିଗ୍ରାହୀ, ଅଜିତ୍ କୁମାର ପଣ୍ଡା, ସଞ୍ଜୟ କୁମାର ପାଣିଗ୍ରାହୀ, କୃଷ୍ଣ ଚନ୍ଦ୍ର ସେଠୀ, ଟୁନା ମହାରଣା, ଆର. କ୍ରିଷ୍ଣା ରେଡ୍ଡୀ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ସୀମାଞ୍ଚଳ ସାହୁ, ଅରୁଣ ଗରୁଡ, ମୁନା ରେଡ୍ଡୀଙ୍କ ସମେତ ଯୁବ ବିଜେଡିର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ ।

## ବୁଡ଼ାଗୁଡ଼ା, କଡ଼ଗାବାଲିରେ ବ୍ୟାପୁଛି ଝାଡ଼ାବାନ୍ତି

### ପହଞ୍ଚିଲା ସ୍ୱାସ୍ଥ୍ୟ ଟିମ୍, ମାସକରେ ୨ ମୃତ୍ୟୁ ଅଭିଯୋଗ

ଦାରିଙ୍ଗବାଡ଼ି,୨୭।୪(ଡି.ଏନ.ଏ.) ଦାରିଙ୍ଗବାଡ଼ିବ୍ଲକ କଡ଼ଗାବାଲି,ବୁଡାଗୁଡାରେ ଝାଡ଼ାବାନ୍ତି ବ୍ୟାପୁଛି। ଉଙ୍ଗେଶ୍ୱର ପ୍ରଧାନ ଏବଂ ତାଙ୍କ ସ୍ତ୍ରୀ ସୁବାଜିନୀ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ସୁବାଜିନୀ ଗର୍ଭବତୀ ଥିବାବେଳେ ଉଭୟଙ୍କ ଅବସ୍ଥା ଗୁରୁତର ରହିଛି। ଦାରିଙ୍ଗବାଡ଼ି ଡାକ୍ତର ଅମ୍ବିକା ପ୍ରସାଦ ଶତପଥୀ, ବୁଡାଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସୁଚିତ୍ରା ମେହେର ଓ ଡାକ୍ତର ବଂଶୀଧର ପାତ୍ର ପହଞ୍ଚି ସେମାନଙ୍କୁ ଚିକିତ୍ସା କରିଛନ୍ତି। ଫୁଲବାଣୀରୁ ଜିଲା ସ୍ୱାସ୍ଥ୍ୟ ବିଭାଗର ୨ ଜଣିଆ ଡାକ୍ତରୀ ଟିମ୍ ମଧ୍ୟ କଡ଼ଗାବାଲିରେ ପହଞ୍ଚିଛି। ସୋମବାର ମୋଟ ୧୩ ଜଣଙ୍କୁ ଚିକିତ୍ସା କରାଯାଇଛି। ସେହିପିପରି ବୁଡାଗୁଡ଼ା ଗ୍ରାମର ଏକ ପଡ଼ାରେ ୧୪ ଆକ୍ରାନ୍ତଙ୍କୁ ଚିକିତ୍ସା କରାଯାଇ ଔଷଧ ଦିଆଯାଇଛି।

ଘଟଣାସ୍ଥଳରେ ବାଲିଗୁଡ଼ା ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ ଏବଂ ଦାରିଙ୍ଗବାଡ଼ି ବିଡିଓ ଜଗଦୀଶ ଷଡଙ୍ଗୀ ଉପସ୍ଥିତ ରହିଛନ୍ତି। କେଉଁ କାରଣରୁ ଏଭଳି ଝାଡ଼ାବାନ୍ତି ବ୍ୟାପିଲା ତାହା ତଦନ୍ତ କରାଯିବା ସହ ଗାଁର ଜଳଉତ୍ସ, କୂଆ ଆଦିରୁ ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଏଥିସହ ବ୍ଲିଚିଂ ପକାଇ ବିଶୋଧନ ମଧ୍ୟ କରାଯାଇଛି। ଦୂଷିତ ପାଣି ପାଇଁ ଝାଡ଼ାବାନ୍ତ ବ୍ୟାପିଥିବା ଉପଜିଲାପାଳ ଦେବେନ୍ଦ୍ର ନନ୍ଦ କହିଛନ୍ତି। ଝାଡାବାନ୍ତିରେ ମାସେ ମଧ୍ୟରେ ବୃଦ୍ଧା ତୃତୀୟା ପାତ୍ର ଓ ପେଟା ମଲ୍ଲିକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି।

## ସଂକ୍ଷେପରେ

### କଟକଣା କୋହଳ କଲା ଜିଲା ପ୍ରଶାସନ

**ଅନୁଗୋଳ ଅଫିସ, ୨୭।୪:** ଲୋକମାନଙ୍କ ଆବଶ୍ୟକତା ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୋମବାର ଜିଲାପାଳ ମନୋଜ କୁମାର ମହାନ୍ତି କେତେଗୁଡ଼ିକ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଉପରେ କଟକଣା କୋହଳ କରିଛନ୍ତି। ସପ୍ତାହରେ ଦୁଇଦିନ ଲେଖାଏ ସକାଳ ୬ଟାରୁ ଅପରାହ୍ଣ ୧ଟା ଯାଏ ଖୋଲା ରହୁଥିବା ବହି ଦୋକାନ, ହାର୍ଡଓୟାର ଓ ସାନିଟାରି ଦୋକାନ, ଇଲେକ୍ଟ୍ରି ଦୋକାନ ଏବେ ଦୈନିକ ଖୋଲା ରହିବ। ଏଥିସହ ଦୁଇ ଚକିଆ ଯାନର ସର୍ଭିସ୍ ସେଣ୍ଟର ଖୋଲା ରହିବ ବୋଲି ଜିଲାପାଳ ମହାନ୍ତି ସୂଚନା ଦେଇଛନ୍ତି। କିନ୍ତୁ ମଲ୍, ଚା ଦୋକାନ, ବିଉଟି ପାର୍ଲର, ସେଲୁନ, ଜିମ୍, ଫାଷ୍ଟ ଫୁଡ୍, ପାନ ଏବଂ ଅନ୍ୟ ଖାଦ୍ୟ ଦୋକାନ ଖୋଲାଯିବ ନାହିଁ ବୋଲି ଜିଲାପାଳ କହିଛନ୍ତି।

### ରିଲିଫ ପାଣ୍ଠିକୁ ୧୦ ହଜାର ଦାନ



**ବଇଣ୍ଡା, ୨୭।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ରାଣୀଭୂଇଁ ଗ୍ରାମର ଭଗବାନ ସାହୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ବଇଣ୍ଡାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ସେ ରିଲିଫ ପାଣ୍ଠି ଆକାଉଣ୍ଟ ନମ୍ବରରେ ଟଙ୍କା ଜମା କରିଛନ୍ତି। ଏପରି କାମ ପାଇଁ ସେ ନାକିଚି ପଞ୍ଚାୟତବାସୀଙ୍କ ପ୍ରଶଂସାର ପାତ୍ର ପାଲଟିଛନ୍ତି।

### ଲକ୍ଷାଧିକ ଟଙ୍କାର କାଠ ଜବତ



**ଛେଣ୍ଡିପଦା, ୨୭।୪(ସ୍ୱ.ପ୍ର.):** ଛେଣ୍ଡିପଦା ବନାଞ୍ଚଳ ବାଗଡିଆ ଗ୍ରାମ ରଥସାହିର ଏକ ନିର୍ମାଣାଧୀନ ଘର ଉପରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ଶାଗୁଆନ କାଠ ଓ କାଠ ସାମଗ୍ରୀ ଜବତ କରାଯାଇଛି। ଅନୁଗୋଳ ବନଖଣ୍ଡ ଅଧିକାରୀ କାର୍ତ୍ତିକ ବେଦମୂର୍ତ୍ତିଙ୍କ ନିର୍ଦ୍ଦେଶରେ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ମନମୋହନ ସ୍ୱାଇଁଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। କାଠ ମାଫିଆମାନେ ଫେରାର ହୋଇଯାଇଥିବା ବେଳେ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଫରେଷ୍ଟର କଳାକର ପ୍ରଧାନ, ଦୀପକ କୁମାର ସେଠୀ, ପ୍ରୀତିରେଖା ଦେହୁରୀ, ଅନୁରାଗ ପରିଡା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ପଥରକଟା ମେଶିନ ଜବତ



**ଢେଙ୍କାନାଳ ଅଫିସ, ୨୭।୪:** ଢେଙ୍କାନାଳ ସଦର ଥାନା ଚାଉଳିଆ ରାଜସ୍ୱ ମଣ୍ଡଳର ଛତାପତାସ୍ଥିତ ଏକ ବେଆଇନ ପଥର ଖାଦାନ ଉପରେ ଚଢ଼ାଉ କରି ତହସିଲ ପ୍ରଶାସନ ପକ୍ଷରୁ ଏକ ପଥରକଟା ମେଶିନକୁ ଜବତ କରାଯାଇଛି। ଉକ୍ତ ଖାଦାନରେ ପଥର କଟା ଚାଲିଥିବା ସୂଚନା ପାଇ ତହସିଲଦାର ଲକ୍ଷ୍ମୀଧର ରାଉତ ସଦଳବଳ ଚଢ଼ାଉ କରିଥିଲେ।

### ସରପଞ୍ଚ ଦେଲେ ସହାୟତା



**କଣିହାଁ,୨୭।୪(ଡି.ଏନ.ଏ.):** କଣିହାଁ ବ୍ଲକ କମରେଇ ସରପଞ୍ଚ ଦୁଃଖବନ୍ଧୁ ଭୂତିଆ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରିଛନ୍ତି। ସେ ତାଙ୍କର ୨ ମାସର ଦରମା ବାବଦ ୪ ହଜାର ଟଙ୍କା କଣିହାଁ ବିଡିଓ ରମେଶ ଜେନାଙ୍କୁ ପ୍ରଦାନ କରିଛନ୍ତି।

### କଟକଣା ଉଲ୍ଲଂଘନ, ୨ ଗିରଫ

**ବଇଣ୍ଡା,୨୭।୪(ଡି.ଏନ.ଏ.):** ଲକ୍‌ଡାଉନ କଟକଣା ଉଲ୍ଲଂଘନ ଅଭିଯୋଗରେ ପୋଲିସ ବଇଣ୍ଡା ଗ୍ରାମର ୨ ଯୁବକଙ୍କୁ ଗିରଫ କରିଛି। ସେହିପରି ଠାକୁରଗଡ ପୋଲିସ ମାସ୍କ ନ ପିନ୍ଧି ବୁଲୁଥିବା ୬ ଜଣ ଓ ହେଲ୍‌ମେଟ ପିନ୍ଧି ନ ଥିବା ବାଇକ୍ ଚାଳକଙ୍କଠାରୁ ଜରିମାନା ଆଦାୟ କରିଛି।

# ବିଶୋଧନ ହେବ ୧୫ ଗାଁ



କମ୍ପାନୀ ପକ୍ଷରୁ ଖାଦ୍ୟ ବଣ୍ଟନ କରାଯାଉଛି।

■କରୋନା ଲଢ଼େଇରେ ଟାଟାଷ୍ଟିଲ ବିଏସ୍‌ଏଲ୍

■ଡାକ୍ତରଙ୍କୁ ଦିଆଗଲା ୧୦ ସେଟ୍ ପିପିଇ

**ଓଡ଼ାପଡ଼ା, ୨୭।୪(ଡି.ଏନ.ଏ.)**

ମହାମାରୀ କରୋନାର ମୁକାବିଲା ପାଇଁ ଟାଟାଷ୍ଟିଲ ବିଏସ୍‌ଏଲ୍ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। କାରଖାନା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ୧୫ ଗାଁକୁ ସମ୍ପୂର୍ଣ୍ଣ ବିଶୋଧନ କରିବାକୁ କମ୍ପାନୀ ପକ୍ଷରୁ ସ୍ଥିର କରାଯାଇଛି। ଇତିମଧ୍ୟରେ ନରେନ୍ଦ୍ରପୁର, ସରପା, ଗଣ୍ଡିଗାଡ଼ିଆ, ନୂଆଗାଁ, କୁରୁଣ୍ଟି, କଣ୍ଟାବଣିଆ, କଣ୍ଟାବଣିଆ ବଜାରରେ ବିଶୋଧନ ପ୍ରକ୍ରିୟା ଶେଷ ହୋଇଛି। ଖୁବ୍‌ଶୀଘ୍ର ଶିବପୁର, କୁସୁପଙ୍ଗା, ମଙ୍ଗଳପୁର, ନୂଆହତା, ପାଇକ ପୁରୁଣାକୋଟ, ନୂଆଗାଁ ପଞ୍ଚାୟତର ଅନ୍ୟ ଗ୍ରାମରେ ବିଶୋଧନ ପ୍ରକ୍ରିୟା ଆରମ୍ଭ ହେବ।

ଏକମାତ୍ର କରୋନା ଆକ୍ରାନ୍ତ ସୁସ୍ଥ ହେବାପରେ ଢେଙ୍କାନାଳ ଜିଲା କରୋନା ମୁକ୍ତ ହୋଇଛି। ତଥାପି ବିପଦ ସମ୍ପୂର୍ଣ୍ଣ ଟଳିନାହିଁ। ତେଣୁ ଭୂତାଣୁ ସଂକ୍ରମଣ ରୋକିବାକୁ ମିଷ୍ଟକ୍ୟାନନ ମେଶିନ ଦ୍ୱାରା ବିଶୋଧକ ସିଞ୍ଚନ କରାଯାଉଛି। ଏଥିସହ ସ୍ଥାନୀୟ ଲୋକଙ୍କୁ ସଚେତନ କରିବା ଲାଗି ଲିଫ୍‌ଲେଟ୍ ବ୍ୟାନର, ପୋଷ୍ଟର ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଉଛି। ଏପରି ବିପଦ ସମୟରେ କରୋନା ଲଢେଇରେ ସାମିଲ ହୋଇଛନ୍ତି କମ୍ପାନୀ କର୍ମଚାରୀ। କମ୍ପାନୀ ହାଉସିଂ କଲୋନୀ ମହିଳା କ୍ଲବର ସଦସ୍ୟା ଓ ଅଫିସର୍ସ କ୍ଲବ ସଦସ୍ୟମାନେ ପ୍ଲାଣ୍ଟ ପାର୍ଶ୍ୱ ବସ୍ତିରେ ରହୁଥିବା ୨୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ପରିବାରକୁ ୭ଦିନର ଖାଦ୍ୟ ପ୍ରଦାନ କରିଛନ୍ତି। ଏଥିସହ ସେମାନେ ନିଜେ ପ୍ରସ୍ତୁତ କରିଥିବା ୪୦୦ ମାସ୍କ ବଣ୍ଟନ କରିଛନ୍ତି। ସେହିପରି କମ୍ପାନୀର ସୁରକ୍ଷାକର୍ମୀଙ୍କ ତରଫରୁ ନୂଆହତା ପଞ୍ଚାୟତର ବସ୍ତି ଅଞ୍ଚଳର ୧୧୪ ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ଦିଆଯାଇଛି। କାରଖାନା ପରିସରରେ ଥିବା ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ ପ୍ୟାକେଟ ବଣ୍ଟାଯାଇଛି। ଡାକ୍ତରଙ୍କ ପାଇଁ ୧୦ ସେଟ୍ ବ୍ୟକ୍ତିଗତ ସୁରକ୍ଷା ସରଞ୍ଜାମ (ପିପିଇ) ଏବଂ ୧୦୦୦ରୁ ଊର୍ଦ୍ଧ୍ୱ ସାନିଟାଇଜର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଦାନ କରାଯାଇଛି। ଲକ୍‌ଡାଉନ୍ ଅବଧି ସରିବା ଯାଏ ଏପରି ସହଯୋଗ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## କ୍ୱାରାଣ୍ଟାଇନ୍‌ରେ ଥିବା ଲୋକଙ୍କୁ କିଟ୍



ଜର୍ଜ ଉପ୍ରା ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ହୋମ୍‌ରେ ଜିଲାପାଳ କିଟ୍ ବଣ୍ଟନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୭।୪**

ଢେଙ୍କାନାଳ ପୌରାଞ୍ଚଳସ୍ଥିତ ଜର୍ଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କଲ୍ୟାଣ ମଣ୍ଡପ କ୍ୱାରାଣ୍ଟାଇନ୍ ସେଣ୍ଟରରେ ସଙ୍ଗରୋଧରେ ଥିବା ୫୦ ଶ୍ରମିକ, ବୁଲା ବିକାଳିଙ୍କୁ ସୋମବାର ଜିଲା ରେଡ୍‌କ୍ରସ୍ ପକ୍ଷରୁ ନିତ୍ୟ ବ୍ୟବହାର୍ଯ୍ୟ କିଟ୍ ବଣ୍ଟନ କରାଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଉପସ୍ଥିତ ରହି କରୋନା ବିଷୟରେ ସଚେତନ କରାଇବା ସହ ଏହି କିଟ୍ ପ୍ରଦାନ କରିଥିଲେ।

ପୁରୁଷଙ୍କୁ ଲୁଙ୍ଗି, ଗାମୁଛା, ହାପ୍‌ପ୍ୟାଣ୍ଟ, ଦାନ୍ତଘଷା ଉପକରଣ, ସାବୁନ ଏବଂ ମହିଳାଙ୍କୁ ଶାଢି ସମେତ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଲକ୍‌ଡାଉନ ନ ଉଠିବା ଯାଏ କ୍ୱାରାଣ୍ଟାଇନ ହୋମ୍ ଛାଡି ଅନ୍ୟତ୍ର ନ ଯିବାକୁ ଜିଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ତହସିଲଦାର ଲକ୍ଷ୍ମୀଧର ରାଉତ, ଆପାତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଞ୍ଜନ କୁମାର ରାଉତ, ରେଡ୍‌କ୍ରସ୍ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣି, ସଦସ୍ୟ ରାଜକିଶୋର ବେହେରାଙ୍କ ସମେତ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜିଲାରେ ବିଭିନ୍ନ ସ୍ଥାନରେ ହୋଇଥିବା ୬୮ ଅସ୍ଥାୟୀ କ୍ୱାରାଣ୍ଟାଇନ ହୋମ୍‌ରେ ନାଗପୁର, ଛତିଶଗଡ଼, ବିହାର, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଅଞ୍ଚଳର ୧୫୦୦ ଲୋକଙ୍କୁ ରଖାଯାଇଛି। ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଛି।

## ରାଜ୍ୟ ବାହାରୁ ଆସିବେ ୧୭ ହଜାର ଶ୍ରମିକ

■ସଙ୍ଗରୋଧରେ ରଖିବା ନେଇ ପ୍ରଶାସନର ପ୍ରସ୍ତୁତି

■କ୍ୱାରାଣ୍ଟାଇନ୍ ପୂରଣ କରିଥିବା ଶ୍ରମିକଙ୍କୁ ଛାଡ଼ିବାକୁ ନିର୍ଦ୍ଦେଶ

**ଅନୁଗୋଳ ଅଫିସ, ୨୭।୪**

ଅନୁଗୋଳ ଜିଲାକୁ ରାଜ୍ୟ ବାହାରୁ ଆସିବାକୁ ଥିବା ୧୭ ହଜାର ଲୋକଙ୍କୁ କିପରି ସଙ୍ଗରୋଧରେ ରଖାଯିବ ସେ ନେଇ ଜିଲା ପ୍ରଶାସନ ପକ୍ଷରୁ ଏକ ବୈଠକ ସୋମବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ତୁରନ୍ତ ଶେଷ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜିଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ଯେଉଁମାନେ ୧୪ ଦିନ ସଙ୍ଗରୋଧ ପୂରଣ କରିସାରିଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ନିଜ ନିଜ ଅଞ୍ଚଳକୁ ପଠାଇଦେବାକୁ ଜିଲାପାଳ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ସରପଞ୍ଚ ଓ ପୌରାଞ୍ଚଳର ନିର୍ବାହୀ ଅଧିକାରୀମାନେ ସଙ୍ଗରୋଧର ପ୍ରମାଣପତ୍ର ସହ ଗାଡ଼ି ଯୋଗେ ସେମାନଙ୍କୁ ପଠାଇବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ପ୍ରାଥମିକ ଆକଳନ ଅନୁଯାୟୀ ବାହାର ରାଜ୍ୟରୁ ଅନୁଗୋଳ ଜିଲାକୁ ପ୍ରାୟ ୧୭ ହଜାର ଲୋକ ଆସିବେ। ଲକ୍‌ଡାଉନ୍ ପରେ ବସ୍ ଯୋଗେ ଆସିବାକୁ ଥିବା ଏହି ଲୋକମାନଙ୍କ ନିମନ୍ତେ ପ୍ରତି ପଞ୍ଚାୟତରେ ୧୪ ଦିନିଆ ସଙ୍ଗରୋଧ ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ମଙ୍ଗଳବାର ସୁଦ୍ଧା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଗନ୍ତୁକମାନଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ ରହିଛି। ପ୍ରତି ପଞ୍ଚାୟତରେ ଓ ସ୍କୁଲ ଘରେ ୫୦ ଜଣଙ୍କ ରହିବା ଭଳି ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ଖାଦ୍ୟ ପାନୀୟ, ଶୌଚାଳୟ ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଥିଲେ। ଏହି ସମୀକ୍ଷା ବୈଠକରେ କୋଭିଡ-୧୯ର ନୋଡାଲ ଅଫିସର ତଥା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଡେପୁଟି କଲେକ୍ଟର ସୋଫି ସାଇନିକା, ଆସିଷ୍ଟାଣ୍ଟ କଲେକ୍ଟର ରଞ୍ଜନ କୁମାର ମହାନ୍ତି ଓ ସୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମିଥ୍ୟା ଖବର ପ୍ରଚାର କରି ଜଣେ ଗିରଫ

**ଢେଙ୍କାନାଳ ଅଫିସ, ୨୭।୪**

କରୋନା ସଂକ୍ରମଣ ସମ୍ପର୍କିତ ମିଥ୍ୟା ଖବର ପ୍ରଚାର ଅଭିଯୋଗରେ ଢେଙ୍କାନାଳ ପୋଲିସ ସୋମବାର କଟକ ଦରଘା ବଜାର ଅଞ୍ଚଳର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପ୍ରଦୀପ କୁମାର ପ୍ରଧାନ। ଅଭିଯୁକ୍ତଙ୍କ ଫେସ୍‌ବୁକ୍ ଆଇଡି ଏବଂ ସୋସିଆଲ ମିଡିଆରେ ସେ ପୋଷ୍ଟ କରିଥିବା ମିଥ୍ୟା ଖବର ଯାଞ୍ଚ କରାଯାଇଥିଲା। ଏହାପରେ ଏସ୍‌ପି ଅନୁପମା ଜେମ୍‌ସଙ୍କ ନିର୍ଦ୍ଦେଶରେ ଟାଉନ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ପ୍ରଦୀପଙ୍କୁ କଟକ ଦରଘା ବଜାର ଅଞ୍ଚଳରୁ ଗିରଫ କରିଛନ୍ତି। ଏ ନେଇ ନଂ. ୧୬୬/୨୦ରେ ଏକ ମାମଲା ରୁଜୁ ହୋଇଛି।

## ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା, ୨୭।୪ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ସାନହୁଲା ଗ୍ରାମର ସୁଧାକର ପରଗଣିଆ ଓ ତାଙ୍କ ସ୍ତ୍ରୀ ରାଧାଙ୍କୁ ସେହି ଗ୍ରାମର ଦାମୋଦର ସାହୁ, ବିପିନ ସାହୁ, ଜିତୁ ସାହୁ, ଯୋବେନ ସାହୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ସେହିପରି ଦାମୋଦରଙ୍କୁ ମଧ୍ୟ ସୁଧାକର ମାଡ଼ ମାରିଥିବା ନେଇ ଥାନାରେ ପାଲଟା ଅଭିଯୋଗ ହୋଇଛି।

## ପୋଲିସର ସହଯୋଗକୁ ଆଇଜିଙ୍କ ପ୍ରଶଂସା

**ଅନୁଗୋଳ ଅଫିସ, ୨୭।୪**

ଲକ୍‌ଡାଉନ୍ କଟକଣାକୁ ଅନୁଗୋଳରେ କଡ଼ାକଡ଼ି କରିବା ସହ ଭୋକିଲା ଓ ସହଯୋଗ ଲୋଡୁଥିବା ଲୋକଙ୍କ ନିକଟରେ ସହାୟତା ପହଞ୍ଚାଇପାରୁଥିବା ଅନୁଗୋଳ ପୋଲିସକୁ ପ୍ରଶଂସା କରିଛନ୍ତି ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ। ସୋସିଆଲ ମିଡିଆ ପୋଷ୍ଟରେ ଆଇଜି ଲେଖିଛନ୍ତି ଯେ, ପୋଲିସ କେବଳ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରେ ନାହିଁ ବରଂ ଆବଶ୍ୟକ ପଡ଼ିଲେ ସମାଜସେବାରେ ମଧ୍ୟ ନିଜକୁ ନିୟୋଜିତ କରିପାରେ। ଜରୁରୀ ପରିସ୍ଥିତିରେ ଲୋକଙ୍କ ନିକଟରେ ଛିଡ଼ା ହୋଇପାରେ। ଏଥିସହ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ଷ୍ଟାଡିୟମ ନିକଟରେ ଥିବା ଯାଯାବର ପିଲାମାନଙ୍କୁ କିପରି ଶୃଙ୍ଖଳିତ ଭାବେ ଛିଡ଼ା କରି ସେମାନଙ୍କ ହାତକୁ ଖାଦ୍ୟ ପୁଡ଼ିଆ ବଢ଼ାଉଛନ୍ତି ତାହାର ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି। ଆଇଜିଙ୍କ ଉକ୍ତ ପୋଷ୍ଟକୁ ଅନେକ ଲାଇକ୍ ମିଳିଥିଲା ବେଳେ ବହୁ ସେୟାର ମଧ୍ୟ କରାଯାଇଥିବା ଦେଖିବାକୁ ମିଳୁଛି। ଏ ନେଇ ଅନୁଗୋଳ ପୋଲିସ ଅଧିକାରୀମାନେ କହିଛନ୍ତି ଯେ, ସେବା କରିବାର ସୁଯୋଗ ମିଳିଥିବାରୁ ସେମାନେ ଧନ୍ୟ ମନେ କରୁଛନ୍ତି। ନିଜ ପରିବାରକୁ ଛାଡ଼ି ସମାଜ ଓ ଦେଶ ପାଇଁ କାର୍ଯ୍ୟ କରୁଥିବାବେଳେ କାହାର ଭୋକିଲା ପେଟକୁ ଆହର ଦେବା ଆତ୍ମସନ୍ତୋଷ ଦେଇଥାଏ।




ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି କରିଥିବା ପୋଷ୍ଟ।

## ଏଫ୍‌ଇଏସ୍ ଦେଲା ସୁରକ୍ଷା ସାମଗ୍ରୀ

**ଅନୁଗୋଳ ଅଫିସ, ୨୭।୪**



ଜିଲା ପ୍ରଶାସନକୁ ଏଫ୍‌ଇଏସ୍ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

କରୋନା ବିରୋଧୀ ସଂଗ୍ରାମରେ ପ୍ରମୁଖ ଯୋଦ୍ଧା ସାଜିଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ସହଯୋଗର ହାତ ବଢ଼ାଇଛି ଅନୁଗୋଳ ଜିଲାର ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍‌ଇଏସ୍)। ସୋମବାର ଅନୁଷ୍ଠାନ ପକ୍ଷରୁ ୨୫୦ଟି ବ୍ୟକ୍ତିଗତ ସୁରକ୍ଷା କିଟ୍ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ଜିଲାପାଳ ମନୋଜ କୁମାର ମହାନ୍ତି, ଏଡିଏମ୍ ତପନ ଶତପଥୀ ଓ ସନ୍ତୋଷ କୁମାର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରତାପ ପ୍ରଧାନ, ଜିଲା ବିପର୍ଯ୍ୟୟ ପ୍ରଶମନ ବିଭାଗର ପ୍ରଦୋଶ ଶତପଥୀ ପ୍ରମୁଖଙ୍କ ଉପସ୍ଥିତିରେ ଜିଲା କାର୍ଯ୍ୟାଳୟ ଠାରେ ଏଫ୍‌ଇଏସ୍‌ର ଟିମ୍ ଲିଡର ସ୍ୱପ୍ନା ଷଡ଼ଙ୍ଗୀ ସମସ୍ତ ସୁରକ୍ଷା କିଟ୍ ଜିଲା ପ୍ରଶାସନକୁ ପ୍ରଦାନ କରିଥିଲେ। ଏଥିସହିତ ପଞ୍ଚାୟତସ୍ତରରେ ସଙ୍ଗରୋଧ ଗୃହ ଗୁଡ଼ିକର ପରିଚାଳନା ଦାୟିତ୍ୱରେ ଥିବା କର୍ମକର୍ତ୍ତାମାନଙ୍କ ପାଇଁ ୬୫୦୦ ମାସ୍କ ଓ ୩୦୦ ସାନିଟାଇଜର ମଧ୍ୟ ଜିଲା ପ୍ରଶାସନଙ୍କୁ ଯୋଗାଇ ଦିଆଯାଇଥିଲା। ଏହା ପୂର୍ବରୁ ଏଫ୍‌ଇଏସ୍ ପକ୍ଷରୁ ଅନୁଗୋଳ ମ୍ୟୁନିସିପାଲିଟିର ସମସ୍ତ ସଫେଇ କର୍ମଚାରୀଙ୍କୁ ମାସ୍କ, ଗ୍ଲୋବ୍‌ସ ଓ ସାନିଟାଇଜର ଦିଆଯାଇଥିବାବେଳେ ସହରାଞ୍ଚଳର ଗରିବ ପରିବାରକୁ ସପ୍ତାହ ଚଳିବା ପାଇଁ ରାଶନ ଓ ରନ୍ଧା ଖାଦ୍ୟ ମଧ୍ୟ ବଣ୍ଟନ କରାଯାଉଛି। ଏଫ୍‌ଇଏସ୍‌ର ରଞ୍ଜନ କୁମାର ଧୀରସାମନ୍ତ, ମାୟାଧର ମିଶ୍ର ଓ ଦ୍ରୋଣ ଚନ୍ଦ୍ରାକାର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୫୦ ହଜାର ଦେଲା ବସ୍ ମାଲିକ ସଂଘ

**ତାଳଚେର, ୨୭।୪(ନି.ପ୍ର.)**

କରୋନା ମୁକାବିଲା ପାଇଁ ତାଳଚେର ବସ୍ ମାଲିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସଂଘ ସଭାପତି ଶ୍ରୀକାନ୍ତ କୁମାର ପାଣି, ସାଧାରଣ ସମ୍ପାଦକ ସୁମନ ବେହେରା, କୋଷାଧ୍ୟକ୍ଷ ମଦନ ମୋହନ ମହାନ୍ତି, ସାମାଜିକକର୍ମୀ ବାପି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କ ମାଧ୍ୟମରେ ଟଙ୍କା ପ୍ରଦାନ କରିଥିଲେ। ଏଥିସହ ସଂଘ ପକ୍ଷରୁ ବସ୍‌ଗୁଡ଼ିକୁ ବିଶୋଧନ କରାଯାଇଛି। ଏଥିପାଇଁ ଉପଖଣ୍ଡ ପ୍ରଶାସନ ତରଫରୁ ସଂଘକୁ ଧନ୍ୟବାଦ ଜଣାଯାଇଛି।



ବସ୍ ମାଲିକ ସଂଘ ପକ୍ଷରୁ ଉପଜିଲାପାଳଙ୍କୁ ଚେକ୍ ପ୍ରଦାନ କରାଯାଉଛି।

## ମାସ୍କ ବାଣ୍ଟିଲା କଳାକାର ସଂଘ



କଳାକାର ସଂଘ ତରଫରୁ ମାସ୍କ ବଣ୍ଟନ କରାଯାଉଛି।

**କଣିହାଁ,୨୭।୪(ଡି.ଏନ.ଏ.):** ଅନୁଗୋଳ ଜିଲା କଳାକାର ସାମ୍ମୁଖ୍ୟ ସଂଘ ଆନୁକୂଲ୍ୟରେ କଣିହାଁ ବ୍ଲକ କଳା ସଂସ୍କୃତି ସଂଘ ତରଫରୁ ସୋମବାର ୬ଟି ପଞ୍ଚାୟତର ୧୫ ଶହ ଲୋକଙ୍କୁ ମାସ୍କ, ସାବୁନ, ବିସ୍କୁଟ ବଣ୍ଟନ କରାଯାଇଛି। ଏହା ପୂର୍ବରୁ ସଂଘ ୩ ହଜାର ଲୋକଙ୍କୁ ମାସ୍କ ବଣ୍ଟନ କରିଥିଲା। ଜିଲାର ମୋଟ୍ ୧୦ ହଜାର ଲୋକଙ୍କୁ ଏହା ପ୍ରଦାନ କରାଯିବାର ଯୋଜନା ଥିବା ଉପସଭାପତି ନବଘନ ସାମଲ ସୂଚନା ଦେଇଛନ୍ତି। ସଂଘ ସଦସ୍ୟା ଶାନ୍ତିଲତା ଦାସ, ବିପିନ ପଟ୍ଟନାୟକ, ମଲ୍ଲି ସାହୁ, ପ୍ରସନ୍ନ ଦାସ ଓ ଜ୍ୟୋତିର୍ମୟୀ ସାହୁ ସହଯୋଗ କରିଥିଲେ।

## ବ୍ଲକ କଲୋନୀରେ ଅଗ୍ନିକାଣ୍ଡ

**ପାଲଲହଡା,୨୭।୪(ଡି.ଏନ.ଏ.):** ପାଲଲହଡା ଥାନା ଉଦୟପୁରସାହିସ୍ଥିତ ବ୍ଲକ କଲୋନୀର ଏକ ସରକାରୀ କ୍ୱାର୍ଟର୍ସରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ବ୍ଲକ କାର୍ଯ୍ୟାଳୟରେ ରହୁଥିବା କମ୍ପ୍ୟୁଟର ପ୍ରୋଗ୍ରାମର ମାନସ ବିଶ୍ୱାଳଙ୍କ ଘରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ତେବେ ନିଆଁ ଦେଖି ସେ ପରିବାର ସହ ବାହାରକୁ ଚାଲି ଆସିଥିଲେ। ଖବରପାଇ ଦମକଳ ବାହିନୀ ନିଆଁକୁ ଆୟତ କରିଥିଲା। ଏବିଡିଓ ଏସ୍. ନୈବେଦ୍ୟ ଲଲଟେନ୍ଦୁ ଏବଂ ବିଡିଓ ରବିନାରାୟଣ ମାଝି ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ଜିଲାପାଳଙ୍କୁ ରିପୋର୍ଟ ଦେଲା ଅବକାରୀ ବିଭାଗ

### ମଦ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ




**ଅନୁଗୋଳ ଅଫିସ, ୨୭।୪**

ଅନୁଗୋଳ ସହର ଉପକଣ୍ଠ କରଡ଼ାଗାଡ଼ିଆରେ ଥିବା ଦେଶୀ ମଦ ଭାଟି ଉପରେ ଚଢ଼ାଉ ସହ ୪୩ ଜଣଙ୍କୁ ଗିରଫ କରାଯିବା ମାମଲାର ରିପୋର୍ଟ ଅବକାରୀ ବିଭାଗ ପକ୍ଷରୁ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। ଲକ୍‌ଡାଉନ୍ ସମୟରେ ମଦ ଭାଟି ଗୁଡ଼ିକୁ ସିଲ୍ କରାଯାଇଥିବା ସତ୍ତ୍ୱେ କରଡ଼ାଗାଡ଼ିଆ ଭାଟିରେ କିପରି ଚୋରା କାରବାର ଚାଲିଥିଲା ସେ ନେଇ ଜିଲାପାଳ ଅବକାରୀ ବିଭାଗକୁ ରିପୋର୍ଟ ତଲବ କରିଥିଲେ। ୩ ଦିନ ମଧ୍ୟରେ ଏହାର ଉତ୍ତର ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅବକାରୀ ଏସ୍‌ପି ଦାୟିତ୍ୱରେ ଥିବା ଡିଏସ୍‌ପି କ୍ରିଷ୍ଣା ନାୟକ ଏହାର ଜବାବ ଦେବାକୁ ସଦର ଅବକାରୀ ବିଭାଗ ଅଧିକାରୀଙ୍କୁ କହିଥିଲେ। ତଦନୁଯାୟୀ ସୋମବାର ଅବକାରୀ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ମାମଲାର ବିସ୍ତୃତ ରିପୋର୍ଟ ଦିଆଯାଇଛି। ଏଥିସହ ସରକାରୀ ନିର୍ଦ୍ଦେଶର ଉଲ୍ଲଂଘନ କରିଥିବାରୁ ଭାଟି ମାଲିକ ବିକ୍ରମ କିଶୋର ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ସୁପାରିସ କରାଯାଇଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସମ୍ପୃକ୍ତ ଅଧିକାରୀ କହିଛନ୍ତି, ରବିବାର ବ୍ୟବସାୟୀ ସାହୁଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଜେଲ୍ ସମ୍ମୁଖରେ ତାଙ୍କ ପରିବାର ଲୋକ ଧାରଣାରେ ବସିଥିଲେ। ତେବେ ପୋଲିସ ସେମାନଙ୍କୁ ଉଠାଇ ଦେଇଥିଲା। ଜିଲାପାଳ ମହାନ୍ତି କହିଛନ୍ତି, ଘଟଣାଟି ସମ୍ବେଦନଶୀଳ। ତେଣୁ ଏହାକୁ ଅନୁଧ୍ୟାନ କରାଯାଉଛି।

### ଜେଲ ଆଗରେ ବଢୁଛି ଭିଡ଼

ଅନୁଗୋଳ ଅଫିସ, ୨୭।୪– କରଡ଼ାଗାଡ଼ିଆ ମଦ ବ୍ୟବସାୟୀ ବିକ୍ରମ କିଶୋର ସାହୁଙ୍କୁ ଜେଲ୍ ପଠାଯିବା ପରେ ଏବେ ଦୈନିକ ସେଠାରେ ଭିଡ଼ ଜମୁଛି। କରୋନା କଟକଣା ଯୋଗୁ ଜେଲରେ କାହାରିକୁ ଭେଟିବାକୁ ସୁଯୋଗ ନ ଥିଲେ ବି ବିକ୍ରମଙ୍କ ପରିବାର ଓ ସମ୍ପର୍କୀୟମାନେ ଜେଲ୍ ସମ୍ମୁଖରେ ପହଞ୍ଚୁଥିବା ଅଭିଯୋଗ ହେଉଛି। ସୋମବାର ମଧ୍ୟାହ୍ନରେ ଭିଡ଼ ଦେଖି କେତେଜଣ ଅନୁଗୋଳ ପୋଲିସକୁ ଫୋନ୍ କରିଥିଲେ। ପୋଲିସ ଆସିବା ଜାଣି ଭିଡ଼ କରୁଥିବା ଲୋକେ ପଳାଇ ଯାଇଥିଲେ।

## ସଂକ୍ଷେପରେ

### ବଜ୍ରପାତ ନେଲା ନାବାଳକଙ୍କ ଜୀବନ

ବରଗଡ଼ ଅଫିସ୍,୨୭।୪: ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଳ ଥାନା ମାଣ୍ଡିଆଡ଼ିପା ଗ୍ରାମରେ ସୋମବାର ବଜ୍ରପାତରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ଚୂଡ଼ାମଣି ମାଝୀଙ୍କ ପୁଅ ନିର୍ମଳ। ସକାଳୁ ସେ ଛେଳି ଚରାଇବାକୁ ଯାଇଥିଲେ। ବର୍ଷା ହେବାରୁ ସେ ଏକ ଗଛମୂଳେ ଆଶ୍ରୟ ନେଇଥିଲେ ଏବଂ ଏହି ସମୟରେ ବଜ୍ରପାତ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପାଇକମାଳ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚାଷୀଙ୍କୁ କ୍ଷତିପୂରଣ ଦାବିକଲା କଂଗ୍ରେସ

ବରଗଡ଼ ଅଫିସ୍,୨୭।୪: ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ତଥା କରାମାଡ଼ ଯୋଗୁ ବ୍ୟାପକ ଫସଲକ୍ଷତି ହୋଇଛି। ଏଥିରେ ବରଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗାଇସୀମା, ମାଲିପାଲି, ଅଡ଼ଗାଁ, ସହରାପାଲି, ଖୁଣ୍ଟପାଲି, ତୁମଗାଁ, କନବାର, ଜୁଲଟ୍, ବାଗବାଡ଼ି ଆଦି ଅଞ୍ଚଳର ଧାନ ଫସଲ ନଷ୍ଟ ହୋଇଛି। ଫଳରେ ସମ୍ପୃକ୍ତ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଦଳର ଅନନ୍ତ ଶୟନ ପାଢ଼ୀ, ରବିନ୍ ଦାଶ, ବିମଳ କିଶୋର ଦାଶ, ଯତିରଞ୍ଜନ ପୂଜାରୀ, ଆନନ୍ଦ ପ୍ରଧାନ, ପଞ୍ଚାନନ ମିଶ୍ର, ବୀରେନ୍ଦ୍ର ହାତୀ ପ୍ରମୁଖ ଏ ନେଇ ସୋମବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ।

### କୁଆପଥର ମାଡ଼ରେ ଶଢ଼ିଲା ପିଆଜ

କୋମନା, ୨୭।୪(ଡି.ଏନ.ଏ.): ନୂଆପଡା ଜିଲା କୋମନା ବ୍ଲକର ବିଭିନ୍ନ ଅଞ୍ଚଳରେ ଅଦିନିଆ ବର୍ଷା ଓ କୁଆପଥର ମାଡ ଯୋଗୁ ବ୍ୟାପକ ମାତ୍ରାରେ ରବି ଫସଲ ନଷ୍ଟ ହୋଇଛି। ବ୍ଲକ ଅନ୍ତର୍ଗତ ମହୁଲଭଟା, ପଏଁର, ଟିକ୍ରାପଡା, କାଲିମାଟି, ସାଲେଭଟା, ଇଚ୍ଛାପୁର, ସିଲେଟପାନି, ଦର୍ଲିପଡା, ବରକୋଟ, ବିଶିବାହାଲର ପିଆଜ ଚାଷ ନଷ୍ଟ ହୋଇଯାଇଛି। ବର୍ଷାପାଣି କ୍ଷେତରେ ଜମି ରହିବାରୁ ଅମଳ ଅବସ୍ଥାରେ ଥିବା ପିଆଜ ଶଢି ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ କ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି।

# ଉଜୁଡ଼ିଲା ଚାଷ, ଚିନ୍ତାରେ ଚାଷୀ

**କ୍ଷତିପୂରଣ ପ୍ରଦାନ ପାଇଁ ଦାବି କଲେ ଚାଷୀ**

ନୂଆଗାଁ, ୨୭।୪ (ଡି.ଏନ.ଏ)

ଅଦିନିଆ ବର୍ଷା ଓ କୁଆପଥର ମାଡ଼ରେ ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଅଞ୍ଚଳରେ ବ୍ୟାପକ ପରିବା ଫସଲ ନଷ୍ଟ ହୋଇଛି। ଖବର ପାଇ କୃଷି ଓ ଉଦ୍ୟାନ ବିଭାଗର ଅଧିକାରୀମାନେ ଆସି କ୍ଷୟକ୍ଷତି ଆକଳନ କରିଥିବା ଜଣାପଡିଛି।

ସୂଚନା ଅନୁସାରେ, ଗତ ୨୦ ଦିନ ତଳେ ନୂଆଗାଁ ଅଞ୍ଚଳରେ ପ୍ରବଳ କୁଆପଥର ମାଡ ହୋଇଥିଲା। ସେହି ସମୟରେ ନୂଆଗାଁ ବ୍ଲକର ବଡଯୋଜଦା, ଉର୍ମେଇ, ସୋରଡା, ଚିତାପେଡି ଆଦି ପଞ୍ଚାୟତରେ ଶହ ଶହ ଏକର ଚାଷ ନଷ୍ଟ ହୋଇଥିଲା। ଏହାପରେ ପୁଣି ଗତ ୨୪ ଓ ୨୫ ତାରିଖରେ ପ୍ରବଳ ବର୍ଷା ଓ କୁଆପଥର ମାଡ ହୋଇଛି। ଫଳରେ ଉକ୍ତ ବ୍ଲକର ଚିତାପେଡି, ସୋରଡା ପଞ୍ଚାୟତ, ଉର୍ମେଇ, ବାରିଲେପ୍ଟା ଆଦି ପଞ୍ଚାୟତ ଅଞ୍ଚଳରେ ଶହ ଶହ ଏକର ଜମିର ଫସଲ ନଷ୍ଟ ହୋଇଛି। ଜମିରେ ସିମଲା ଲଙ୍କା, ତରଭୁଜ, ବରବଟି, ବାଇଗଣ, ବିଲାତି, କଞ୍ଚାଲଙ୍କା ଆଦି ଫସଲ ଉପରେ କୁଆପଥର ମାଡ ଯୋଗୁ ସେଗୁଡିକ ବର୍ତ୍ତମାନ ସଡ଼ିବା ଆରମ୍ଭ ହେଲାଣି। ସେହିଭଳି ଅନେକ ଗଛ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ବିଶେଷ କରି ଚିତାପେଡି ପଞ୍ଚାୟତରେ ବେଶୀ କ୍ଷୟକ୍ଷତି ହୋଇଛି। ନୂଆଗାଁ କୃଷି ବହୁଳ ଅଞ୍ଚଳ ହୋଇଥିବା ବେଳେ ଏଠାକାର ୭୦ରୁ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ କୃଷି ଉପରେ ନିର୍ଭର କରିଥାଆନ୍ତି। ସେମାନେ ଲ୍ୟାମ୍ପ ଓ ବ୍ୟାଙ୍କରୁ ଋଣ ନେଇ ଚାଷବାସ କରନ୍ତି। ଏଭଳି ପରିସ୍ଥିତିରେ ବର୍ତ୍ତମାନ କୁଆପଥର ମାଡରେ ପରିବା ନଷ୍ଟ ହେବା ଚାଷୀମାନଙ୍କ ମାନସିକ ଓ ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିଛି। ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଶୀଘ୍ର ଚାଷୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ ଚାଷୀ ସମରା ଓରାମ, ରାମଚନ୍ଦ୍ର ସିଂ, ଗଞ୍ଜୁଆ ଓରାମ, ସୁବୋଧ ଓରାମ, ଆନ୍ଥୋନି ଟପ୍ପୋ, ଲୋଧିଆ ଓରାମ, ରାହୁଲ ଗୋୱାଲା ଦାବି କରିଛନ୍ତି।


କୁଆପଥର ମାଡ଼ରେ ପରିବା ଫସଲ ନଷ୍ଟ ହୋଇଛି।

# କିରୋସିନରେ ଲୋକଙ୍କୁ ଠକେଇ

ବଡଗାଁ, ୨୭।୪ (ଡି.ଏନ.ଏ.)

କରୋନା ମହାମାରି ଯୋଗୁ କାମ ହରାଇ ଶ୍ରମିକ, ଦିନ ମଜୁରିଆମାନେ ହାତବାନ୍ଧି ଘରେ ବସିଛନ୍ତି। ଏମାନଙ୍କ ପରିବାର ପ୍ରତିପୋଷଣ ପାଇଁ ସରକାର ଅଗ୍ରିମ ୩ ମାସର ଚାଉଳ ଓ ୧ ହଜାର ଟଙ୍କା ଯୋଗାଇ ଦେଇଛନ୍ତି। ଲୋକେ କିପରି ନିର୍ଦ୍ଧାରିତ ମୂଲ୍ୟରେ ଦୋକାନରୁ ସାମଗ୍ରୀ ପାଇବେ ଓ କଳାବଜାର ନ ହେବ ସେଥିପାଇଁ ଅଧିକାରୀମାନେ ରାଶନ ଦୋକାନଗୁଡିକୁ ଯାଞ୍ଚ କରୁଛନ୍ତି। ହେଲେ ସରକାର ବଣ୍ଟନ କରିବାକୁ ଦେଇଥିବା ଖାଉଟି ସାମଗ୍ରୀକୁ ଲୋକଙ୍କ ଆର୍ଥିକ ସ୍ଥିତି ଖରାପ ବେଳେ ମଧ୍ୟ ଅଧିକ ଦରରେ ବିକ୍ରି କରାଯାଉଛି। ଗରିବଙ୍କୁ ଶୋଷଣ କରାଯିବା ଭଳି ଘଟଣା ସୁନ୍ଦରଗଡ ଜିଲା ବଡଗାଁ ପଞ୍ଚାୟତରେ ଦେଖା ଦେଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମର କେତେକ ବ୍ୟକ୍ତି ସୁନ୍ଦରଗଡ ଉପଜିଲାପାଳ ଏବଂ ପିଡିଙ୍କଠାରେ ଏ ନେଇ ଅଭିଯୋଗ ମଧ୍ୟ କରିଛନ୍ତି।

ଏପ୍ରିଲ ୧୮ ତାରିଖ ୨ ହଜାର ଲିଟର କିରୋସିନ ପାଇଁ ୫୪ ହଜାର ୭୫୪ ଟଙ୍କା ଡ୍ରାଫ୍ଟ ଦାଖଲ କରାଯାଇଥିଲା। ସେହି ଅନୁସାରେ ଲିଟର ପିଛା ୨୮ରୁ ୩୦ ଟଙ୍କା ମଧ୍ୟରେ ବିକ୍ରି କରାଯିବା କଥା। କିନ୍ତୁ ଲିଟର ପିଛା ୪୦ ଟଙ୍କାରେ ଖାଉଟିଙ୍କୁ ବିକ୍ରି କରାଯାଇଛି। ଅନ୍ୟପକ୍ଷେ ଏହି ପଞ୍ଚାୟତରେ ଦର ତାଲିକା ଲଗାଉଯାଇ ନାହିଁ। ଯୋଗାଣ ବିଭାଗ ମଧ୍ୟ କେବେ ନିରୀକ୍ଷଣ କରୁ ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ସରପଞ୍ଚ ସୁଶୀଲା ଡନସନା ଓ ନାଏବ ସରପଞ୍ଚ କେଶବ କର୍ସେଲଙ୍କୁ ପଚାରିବାରୁ ସେମାନେ କହିଛନ୍ତି ଯେ, କିରୋସିନ ଲିଟର ପିଛା ୧୦ ଟଙ୍କା ଅଧିକ ନିଆଯାଇଛି। ବିଡିଓ କ୍ଷମାନିଧି ଭୋଇ ବି ମାନିଛନ୍ତି ଯେ, କିରୋସିନ ଲିଟର ୩୦ ଟଙ୍କାରେ ବିକ୍ରି କରିବା କଥା। ଏହା ଉପରେ ଅଭିଯୋଗ ହୋଇଥିବା ସେ ସୂଚନା ଦେଇଛନ୍ତି। ସେହିଭଳି ପଞ୍ଚାୟତ ଇଓ ମୌଜିଲାଲ ଡନସନାଙ୍କୁ ପଚାରିବାରୁ ତାଙ୍କ ନାଁରେ ଲାଇସେନ୍ସ ଥିଲେ ମଧ୍ୟ ଯୋଗାଣ ବିଭାଗ ଆବଣ୍ଟନ ଚିଠା ଦେଉ ନାହିଁ ବୋଲି କହିଛନ୍ତି।

# ଲକ୍‌ଡାଉନରେ ବନ୍ଦୀ ଉଠାଦୋକାନୀ

ବିଜେପୁର, ୨୭।୪ (ଡି.ଏନ.ଏ)

କରୋନା ମହାମାରି ପ୍ରତିହତ ପାଇଁ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ଦ୍ୱିତୀୟ ପଯର୍ୟାୟ ଲକ୍ ଡାଉନ ଜାରି ରହିଥିବା ବେଳେ ହାତଗଣତି କେତେକ ଦୋକାନ ବ୍ୟତୀତ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବାକୁ ସରକାରୀ ଅନୁମତି ମିଳିଛି। ବର୍ତ୍ତମାନ ସୁଦ୍ଧା ଉଠାଦୋକାନ ଖୋଲିବା ଉପରେ ରୋକ୍ ଲାଗିଛି। ଫଳରେ ସହରାଞ୍ଚଳରେ ରହିଥିବା ଉଠାଦୋକାନୀଙ୍କ ଦୁଃଖ ବଢିଯାଇଛି। ରାତି ପାହିଲେ ସେମାନଙ୍କୁ ପେଟପାଟଣା ଚିନ୍ତା ଘାରୁଛି। ବରଗଡ ଜିଲା ବିଜେପୁର ଏନଏସି ସଦର ମହକୁମାରେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଉଠା ଦୋକାନୀମାନେ। ସହରର ବିଭିନ୍ନ ସ୍ଥାନରେ ଗୁପଚୁପ, ଚାଟ, ଚାଓମିନ୍, ଝାଲମୁଢ଼ି, ଚା, ବରାପକୁଡି ବିକ୍ରି କରି ସମୋନେ ଦୁଇ ପଇସା ରୋଜଗାର କରୁଥିଲେ। ହେଲେ ଏବେ କଟକଣା ଯୋଗୁ ମଧ୍ୟାହ୍ନ ହୋଇଗଲେ ସବୁଠି ଖାଁ ଖାଁ ଲାଗୁଛି। ତେଣୁ ଏହାକୁ ମାଧ୍ୟମ କରି ଗୁଜୁରାଣ ମେଣ୍ଟାଉଥିବା ଉଠା ଦୋକାନୀଙ୍କ ଦୁଃଖ କହିଲେ ନ ସରେ। କିଛି କିଛି ଉଠା ଦୋକାନୀ ବେପାର ବଦଳାଇ ପରିବା ବିକ୍ରି କରୁଥିବା ପରିଲକ୍ଷିତ ହେଉଛି। ଅଧିକାଂଶ ଉଠା ଦୋକାନୀ ଘରେ ପଡି ରହିଛନ୍ତି। ଗାନ୍ଧୀଛକରେ ଉଠାଦୋକାନ କରିଥିବା ଭଗବାନ ବେହେରା କୁହନ୍ତି, ଏଠି ସନ୍ଧ୍ୟା ହେଲେ ସିଝା ଅଣ୍ଡା ଓ ଆମଲେଟ ବିକ୍ରି କରି ଗୁଜୁରାଣ ମେଣ୍ଟାଉଥିଲି। ହେଲେ ଲକ୍ ଡାଉନ ଯୋଗୁ ମାସାଧିକ ସମୟ ବେପାର ବନ୍ଦ ରହିଛି। ପରିବାର ଚଳାଇବା କଷ୍ଟକର ହୋଇ ପଡିଛି। ଅନ୍ୟ ଉପାୟ ନ ଥିବାରୁ ଧାରକରଜ କରି ଚଳିବାକୁ ପଡୁଛି। ଅନ୍ୟ ଜଣେ ଉଠାଦୋକାନୀ ଇନ୍ଦ୍ରଜିତ ସାହୁ କୁହନ୍ତି, ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବରାପକୁଡି ଦୋକାନ କରିଥିଲି। ଏଠି ଡେଲି ମାର୍କେଟ ବସୁଥିବାରୁ ଦୁଇ ପଇସା ରୋଜଗାର ହେଉଥିଲା। ତାହା ଅନ୍ୟତ୍ର ଉଠିଯିବା ସହ ଲକ୍ ଡାଉନ ଆମର ଦୁଃଖ ବଢ଼ାଇ ଦେଇଛି। କେବେ ଲକ୍‌ଡାଉନ ଖୋଲିବ ସେହି ଚିନ୍ତାରେ ଦିନ ବିତୁଛି। ରାତି ପାହିଲେ ପରିବାର ଚଳାଇବା ବୋଝ ମନକୁ ଅଥୟ କରୁଛି। ଏ ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରୁକ୍ମଣ ମେହେରଙ୍କୁ ପଚାରିବାରୁ ମାର୍ଚ୍ଚ ପୂର୍ବରୁ ଏଠାରେ ରହିଥିବା ଉଠା ଦୋକାନୀମାନଙ୍କର ଏକ ସର୍ଭେ କରାଯାଇଥିଲା। ଏଠି ୮୬ଟି ଉଠାଦୋକାନ ରହିଥିବା ଜଣାପଡିଛି। ସରକାରୀ ନିୟମ ଅନୁସାରେ ସେମାନଙ୍କୁ ସହାୟତା ଯୋଗାଣ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା ମେହେର କହିଛନ୍ତି।

**ରାତି ପାହିଲେ ପେଟପାଟଣା ଚିନ୍ତା**


ବିଜେପୁରର ଏକ ଉଠାଦୋକାନ।

### ଚୋରା ମଦ ବେପାରୀଙ୍କୁ ଧରିଲା ପୋଲିସ

ଟିଟିଲାଗଡ଼, ୨୭।୪ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୭୧ଲିଟର ମଦ ଜବତ କରିବା ସହ ୧୧ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନିରଞ୍ଜନ ମାଝି, ସଦା ସାହୁ, ଗୋବିନ୍ଦ ସାହୁ, ସୁରେଶ ସାହୁ, ଅଲେଖ ମାଝୀ, ଗୋରେଖ ମାଝି, ନରହରି ସାହୁ, ଭୁଜ ସାହୁ, ରାମଦାଶ ବନଛୋର, ସନ୍ତୋଷ ମେହେର, ରାକେଶ ଜାଲ। ସେମାନଙ୍କ ବିରୋଧରେ ଦଫା ୫୨ (ଏ) ଏବଂ ଓଡିଶା ଅବକାରୀ ଆଇନ ୨୦୦୮ରେ ୮ଟି ବିଭିନ୍ନ ମାମଲା ରୁଜୁ କରାଯାଇ ସୋମବାର କୋର୍ଟଚାଲାଣ କରାଯାଇଛି ବୋଲି ସୋମବାର ଟିଟିଲାଗଡ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୁରେନ୍ଦ୍ର ନାଥ ଶତପଥୀ ସୂଚନା ଦେଇଛନ୍ତି। ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ରବିବାର ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବୁର୍ଡପଡା ସଂଲଗ୍ନ ଜଙ୍ଗଲରେ ଛଦ୍ମବେଶରେ ଛକି ରହିଥିଲେ। ପୂର୍ବରୁ ଗାଡି ଶବ୍ଦ ଶୁଣି ଫେରାର ହେଉଥିବା ମଦ ବେପାରୀ ପୋଲିସକୁ ଚିହ୍ନି ନ ପାରି ଫସି ଯାଇଥିଲେ।

# ଶିଶୁକନ୍ୟାର ଚିକିତ୍ସାରେ ଅର୍ଥ ବାଧକ


ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଶିଶୁକନ୍ୟା।

ବରଗଡ଼ ଅଫିସ୍,୨୭।୪

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଜାଲପାଲି ଗ୍ରାମର ମା' ରୀତା ଓ ବାପା ସୁଶୀଳ ଖମାରୀଙ୍କ ୩ଝିଅ ମାନି, ରୁନି ଓ ବିନି। ଅର୍ଥାଭାବରୁ ମାଟ୍ରିକ ପାସ୍ ପରେ ବଡ଼ଝିଅ ମାନିର ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବାବେଳେ ସାନଝିଅ ବିନି ଜନ୍ମରୁ ଦିବ୍ୟାଙ୍ଗ। ମଝିଆ ଝିଅ ରୁନି ଜଣେ ମେଧାବୀ ଛାତ୍ରୀ। ସେ ପ୍ରଧାନପାଲି ସେବାଶ୍ରମ ପ୍ରାଥମିକ ସ୍କୁଲର ପଞ୍ଚମ ଶ୍ରେଣୀରେ ପାଠ ପଢ଼ନ୍ତି। ତେବେ ଗତ ଫେବୃୟାରୀ ମାସରେ ଡିବିରିରୁ ନିଆଁ ଲାଗି ଯିବାରୁ ତାଙ୍କ ଶରୀରର ପ୍ରାୟ ୬୦ ପ୍ରତିଶତ ପୋଡ଼ି ଯାଇଛି। ପରିବାର ଲୋକେ ରୁନିଙ୍କୁ ଚିକିତ୍ସା ପାଇଁ ବରଗଡ଼, ବୁର୍ଲା ଏବଂ କଟକ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ମାତ୍ର ସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ପାରି ନାହାନ୍ତି। ଏବେ ସେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତେବେ ତାଙ୍କର ଉଚ୍ଚତର ଚିକିତ୍ସାର ଆବଶ୍ୟକତା ରହିଥିବା ଡାକ୍ତରମାନେ କହୁଛନ୍ତି। ମାତ୍ର ଭୂମିହୀନ ଏହି ପରିବାର ଲୋକଙ୍କୁ ଝିଅର ଚିକିତ୍ସା ପାଇଁ ଏବେ ଅର୍ଥ ବାଧକ ସାଜିଛି। ସରକାର, ପ୍ରଶାସନ କିମ୍ବା କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସହଯୋଗ କଲେ ଝିଅ ଉଚ୍ଚତର ଚିକିତ୍ସା ଲାଭ କରି ଆରୋଗ୍ୟ ଲାଭ କରିବ ଏବଂ ପୁଣି ସ୍କୁଲକୁ ଯାଇ ନିଜ ଭବିଷ୍ୟତ ଗଢ଼ି ପାରିବ ବୋଲି ପରିବାର ଲୋକେ ଆଶା ରଖିଛନ୍ତି।

# ମହୁଲର ଅଭାବୀ ବିକ୍ରି, ଜୀବିକା ପ୍ରଭାବିତ

ଭବାନୀପାଟଣା/କୋକସରା, ୨୭।୪(ସ୍ୱ.ପ୍ର/ଡି.ଏନ.ଏ.)

ମହୁଲ ଫୁଲର ବାସ୍ନାରେ ମହକୁଛି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଖରା ବଢ଼ିବା ସାଙ୍ଗକୁ ମହୁଲ ଗଛରୁ ଝଡି ପଡୁଛି ଫୁଲ। ପାହାନ୍ତିଆରୁ ମହୁଲ ଫୁଲ ଗୋଟାଇବାକୁ ଭିଡ ଜମାଉଛନ୍ତି ଆଦିବାସୀ ପରିବାରର ମହିଳା ଓ ପିଲାଛୁଆ। ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳୁଛି କଳାହାଣ୍ଡି ଜିଲା କୋକସରା ବ୍ଲକର ସାହାଜଖୋଲ ଜଙ୍ଗଲକୁ ଲାଗି ରହିଥିବା ଆମପାଣି, ବରାଡଙ୍ଗା, ବଡ଼ପୋଡାଗୁଡା,ମହିମା, ଗୋଟମୁଣ୍ଡା, ପୋଡାଗୁଡା, ଡୁଡୁକାଠେଙ୍ଗା ପଞ୍ଚାୟତର ଆଦିବାସୀ ବହୁଳ ଗ୍ରାମରେ। ତେବେ ମହୁଲ ଫୁଲ ବିକ୍ରି ଉପରେ ଏହି ସମୟରେ ପ୍ରତିବନ୍ଧକ ସାଜିଛି ଲକ୍‌ଡାଉନ। ଏହି ଅଞ୍ଚଳରେ ମଦ ଭାଟିଗୁଡିକ ମହୁଲ ଫୁଲ କିଣିଥାନ୍ତି। ଲକ୍‌ଡାଉନ ଯୋଗୁ ମଦଭାଟି ସବୁ ବନ୍ଦ ରହିଥିବାରୁ ମହୁଲ ଫୁଲ କେହି କିଣୁ ନାହାନ୍ତି। ଏହି ସ୍ଥିତିରେ ଅଭାବରେ ଦିନ କାଟୁଥିବା ଆଦିବାସୀ ପରିବାର ପାଇଁ ତେଲ ଲୁଣର ଚିନ୍ତା ବଢିଛି। ଅପରପକ୍ଷରେ ଲଘୁବନଜାତ ଦ୍ରବ୍ୟ ପାଇଁ କୌଣସି ବଜାର ବ୍ୟବସ୍ଥା ନ ଥିବା ଯୋଗୁଁ ମହୁଲ ଫୁଲ ଗୋଟାଳିମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ପଞ୍ଚାୟତସ୍ତରରେ ମହୁଲ ଫୁଲ କିଣାବିକାର ନିୟମ ଥିଲେ ମଧ୍ୟ ଜିଲା ପଞ୍ଚାୟତ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ସେମାନେ କମ୍ ଦରରେ ଗୋଟାଇ ଥିବା ମହୁଲ ଫୁଲକୁ ମଧ୍ୟସ୍ଥଙ୍କ ହାତରେ ଟେକି ଦେଉଛନ୍ତି। ମହୁଲର ଅଭାବୀ ବିକ୍ରି ଆଦିବାସୀ ପରିବାରର ଜୀବନ ଜୀବିକା ଉପରେ ଗଭୀର ପ୍ରଭାବ ପକାଇଛି। ଏ ଦିଗରେ ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


ଜଣେ ମହିଳା ମହୁଲ ଫୁଲ ଶୁଖାଉଛନ୍ତି।

## ଫଟୋରେ ଖବର


ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଦହିଗାଁ ପଞ୍ଚାୟତ ବୁବୁଡ଼ା ଗାଁରେ ଛତିଶଗଡର ୨୪ଜଣ ଶ୍ରମିକ ଅସହାୟ ଅବସ୍ଥାରେ ରହିଛନ୍ତି।

# କରୋନା କଟକଣା ବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସାହା

**୧୩୧ ପଞ୍ଚାୟତରେ ୯୪୪୦ ଶ୍ରମିକ ନିୟୋଜିତ**

ସମ୍ବଲପୁର,୨୭।୪(ବ୍ୟୁରୋ)

ମହାମାରୀ କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍‌ଡାଉନ ଘୋଷଣା କରିବା ସହ ନାନା କଟକଣା ଜାରି କରିଛନ୍ତି। ଦୋକାନ ବଜାର, ଟ୍ରେନ ଓ ଗାଡିମୋଟର ଚାଳଚଳ ବନ୍ଦ ରହିଛି। ନିର୍ମାଣ କାମ ବନ୍ଦ ରହିବା ଫଳରେ ଶ୍ରମିକ, ଦିନ ମଜୁରିଆ ତଥା ଗରିବ ଶ୍ରେଣୀର ଲୋକେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ପ୍ରାୟ ଏକ ମାସ ପରେ ସରକାର ଲକ୍‌ଡାଉନ କଟକଣାକୁ ସାମାନ୍ୟ କୋହଳ କରିଛନ୍ତି। ଏବେ ଶ୍ରମିକମାନେ କାମ କରିବାକୁ ଘରୁ ଗୋଡ଼ କାଢ଼ିଛନ୍ତି। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ କାମ କରିବା, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, କୃଷିକ୍ଷେତ୍ର, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହିତ ଅନ୍ୟ କେତେକ ସରକାରୀ ନିର୍ମାଣ କାମରେ ଶ୍ରମିକମାନେ ନିଯୁକ୍ତି ହୋଇପାରିବେ ବୋଲି କୁହାଯାଇଛି। ହେଲେ ଶ୍ରମିକମାନେ ଅଧିକ ଲାଭ ପାଉଛନ୍ତି ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ। ସମ୍ବଲପୁର ଜିଲାରେ ଏହି ଯୋଜନାରେ ପ୍ରାୟ ୯ ହଜାର ଶ୍ରମିକ ପରିବାର ନିୟୋଜିତ ହୋଇଛନ୍ତି। ଦିନକୁ ଦିନ ଏହି ଯୋଜନାରେ କାମ କରିବା ପାଇଁ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ କରୋନା କଟକଣା ସମୟରେ ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକମାନଙ୍କ ପାଇଁ ସାହା ହୋଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ରାସ୍ତାକାମ, କୂଅ ଓ ପୋଖରୀ ଖୋଳିବା, କ୍ଷେତକୁ ଜଳ ସେଚନ ପାଇଁ କେନାଲ ନିର୍ମାଣ, ଗୁହାଳ ତିଆରି, କମ୍ପୋଷ୍ଟ ପ୍ଲାଣ୍ଟ କରିବା ଭଳି କାମ କରାଯାଉଛି। ବିଶେଷ କରି ମୃତ୍ତିକା ଓ ଜଳ ସଂରକ୍ଷଣ ପ୍ରକଳ୍ପଗୁଡିକ ହାତକୁ ନିଆଯାଇଛି। ପ୍ରଥମ ଲକ୍‌ଡାଉନ ସମୟରେ କମ୍ ଶ୍ରମିକ ନିୟୋଜିତ ରହିଥିଲେ। ହେଲେ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ଘୋଷଣା ପରେ ଶ୍ରମିକ ସଂଖ୍ୟା ବଢ଼ିଛି। ମିଳିଥିବା ରିପୋର୍ଟ ଅନୁସାରେ, ଜିଲାରେ ଏବେ ୯ ହଜାର ୪୪୦ ଶ୍ରମିକ ନିୟୋଜିତ ରହିଛନ୍ତି। ଲକ୍‌ଡାଉନ ସମୟରେ ଶ୍ରମିକମାନଙ୍କ ଜମା ଖାତାରେ ପ୍ରାୟ ୩୦ ଲକ୍ଷ ମଜୁରୀ ଟଙ୍କା ପ୍ରଦାନ କରାଯାଇଛି। ଆଉ ୨୦ ଲକ୍ଷ ଟଙ୍କାର ବିଲ ପ୍ରସ୍ତୁତ କାମ ଚାଲୁ ରହୁଛି। ଲକ୍‌ଡାଉନ ପୂର୍ବରୁ ମାର୍ଚ୍ଚ ମାସରେ ହୋଇଥିବା କାମ ପାଇଁ ୮୦ ଲକ୍ଷ ମଜୁରୀ ଟଙ୍କା ମଧ୍ୟ ଶ୍ରମିକମାନଙ୍କ ଜମା ଖାତାରେ ପ୍ରଦାନ କରାଯାଇଛି। ଏବେ ପ୍ରତି ଶ୍ରମିକଙ୍କ ମୁଣ୍ଡପିଛା ୨୦୭ ଟଙ୍କା ମଜୁରୀ ରହିଛି। ପ୍ରତି ପ୍ରକଳ୍ପ କାମରେ ସାମାଜିକ ଦୂରତା ରଖିବାର ବ୍ୟବସ୍ଥା କରାଯାଇଛି। ସାନିଟାଇଜର ବ୍ୟବହାର କରିବା ସହ ଏମ୍‌ଜିଏନ୍‌ଆରଇଜିଏସ୍ ନିୟମ ପାଳନ କରିବାକୁ ଶ୍ରମିକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାହାର ରାଜ୍ୟରେ ଅନେକ ଛୋଟ ବଡ ଶିଳ୍ପ ଓ କଳକାରଖାନା ବନ୍ଦ ହୋଇଯାଇଛି। ବଜାର ଅବସ୍ଥା ମାନ୍ଦା ରହିଛି। ତେଣୁ ଶ୍ରମିକମାନେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାମ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ସେହିପରି ଲକ୍‌ଡାଉନ ଖୋଲିବା ପରେ ବାହାର ରାଜ୍ୟର ଶ୍ରମିକମାନେ ଘରକୁ ଫେରିବେ। ସେମାନଙ୍କୁ ୧୪ ଦିନ କ୍ୱାରାଣ୍ଟାଇନ ରଖାଯିବ। ଏହାପରେ ସେମାନଙ୍କୁ କାମରେ ନିୟୋଜିତ କରାଯାଇ ପାରିବ ବୋଲି ପ୍ରଶାସନ ସ୍ପଷ୍ଟ କରିଛି।

ସୂଚନାଯୋଗ୍ୟ, ଜିଲାର ୯ ବ୍ଲକରେ ୧୩୮ ପଞ୍ଚାୟତ ମଧ୍ୟରୁ ୧୩୧ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାମ ଆରମ୍ଭ କରାଯାଇଛି। ଜମନକିରା ବ୍ଲକରେ ସର୍ବାଧିକ ୨୦୭୭ ଜଣ ଶ୍ରମିକ ନିୟୋଜିତ ରହିଛନ୍ତି। ଯୁଯୁମୁରା ବ୍ଲକରେ ୧୯୮୮ ଜଣ, ବାମରା ୧୧୩୨, ଧନକଉଡା ୩୧୪, କୁଚିଣ୍ଡା ୧୪୨୦, ମାନେଶ୍ୱର ୩୨୩, ନାକଟିଦେଉଳ ୭୦୮, ରେଢାଖୋଲ ୧୨୪୨ ଏବଂ ରେଙ୍ଗାଲି ବ୍ଲକରେ ୨୩୬ ଜଣ ଶ୍ରମିକ ନିୟୋଜିତ ହୋଇଛନ୍ତି।


ସମ୍ବଲପୁର ଜିଲାରେ ଶ୍ରମିକମାନେ ସାମାଜିକ ଦୂରତା ରଖି କାମ କରୁଛନ୍ତି।

### ଆଖି ବୁଜିଲେ ଆହତ ମହିଳା

ବରଗଡ଼ ଅଫିସ୍,୨୭।୪

ନିଆଁରେ ପୋଡ଼ି ଗୁରୁତର ଆହତ ହୋଇଥିବା ବରଗଡ଼ ବ୍ଲକ ବରଗାଁର ଜଣେ ମହିଳାଙ୍କ ସୋମବାର ମୃତ୍ୟୁ ହୋଇଛି। ମୃତା ମହିଳା ଜଣକ ଏହି ଗ୍ରାମର ମାନସ କୁମ୍ଭାରଙ୍କ ସ୍ତ୍ରୀ ପୂର୍ଣ୍ଣିମା (୨୧)। ସେ ପ୍ରାୟ ବର୍ଷେ ତଳେ ବିବାହ କରିଥିଲେ। ତେବେ ଗତ ୪ତାରିଖରେ କୌଣସିକ୍ରମେ ଶରୀରରେ ନିଆଁ ଲାଗି ଯିବାରୁ ସେ ଗୁରୁତର ଆହତ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ଗତ ୧୨ତାରିଖରେ ସେଠାରୁ ତାଙ୍କୁ ଘରକୁ ଅଣାଯାଇଥିଲା ଏବଂ ସୋମବାର ତାଙ୍କର ମୃତ୍ୟୁ ହୋଇଛି। ବରଗଡ଼ ଟାଉନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୧/୨୦) ରୁଜୁ ସହିତ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ କହିଛନ୍ତି।

## ସଂକ୍ଷେପରେ

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଚିତ୍ରକୋଣ୍ଡା,୨୭।୪(ଡି.ଏନ୍.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସରକାରୀ କଲୋନୀର ଅଭି ହରିଜନ (୪୦) ଶନିବାର ସିଲେରୁ ନଦୀକୁ ଗାଧୋଇବାକୁ ଯାଇ ଗୋଡ଼ ଖସିଯିବାରୁ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ଗ୍ରାମବାସୀ, ଅଗ୍ନିଶମ ବିଭାଗ କର୍ମଚାରୀ ଅନେକ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କୁ ପାଇ ନ ଥିଲେ। ସୋମବାର ବୁଡ଼ିଯାଇଥିବା ସ୍ଥାନରୁ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ମିଟର ଦୂରରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି ।

### ସହାୟତା ଦେଲା ଏଚ୍‌ଡିଏଫ୍‌ସି

ସେମିଳିଗୁଡ଼ା(ସ୍ୱ.ପ୍ର.)/ଦାମନଯୋଡ଼ି,୨୭।୪: କରୋନା ମୁକାବିଲା ପାଇଁ ସୋମବାର ଦାମନଯୋଡ଼ିସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖା ପକ୍ଷରୁ ୩ ଶହ ମାସ୍କ ଓ ୧୦୦ ବୋତଲ ସାନିଟାଇଜର ସେମିଳିଗୁଡ଼ା ବିଡିଓ ସବ୍ୟସାଚୀ ବେହେରାଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ ଶାଖା ପ୍ରବନ୍ଧକ ସୌମେନ୍ଦ୍ର ଛୋଟରାୟ, ଆଶିଷ ସେନାପତି, ରଞ୍ଜିତ ସାହୁ, ମୟୁରସା ମିଶ୍ର, ଦୟାନିଧି ସାହୁ, ଜେଇ ପ୍ରମୋଦ ମିଶ୍ର ଉପସ୍ଥିତ ଥିଲେ।

### କାଳବୈଶାଖୀରେ ଭାଙ୍ଗିଛି ବୃଦ୍ଧାଙ୍କ ଘର

କୋରୁକୋଣ୍ଡା, ୨୭।୪(ଡି.ଏନ୍.ଏ.)- କାଳବୈଶାଖୀ ଯୋଗୁ ଶନିବାର ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନିଲାକାମ୍ବେର ପଞ୍ଚାୟତର କେତେଜଣ ବ୍ୟକ୍ତିଙ୍କ ଘର ଆଂଶିକ ଭାଙ୍ଗିଛି। ଗ୍ରାମର ଇନ୍ଦିରା କଲୋନୀରେ ରହୁଥିବା ଜଣେ ବୃଦ୍ଧା କୋକି ଦେଉଙ୍କ ଘର କାଳବୈଶାଖୀ ଝଡ଼ରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଫଳରେ ସେ ବୋହୂ ଗୀତାଞ୍ଜଳୀଙ୍କୁ ଧରି ସେହି ଘରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ରହୁଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଦେବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟଯେ, ଝଡ଼ତୋଫାନରେ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା।

### ଜେକେ କାଗଜକଳର ସ୍ୱଚ୍ଛତା କାର୍ଯ୍ୟକ୍ରମ



ଜେକେପୁର,୨୭।୪(ଡି.ଏନ୍.ଏ.): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ କରିବା ପାଇଁ ଅଣ୍ଟା ଭିଡ଼ିଛି ଜେକେ କାଗଜକଳ। ଏହାର ସିଏସ୍ଆର୍ ଟିମ୍ ନିକଟସ୍ଥ ଗ୍ରାମଗୁଡ଼ିକରେ କୋଭିଡ୍-୧୯ ସମ୍ପର୍କିତ ସଚେତନତା ବ୍ୟାନର ଲଗାଇବା ସହ ପାମ୍ଫଲେଟ୍ ବାଣ୍ଟିଛି। ଜନଶୁଣାଣି କରି ଲୋକଙ୍କୁ ସାମାଜିକ ଦୂରତା ସମ୍ପର୍କରେ ସଚେତନ କରାଉଛି। ଏଥିପାଇଁ କମ୍ପାନୀ ଏକ ଆପତକାଳୀନ ରେସପନ୍ସ ଟିମ୍ ପ୍ଲାଣ୍ଟ ଭିତରେ ଗଠନ କରିଛି। ନିକଟସ୍ଥ ଗ୍ରାମକୁ ବିଶୋଧିତ କରାଯିବା ସହ ୧୩ଟି ଗାଁରେ କାଗଜକଳ ପକ୍ଷରୁ ସାନିଟାରୀ କିଟ୍, ମାସ୍କ ବଣ୍ଟାଯାଉଥିବେ କମ୍ପାନୀ ମୁଖ୍ୟ ବିଜୟ ଦ୍ୱିବେଦୀ କହିଛନ୍ତି।

### ଲୁଟ୍ ମାମଲାରେ ୩ ଗିରଫ

ଜୟପୁର,୨୭।୪(ନି.ପ୍ର.): ଗୋଟିଏ ଲୁଟ୍ ମାମଲାରେ ଜୟପୁର ସଦର ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦେବେନ୍ଦ୍ର ନାଗ (୧୯), ସୁରେନ୍ଦ୍ର ଖୋସ୍‌ଲା (୧୯) ଓ ଶ୍ୟାମ ସଗରିଆ (୩୦)। ସେମାନଙ୍କଠାରୁ ୬ ହଜାର ଟଙ୍କା, ଭୁଜାଲି, ବାଇକ ଜବତ ହୋଇଛି। ଦେବେନ୍ଦ୍ର ଏନ୍‌ଡିପିଏସ୍ ମାମଲାରେ ମଧ ୱାରେଣ୍ଟେଡ୍ ଥିଲା। ଉଲ୍ଲେଖଯୋଗ୍ୟ, ଏହି ୩ ଜଣଙ୍କ ସମେତ ଅନ୍ୟ ଜଣେ ଭୁଜାଲି ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୧୦ ହଜାର ଟଙ୍କା ଓ ବାଇକ୍ ଲୁଟି ନେଇଥିଲେ। ଏନେଇ ଜୟପୁର ସଦର ଥାନାରେ କେସ୍ ନଂ ୭୮/୨୦ରେ ମାମଲା ରୁଜୁ ହୋଇଥିଲା।

### ଭାଲୁ କାମୁଡ଼ାରେ ଗୁରୁତର

କୁନ୍ଦୁରା,୨୭।୪(ଡି.ଏନ୍.ଏ.): କୁନ୍ଦୁରା ବ୍ଲକ ମସିଗାଁ ଗ୍ରାମପଞ୍ଚାୟତର ଶୁକୁ ପରଜା ସୋମବାର ଭୋର୍ ୫ଟା ବେଳେ ଭାଲୁ କାମୁଡ଼ାରେ ଗୁରୁତର ହୋଇଛନ୍ତି। ବୈପାରୀଗୁଡ଼ା ସେକ୍ସନ ଫରେଷ୍ଟର କହିଛନ୍ତି, ମେଡିକାଲରେ ଶୁକୁଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ ପରେ ସହାୟତା ବ୍ୟବସ୍ଥା କରାଯିବ।

# ଜିଲାରେ ପ୍ରଥମ କରୋନା ରୋଗୀ ଚିହ୍ନଟ

## ଆକ୍ରାନ୍ତ ଯୁବକ କଲିକତା ଫେରନ୍ତା

ଜୟପୁର/ଦଶମନ୍ତପୁର, ୨୭।୪(ଡି.ଏନ୍.ଏ.)

ଏଯାବତ୍ ଗ୍ରୀନ୍ ଜୋନ୍‌ରେ ରହିଆସିଥିବା କୋରାପୁଟର ଦଶମନ୍ତପୁର ବ୍ଲକରୁ ଜିଲାରୁ ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଛି। ସେ ଜଣେ ୨୨ ବର୍ଷୀୟ ଯୁବକ ଓ ବୃତ୍ତିରେ ସ୍ୱାସ୍ଥ୍ୟକର୍ମୀ। ତାଙ୍କ ନମୁନା ଭୁବନେଶ୍ୱର ପରୀକ୍ଷାଗାରକୁ ପଠାଯାଇଥିଲା। ସେଠାରେ ତାଙ୍କର ନମୁନା ପଜିଟିଭ ଆସିଥିବା ଜଣାପଡ଼ିଛି।

ବୁର୍ଲାର ଏକ ବେସରକାରୀ ମେଡିକାଲରେ ଫାର୍ମାସିଷ୍ଟ ଭାବେ ନିଯୁକ୍ତି ପାଇଥିବା ଏହି ଯୁବକ ସ୍ୱଳ୍ପ ବେତନ ଯୋଗୁ ସେଠାରୁ କଲିକତା ପଳାଇଥିଲେ। ସେଠାକାର ଏକ ମେଡିକାଲରେ କାମ କରୁଥିବା ବେଳେ କରୋନାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ତାଲିମପ୍ରାପ୍ତ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଏଠାରେ ନିଯୁକ୍ତି ଦେଉଥିବା ଖବର ପାଇଥିଲେ। ତାଙ୍କୁ ମଧ୍ୟ କୋରାପୁଟ ଜିଲା ସଦର ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ମିଳିଥିଲା। ତେଣୁ ସେ ସେ ଗତ ୧୪ ତାରିଖ କଲିକତାରୁ ଫେରି ଗୋଟିଏ ରାତି ପୋଡ଼ାଗଡ଼ସ୍ଥିତ ଘରେ ରହିଥିଲେ। କିନ୍ତୁ କୌଣସି ସୂତ୍ରରୁ ପ୍ରଶାସନ ଖବର ପାଇ ୧୫ ତାରିଖ ତାଙ୍କର ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବା ସହ ତାଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ନେଇ ରଖିଥିଲା। ସେ କାହା ସହ କଲିକତାରୁ ଫେରିଥିଲେ, ତାଙ୍କ ସଂସ୍ପର୍ଶରେ ଅନ୍ୟ କେଉଁମାନେ ଆସିଛନ୍ତି, ସେ ସବୁର ଯାଞ୍ଚ ଚାଲିଥିବା ସିଡିଏମ୍‌ଓ ଡାକ୍ତର ମକରନ୍ଦ ବେଉରା କହିଛନ୍ତି। ସୋମବାର ପୋଡ଼ାଗଡ଼ର ଆମ୍ବୁଲାନ୍ସରେ ଆକ୍ରାନ୍ତ ଯୁବକଙ୍କୁ ଜୟପୁର ଆଣିଛନ୍ତି ଦଶମନ୍ତପୁର ବିଡିଓ ଡମ୍ବରୁଧର ମଲ୍ଲିକ, ତହସିଲଦାର ଅଜୟ ପ୍ରକାଶ ତିର୍କି ଓ ସ୍ୱାସ୍ଥ୍ୟକର୍ମୀ। ଏବେ ତାଙ୍କୁ ଜୟପୁରରୁ ଭୁବନେଶ୍ୱର ପଠାଯାଇଥିବା ଜଣାପଡ଼ିଛି।

### ଚିନ୍ତା ବଢ଼ାଇଛନ୍ତି ୧୬ ପଶ୍ଚିମବଙ୍ଗ ଫେରନ୍ତା

ପଶ୍ଚିମବଙ୍ଗରୁ ଗତ କିଛି ସପ୍ତାହ ପୂର୍ବରୁ କୋରାପୁଟ ଜିଲାକୁ ୪୩ଜଣ ଫେରିଥିବା ବେଳେ ୨୭ ଜଣଙ୍କୁ ପ୍ରଶାସନ ଠାବ କରିବା ସହ ନମୁନା ପରୀକ୍ଷା କରାଯାଇଛି। ବାକି ୧୬ ଜଣଙ୍କ କୌଣସି ସୂଚନା ମିଳୁ ନ ଥିବା ଜଣାପଡ଼ିଛି। ବର୍ତ୍ତମାନ ସୋମବାର କଲିକତାରୁ ଫେରିଥିବା ଜଣେ ସ୍ୱାସ୍ଥ୍ୟକର୍ମୀଙ୍କଠାରେ କରୋନା ପଜିଟିଭ ଆସିବା ପରେ ପ୍ରଶାସନର ଚିନ୍ତା ଆହୁରି ବଢ଼ିଯାଇଛି। କୋରାପୁଟର ବାସିନ୍ଦାମାନେ ମଧ୍ୟ ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ନେଇ ଆତଙ୍କିତ ହୋଇପଡ଼ିଛନ୍ତି।

### ସଟ୍‌ଡାଉନ୍: ପୋଡ଼ାଗଡ଼ର ୩ କି.ମି. ପରିସୀମା କଣ୍ଟେନମେଣ୍ଟ ଜୋନ୍

ସୁନାବେଡ଼ା,୨୭।୪(ସ୍ୱ.ପ୍ର.)

ପୋଡାଗଡ଼ରେ ଜଣେ ଯୁବକ କରୋନା ପଜିଟିଭ ବାହାରିବା ପରେ କୋରାପୁଟ ଜିଲା ପ୍ରଶାସନ ଉକ୍ତ ସ୍ଥାନର ୩ କିମି ପରିସୀମାକୁ ୪୮ ଘଣ୍ଟା ପାଇଁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଥିବା ବେଳେ ସେଠାରେ ସଟ୍‌ଡାଉନ୍ କରାଯାଇଥିବା ଜିଲାପାଳ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି। କରୋନା ଆକ୍ରାନ୍ତ ଯୁବକଙ୍କ ସାଥିରେ କଲିକତାରୁ ଆସିଥିବା ଅନ୍ୟ ୨ ଯୁବକଙ୍କ ନମୁନା ନେଗେଟିଭ ଆସିଥିବା ସେ କହିଛନ୍ତି। ତାଙ୍କ ସମ୍ପର୍କରେ ଆସିଥିବା ସମସ୍ତ ବ୍ୟକ୍ତିଙ୍କୁ ଟ୍ରେସ୍ କରି ବାହାର କରାଯିବା ସହ ସମସ୍ତଙ୍କ ସ୍ୱାବ ଟେଷ୍ଟ କରାଯିବ ବୋଲି ଜିଲାପାଳ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

## କୋରାପୁଟ ସଙ୍ଗରୋଧ ଗୃହରୁ ଘରକୁ ଫେରିଲେ ୩୭



ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

ନବରଙ୍ଗପୁର,୨୭।୪(ବି.ପ୍ର.)

- ଶ୍ରମିକମାନେ ନବରଙ୍ଗପୁର, କଳାହାଣ୍ଡି ଜିଲାର
- ନବରଙ୍ଗପୁର ପ୍ରବେଶ ପଥରେ ହେଲା ସ୍ୱାସ୍ଥ୍ୟ ପରୀକ୍ଷା
- ଗୃହରୋଧ ହୋଇ ରହିବାକୁ ପ୍ରଶାସନ ଦେଇଛି ପରାମର୍ଶ

ଦୁଇଟି ସରକାରୀ ବସ୍‌ରେ ୩୭ ଜଣ ଶ୍ରମିକଙ୍କୁ କୋରାପୁଟଠାରୁ କଳାହାଣ୍ଡି ଓ ନବରଙ୍ଗପୁର ଜିଲାକୁ ପଠାଯାଇଛି। ସମସ୍ତ ଶ୍ରମିକଙ୍କୁ କୋରାପୁଟ ଓ ନବରଙ୍ଗପୁର ଜିଲା ସୀମାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ୨ଟି ବସ୍‌ରେ ଘରକୁ ଛଡାଯାଇଛି । ୩୭ ଶ୍ରମିକ ମଧ୍ୟରୁ ନବରଙ୍ଗପୁର ଜିଲାର ୨୮ ଜଣ ଓ କଳାହାଣ୍ଡି ଜିଲାର ୯ ଜଣ ରହିଛନ୍ତି। ସମସ୍ତଙ୍କୁ କୋରାପୁଟ ଜିଲା ସଦର ମହକୁମା ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ସଙ୍ଗରୋଧ ଗୃହରେ ରଖାଯାଇଥିଲା। ସେମାନଙ୍କ ଅବଧି ଶେଷ ହେବା ପରେ ଘରକୁ ପଠାଇବା ନେଇ କୋରାପୁଟ ଜିଲା ପ୍ରଶାସନ ବ୍ୟବସ୍ଥା କରିଥିଲା। ଏହା ପୂର୍ବରୁ ନବରଙ୍ଗପୁର ଓ କଳାହାଣ୍ଡି ଜିଲା ପ୍ରଶାସନ ସହ ଯୋଗାଯୋଗ କରି ସେମାନଙ୍କୁ ଘରକୁ ଯିବା ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ନବରଙ୍ଗପୁର ଦେଇ କଳାହାଣ୍ଡି ଜିଲାକୁ ବସ୍ ୨ଟି ପ୍ରବେଶ କରିବା ପୂର୍ବରୁ କୋରାପୁଟ – ନବରଙ୍ଗପୁର ସୀମା ନବରଙ୍ଗପୁର ସହରର ପ୍ରବେଶ ପଥରେ ସମସ୍ତ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ନବରଙ୍ଗପୁର ଜିଲାର ସମସ୍ତ ଶ୍ରମିକଙ୍କୁ ଗୃହରୋଧ ହୋଇ ରହିବାକୁ ପ୍ରଶାସନ ପରାମର୍ଶ ଦେଇଛି। ଏହି ୨୮ ଶ୍ରମିକଙ୍କ ମଧ୍ୟରେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ୬, ଡାବୁଗାଁ ବ୍ଲକର ୮, ଉମରକୋଟ ବ୍ଲକର ୩, ଝରିଗାଁ ବ୍ଲକର ୨ ଓ ତେନ୍ତୁଳିଖୁଣ୍ଟି ବ୍ଲକର ୯ ଜଣ ରହିଛନ୍ତି। କେତେଜଣ ଶ୍ରମିକ ଆନ୍ଧ୍ରପ୍ରଦେଶରେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ କେତେକେ କୋରାପୁଟ ଜିଲା ଦେଓମାଳିରେ କାର୍ଯ୍ୟ କରୁଥିଲେ। ଲକ୍‌ଡାଉନ ଯୋଗୁ ଘରକୁ ଫେରିବା ସମ୍ଭବ ହୋଇ ନ ଥିଲା। ପରେ ସେମାନେ କୌଣସି ପ୍ରକାରେ ଘରକୁ ଫେରୁଥିବା ବେଳେ କୋରାପୁଟ ଜିଲା ପ୍ରଶାସନ ହାତରେ ଧରାପଡିଥିଲେ।

# ରବିଧାନ ପାଇଁ ୧୦ରୁ ଖୋଲିବ ମଣ୍ଡି

## ସାମାଜିକ ଦୂରତା, ସାନିଟାଇଜର, ମାସ୍କ ସବୁ ମଣ୍ଡିରେ ବାଧ୍ୟତାମୂଳକ

ରାୟଗଡ଼ା ଅଫିସ,୨୭।୪



ଜିଲାସ୍ତରୀୟ ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ ।

**ଜିଲାସ୍ତରୀୟ ବୈଠକ**

- ଏଥର ଅଧିକ ୪ ମଣ୍ଡି ଖୋଲାଯିବ
- ଜିଲାରେ ୧୭ ମଣ୍ଡିରୁ ସଂଗ୍ରହ ହେବ ଧାନ
- ପ୍ରଥମ ପର୍ଯ୍ୟାୟରେ କିଣାଯିବ ୫୨,୨୩୯ କୁଇଣ୍ଟାଲ ଧାନ

ରାୟଗଡ଼ା ଜିଲାରେ ପୂର୍ବରୁ ୧୩ଟି ମଣ୍ଡିରୁ ଧାନ ସଂଗ୍ରହ କରାଯାଉଥିବା ବେଳେ ଏଥର ୪ଟି ଅଧିକ ମଣ୍ଡି ଖୋଲାଯିବ। ସେହି ୪ଟି ନୂଆ ମଣ୍ଡିଗୁଡ଼ିକ ହେଲା ରାମନାଗୁଡ଼ା ବ୍ଲକ ଗୁମୁଡ଼ା, ବିଷମକଟକ ବ୍ଲକ ଗଜମହଲ, ମୁନିଗୁଡ଼ା ବ୍ଲକ କୁମୁଡ଼ାବାଲି, ପଦ୍ମପୁର ବ୍ଲକ ଗୁଡ଼ିଆବନ୍ଧ। ଆସନ୍ତା ୧୦ ତାରିଖରୁ ମଣ୍ଡି ଆରମ୍ଭ ହେବ। ରାୟଗଡ଼ା ଜିଲାରେ ରବି ଋତୁରେ ଧାନ ସଂଗ୍ରହ ପାଇଁ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ସଭାଗୃହରେ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସୋମବାର ବସିଥିବା ଜିଲାସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ବିଗତ ବର୍ଷ ୧୪୭୪ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଥିଲେ। ସେଥିରୁ ୮୩୩ ଜଣ ଧାନ ବିକ୍ରି କରିଥିଲେ। ୭୪,୮୦୫ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଚଳିତ ବର୍ଷ ରବିଋତୁରେ ବର୍ତ୍ତମାନ ସୁଦ୍ଧା ୨,୨୨୧ ଜଣ ଚାଷୀ ଜିଲାରେ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଛନ୍ତି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୫୨,୨୩୯ କୁଇଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସାରା ବିଶ୍ୱରେ ବର୍ତ୍ତମାନ କୋଭିଡ୍-୧୯ କାୟା ବିସ୍ତାର କରିଛି। ଏହାକୁ ଦୃଷ୍ଟିରେ ରଖି ସାମାଜିକ ଦୂରତା, ସାନିଟାଇଜର ବ୍ୟବହାର, ମାସ୍କ ସବୁ ମଣ୍ଡିରେ ବାଧ୍ୟତାମୂଳକ ହେବ ବୋଲି ଜିଲାପାଳ କହିଛନ୍ତି। ସକାଳ ୬ରୁ ଦିନ ୧୨ ମଧ୍ୟରେ କାର୍ଯ୍ୟ ସମ୍ପାଦନ ହେବ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେହେରା, ସହକାରୀ ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ରଥ, ମିଲର୍ସ ସଂଘ ସଭାପତି କାଶୀ ନାଇଡୁ, ସମସ୍ତ ଲ୍ୟାମ୍ପ ପରିଚାଳକ ଉପସ୍ଥିତ ଥିଲେ।

## ଶିଶୁ ଶ୍ରମିକଙ୍କୁ ଖରାରେ ଖଟାଉଛନ୍ତି ଠିକାଦାର

ମାଲକାନଗିରି,୨୭।୪ (ଡି.ଏନ୍.ଏ.)

ଶ୍ରମ ଆଇନକୁ ଉଲ୍ଲଂଘନ କରି ମାଲକାନଗିରି ଜିଲାରେ ଜଣେ ଠିକାଦାର ଦିନ ଦ୍ୱିପ୍ରହର ପ୍ରବଳ ଖରା ସମୟରେ କେତେକ ଶିଶୁଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବା ଦେଖିବାକୁ ମିଳିଛି। ସରକାରଙ୍କ ନିୟମ ଅନୁଯାୟୀ କୌଣସି କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ ହେବେ ନାହିଁ। ଆସନ୍ତା ବର୍ଷା ଋତୁ ଯାଏ ପୂର୍ବାହ୍ନ ୧୧ଟା ପରେ କୌଣସି ଶ୍ରମିକ କାର୍ଯ୍ୟ କରିବେ ନାହିଁ । ମାର୍ଚ୍ଚ ୨୪ରୁ କରୋନା ଯୋଗୁ ଲକଡାଉନ ଘୋଷଣା ପରେ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ମାତ୍ର ସରକାର ଏପ୍ରିଲ ୨୦ରୁ ଶ୍ରମିକଙ୍କ ହିତ ପାଇଁ କୃଷି ଓ ନିର୍ମାଣ କାର୍ଯ୍ୟରେ ଶ୍ରମିକ ନିୟୋଜିତ ହୋଇପାରିବେ ବୋଲି ଘୋଷଣା କରିଥିଲେ। ତେବେ ମାଲକାନଗିରି ଜିଲା ପଡିଆ ଥାନା ବାପନପାଲି ପଞ୍ଚାୟତ କୁଗୁଡା ଗ୍ରାମ ନିକଟରେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଜଣେ ଠିକାଦାର ଶିଶୁ ଶ୍ରମିକମାନଙ୍କୁ ଦିନ ୧ଟାରେ କା ର୍ଯ୍ୟରେ ନିୟୋଜିତ କରିଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟ ସମୟରେ କରୋନା ନିୟମ ମାସ୍କ ନ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ପ୍ରତି ଗୁରୁତ୍ୱାରୋପ କରାଯାଇ ନ ଥିଲା।

## ନୂଆ ନିର୍ଦ୍ଦେଶନାମା ଜାରି କଲା ଜିଲା ପ୍ରଶାସନ

ନବରଙ୍ଗପୁର,୨୭।୪(ବି.ପ୍ର.)

ନବରଙ୍ଗପୁର ଜିଲାରେ ଲକଡାଉନ କୋହଳ ନେଇ ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଜ୍ୟ ସରକାର ଲକଡାଉନ କୋହଳ ନେଇ କେଉଁ ଦୋକାନ ଖୋଲିବ, କେତେ ସମୟ ପାଇଁ ଖୋଲିବ ସେହି ନିଷ୍ପତ୍ତି ଜିଲାପାଳମାନଙ୍କ ଉପରେ ଛାଡିଥିଲେ। ସେହି ଅନୁସାରେ ସୋମବାର ଜିଲାପାଳ ଅଜିତ୍ କୁମାର ମିଶ୍ର ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ଜିଲା ପାଇଁ ଜାରି କଟକଣାରେ କୋହଳ କରିଛନ୍ତି। ଜାରି ନିର୍ଦ୍ଦେଶନାମା ଅନୁଯାୟୀ ବସ୍, ଟାକ୍ସି, ଅଟୋ ଚଳାଚଳ, ଶିକ୍ଷା ଅନୁଷ୍ଠାନ, କୋଚିଂ ସେଣ୍ଟର, ସପିଂ ମଲ, ମାର୍କେଟ କମ୍ପ୍ଲେକ୍ସ, ଜିମ, କ୍ରୀଡା ସାମଗ୍ରୀ ଦୋକାନ, ବାର, କଲ୍ୟାଣମଣ୍ଡପ, ମନ୍ଦିର, ଚର୍ଚ୍ଚ ଓ ମସଜିଦ ପୂର୍ବ ଭଳି ବନ୍ଦ ରହିବ। ତେଜରାତି ଦୋକାନ, ଫଳ, କ୍ଷୀର, ଆମିଷ ଓ ଅଣ୍ଡା ଦୋକାନ, ଗ୍ୟାରେଜ ଓ ଯନ୍ତ୍ରପାତି ଦୋକାନଗୁଡିକ ପୂର୍ବରୁ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଖୋଲୁଥିଲା। ଏହି ଦୋକାନଗୁଡିକ ଏବେ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ। ସେହିପରି କୋରିୟର ସେବା, ବୈଦ୍ୟୁତିକ ଯନ୍ତ୍ରପାତି ମରାମତି ଏବଂ ଯନ୍ତ୍ରପାତି ଦୋକାନ, ମୋଟର ଚାଳିତ ଯନ୍ତ୍ରପାତି ଦୋକାନ, ପଶୁ ଖାଦ୍ୟ ଦୋକାନ, କୃଷି ଯନ୍ତ୍ରପାତି, ବିହନ, ସାର, ଗୃହ ନିର୍ମାଣ ଉପକରଣ, ଲୁଗା, ରେଡିମେଡି, ୱେଲଡିଂ ଦୋକାନ, ଫଟୋ ଷ୍ଟୁଡିଓ, ଗିଫ୍ଟ , ଚପଲ, ପୁସ୍ତକ, ଜେରକ୍ସ, ଫର୍ନିଚର, ଟେଲରିଂ ପ୍ରଭୃତି ଦୋକାନ ସକାଳ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଜିଲାପାଳ ତାଙ୍କ ନିର୍ଦ୍ଦେଶନାମାରେ କହିଛନ୍ତି।

## ଗ୍ରାମାଞ୍ଚଳରେ ଜମୁନି ମଦ କାରବାର

ନବରଙ୍ଗପୁର,୨୭।୪(ବି.ପ୍ର.)

**୮୦ ଲିଟର ଜବତ, ୩ ଗିରଫ**

ଲକ୍‌ଡାଉନ ଯୋଗୁ ସମଗ୍ର ଭାରତ ମାସେରୁ ଉର୍ଦ୍ଧ୍ୱ ହେଲାଣି ବନ୍ଦ ରହିଛି। କେତେକ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହୁଥିଲେ ମଧ୍ୟ ବିଦେଶୀ ମଦ ଦୋକାନଗୁଡିକ ମଧ୍ୟ ବନ୍ଦ ରହିଛି। ତେବେ ଗ୍ରାମାଞ୍ଚଳରେ ଚୋରା ମଦ କାରବାର କରୁଥିବା ବ୍ୟବସାୟୀମାନେ କିଛି ମାନୁନାହାନ୍ତି। ସେମାନେ ପୂର୍ବପରି ନିଜ କାରବାର ଚଳାଇଛନ୍ତି। ଏନେଇ ସୂଚନା ପାଇବା ପରେ ନବରଙ୍ଗପୁର ଜିଲାପାଳ ଡ.ଅଜିତ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ଅବକାରୀ ଅଧୀକ୍ଷକ ପ୍ରଦୀପ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥନରେ ଚଢାଉ କରାଯାଇ ସୋମବାର ୮୦ ଲିଟର ଦେଶୀ ମଦ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ୨ଟି ବାଇକ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଳେଶ୍ୱର ବିଶୋୟୀ, ନବରଙ୍ଗପୁର ଭଗବତୀ ସାହିର ଭୁବନ ଗୌଡ ଓ ଚାମୁରିଆଗୁଡା ସାହିର ଶ୍ୟାମ ହରିଜନ। ଚଢାଉରେ ନବରଙ୍ଗପୁର ଅବକାରୀ ଇନ୍ସପେକ୍ଟର ବିପ୍ରଚରଣ ମଣ୍ଡଳ, ଏଏସ୍ଆଇ ଜଗବନ୍ଧୁ ଜାନି, ସୁବ୍ରତ ହରିଜନ, ପ୍ରତ୍ୟୁଷ ଛାପ, ସଦାଶିବ ଭତରା, ଉମେଶ ହରିଜନ ପ୍ରମୁଖ ସାମିଲ ହୋଇଥିଲେ।

# ଉଡ଼ାଇନେଲା ଛପର: ଭାଙ୍ଗିଲା ଗଛ, ଖୁଣ୍ଟ

ଜୟପୁର/ନନ୍ଦପୁର/ଲମତାପୁଟ/ ଟିକିରି, ୨୭।୪(ଡି.ଏନ୍.ଏ.)

**ବିଭିନ୍ନ ସ୍ଥାନରେ କାଳବୈଶାଖୀ ତାଣ୍ଡବ**

କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଯୋଗୁ ଅନେକ କ୍ଷୟକ୍ଷତି ହୋଇଛି। ରବିବାର ସନ୍ଧ୍ୟାରେ ଜୟପୁର ସହରର କୁମ୍ଭାରସାହିରେ ୨ଟି ଘର, ଟାଙ୍କୁଆ ପଞ୍ଚାୟତର ଝିକରତୋଟ, ବାମୁଣିଗାଁ, ସୁଖିଆଗୁଡ଼ାରେ ୩ଟି ଘର ଭାଙ୍ଗିଛି। ଜୟପୁର ସହର ଓ ଆଖପାଖ ଅଞ୍ଚଳରେ ବିଦ୍ୟୁତ ଖୁଣ୍ଟରୁ ତାର ଛିଣ୍ଡିଛି। କୁମ୍ଭାର ସାହିର କମଳା ମୁଦୁଲି, ଲଚ୍ଛମା ମୁଦୁଲିଙ୍କ ଟିଣ ଓ ଚାଳ ଛପର ଉଡ଼ିଯାଇଛି। ନନ୍ଦପୁର ବ୍ଲକ ଥୁବା ପଞ୍ଚାୟତ ପରଟା ଗ୍ରାମର କାମେଶ ଖରା, ମାଧବ ଖିନବୁଡିଙ୍କ ଘର ଛପର ଉଡ଼ିଯାଇଥିବା ବେଳେ କୌଶଲ୍ୟା ତାଳିଆଙ୍କ ଘର ଉପରେ ଗଛ ପଡ଼ି ଆଜବେଷ୍ଟସ ଭାଙ୍ଗିଛି। ହିକିଂପୁଟ ପଞ୍ଚାୟତର ରତନ ପାଙ୍ଗି ଓ ନନ୍ଦ ହନ୍ତାଳଙ୍କ ଘର ନଷ୍ଟ ହୋଇଛି। ସେହିପରି ଲମତାପୁଟ ବ୍ଲକ ସଦର ଗ୍ରାମର ବଳରାମ ଛତ୍ରିଆ, ଦେଉଳପଡ଼ା ଗ୍ରାମର ଭଗବାନ ପାଙ୍ଗି, ମାଲେଙ୍ଗା ଗ୍ରାମର ଲଇଛନ ଖିଲଙ୍କ ଘର ନଷ୍ଟ ହୋଇଛି। ଅନେକ ନୀଳଗିରି ଓ ଆମ୍ବଗଛ ଭାଙ୍ଗିଛି। ବ୍ଲକର କଜାଗାଁ, କାଙ୍ଗ୍ରୀପନା, ଦେଉଳପଡ଼ାରେ ଧାନଚାଷ ନଷ୍ଟ ହୋଇଛି। ସରକାର ସହାୟତା ଦେବା ପାଇଁ ଦାବି ହୋଇଛି।

ରାୟଗଡ଼ା ଜିଲା କାଶୀପୁର ବ୍ଲକର ବିଭିନ୍ନ ସ୍ଥାନରେ ରବିବାର କାଳବୈଶାଖୀ ଯୋଗୁ ଘର ଛପର ଉଡ଼ିବା ସହ ଗଛ ପଡ଼ିଛି। କୁଆପଥର ମାଡ଼ରେ ଉଜୁଡ଼ିଯାଇଛି ଫସଲ। ବ୍ଲକର ଶଙ୍କରଡ଼ା ପଞ୍ଚାୟତ କାରାଖୋଲା, ଶଙ୍କରଡ଼ା, ବରିଗୁମ୍ମା, ପଞ୍ଚାଳିରେ ତାଣ୍ଡବ ରଚିଥିଲା ଝଡ଼ବର୍ଷା। କାରାଖୋଲା ଗାଁର ନାଗେଶ୍ୱର ମାଝି, ଦସ୍ରୁ ମାଝି, ସାଦ ମାଝି, ଉତ୍ତରା ମାଝି, କୃଷ୍ଣ ମାଝି, ରବି ମାଝି, ପୂର୍ଣ୍ଣ ମାଝି, ଈଶ୍ୱର ମାଝି, ଲେଖା ମାଝି, ଜଗା ମାଝି, ସୁଦ୍ରି ମାଝିଙ୍କ ଘର ଛପର ଉଡ଼ିଯାଇଛି। ବରିଗୁମ୍ମାରେ ୭ଟି ଘରର ଛପର ଉଡ଼ିଛି। ଶଙ୍କରଡ଼ା ଗ୍ରାମରେ ବଡ଼ଗଛ ପଡ଼ିବା ସହ ବିଦ୍ୟୁତ ତାର ଛିଣ୍ଡିଛି।

## କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

ପାପଡ଼ାହାଣ୍ଡି,୨୭।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକରେ ରବିବାର କାଳବୈଶାଖୀ ଦେଖିବାକୁ ମିଳିଛି। ଘଡ଼ଘଡ଼ି, ପବନ ସହ ବର୍ଷା ହୋଇ ମଧ୍ୟରାତ୍ର ପର୍ଯ୍ୟନ୍ତ ଜାରି ରହିଥିଲା। ବ୍ଲକର ୪୧ ପରିବାର ଏହାର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି। ବେଶି ପ୍ରଭାବିତ ହୋଇଛି ଜଟାବାଲ ଓ ପାତ୍ରୀ ପଞ୍ଚାୟତ। ଜଟାବାଲର ବାରିଗୁଡ଼ା, କୃଷ୍ଣଗୁଡ଼ା, ଝାରମୁଣ୍ଡା ଓ ଆଦିବାସୀଗୁଡ଼ା ଅଞ୍ଚଳର ବହୁ ଘର ଚାଳଛପର ଉଡ଼ିଯାଇଛି। ବହୁ ସ୍ଥାନରେ ଅନେକ ଗଛ ପଡିଯାଇଛି । ଝାରମୁଣ୍ଡା ଗ୍ରାମର ଦେବକୀ ସାନ୍ତାଙ୍କ ଆଜବେଷ୍ଟ ଭାଙ୍ଗି ତାଙ୍କ ଉପରେ ପଡ଼ିବାରୁ ସେ ଆହତ ହୋଇଛନ୍ତି। ସରପଞ୍ଚ ଦେବ ଭତରା, ରାଜସ୍ୱ ନିରୀକ୍ଷକ ପଦଲାମ ନାୟକ ଓ ଦେବସିଂ ଗୌଡ଼ କ୍ଷତିଗ୍ରସ୍ତ ଗ୍ରାମଗୁଡିକରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ସେହିପରି ପାତ୍ରୀ ପଞ୍ଚାୟତରେ ବି ବ୍ୟାପକ କ୍ଷୟକ୍ଷତି ହୋଇଛି। ଭଙ୍ଗା ଧଂସୁଳି ଗ୍ରାମର ଭୀମ ହରିଜନଙ୍କ ଘର ଆଜବେଷ୍ଟ ଉଡ଼ିଯାଇଛି।

## ଲୋକେ ଭୁଲିଗଲେ ସାମାଜିକ ଦୂରତା

ମାଲକାନଗିରି,୨୭।୪ (ଡି.ଏନ୍.ଏ.)

ଲକଡାଉନ ସାମାନ୍ୟ କୋହଳ ହେବା ପରେ ଲୋକମାନେ ଏଥିରୁ ଫାଇଦା ଉଠାଇବାକୁ ପଛାଉନାହାନ୍ତି। ନିକଟରେ କେନ୍ଦ୍ର ସରକାର ଚା ଦୋକାନ, ପାନ ଦୋକାନ, ସେଲୁନ, ଲୁଗା ଦୋକାନ, ଜୋତା ଦୋକାନ, ମଦ ଦୋକାନ, ଜିମ, ଓ ପାର୍କ ବ୍ୟତୀତ ସମସ୍ତ ଦୋକାନ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଘୋଷଣା କରିବା ପରେ ଲୋକେ ସାମାଜିକ ଦୂରତା ମାନିବା ଭୁଲି ଯାଇଛନ୍ତି। ସବୁଠି ଭିଡ ପରିଲକ୍ଷିତ ହେଉଛି। ଅନ୍ୟପକ୍ଷରେ ସୋମବାର ପ୍ରଶାସନ ପକ୍ଷରୁ ଲକଡାଉନ ସମୟରେ ମାଲକାନଗିରି ସଦର ମହକୁମାରେ ଖୋଲିଥିବା ଗୋଟିଏ ଚପଲ ଦୋକାନ ଓ ଲୁଗା ଦୋକାନକୁ ସିଲ୍ କରି ଉଭୟ ଦୋକାନର ମାଲିକଙ୍କ ନାମରେ ମାମଲା ରୁଜୁ ହୋଇଛି।

# କେନାଲ ଭାଙ୍ଗି ୧୦ ଏକର ବାଦାମ ଫସଲ କ୍ଷତି

କାଲିମେଲା,୨୭।୪(ଡି.ଏନ.ଏ.)



କେନାଲ ପାଣିରେ କ୍ଷତିଗ୍ରସ୍ତ ଚାଷଜମି ।

- ଅମଳ ହେବାକୁ ଥିବା ଜମିରେ ମାଡ଼ିଗଲା ବାଲିଚର
- କ୍ଷତିପୂରଣ ଦାବିକଲେ ଚାଷୀ
- ଠିକ୍ ରୂପେ ହେଉନି କେନାଲର ରକ୍ଷଣାବେକ୍ଷଣ

ମାଲକାନଗିରି ଜିଲା କାଲିମେଲା ବ୍ଲକ କାଲିମେଲା ପଞ୍ଚାୟତର କତାଗୁଡା ଗ୍ରାମ ନିକଟ ଦେଇ ଯାଇଥିବା ଗମ୍ପାକୋଣ୍ଡା ମେନ୍ କେନାଲଟି ସୋମବାର ଭାଙ୍ଗିଯାଇଛି। ଫଳରେ ବାଦାମଚାଷ ହୋଇଥିବା ୧୦ ଏକର ଜମିରେ ବାଲିଚର ମାଡିଯାଇଛି। କତାଗୁଡା ଗ୍ରାମର ରାମା ମାଡକାମି,ୱାଗା ମାଡକାମି, ଇର୍ମା ସୋଡି, ଦେବା ସୋଡି,ଗଙ୍ଗା ସୋଡି, ଆଇତା ସୋଡି ସେମାନଙ୍କ ଜମିରେ ପାଣି ସହ ବାଲିଚର ମାଡିଯାଇଥିବା ଜଣାପଡିଛି। ଏବେ ବାଦାମ ଅମଳ ସମୟ ହୋଇଥିବା ବେଳେ ସେଥିରେ ଅଧିକ ପାଣି ମାଡିଯିବା ଯୋଗୁ ବାଦାମଗୁଡିକ ନଷ୍ଟ ହେବା ନେଇ ଆଶଙ୍କା ଦେଖାଦେଇଛି। ଏନେଇ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି । ଖରାଦିନରେ କେନାଲ ପାଣି ଦ୍ୱାରା ବାଦାମ ଚାଷକରି ରୋଜଗାର କରିବା ଆଶା ରଖିଥିବା ଏହି ଚାଷୀମାନଙ୍କ ଆଶା ଧୂଳିସାତ୍ ହୋଇଯାଇଛି। ଏହି ଖବର ଜାଣିବା ପରେ କାଲିମେଲା ବ୍ଲକ ଅଧ୍ୟକ୍ଷ ମାଳା ମାଡି ଘଟଣାସ୍ଥଳକୁ ଯାଇ ଚାଷୀମାନଙ୍କ ଚାଷ ଜମି ବୁଲି ଦେଖିଛନ୍ତି। ବାଦାମ ଅମଳ ସମୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ମାଡି ଦାବି କରିଛନ୍ତି । ସେହିପରି କେନାଲ ଭାଙ୍ଗିବା ବିଷୟରେ ଖବର ପାଇ ମାଲକାନଗିରି ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି ମଧ୍ୟ ଉକ୍ତ ଅଞ୍ଚଳ ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ଜିଲା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଚାଷୀଙ୍କ ଲାଗି କ୍ଷତିପୂରଣ ବ୍ୟବସ୍ଥା କରାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଚାଷୀମାନେ ମଧ୍ୟ ସରକାର ସେମାନଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, କେନାଲଗୁଡିକୁ ବର୍ଷବର୍ଷ ଧରି ଠିକ୍ ରୂପେ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ବ୍ଲକର ବିଭିନ୍ନ ସ୍ଥାନରେ କେନାଲଗୁଡିକ ଭାଙ୍ଗି ପଡୁଥିବା ଦେଖିବାକୁ ମିଳିଛି। ଏପରି ଅନ୍ୟ ଏକ ଘଟଣା ଦେଖିବାକୁ ମିଳିଛି କାଲିମେଲା ବ୍ଲକ ଅନ୍ତର୍ଗତ ମାନ୍ୟମକୋଣ୍ଡା ପଞ୍ଚାୟତର ଏମ୍‌ପିଭି-୪୧ ଗ୍ରାମରେ। ଉକ୍ତ ଗ୍ରାମଦେଇ ଯାଇଥିବା ପୋଟେରୁ କେନାଲ ଆଜକୁ ପ୍ରାୟ ୭ଦିନ ହେଲା ଭାଙ୍ଗି ପଡିଛି। ଜଳସେଚନ ବିଭଗ ପକ୍ଷରୁ ଉକ୍ତ କେନାଲରେ ପାଣି ଛାଡିବା ବନ୍ଦ କରାଯାଇଛି । ପାଣି ଆସୁ ନ ଥିବାରୁ ବାଦାମ ଚାଷୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏହାକୁ ତୁରନ୍ତ ମରାମତି କରି ପାଣି ଯୋଗାଇ ଦେବାକୁ ଦାବି ହୋଇଛି ।

## ସଂକ୍ଷେପରେ

### ଆଇଟି ଶିଳ୍ପରେ ଜାରି ରହିପାରେ ୱାର୍କ ଫ୍ରମ୍ ହୋମ୍

**ନୂଆଦିଲ୍ଲୀ,୨୭।୪:** ଲକ୍‌ଡାଉନ ଉଠିଲେ ମଧ ଆଇଟି ଶିଳ୍ପରେ ୱାର୍କ ଫ୍ରମ୍ ହୋମ୍ ସ୍ଥିତି ଜାରି ରହିପାରେ। ଲକ୍‌ଡାଉନ ଉଠିଲେ ମଧ ଆଇଟି ଶିଳ୍ପର ପ୍ରାୟ ୧୦ ଲକ୍ଷ କର୍ମଚାରୀ ଘରୁ କାମ କରିପାରନ୍ତି ବୋଲି ଆଇଟି ଶିଳ୍ପ ବିଶେଷଜ୍ଞ କ୍ରିସ୍ ଗୋପାଳ କ୍ରିଷ୍ଣନ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ୯୦ରୁ ୯୫% କର୍ମଚାରୀ ଏବେ ଘରୁ କାମ କରୁଛନ୍ତି। ଘରୁ କାମ କରିବାର ସ୍ଥିତି ଠିକ୍ ହେବାକୁ ଯାଉଛି। କାମ ଚାଲୁ ରଖିବା ନେଇ କମ୍ପାନୀଗୁଡିକର ଏହି ଧାରାକୁ ନେଇ କୌଣସି ଆପତ୍ତି ନାହିଁ। ଆଗାମୀ ଦିନରେ ବାଣିଜ୍ୟିକ ଯୋଜନା, ପ୍ରୋସେସିଂ କ୍ଷେତ୍ରରେ ଏହା ଏକ ପ୍ରମୁଖ ଭୂମିକା ନେବ।

### ରିଲାଏନ୍ସ ଦେଉଛି କିରାନା ସାମଗ୍ରୀ ଅର୍ଡର ସୁବିଧା



**ନୂଆଦିଲ୍ଲୀ,୨୭।୪:** ହ୍ୱାଟ୍ସଆପ୍ ମାଧ୍ୟମରେ କିରାନା ସାମଗ୍ରୀ ଅର୍ଡର କରିବା ଲାଗି ରିଲାଏନ୍ସ ପକ୍ଷରୁ ସେବା ଭାରତରେ ଆରମ୍ଭ ହୋଇଛି। ଏହାକୁ ପ୍ରାଥମିକ ପର୍ଯ୍ୟାୟରେ ମୁମ୍ବାଇରେ ଶୁଭାରମ୍ଭ କରାଯାଇଛି। ପରୀକ୍ଷଣ ଭିତ୍ତିରେ ଏହି ସେବା ଶୁଭାରମ୍ଭ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଜିଓ ମାର୍ଟ ପକ୍ଷରୁ ନଭି ମୁମ୍ବାଇ, ଠାଣେ ଏବଂ କଲ୍ୟାଣ ଭଳି ସ୍ଥାନରେ ସେବାକୁ ଉନ୍ମୋଚନ କରାଯାଇଛି। ଏଭଳି ସେବାକୁ ଅନ୍ୟ କ୍ଷେତ୍ରକୁ ସମ୍ପ୍ରସାରଣ କରିବା ନେଇ ରିଲାଏନ୍ସ ଲକ୍ଷ୍ୟ ରଖିଛି। ଏହାଦ୍ୱାରା ଆମାଜନ ଏବଂ ଫ୍ଲିପ୍‌କାର୍ଟ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।

# ମ୍ୟୁଚୁଆଲ ଫଣ୍ଡ୍ ଲାଗି ୫୦ ହଜାର କୋଟି

- ବଜାରରେ ସ୍ଥିତାବସ୍ଥା ଲାଗି ଆର୍‌ବିଆଇର ପ୍ରୟାସ
- ପୂର୍ବରୁ ୨ ଥର ନିଆଯାଇଛି ସମାନ ପଦକ୍ଷେପ
- ବ୍ୟାଙ୍କଗୁଡ଼ିକ ଲାଗି ୯୦ ଦିନିଆ ରେପୋ ଅପରେଶନ




ନୂଆଦିଲ୍ଲୀ,୨୭।୪

କୋଭିଡ୍-୧୯ ଯୋଗୁ ଦେଶର ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ଏବେ କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ଶିଳ୍ପର ସମସ୍ୟା ସମାଧାନ କରିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସୋମବାର ୫୦ ହଜାର କୋଟି ଟଙ୍କାର ସ୍ପେଶାଲ ଲିକ୍ୱିଡିଟି ଫାସିଲିଟି(ଏସ୍‌ଏଲ୍‌ଏଫ୍-ଏମ୍‌ଏଫ୍) ବା ସ୍ୱତନ୍ତ୍ର ନଗଦ ସୁବିଧା ଘୋଷଣା କରାଯାଇଛି। ବର୍ତ୍ତମାନ ପୁଞ୍ଜିବଜାର ଉପରେ ରହିଥିବା ପ୍ରଭାବ ଯୋଗୁ ଏହା ମ୍ୟୁଚୁଆଲ ଫଣ୍ଡ ଶିଳ୍ପ କାରବାରକୁ ମଧ କ୍ଷତି ପହଞ୍ଚାଉଛି। ବିଶେଷକରି ନିବେଶକଙ୍କ ମନୋଭାବ ଉପରେ ଏହା ଚାପ ପକାଇବା ସହ କମ୍ପାନୀଗୁଡିକୁ ମଧ ଗଭୀର କ୍ଷତିଗ୍ରସ୍ତ କରୁଛି। ଶିଳ୍ପ ଉପରେ ରହିଥିବା ଉକ୍ତ ସଙ୍କଟକୁ କମ୍ କରିବା ଦିଗରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଘୋଷଣା କରାଯାଇଛି।

ଏହି ପରିପ୍ରେକ୍ଷୀରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, କୋଭିଡ୍-୧୯ ଯୋଗୁ ବିତ୍ତ ବଜାର ସ୍ଥିତାବସ୍ଥା ଉପରେ ପଡୁଥିବା ପ୍ରଭାବ ଉପରେ କଡ଼ା ନଜର ରଖାଯାଇଛି। ପ୍ରଭାବକୁ କମ୍ କରିବା ଦିଗରେ କେନ୍ଦ୍ରୀୟ ବ୍ୟାଙ୍କ ପାରୁ ପର୍ଯ୍ୟାପ୍ତ ଚେଷ୍ଟା ଜାରି ରଖିଛି। ଆବଶ୍ୟକତା ଭିତ୍ତିରେ ଯେକୌଣସି ପଦକ୍ଷେପ ନେବାକୁ କେନ୍ଦ୍ରୀୟ ବ୍ୟାଙ୍କ ଆଗେଇ ଆସିଛି। ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ଉପରେ ଚାପ କମାଇବା ଲାଗି ଏଭଳି ସ୍ୱତନ୍ତ୍ର ଯୋଜନା ଦ୍ୱାରା ୫୦ ହଜାର କୋଟି ଟଙ୍କାର ସହାୟତା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ମ୍ୟୁଚୁଆଲ ଫଣ୍ଡର ଡେଟ୍ ସେଗ୍‌ମେଣ୍ଟ ଉପରେ ବର୍ତ୍ତମାନ ଅଧିକ ସଙ୍କଟ ପରିଲକ୍ଷିତ ହୋଇଛି। ଫ୍ରାଙ୍କଲିନ୍ ଟେମ୍ପଲଟନ ମ୍ୟୁଚୁଆଲ ଫଣ୍ଡ ଏପ୍ରିଲ ୨୪ରେ ଏହାର ୬ ଡେଟ୍ ଫଣ୍ଡକୁ ବନ୍ଦ କରିବା ଲାଗି ନିଷ୍ପତ୍ତି ନେଇଛି। କୋଭିଡ୍-୧୯ ଯୋଗୁ ଲିକ୍ୱିଡିଟି ସମସ୍ୟା ରହିବାରୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଛି। ବଜାରରେ ଏଭଳି ସମସ୍ୟା ଉପୁଜିବା ପରେ ସରକାର ବଜାର ଲାଗି ନୂଆ ପଦକ୍ଷେପ ଘୋଷଣା କରିଛନ୍ତି। ନୂଆ ସୁବିଧା ଦ୍ୱାରା ୯୦ ଦିନ ଅବଧିର ଏକ ରେପୋ ଅପରେଶନ ପରିଚାଳନା କରିବ। ଏଥିରେ ନିର୍ଦ୍ଧାରିତ ରେପୋ ରେଟ୍ ସ୍ଥିର ରହିବ। ସୁବିଧା ନେବାକୁ ଥିବା ବ୍ୟାଙ୍କଗୁଡିକ ଛୁଟିଦିନ ଦାବ ସୋମବାର ଠାରୁ ଯେକୌଣସି ଦିନ ସେମାନଙ୍କ ବିଡ୍ ଦାଖଲ କରିପାରିବେ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏପ୍ରିଲ ୨୭ ଠାରୁ ମେ ମାସ ୧୧ ଯାଏ କିମ୍ବା ମଞ୍ଜୁର ହୋଇଥିବା ଅର୍ଥ ବିନିଯୋଗ ହେବା ଯାଏ ଏହି ସୁବିଧାକୁ ନେଇ ହେବ।

ଏସ୍‌ଏଲ୍‌ଏଫ୍-ଏମ୍‌ଏଫ୍‌କୁ ବ୍ୟାଙ୍କଗୁଡିକ ବ୍ୟବହାର କରିପାରିବେ। ମ୍ୟୁଚୁଆଲ ଫଣ୍ଡଗୁଡିକର ଋଣ ଆବଶ୍ୟକତା ପୂରଣ କରିବା ଦିଗରେ ବ୍ୟାଙ୍କଗୁଡିକ ଏହି ସହାୟତା ଯୋଗାଇଦେବେ। ବର୍ତ୍ତମାନର ଘୋଷଣା ହୋଇଥିବା ରାଶିକୁ ଆବଶ୍ୟକତା ଭିତ୍ତିରେ ବଢ଼ାଯାଇପାରେ। ସୂଚନାଯୋଗ୍ୟ, ୨୦୧୩ରେ ମ୍ୟୁଚୁଆଲ ଫଣ୍ଡଗୁଡିକର ନଗଦ ଆବଶ୍ୟକତା ପୂରଣ କରିବା ଲାଗି ରିଜର୍ଭ ବ୍ୟାଙ୍କ ସ୍ୱତନ୍ତ୍ର ଋଣ ୱିଣ୍ଡୋ ଘୋଷଣା କରାଯାଇଥିଲା।

# ଲକ୍‌ଡାଉନ ଘୁଞ୍ଚିଲେ ଗରିବଙ୍କ ସଙ୍କଟ ବଢ଼ିଯିବ: ଡି. ସୁବାରାଓ

ନୂଆଦିଲ୍ଲୀ,୨୭।୪



କରୋନା ରୋକିବାକୁ ଏବେ ଲକ୍‌ଡାଉନ ଭଳି ପଦକ୍ଷେପ ନିଆଯାଇଛି। ସରକାର ଲକ୍‌ଡାଉନକୁ ମେ ମାସ ୩ ଯାଏ ଘୁଞ୍ଚାଇଛନ୍ତି। ବର୍ତ୍ତମାନ ଗରିବଙ୍କ ଜୀବନ ଜୀବିକା ଗଭୀର ଭାବେ ପ୍ରଭାବିତ ହୋଇଛି। ଲକ୍‌ଡାଉନ ଅବଧି ବଢିଲେ ଏହି ଲୋକଙ୍କ ସ୍ଥିତି ସଙ୍କଟାପନ୍ନ ହେବ ବୋଲି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ଡି.ସୁବାରାଓ କହିଛନ୍ତି। ସେହିଭଳି ଲକ୍‌ଡାଉନ ପରେ ଭାରତର ବିକାଶ ହାର ତ୍ୱରାନ୍ୱିତ ହେବ ବୋଲି ସେ ଆଶାବାଦୀ ରହିଥିବା କହିଛନ୍ତି। ଏହି ସମୟରେ ଭାରତର ବିକାଶ ହାର ଅନ୍ୟ ଦେଶଗୁଡିକ ତୁଳନାରେ ଉନ୍ନତ ହେବ। ଲକ୍‌ଡାଉନ ଆଗରୁ ଦେଶର ଅଭିବୃଦ୍ଧି କ୍ଷତିଗ୍ରସ୍ତ ସ୍ତରରେ ରହିଛି। ଗତ ବର୍ଷ ଭାରତର ଅଭିବୃଦ୍ଧି ୫% ରହିବା ନେଇ ଅନୁମାନ କରାଯାଇଥିଲା। ଚଳିତ ବର୍ଷ ଅଭିବୃଦ୍ଧି ପ୍ରାୟ ୩୦ ବର୍ଷର ସର୍ବନିମ୍ନ ରହିବ ବୋଲି ଆକଳନ କରାଯାଇଛି। ଭାରତ ଗତ କିଛି ତ୍ରୈମାସ ଧରି ଚାପରେ ରହିଛି। ଗରିବ ଦେଶ ହୋଇଥିବାରୁ ଲକ୍‌ଡାଉନ ବଢ଼ିଲେ କୋଟି କୋଟି ଲୋକଙ୍କ ଜୀବନ ଜୀବିକା ଉପରେ ଏହା ପ୍ରତ୍ୟକ୍ଷ ପ୍ରଭାବ ପଡ଼ିବ। ଏହି ସମୟରେ ଗରିବଙ୍କ ଅସ୍ତିତ୍ୱ ଉପରେ ସଙ୍କଟ ସ୍ଥିତି ଜାରି ରହିବ ବୋଲି ସେ ମତ ଦେଇଛନ୍ତି।

# ନିବେଶ ଅର୍ଥ ଫେରାଇବ ଫ୍ରାଙ୍କ୍ଲିନ

**ନୂଆଦିଲ୍ଲୀ,୨୭।୪:** ବଣ୍ଡ୍ ବଜାରରେ ନଗଦ ସମସ୍ୟା ଯୋଗୁ ଫ୍ରାଙ୍କଲିନି ଟେମ୍ପଲଟନ ଏହାର ୬ ସ୍କିମ୍‌କୁ ବନ୍ଦ କରିବା ନେଇ ନିଷ୍ପତ୍ତି ନେଇଛି। ଏହି ସ୍କିମ୍‌ଗୁଡିକରେ ଲାଗିଥିବା ନିବେଶ ଅର୍ଥ ଫେରିବ କି ନାହିଁ ତାକୁ ନେଇ ନିବେଶକ ଚିନ୍ତାରେ ରହିଥିବା ବେଳେ କମ୍ପାନୀ ପକ୍ଷରୁ ଏ ନେଇ ସ୍ପଷ୍ଟୀକରଣ ଦିଆଯାଇଛି। କମ୍ପାନୀ ନିବେଶକଙ୍କ ନିବେଶ ଅର୍ଥ ଫେରାଇବ ବୋଲି କହିଛି। ସ୍କିମ୍ ବନ୍ଦ ହୋଇଗଲେ ନିବେଶ ଅର୍ଥ ବୁଡ଼ିଗଲା ବୋଲି ନିବେଶକ ଭାବିବା ଭୁଲ୍ ବୋଲି କମ୍ପାନୀ ସ୍ପଷ୍ଟ କରିଛି। ଯେତେ ଶୀଘ୍ର ସମ୍ଭବ ଲୋକଙ୍କୁ ସେମାନଙ୍କ ଅର୍ଥ ଫେରାଇବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଥିବା ଜଣାପଡିଛି। କମ୍ପାନୀର ସଭାପତି ସଞ୍ଜୟ ସାପ୍ରେ କହିଛନ୍ତି ଯେ, ବ୍ରାଣ୍ଡର ବିଶ୍ୱସନୀୟତାକୁ ବିଚାର କରି ଲୋକଙ୍କ ନିବେଶ ଅର୍ଥ ଶୀଘ୍ର ଫେରାଇ ଦିଆଯିବ। ପ୍ରତିବଦ୍ଧତା ସ୍ୱରୂପ ଏଭଳି ପଦକ୍ଷେପ ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭାରତରେ ଏହି କମ୍ପାନୀ ଗତ ୨୫ ବର୍ଷ ହେବ କାମ କରୁଛି। ବନ୍ଦ କରାଯାଇଥିବା ୬ ସ୍କିମ୍‌ରେ ପ୍ରାୟ ୨୫ ହଜାର କୋଟି ଟଙ୍କାର ପରିଚାଳନା ଗତ ସମ୍ପତ୍ତି(ଏୟୁଏମ୍)ରହିଥିବା ଜଣାପଡିଛି।

# ମେ'ରେ ୧୩ ଦିନ ବନ୍ଦ ରହିବ ବ୍ୟାଙ୍କ

**ନୂଆଦିଲ୍ଲୀ,୨୭।୪:** ବିଭିନ୍ନ ଛୁଟି ଲାଗି ମେ ମାସରେ ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୧୩ ଦିନ ବ୍ୟାଙ୍କ ବନ୍ଦ ରହିବ। ଏଣୁ ନିଜର ଜରୁରୀ କାମ କରିବାକୁ ଥିଲେ ଶୀଘ୍ର ସାରିବାକୁ ଲୋକଙ୍କୁ ପରାମର୍ଶ ରହିଛି। ପହିଲାରେ ଶ୍ରମିକ ଦିବସ ପଡୁଛି। ଏହାବାଦ ବୁଧପୂର୍ଣ୍ଣିମା ଏବଂ ଇଦ୍ ମଧ ମେ ମାସରେ ରହିଛି। ଶନିବାର ଏବଂ ରବିବାର ଛୁଟି ମଧ ଅଲଗା ରହିଛି। ଅନ୍ୟ ଛୁଟିଗୁଡିକ ମଧ୍ୟରେ ରବୀନ୍ଦ୍ରନାଥ ଟାଗୋର ଜୟନ୍ତୀ ସମେତ ଅନ୍ୟ ରାଜ୍ୟରେ କିଛି ଭିନ୍ନ ଛୁଟି ରହିଛି। ସାଧାରଣତଃ ୮ରୁ ୧୩ ଦିନ ବ୍ୟାଙ୍କ ଛୁଟି ରହିବ। ଲକ୍‌ଡାଉନ କାରଣରୁ ବ୍ୟାଙ୍କରେ ଏବେ କର୍ମଚାରୀଙ୍କ ସଂଖ୍ୟା କମାଯାଇଛି।

# ବିତ୍ତୀୟ ନିଅଣ୍ଟ ହାସଲ ଏବେ ବଡ଼ ଚ୍ୟାଲେଞ୍ଜ

**ମୁମ୍ବାଇ,୨୭।୪:** ଚଳିତ ଆର୍ଥିକ ବର୍ଷରେ ଧାର୍ଯ୍ୟ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ କରିବା ବଡ଼ ଚ୍ୟାଲେଞ୍ଜ ହେବ। ମନେଟାଇଜେଶନ ନେଇ କେନ୍ଦ୍ରୀୟ ବ୍ୟାଙ୍କ ବର୍ତ୍ତମାନ କୌଣସି ନିଷ୍ପତ୍ତି ନେଇ ନ ଥିବା ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। କୋଭିଡ୍-୧୯ ପାଇଁ ସାରା ଦେଶ ଏବଂ ଶିଳ୍ପଗୁଡିକ ଏବେ ଲକ୍‌ଡାଉନ ହୋଇ ପଡିଛି। ବିତ୍ତୀୟ ସହାୟତା ଆବଶ୍ୟକ ହୋଇ ପଡିଥିବା ବେଳେ ସରକାର ଏ ଦିଗରେ ପଦକ୍ଷେପ ନେବେ ବୋଲି ଜଣାପଡିଛି। ଆର୍ଥିକ ସହାୟତା ଘୋଷଣା ଦିଗରେ ସରକାର ଅଗ୍ରସର ହେଉଛନ୍ତି ବୋଲି ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କୋଭିଡ୍ ସମସ୍ୟାକୁ ସମାଧାନ କରିବା ଏବଂ ବିତ୍ତୀୟ ଶୃଙ୍ଖଳାକୁ ସମ୍ଭାଳିବା



ଦିଗରେ ସରକାର ସତର୍କତାର ସହ କାମ କରିବେ। ୨୦୨୦-୨୧ ଲାଗି ଲକ୍ଷ୍ୟ ରଖାଯାଇଥିବା ୩.୫% ବିତ୍ତୀୟ ହାସଲ ଏବେ ବଡ ଚ୍ୟାଲେଞ୍ଜ। ଏବେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ପ୍ରଭାବିତ ସ୍ଥିତିରେ ରହିଥିବାରୁ ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟ ଟପିଲେ ଏହାକୁ ସମ୍ଭାଳିବା କଷ୍ଟକର ହୋଇ ପଡିବ ବୋଲି ଦାସ ମତବ୍ୟକ୍ତ କରିଛନ୍ତି।

ବିତ୍ତୀୟ ନିଅଣ୍ଟ ସ୍ଥିତି ସମ୍ଭାଳିବା ଲାଗି ଅର୍ଥ ସହାୟତା ଦେବାକୁ କେନ୍ଦ୍ରୀୟ ବ୍ୟାଙ୍କ ସ୍ୱତନ୍ତ୍ର ମହାମାରୀ ବଣ୍ଡ କିମ୍ବା ପ୍ରାଇଭେଟ ପ୍ଲେସ୍‌ମେଣ୍ଟ ବଣ୍ଡ ଜାରି କରିବା ନେଇ ଏକ ପ୍ରଶ୍ନ ଉପରେ ଦାସ କୌଣସି ଉତ୍ତରରେ ରଖିନାହାନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ପରିସ୍ଥିତିରେ ଏ ନେଇ କୌଣସି ବିଚାର କରାଯାଇ ନାହିଁ। ପାଣ୍ଠି ଲାଗି ବିଭିନ୍ନ ବିକଳ୍ପ ଉପରେ ବିଚାର କରାଯାଉଛି। କ୍ଷୁଦ୍ର ଏବଂ ମଧ୍ୟମ ବର୍ଗ ଋଣ ବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି)ଗୁଡ଼ିକୁ ପାଣ୍ଠି ଯୋଗାଣ ନେଇ ସରକାର ପ୍ରୟାସ ଜାରି ରଖିବେ। ଏହି ସଂସ୍ଥାଗୁଡିକ ସାମ୍ନା କରୁଥିବା ସମସ୍ୟା ସମାଧାନ ଲାଗି ଅଧିକ ପଦକ୍ଷେପ ନିଆଯିବ। ଦେଶର ବ୍ୟାଙ୍କିଙ୍ଗ୍ ସିଷ୍ଟମ ସୁରକ୍ଷିତ ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଖେଳ ଖବର

### ଉମର ଅକ୍‌ମଲ ୩ ବର୍ଷ ବାସନ୍ଦ



**କରାଚୀ, ୨୭।୪ (ପି.ଟି.):** ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ବ୍ୟାଟ୍ସମ୍ୟାନ ଉମର ଅକମଲଙ୍କୁ ୩ବର୍ଷ ବାସନ୍ଦ କରିଛି। ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ପୂର୍ବରୁ ଫିକ୍ସିଂ ପାଇଁ ତାଙ୍କୁ ପ୍ରଲୋଭିତ କରାଯାଇଥିବା ବିଷୟକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସେ ଜଣାଇ ନ ଥିଲେ। ୨୯ ବର୍ଷୀୟ ଅକ୍‌ମଲ ଦୁର୍ନୀତି ନିରୋଧୀ ଆଚରଣ ବିଧି ଧାରା ୨.୪.୪ ଅନ୍ତର୍ଗତ ଦୁଇଟି ନିୟମ ଉଲ୍ଲଂଘନ କରିଥିଲେ। ଫେବୃୟାରୀରେ ପିସିବିର ଡିସିପ୍ଲିନାରୀ ପ୍ୟାନେଲ ତଦନ୍ତ ଆରମ୍ଭ କରି ଉମରଙ୍କୁ ତୁରନ୍ତ ସସ୍‌ପେଣ୍ଡ କରିଥିଲା। ଅବସରପ୍ରାପ୍ତ ବିଚାରପତି ଫଜଲ -ଇ-ମିରାନ ଚୌହାନଙ୍କ ଅଧକ୍ଷତାରେ ଗଠିତ ଡିସିପ୍ଲିନାରୀ ପ୍ୟାନେଲ ଉମର ଅକମଲଙ୍କୁ କ୍ରିକେଟରୁ ୩ ବର୍ଷ ପାଇଁ ବାସନ୍ଦ କରିଛି।

# ସୌରଭଙ୍କ ଉପରେ ରାଗିଥିଲେ ସଚିନ

ମୁମ୍ବାଇ, ୨୭।୪

ଭାରତୀୟ କ୍ରିକେଟରେ ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଓ ମହାରାଜା ସୌରଭ ଗାଙ୍ଗୁଲି ଦୁଇ ପ୍ରତିଷ୍ଠିତ କ୍ରିକେଟର। ଉଭୟେ ଅନେକ ମ୍ୟାଚରେ ଏକାକୀ ଭାରତକୁ ବିଜୟ ସ୍ୱାଦ ଚଖାଇଛନ୍ତି। ଏକଦା ଉଭୟଙ୍କର ପାର୍ଟନରଶିପ୍ ଅନ୍ତର୍ଜାତୀୟ କ୍ରିକେଟରେ ଅନେକ ରେକର୍ଡର ଅଧିକାରୀ ହୋଇଥିଲା। ମାତ୍ର ଏପରି ଦିନ ଆସିଥିଲା ଯେବେ ସୌରଭଙ୍କ ଉପରେ ରାଗିଥିଲେ ସଚିନ। ଏହାକୁ ଏବେ ସର୍ବସମ୍ମୁଖକୁ ଆଣିଛନ୍ତି ସୌରଭ। ୧୯୯୭ ମସିହାରେ ୱେଷ୍ଟଇଣ୍ଡିଜ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର କଥା। ବାର୍ବାଡୋସରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ଭଲ ସ୍ଥିତିରେ ଥିବାରୁ ମ୍ୟାଚ ଜିତିବା ସହ ସିରିଜରେ ଅଗ୍ରଣୀ ନେବା ସମ୍ଭାବନା ସୃଷ୍ଟି କରିଥିଲା। ଭାରତ ସମ୍ମୁଖରେ ମାତ୍ର ୧୨୦ରନ ବିଜୟ ଲକ୍ଷ୍ୟ ମଧ ରହିଥିଲା। ମାତ୍ର ଦଳ ଅତ୍ୟନ୍ତ ଖରାପ ବ୍ୟାଟିଂ କରି ୮୧ରନରେ ଅଲଆଉଟ ହୋଇଯାଇଥିଲା। ଏଥିରେ ମର୍ମାହତ



ହୋଇଥିଲେ ଅଧିନାୟକ ସଚିନ। କାରଣ ଭାରତ ଏହି ଟେଷ୍ଟକୁ ଜିତିପାରିଥାନ୍ତା ବୋଲି ତାଙ୍କର ହୃଦ୍‌ବୋଧ ହୋଇଥିଲା। ଏହା ହୋଇଥିଲେ ଭାରତ ୧୯୯୦ପରେ ପ୍ରଥମଥରପାଇଁ ବିଦେଶରେ ସିରିଜ ବିଜୟପାଇଁ ସୁଯୋଗ ସୃଷ୍ଟି କରି ପାରିଥାନ୍ତା। ମ୍ୟାଚପରେ ପ୍ରଥମଥରପାଇଁ ଡ୍ରେସିଂ ରୁମ୍‌ରେ କାନ୍ଦିଥିଲେ ସଚିନ। ସୌରଭଙ୍କ ଉପରେ ନିଜ ରାଗ ଶୁଝାଇଥିଲେ। ଦଳରେ ସ୍ଥାନ ବଜାୟ ରଖିବାକୁ ହେଲେ ତୁମକୁ ପ୍ରତି ଇନିଂସରେ ରନ ସଂଗ୍ରହ କରିବାକୁ ପଡ଼ିବ ବୋଲି ସୌରଭଙ୍କୁ କହିଥିଲେ। ଜଣେ ଅଧିନାୟକଭାବେ ସଚିନଙ୍କ ରାଗ ଯଥାର୍ଥ ଥିଲା ବୋଲି କହିଛନ୍ତି ସୌରଭ। "ମୁଁ ଛୋଟ ବେଳରୁ ସଚିନଙ୍କ ବ୍ୟାଟିଂକୁ ଦେଖି ଆସୁଥିଲି। ତେଣୁ ସେ କ୍ରିଜ୍‌ରେ କ'ଣ ଚାହାନ୍ତି ତାହା ମୁଁ ଜାଣି ପାରୁଥିଲି। ପରେ ଆମେ ସାଥି ହୋଇ ଖେଳିଲୁ ଏବଂ ଅନେକ ମ୍ୟାଚରେ ଇନିଂସ ଓପନ କରିଛୁ। କେଉଁ ସ୍ଥାନରେ ଖେଳିଲେ ଭଲ ହେବ ଏବଂ କେଉଁ ଖେଳାଳିଙ୍କ ଉପରେ ରାଗିବା ଉଚିତ ତାହା ସଚିନଙ୍କୁ ଭଲଭାବେ ଜଣାଥିଲା'' ବୋଲି କହିଛନ୍ତି ସୌରଭ। ପ୍ରକାଶଯୋଗ୍ୟ ଯେ, ବାର୍ବାଡୋସରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଶିବନାରିନ ଚନ୍ଦରପଲଙ୍କ ଶତକ(୧୩୭) ସତ୍ତ୍ୱେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୨୯୮ ରନରେ ଅଲଆଉଟ ହୋଇଯାଇଥିଲା। ଜବାବରେ ଭାରତ ସଚିନଙ୍କ ୯୨ ଓ ରାହୁଲ ଦ୍ରାବିଡଙ୍କ ୭୮ ରନ ସହାୟତାରେ ୩୧୯ ରନକରି ଅଗ୍ରଣୀ ହାସଲ କରିଥିଲା। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସରେ ୧୪୦ରେ ଅଲଆଉଟ ହୋଇଯିବାରୁ ଭାରତର ବିଜୟ ସମ୍ଭାବନା ଦୃଢ଼ୀଭୂତ ହୋଇଥିଲା। ମାତ୍ର ଭାରତ ଦ୍ୱିତୀୟ ଇନିଂସରେ ୮୧ ରନରେ ଅଲଆଉଟ ହୋଇଯାଇଥିଲା। ସୌରଭ ଦୁଇଟି ଇନିଂସରେ ଯଥାକ୍ରମେ ୨୨ ଓ ୮ ରନ କରିବାକୁ ସକ୍ଷମ ହୋଇଥିଲେ।

### ଲୋକେ କହୁଥିଲେ ଦେଶ ପାଇଁ ଖେଳିପାରିବିନି: ବୁମ୍‌ରା



**ନୂଆଦିଲ୍ଲୀ,୨୭।୪(ପି.ଟି):** ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଏବେ ବିଶ୍ୱରେ ଅନ୍ୟତମ ଶ୍ରେଷ୍ଠ ବୋଲର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତେବେ ନିଜର ବିଚିତ୍ର ବୋଲିଂ ଆକ୍ସନ ପାଇଁ ସେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ତାଙ୍କର ଏହି ଅସାଧାରଣ ବୋଲିଂ ଆକ୍ସନ ପାଇଁ ଲୋକେ ତାଙ୍କୁ ଭାରତ ତରଫରୁ ଖେଳିପାରିବେ ନାହିଁ କହୁଥିଲେ ବୋଲି ସେ କହିଛନ୍ତି। ପୂର୍ବତନ ଅଲରାଉଣ୍ଡର ଯୁବରାଜ ସିଂଙ୍କ ସହ ଇନ୍‌ଷ୍ଟାଗ୍ରାମରେ ଲାଇଭ୍ ସେସନରେ ଅଂଶଗ୍ରହଣ କରି ବୁମ୍‌ରା ଏହା କହିଛନ୍ତି।

ନିଜର ବିଚିତ୍ର ତଥା ଆଇ ଆର୍ମ ବୋଲିଂ ଆକ୍ସନ ନେଇ ଯୁବରାଜ ତାଙ୍କୁ ପ୍ରଶ୍ନ ପଚାରିଥିଲେ। ଦୀର୍ଘ ଦିନ ଧରି ଦେଶ ପାଇଁ ଖେଳିପାରିବି ନାହିଁ ବୋଲି କେତେକ କହୁଥିଲେ। ଦେଶ ପାଇଁ ଖେଳିବାର ମୁଁ ଅନ୍ତିମ ବ୍ୟକ୍ତି ହେବି ବୋଲି କେତେକ ବିଚାର କରୁଥିବା କଥା ସେ ଯୁବିଙ୍କୁ ଉତ୍ତର ଦେଇ କହିଛନ୍ତି। ଗୋଟିଏ କିମ୍ବା ଦୁଇଟି ରଣଜୀ ଟ୍ରଫି ମ୍ୟାଚ୍ ଖେଳିବି ବୋଲି ସେମାନେ କହୁଥିଲେ। କାରଣ ଏହି ଆକ୍ସନ ଦେହ ପାଇଁ ପୀଡାଦାୟକ ହେବ ବୋଲି କେତେକ ଭାବୁଥିଲେ। ତେବେ ଏହି ଆକ୍ସନକୁ ବଜାୟ ରଖି ଧୀରେ ଧୀରେ ଉନ୍ନତି କରିଥିଲି ୨୬ ବର୍ଷୀୟ ବୁମ୍‌ରା କହିଛନ୍ତି।

### ପସନ୍ଦ ବ୍ୟାଟ୍ସମ୍ୟାନଙ୍କ ନାମ କହିଲେ ୱିଲିୟମସନ



**ୱେଲିଂଟନ, ୨୭।୪:** 'କ୍ରିକେଟିଂ ବ୍ରେନ୍' ପାଇଁ ବିଶ୍ୱ କ୍ରିକେଟରେ ପରିଚିତ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ଜଣେ ମ୍ୟାଚ ବିଜେତା। ସେ କ୍ରିଜ୍‌ରେ ଥିବା ପର୍ଯ୍ୟନ୍ତ ଦଳର ବିଜୟ ଆଶା ବଳବତ୍ତର ରହିଥାଏ। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଖେଳିଆସୁଥିବା କେନ୍ ନିକଟରେ ନିଜ ଟିମ୍‌ମେଟ୍ ଡେଭିଡ୍ ୱାର୍ନରଙ୍କ ସହ ଇନ୍‌ଷ୍ଟାଗ୍ରାମ ଲାଇଭ୍ ସେସନରେ ଏକ ପ୍ରଶ୍ନର ଉତ୍ତରରେ ନିଜ ପସନ୍ଦର ବ୍ୟାଟ୍ସମ୍ୟାନଙ୍କ ନାମ ପ୍ରକାଶ କରିଛନ୍ତି। ବିଶ୍ୱ କ୍ରିକେଟରେ ବର୍ତ୍ତମାନର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ କିଏ ବୋଲି ପ୍ରଶ୍ନ କରିଥିଲେ ୱାର୍ନର। ଜବାବରେ ୱିଲିୟମସନ କହିଥିଲେ, କୌଣସି ଜଣଙ୍କ ନାମ ନେବା କଷ୍ଟକର। ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଓ ଦକ୍ଷିଣ ଆଫ୍ରିକାର ଏବି ଡି'ଭିଲର୍ସ ମୋ ମତରେ ଶ୍ରେଷ୍ଠ। ଡି'ଭିଲର୍ସ ଏବେ କେବଳ ଫ୍ରାଞ୍ଚାଇଜ୍ କ୍ରିକେଟ ଖେଳୁଥିଲେ ହେଁ ସେ ଜଣେ ସାମର୍ଥ୍ୟବାନ ଖେଳାଳି। ଆମ ସମୟରେ ଅନେକ କ୍ୱାଲିଟି ଖେଳାଳି ରହିଥିବାବେଳେ ଡି'ଭିଲର୍ସ ସ୍ୱତନ୍ତ୍ର। କୋହଲି ସମସ୍ତ ଫର୍ମାଟରେ ସଫଳତା ପାଇଁ ଭୋକିଲା ଥାଆନ୍ତି। ତାଙ୍କ ଖେଳ ଦେଖିବାକୁ ଏବଂ ସେଥିରୁ କିଛି ଶିଖିବାକୁ ଇଚ୍ଛାହୁଏ। ପ୍ରଦର୍ଶନ ଦ୍ୱାରା ସେ ଭାରତୀୟ ଦଳକୁ ଏକ ଭିନ୍ନ ସୋପାନରେ ପହଞ୍ଚାଇ ଦେଇଛନ୍ତି ବୋଲି ୱିଲିୟମସନ ପ୍ରକାଶ କରିଛନ୍ତି।

# ହିମାଙ୍କ ପାଇଁ ଜୋତା ତିଆରି କରୁଛି ଆଡିଡାସ୍

**ନୂଆଦିଲ୍ଲୀ, ୨୭।୪ (ପି.ଟି.):** ଭାରତର ଟପ୍ କ୍ୱାର୍ଟରମାଇଲର ହୀମା ଦାସଙ୍କ ପାଇଁ ଜୋତା ତିଆରି କରୁଛି ପ୍ରମୁଖ କ୍ରୀଡ଼ା ପୋଷାକ ପ୍ରସ୍ତୁତକାରୀ କମ୍ପାନୀ ଆଡିଡାସ୍। ଏଥିରେ ହିମାଙ୍କ ନାମ ପ୍ରିଣ୍ଟ ରହିଛି। ଏକଦା ଦେଶର ଏହି ଷ୍ଟାର ଧାବିକା ବିଶ୍ୱ ପ୍ରସିଦ୍ଧ କମ୍ପାନୀ ନିକଟରେ ଜୋତା ତିଆରିର ମାନ ନେଇ ପ୍ରଶ୍ନ ଉଠାଇଥିଲେ। ହିମା ବର୍ତ୍ତମାନ ପଟିଆଲାସ୍ଥିତ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ୍)ରେ ଅଛନ୍ତି। ଭାରତୀୟ କ୍ରିକେଟର ସୁରେଶ ରାଇନାଙ୍କ ସହିତ ଇନଷ୍ଟାଗ୍ରାମ୍‌ରେ ଚ୍ୟାଟିଂ ବେଳେ ଘଟଣାର ପରଦା ଉଠାଇଛନ୍ତି। ହିମା କହିଛନ୍ତି, ମୋ ବାପା ଜଣେ କୃଷକ। ମୁଁ ପ୍ରଥମେ ଯେତେବେଳେ ଜାତୀୟ ପ୍ରତିଯୋଗିତାରେ ଭାଗ ନେଲି ବାପା ମୋ ପାଇଁ ହଳେ ରନିଂ ଜୋତା ଆଣିଥିଲେ। ଏହା ସ୍ପାଇକ୍‌ଯୁକ୍ତ ଥିଲା। କିନ୍ତୁ ଏହା ଅତି ସାଧାରଣ ଜଣା



ପଡୁଥିଲା। ହାତରେ ଏହି ଜୋତା ସହ ଏକ ଫଟୋ ଉଠାଇ 'ଆଡିଡାସ' ନିକଟକୁ ଏକ ଚିଠି ଲେଖିଲି। ଏହି ଜୋତା ପିନ୍ଧି ଦୌଡ଼ିଲେ ଫଳାଫଳ କ'ଣ ହେବ ବୋଧହୁଏ ତୁମକୁ ଜଣା ନାହିଁ ବୋଲି ହିମା ଉଲ୍ଲେଖ କରିଥିଲେ। ଆଡିଡାସ ବର୍ତ୍ତମାନ ମୋ ନାମରେ ଜୋତା ତିଆରି କରୁଛି ବୋଲି ଭାରତୀୟ ଆଥଲେଟ କହିଛନ୍ତି। ୨୦ ବର୍ଷୀୟା ହିମା ୨୦୧୮ରେ ଫିନ୍‌ଲାଣ୍ଡରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଚାମ୍ପିୟନଶିପ୍ ୪୦୦ମିଟର ରେସ୍‌ରେ ସ୍ୱର୍ଣ୍ଣ ଜିତିଥିଲେ। ଏହି ସଫଳତା ପାଇ ଜର୍ମାନୀର ଆଡିଡାସ କମ୍ପାନୀ ତାଙ୍କୁ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର କରିବା ସହ ତାଙ୍କ ପାଇଁ ଜୋତା ତିଆରି କରିଥିଲା। ଜୋତାର ଗୋଟିଏ ପାର୍ଶ୍ୱରେ ହିମାଙ୍କ ନାମ ଏବଂ ଅନ୍ୟପଟେ 'କ୍ରିଏଟ୍ ହିଷ୍ଟ୍ରି' ବୋଲି ପ୍ରିଣ୍ଟ ରହିଛି।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଆଦରଣୀୟା ପ୍ରତିମା ଦିଦି
(ବୋର୍ଡ ସ୍କୁଲ)
ଭୁବନେଶ୍ୱର

ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
୧୯୮୯ ମସିହା ବ୍ୟାଚ୍ ଛାତ୍ରଛାତ୍ରୀଗଣ

ଧ-୧୭୨୬୪

### ୪ର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅରୁଣ କୁମାର ମହାନ୍ତି
ଆବିର୍ଭାବ: ୧୯।୦୧।୧୯୫୯
ତିରୋଧାନ: ୨୮।୦୪।୨୦୧୬

ତୁମେ ଅକସ୍ମାତ ଆମକୁ ଶୋକସାଗରରେ ଭସାଇ ଅମରପୁରକୁ ଚାଲିଗଲ। ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସ୍ୱଭାବ, କର୍ତ୍ତବ୍ୟନିଷ୍ଠା ଆମର ସର୍ବଦା ପାଥେୟ ହେଉ। ତୁମର ପବିତ୍ର ଅମରଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।

ତୁମର ଶୋକସନ୍ତପ୍ତ
ପୁତ୍ର: ଅଭିଷେକ, ଝିଅ: ଈପ୍‌ସିତା ଏବଂ ମହାନ୍ତି ପରିବାରବର୍ଗ।

ଧ-୧୭୨୬୫




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ